ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ' ୨୩/୨୦୨୩ (୧୮ ପୃଷ୍ଠା) Bhubaneswar, Tuesday, May 23/2023 Page 18 ₹ 7.00

୪୯ଶ ଭାଗ ୧୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 177 ମୂଲ୍ୟ ₹୭/-

KP GROUP
Quality Since 1965

KAMLA PASAND

PAN MASALA

NEW PACK

Watch at: YouTube

NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୨୩/୨୦୨୩ | Bhubaneswar, Tuesday, May 23/2023 | ପୃଷ୍ଠା-୧

ଡେଲିଗେଟ୍‌ଙ୍କୁ 'ନାଟୁ ନାଟୁ' ଷ୍ଟେପ୍ ଶିଖାଇଲେ ରାମଚରଣ

ଶ୍ରୀନଗରରେ ସୋମବାରଠାରୁ ଆରମ୍ଭ ହୋଇଥିବା ଜି-୨୦ ସୁମିଟ୍‌ର ୩ୟ ୱାର୍କିଂ ଗ୍ରୁପ୍ ମିଟିଂରେ ପ୍ରଥମ କଳାକାର ଭାବେ ସାଉଥ୍ ଅଭିନେତା ରାମଚରଣ ଯୋଗଦେଇଛନ୍ତି।

୧୨ ୧୩

ନାର୍କୋ ଟେଷ୍ଟ ପାଇଁ ବଜରଙ୍ଗ ପୁନିଆ ରାଜି

ଭାରତୀୟ ରେସ୍‌ଲିଂ ଫେଡେରେଶନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଆହ୍ୱାନ କ୍ରମେ ନାର୍କୋ ଟେଷ୍ଟ କରିବାକୁ ରାଜି ଅଛନ୍ତି ରେସଲର ବଜରଙ୍ଗ ପୁନିଆ।

ସମୁଦ୍ରରେ ୬୧ ଦିନିଆ ମାଛଧରା କଟକଣା ଯୋଗୁ ଚେନ୍ନାଇ କାସିମେଡୁ ପୋତାଶ୍ରୟ ନିକଟରେ ଲାଗିଥିବା ମାଛଧରା ବୋଟ୍।

ମଣିପୁରରେ ହିଂସା, ଫେରିଲା କର୍ଫ୍ୟୁ

ପୂର୍ବତନ ବିଧାୟକଙ୍କ ସମେତ ୩ ଗିରଫ

ଇମ୍ଫାଲ, ୨୨।୫

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ କିଛିଦିନର ନୀରବତା ପରେ ସୋମବାର ଅପରାହ୍ନରେ ରାଜଧାନୀ ଇମ୍ଫାଲର କେତେକ ଅଞ୍ଚଳରେ ସାନି ହିଂସାକାଣ୍ଡ ଘଟିଛି। ରାଜଧାନୀର ନ୍ୟୁ ଚେକୋନ ଅଞ୍ଚଳରେ ମେଇତି ସମ୍ପ୍ରଦାୟର ଗୋଟିଏ ଗୋଷ୍ଠୀ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିଥିବା ପୋଲିସ କହିଛି। ସ୍ଥାନୀୟ ମାର୍କେଟରେ ସ୍ଥାନ ଆବଣ୍ଟନକୁ ନେଇ ସଂଘର୍ଷର ସୂତ୍ରପାତ ହୋଇଥିଲା। ଇମ୍ଫାଲ ଇଷ୍ଟ ଜିଲାରେ ଦୁଇଟି ଘରକୁ ଉତ୍ତ୍ୟକ୍ତ ଲୋକେ ପୋଡ଼ିଦେବା ସହ ଦୋକାନ ବନ୍ଦ କରିବାକୁ ଲୋକମାନଙ୍କୁ ବାଧ୍ୟ କରିଥିଲେ। ଗୃହଦାହ ବେଳେ କେହି ମୃତାହତ ହୋଇନାହାନ୍ତି। ଏହି ଘଟଣାରେ ମଣିପୁରର ଜଣେ ପୂର୍ବତନ ବିଧାୟକ ଏବଂ ଅନ୍ୟ ଦୁଇଜଣଙ୍କୁ ବନ୍ଧୁକ ସହ ଗିରଫ କରାଯାଇଛି। ସେମାନେ ବନ୍ଧୁକ ଧରି ଦୋକାନ ବନ୍ଦ କରିବାକୁ ଲୋକଙ୍କୁ ଧମକ ଦେଉଥିଲେ ବୋଲି ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂ କହିଛନ୍ତି। ଉତ୍ତେଜନା ଜାରି ରହିଥିବାରୁ ଇମ୍ଫାଲରେ ଅପରାହ୍ନ ୧ଟା ପରେ ପୁଣିଥରେ କର୍ଫ୍ୟୁ ଲାଗୁ କରାଯାଇଛି। ପୂର୍ବରୁ କର୍ଫ୍ୟୁକୁ ସକାଳ ୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୋହଳ କରାଯାଇଥିଲା। ଏଥିସହିତ ୫ ଦିନ ପାଇଁ ଇଣ୍ଟରନେଟ ସେବା ବନ୍ଦ ରହିଛି। ଅସାମାଜିକ ତତ୍ତ୍ୱମାନେ ସୋସିଆଲ ମିଡିଆ ଜରିଆରେ ଘୃଣା ବକ୍ତବ୍ୟ, ହିଂସାତ୍ମକ ଫଟୋ ଶେୟାର କରିବା ଆଶଙ୍କା ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି।

ମଣିପୁରରେ ଏକାଧିକ ପ୍ରସଙ୍ଗକୁ କେନ୍ଦ୍ର କରିମେଇତିଓ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ପ୍ରାୟ ମାସେ ହେଲା ଉତ୍ତେଜନା ଲାଗି ରହିଛି। ମେ' ୩ରେ କୁକି ଆଦିବାସୀମାନେ ମେଇତିଙ୍କ ଅନୁସୂଚିତ ଜନଜାତି ମାନ୍ୟତା ଦାବି ବିରୋଧରେ ଏକତା ଶୋଭାଯାତ୍ରା ବାହାର କରିଥିବାବେଳେ ସଂଘର୍ଷ ଘଟି ୭୧ ଜଣଙ୍କ ଜୀବନ ଯାଇଥିବାବେଳେ ୨୩୦ ଜଣ ଆହତ ହୋଇଥିଲେ। ପାଖାପାଖି ୧,୭୦୦ ଘର ପୋଡ଼ିଦିଆଯାଇଥିଲା। ହିଂସାକାଣ୍ଡ ଓ ପୋଡ଼ାଜଳାରେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ହଜାର ହଜାର ଲୋକ ସୁରକ୍ଷା ଦୃଷ୍ଟିରୁ ଘରଦ୍ୱାର ଛାଡ଼ି ସରକାରୀ କ୍ୟାମ୍ପରେ ଆଶ୍ରୟ ନେଇଥିଲେ। ମୁଖ୍ୟତଃ କୁକି ଗ୍ରାମବାସୀଙ୍କୁ ସଂରକ୍ଷିତ ଜଙ୍ଗଲ ଜମିରୁ ଉଚ୍ଛେଦକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଉତ୍ତେଜନା ସଂଘର୍ଷର ରୂପ ନେଇଥିଲା। ମେଇତି ସମ୍ପ୍ରଦାୟ ରାଜ୍ୟ ଜନସଂଖ୍ୟାର ୬୪ ପ୍ରତିଶତ ହୋଇଥିବାବେଳେ ସେମାନେ ମାତ୍ର ୧୦ ପ୍ରତିଶତ ଅଞ୍ଚଳରେ ରହୁଛନ୍ତି। ଅଣଆଦିବାସୀମାନଙ୍କୁ ☞ପୃଷ୍ଠା-୨

୨୦୦୦ ଟଙ୍କିଆକୁ ଦୋକାନୀ ମନା କରିପାରିବେ ନାହିଁ: ଆର୍‌ବିଆଇ

ଟଙ୍କା ବଦଳାଇବାକୁ ଯଥେଷ୍ଟ ସମୟ ଅଛି: ଶକ୍ତିକାନ୍ତ

ନୂଆଦିଲ୍ଲୀ, ୨୨।୫



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର କରିନେବା ପାଇଁ ଗତ ଶୁକ୍ରବାର ଘୋଷଣା କରିବା ପରେ ବଜାରରେ ଏହି ବଡ଼ ନୋଟ୍ ଏକ ପ୍ରକାର ଅଚଳ ହୋଇଯାଇଛି। ଯଦିଓ ୨ହଜାର ଟଙ୍କିଆ ନୋଟ୍‌ର ଆଇନଗତ ବୈଧତା ବଳବତ୍ତର ରହିଛି ଏବଂ ଏଗୁଡ଼ିକୁ ମଙ୍ଗଳବାରଠାରୁ ଆସନ୍ତା ସେପ୍ଟେମ୍ବର ୩୦ ଯାଏ ବ୍ୟାଙ୍କରେ ବଦଳାଇ ହେବ। କିନ୍ତୁ ଏବେଠୁ ଦୋକାନୀମାନେ ଏହାକୁ ଗ୍ରାହକଙ୍କଠାରୁ ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳୁଛି। ଏନେଇ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର କହିଛନ୍ତି ଯେ, ଦୋକାନୀମାନେ ୨୦୦୦ ଟଙ୍କିଆ ନୋଟ୍ ନେବାକୁ ମନା କରିପାରିବେ ନାହିଁ। ଏହି ନୋଟ୍‌କୁ ପ୍ରତ୍ୟାହାର କରାଯିବାର ଅର୍ଥ ନୁହେଁ ଯେ, ଏହାର ବୈଧତା ନାହିଁ। ୨୦୦୦ ଟଙ୍କିଆ ନୋଟ୍‌ରେ କାରବାର କରିହେବ। କେହି ଏହାକୁ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ଦାସ କହିଛନ୍ତି। ସେହିପରି ଟଙ୍କା ବଳଦାଇବାକୁ ଅଯଥାରେ ଭୟଭୀତ ହେବା ଏବଂ ବ୍ୟାଙ୍କରେ ଭିଡ଼ ଲଗାଇବା ଦରକାର ନାହିଁ। ଏହି ନୋଟ୍‌କୁ ବଦଳାଇବା ପାଇଁ ଯଥେଷ୍ଟ ସମୟ ଅର୍ଥାତ୍ ୪ ମାସ ସମୟ ରହିଛି। ଏନେଇ ବ୍ୟାଙ୍କଗୁଡ଼ିକରେ ଉତ୍ତମ ବ୍ୟବସ୍ଥା କରାଯାଇଥିବା ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି।

ନିରଞ୍ଜନଙ୍କ ହାତରୁ ଗଲା ଅର୍ଥ ବିଭାଗ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ପୂର୍ବତନ ମନ୍ତ୍ରୀଙ୍କୁ ପୁଣିଥରେ ନିଜ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ସେମାନେ ହେଲେ ବିକ୍ରମ କେଶରୀ ଆରୁଖ, ସାରଦା ପ୍ରସାଦ ନାୟକ ଓ ସୁଦାମ ମାରାଣ୍ଡି। ଏହି ୩ ଜଣ ସୋମବାର କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ୍ ଲୋକସେବା କନ୍‌ଭେନ୍‌ଶନ ହଲ୍‌ରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

୩ ମନ୍ତ୍ରୀଙ୍କ ଶପଥ ଗ୍ରହଣ ପରେ ମୁଖ୍ୟମନ୍ତ୍ରୀ ବିଭାଗ ଦାୟିତ୍ୱ ବଣ୍ଟନ କରିଛନ୍ତି। ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ହାତରେ ପୂର୍ବରୁ ଅର୍ଥ ଓ ସଂସଦୀୟ ବ୍ୟାପାର ବିଭାଗ ଥିଲା। ନବ ଦାସଙ୍କ ମୃତ୍ୟୁ ପରେ ଅର୍ଥ ସହିତ ନିରଞ୍ଜନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦାୟିତ୍ୱ ଦିଆଯାଇଥିଲା। ଏବେ ନିରଞ୍ଜନଙ୍କ ନିକଟରୁ ଅର୍ଥ ବିଭାଗ କାଢ଼ି ନିଆଯାଇ ତାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ବିଭାଗ ଦାୟିତ୍ୱ ଦିଆଯାଇଛି। ବାଚସ୍ପତି ପଦରୁ ଇସ୍ତଫା ଦେଇ ମନ୍ତ୍ରୀ ହୋଇଥିବା ବିକ୍ରମ କେଶରୀ ଆରୁଖଙ୍କୁ ଅର୍ଥ ବିଭାଗ ଦାୟିତ୍ୱ ଦିଆଯାଇଥିବାବେଳେ ସାରଦା ପ୍ରସାଦ ନାୟକଙ୍କୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଏବଂ ସୁଦାମ ମାରାଣ୍ଡିଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ କରାଯାଇଛି। ପୂର୍ବରୁ ଶ୍ରୀକାନ୍ତ ସାହୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଥିବା ବେଳେ ସମୀର ରଞ୍ଜନ ଦାଶ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱରେ ଥିଲେ। ଗତ ୧୨ ତାରିଖରେ ଉଭୟ ନିଜ ପଦରୁ ଇସ୍ତଫା ଦେଇଥିଲେ। ଉଭୟ ରାଷ୍ଟ୍ରପାହ୍ୟା(ସ୍ୱାଧୀନ) ମନ୍ତ୍ରୀ ଥିବା ବେଳେ ଉକ୍ତ ଦୁଇ ବିଭାଗର ମନ୍ତ୍ରୀଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି।

ନବୀନଙ୍କ ପୂର୍ବ ମନ୍ତ୍ରିମଣ୍ଡଳରେ ଗଞ୍ଜାମ ଜିଲାରୁ ଉଷା ଦେବୀ ଓ ଶ୍ରୀକାନ୍ତ ସାହୁଙ୍କୁ ମନ୍ତ୍ରୀ କରାଯାଇଥିବାବେଳେ ବିକ୍ରମ ଆରୁଖଙ୍କୁ ବାଚସ୍ପତି ପଦବୀରେ ବସାଯାଇଥିଲା। ସେହିପରି ପଶ୍ଚିମ ଓଡ଼ିଶାର ୫ ଜିଲାକୁ ମନ୍ତ୍ରୀ ପଦ ମିଳିଥିଲା। ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ନବ କିଶୋର ଦାସଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ମିଳିଥିବାବେଳେ ରୋହିତ ପୂଜାରୀ ଓ ରୀତା ସାହୁଙ୍କୁ ରାଷ୍ଟ୍ରପାହ୍ୟା ମନ୍ତ୍ରୀ କରାଯାଇଥିଲା। ନବ ଦାସଙ୍କ ମୃତ୍ୟୁ ପରେ ପଶ୍ଚିମ ଓଡ଼ିଶାରୁ ଗୋଟିଏ ମନ୍ତ୍ରୀ ପଦବୀ ଖାଲି ପଡ଼ିଥିଲା। ଅନ୍ୟପକ୍ଷରେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରୁ କୌଣସି ମନ୍ତ୍ରୀ ନ ଥିଲେ। ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ନବୀନ ଏହି ଦୁଇ ଜିଲାକୁ ଗୁରୁତ୍ୱ ☞ପୃଷ୍ଠା-୨



ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୩ ନୂଆ ମନ୍ତ୍ରୀଙ୍କୁ ଶପଥପାଠ କରାଉଛନ୍ତି।

୩ ମନ୍ତ୍ରୀଙ୍କ ଶପଥ ଗ୍ରହଣ

ବିକ୍ରମ ଅର୍ଥ, ସୁଦାମ ସ୍କୁଲ ଓ ଗଣଶିକ୍ଷା, ସାରଦା ଶ୍ରମ ମନ୍ତ୍ରୀ

ଅନ୍‌ଲାଇନରେ ହେବ ଯୁକ୍ତ ୨ ସ୍ପଟ୍ ଆଡ୍‌ମିଶନ

ଭୁବନେଶ୍ୱର, ୨୨।୫(ବ୍ୟୁରୋ): ଚଳିତ ବର୍ଷଠାରୁ ଅନ୍‌ଲାଇନରେ ଯୁକ୍ତ ୨ ସ୍ପଟ୍ ଆଡ୍‌ମିଶନ ହେବ। ମେରିଟ୍ ଲିଷ୍ଟ ଆଧାରରେ ଛାତ୍ରୀଛାତ୍ରମାନେ ସିଟ୍ ପାଇବେ। ସ୍ପଟ୍ ଆଡ୍‌ମିଶନ ପାଇଁ ସିଲେକ୍ସନ ହୋଇଥିବା ଛାତ୍ରୀଛାତ୍ରଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ ହ୍ୱାଟ୍ସଆପ୍ କିମ୍ବା ଏସ୍‌ଏମ୍‌ଏସ୍‌ରେ ମେସେଜ୍ ପଠାଯିବ। କାଗଜପତ୍ରରେ ଅନିୟମିତତା ରୋକିବାକୁ ସାମ୍ବ ପକ୍ଷରୁ ଚଳିତ ଶିକ୍ଷାବର୍ଷଠାରୁ ଏହି ବ୍ୟବସ୍ଥା କରାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସ ୧୭ ତାରିଖରେ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ଦଶମ ପାସ୍ କରିଥିବା ଛାତ୍ରୀଛାତ୍ର ଯେଉଁମାନେ ଅନ୍‌ଲାଇନ ଦ୍ୱାରା ଆଡ୍‌ମିଶନ କରିବାକୁ ଆବେଦନ କରି ନ ଥିବେ, ସେମାନଙ୍କ ମୋବାଇଲ ଫୋନ୍‌କୁ ଏସ୍‌ଏମ୍‌ଏସ୍ ଜରିଆରେ ମେସେଜ୍ ପଠାଯାଇ ଇ-ଆଡ୍‌ମିଶନ ଜରିଆରେ ନାମ ଲେଖାଇବାକୁ ସଚେତନ କରାଯିବ। ଯୁକ୍ତ ୨ ନାମଲେଖା ପାଇଁ ଛାତ୍ରୀଛାତ୍ରମାନେ ଅପେକ୍ଷା କରିରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ନାମଲେଖା ପ୍ରକ୍ରିୟା କେବେ ଆରମ୍ଭ ହେବ ସେ ନେଇ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ପିଲାଙ୍କୁ ସିଟ ଯୋଗାଇବା ନେଇ ଚିନ୍ତା

ଧନ୍ଦାମୂଳକ ଶିକ୍ଷା ପ୍ରତି ଆକର୍ଷିତ କରିବାକୁ ଶିକ୍ଷା ବିଭାଗର ପ୍ରୟାସ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରେକର୍ଡ ସଂଖ୍ୟକ ପିଲା ପାସ୍ କରିବା ପରେ ଯୁକ୍ତ ୨ରେ ସମସ୍ତଙ୍କୁ ସିଟ ଯୋଗାଇଦେବା ନେଇ ଉଚ୍ଚଶିକ୍ଷା ବିଭାଗର ଚିନ୍ତା ବଢ଼ିଛି। ଚଳିତ ବର୍ଷ ରାଜ୍ୟର ୫ଲକ୍ଷ ୧୨ ହଜାର ପିଲା ମାଟ୍ରିକ ପାସ କରିଛନ୍ତି। ମାତ୍ର ରାଜ୍ୟର କଲେଜଗୁଡ଼ିକରେ +୨ ପ୍ରଥମ ବର୍ଷ ପାଇଁ ମୋଟ ୫ଲକ୍ଷ ୯ହଜାର ସିଟ ରହିଛି। ତେଣୁ ପିଲାଙ୍କୁ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନାମ ଲେଖାଇବା ବଦଳରେ ଧନ୍ଦାମୂଳକ ଶିକ୍ଷା ପ୍ରତି ଆକର୍ଷିତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପ୍ରୟାସ ଆରମ୍ଭ କରିଛି। ପିଲାଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରତି ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ସ୍କୁଲ ସ୍ତରରେ ପିଲାଙ୍କୁ ଏନେଇ ପ୍ରୋତ୍ସାହିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି।

ରାଜ୍ୟରେ ଏବେ ୨୩୧ ସରକାରୀ ଧନ୍ଦାମୂଳକ ସେକେଣ୍ଡାରୀ ସ୍କୁଲ ରହିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ସାଧାରଣ ପାଠପଢ଼ା ଅପେକ୍ଷା ପିଲାମାନେ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମ ଲେଖାଇଲେ ରୋଜଗାରକ୍ଷମ ହେବା ସହ ନିଜସ୍ୱ ଅନୁଷ୍ଠାନ ଆରମ୍ଭ କରିପାରିବେ ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ବ୍ୟକ୍ତିତ୍ୱ ବିକାଶ ସାଙ୍ଗକୁ କୁଶଳୀ କାରିଗର ଚାହିଦା ଏହାଦ୍ୱାରା ପୂରଣ କରାଯାଇପାରିବ। ଏନେଇ ବିଦ୍ୟାଳୟ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ବିଇଓ ଅଫିସ, ସିଆର୍‌ସିସି ଅଫିସ ଏବଂ ହାଇସ୍କୁଲର ନୋଟିସ ବୋର୍ଡରେ ଏ ସମ୍ପର୍କରେ ସୂଚିତ କରି ଛାତ୍ରୀଛାତ୍ରଙ୍କୁ ଜଣାଇବାକୁ କୁହାଯାଇଛି। ଏହାଛଡ଼ା ପଦକ୍ଷେପ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏଗ୍ରିକଲଚର, ହେଲଥ୍ ଆଣ୍ଡ ପାରାମେଡିକାଲ, ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ହୋମସାଇନ୍ସ ଏବଂ ହ୍ୟୁମାନିଟିଜ୍ ଆଦି ୬ଟି କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷା ପାଇଁ ପିଲାଙ୍କୁ ପ୍ରବର୍ତ୍ତାଯିବ। ଜଣେ ଛାତ୍ରୀ ବା ଛାତ୍ର କେବଳ ଗୋଟିଏ ଧନ୍ଦାମୂଳକ ବିଷୟରେ ନାମ ଲେଖାଇପାରିବେ।

ସୂଚନାଥାଉ କି, ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧୭ଟି ବିଦ୍ୟାଳୟରେ ଧନ୍ଦାମୂଳକ ପାଠ୍ୟକ୍ରମ ବ୍ୟବସ୍ଥା ରହିଛି। ସେହିପରି କଟକ ଜିଲାରେ ୧୪, ଗଞ୍ଜାମରେ ୧୩, ସୁନ୍ଦରଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଜିଲାରେ ୧୨ଟି ଲେଖାଏ, ବାଲେଶ୍ୱର ଭଦ୍ରକ ଓ ଜଗତ୍‌ସିଂହପୁର ଜିଲାରେ ୧୧ଟି ଲେଖାଏ, ଢେଙ୍କାନାଳ ଓ ପୁରୀ ଜିଲାରେ ୧୦ଟି ☞ପୃଷ୍ଠା-୨

ମେଟାକୁ ୧.୩ ବିଲିୟନ ଡଲାର ଜରିମାନା

ଲଣ୍ଡନ, ୨୨।୫

ଆମେରିକାକୁ ଡେଟା ପ୍ରେରଣ

ୟୁଜରମାନଙ୍କ ବ୍ୟକ୍ତିଗତ ଡେଟା ଆମେରିକାକୁ ପ୍ରେରଣ କରୁଥିବା ସୋସିଆଲ ନେଟ୍‌ୱର୍କ ଜିଆଣ୍ଟ ମେଟା ପ୍ଲାଟ୍‌ଫର୍ମ୍ସ ଆଇଏନ୍‌ସି ଉପରେ ୟୁରୋପୀୟ ୟୁନିୟନ ପ୍ରାଇଭେସି ରେଗୁଲେଟର୍ସ ରେକର୍ଡ ୧.୩ ବିଲିୟନ ଡଲାର ଜରିମାନା ଲଗାଇଛି। ଆଟଲାଣ୍ଟିକ ଦେଇ ଆମେରିକାକୁ ୟୁଜରମାନଙ୍କ ଡେଟା ଟ୍ରାନ୍ସଫର ଯୋଗୁ ଲୋକଙ୍କ ମୌଳିକ ଅଧିକାର ଓ ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି ହୋଇଥିବା ଇରିଶ ଡେଟା ପ୍ରୋଟେକ୍‌ଶନ କମିଶନ କହିଛି। ଏଥିସହିତ ଆମେରିକାକୁ ଡେଟା ପ୍ରେରଣ ବନ୍ଦ ଲାଗି ୟୁରୋପୀୟ ୟୁନିୟନ ସମୟସୀମା ଧାର୍ଯ୍ୟ କରିଛି। ବ୍ୟକ୍ତିଗତ ଡେଟା ପ୍ରେରଣ ୫ ମାସ ମଧ୍ୟରେ ବନ୍ଦ କରିବା ସହ ଆମେରିକାରେ ସେଗୁଡ଼ିକର ବେଆଇନ ପ୍ରୋସେସିଂ ଏବଂ ଷ୍ଟୋରେଜ୍ ୬ ମାସରେ ବନ୍ଦ କରିବାକୁ ମେଟାକୁ ନିର୍ଦ୍ଦେଶ ଦିଆଯାଇଛି। ୟୁରୋପକୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ ଆକ୍ସେସ୍‌ରେ କୌଣସି ସମସ୍ୟା ହେବ ନାହିଁ ବୋଲି ରାୟ ଘୋଷଣା ପରେ ମେଟା ପକ୍ଷରୁ କୁହାଯାଇଛି।

ଯାତ୍ରୀଙ୍କୁ ନେବାକୁ ୧ କି.ମି. ପଛକୁ ଫେରିଲା ଟ୍ରେନ୍

କୋଚି, ୨୨।୫

କେରଳରେ ୧୯୯୫ର ବ୍ଲକ୍‌ବଷ୍ଟର ଫିଲ୍ମ 'ଦିଲ୍‌ୱାଲେ ଦୁଲ୍‌ହନିଆ ଲେ ଜାୟେଙ୍ଗେ' ସିନ୍‌ର ପୁନରାବୃତ୍ତି ହୋଇଛି। ଏକ ବିରଳ ଘଟଣାକ୍ରମରେ ଶୋରାନୁର ଯାଉଥିବା ଯାତ୍ରୀବାହୀ ଟ୍ରେନ୍ ଏକ ଛୋଟ ଷ୍ଟେଶନକୁ ଅତିକ୍ରମ କରିଯିବା ପରେ ଡ୍ରାଇଭର ଜାଣିପାରିଥିଲେ। ସେ ଉକ୍ତ ଷ୍ଟେଶନରୁ ଯାତ୍ରୀମାନଙ୍କୁ ନେବା ଲାଗି ଟ୍ରେନ୍‌କୁ ପାଖାପାଖି ଗୋଟିଏ କିଲୋମିଟର ପଛକୁ ଫେରାଇଥିଲେ। ଅବଶ୍ୟ ଆଲପୁଝାର ଚେରିୟାନଡ ଷ୍ଟେଶନରେ ୧୯୯୫ ଚଳଚ୍ଚିତ୍ରର ରାଜ ଏବଂ ସିମ୍ରନଙ୍କ ଭଳି ପ୍ରେମୀଯୁଗଳ ଥିଲେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ତେବେ ଟ୍ରେନ୍‌ଟି ଗ୍ରାମାଞ୍ଚଳର ଏକ ଷ୍ଟେଶନକୁ ଅତିକ୍ରମ କରିଯିବା ଓ ଯାତ୍ରୀଙ୍କୁ ଉଠାଇବା ପାଇଁ ପୁଣିଥରେ ପଛକୁ ଫେରିବା 'ଦିଲ୍‌ୱାଲେ ଦୁଲ୍‌ହନିଆ ଲେ ଜାୟେଙ୍ଗେ' ନାଟକୀୟ ଦୃଶ୍ୟଠାରୁ କମ୍ ନ ଥିଲା। ଥିରୁଭାନନ୍ତପୁରମ୍‌ରୁ ଯାଉଥିବା ୧୬୩୦୨ ଭେନାଦ ଏକ୍ସପ୍ରେସ୍ ସକାଳ ୭ଟା ୪୫ରେ ଚେରିୟାନଡ୍ ଷ୍ଟେଶନ ନିକଟରେ ପହଞ୍ଚିଥିବାବେଳେ ଏହା ଏକ ହଲ୍ଟ ଷ୍ଟେଶନ ହୋଇଥିବାରୁ କୌଣସି ସିଗ୍‌ନାଲ ନ ଥିଲା। ହୁଏତ ଡ୍ରାଇଭରଙ୍କ ଭୁଲ୍ କାରଣରୁ ଟ୍ରେନ୍ କିଛି ବାଟ ଅତିକ୍ରମ କରିଯିବା ପରେ ସେ ଏକ ଷ୍ଟେଶନକୁ ଛାଡ଼ିଆସିଥିବା ଜାଣିବାକୁ ପାଇଥିଲେ। ଫଳରେ ଯାତ୍ରୀଙ୍କୁ ନେବା ଲାଗି ସେ ଟ୍ରେନ୍‌କୁ ପଛକୁ ଫେରାଇଥିଲେ।

୩ ବର୍ଷ ପାଇଁ ଚାଷୀଙ୍କୁ ଶସ୍ୟବୀମା ମାଗଣା

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ଚାଷୀଙ୍କ ଶସ୍ୟବୀମା ଆସନ୍ତା ୩ ବର୍ଷ ପାଇଁ ସମ୍ପୂର୍ଣ୍ଣ ମାଗଣା ହେବ ବୋଲି ସୋମବାର ସମବାୟ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା ବୈଠକରେ ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସୂଚନା ଦେଇଛନ୍ତି। ବିଭାଗୀୟ ସଫଳତା ନେଇ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଗଛ ଥାଉ;
ଫଳ ପଛକେ ଯାଉ ।

ଗଛ ରହିଲେ ପୁଣି ଫଳିବ । ତେଣୁ ଫଳ ପାଇଁ ଚିନ୍ତା ବା ବ୍ୟସ୍ତତା କରିବା ଅମୂଳକ । ପରୋକ୍ଷରେ ପ୍ରସୂତି ଓ ସନ୍ତାନ ଉଭୟେ ସଙ୍କଟାପନ୍ନ ଅବସ୍ଥାରେ ଥିଲାବେଳେ ମା' ରକ୍ଷା ପାଇଯାଉ ବୋଲି କୁହାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଗୁଆ ମୂଳେ ଗୋବର,
ପଣସ ମୂଳେ ମାଟି
ନଡ଼ିଆ ଯଦି ନ ଫଳିବ,
ଚେର ଦେବ କାଟି ।

ସାଧାରଣତଃ ଗୁଆ ଗଛ ମୂଳରେ ଗୋବର ଓ ପଣସ ଗଛ ମୂଳରେ ମାଟି ଦେଲେ ଭଲ ଫଳ ଫଳେ ବୋଲି ଜଣାଯାଇଥାଏ । ସେହିପରି ନଡ଼ିଆ ଗଛର ଉପର ଚେରକୁ କାଟି ଦେଲେ ନଡ଼ିଆ ଭଲ ଫଳେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ତୃତୀୟ ଦିନରେ ମହାନଦୀ ଟ୍ରିବ୍ୟୁନାଲର ୨ ଜିଲା ଗସ୍ତ

ଓପିଜିସିର ଇନ୍‌ଟେକ ପଏଣ୍ଟ, ଇବ୍ ଥର୍ମାଲ ପରିଦର୍ଶନ

ସମ୍ବଲପୁର/ସୁନ୍ଦରଗଡ଼,୨୨।୫(ବ୍ୟୁରୋ/ଡି.ଏନ.ଏ.)

ମହାନଦୀ ଜଳ ବିବାଦକୁ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ସୋମବାର ତୃତୀୟ ଦିନରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲା ଗସ୍ତ କରିଛନ୍ତି । ସକାଳେ ଟିମ୍ ସଦସ୍ୟ ବୁର୍ଲା ଆଶୋକ ନିବାସରୁ ବହାରି ପ୍ରଥମେ ଝାରସୁଗୁଡ଼ା ଓପିଜିସିର ଇନ୍‌ଟେକ ପଏଣ୍ଟ ବୁଲି ଦେଖିଥିଲେ । କମ୍ପାନୀ ଜଳଭଣ୍ଡାରରୁ କେତେ ପରିମାଣ ପାଣି ପାଇଁ ଅନୁମତି ନେଇଛି ଓ କେତେ ପାଣି ନେଉଛି ତାହା ଯାଞ୍ଚ କରିଥିଲେ । ଏହା ପରେ ବନହରପାଲିସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପ ବୁଲି ଦେଖିଥିଲେ । ସେଠାରେ ବିଭିନ୍ନ ସମସ୍ୟା ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପରେ ସୁନ୍ଦରଗଡ ଜିଲା ଆଇବି ଡ୍ୟାମ୍ ପ୍ରକଳ୍ପ ପରିଦର୍ଶନ କରି ଡ୍ୟାମ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ସବୁଠାରେ ପାଣିର ପ୍ରବାହ ଓ ଅଣ ମୌସୁମୀ ସମୟରେ ସ୍ଥିତି କ'ଣ ରହୁଛି ସେ ସମ୍ପର୍କରେ ଅଧିକାରୀମାନଙ୍କଠାରୁ ପଚାରି ବୁଝିଥିଲେ । ଗସ୍ତ ସମୟରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମଙ୍ଗଳବାର ଏହି ଟିମ୍ ନୂଆପଡା ଜିଲା ସାଇପଲା ଡ୍ୟାମ୍ ଓ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, ମହାନଦୀ ଜଳକୁ ନେଇ ଓଡିଶା ଓ ଛତିଶଗଡ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଛି । ଏହି ବିବାଦର ସମାଧାନ ପାଇଁ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ପ୍ରଥମେ ଛତିଶଗଡ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଟିମ୍‌ଗତ ରବିବାର ପ୍ରଥମେ ସମ୍ବଲପୁରରେ ପହଞ୍ଚି ହୀରାକୁଦ ଡ୍ୟାମ ଓ ଅନ୍ୟ ଅଞ୍ଚଳର ବୁଲି ଦେଖିଥିଲେ । ଏହି ୩ଜଣିଆ ଟିମ୍‌ରେ ଅଧ୍ୟକ୍ଷ ଏ.ଏମ୍. ଖନୱାଲିକର, ସଦସ୍ୟ ଜଷ୍ଟିସ୍ ରବି ରଞ୍ଜନ ଓ ସଦସ୍ୟ ଜଷ୍ଟିସ ଇନ୍ଦ୍ରଜିତ କୌର କୋଚିହାର ରହିଛନ୍ତି ।

ବିକ୍ରମ କେଶରୀ ଆରୁଖ, ସୁଦାମ ମାର୍ଣ୍ଡି ଓ ସାରଦା ପ୍ରସାଦ ନାୟକ ସୋମବାର ନୂଆ ମନ୍ତ୍ରୀ ଭାବେ ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିବା ଅବସରରେ ।

ଅଭିନେତା ଆଦିତ୍ୟ ସିଂ ରାଜପୁତଙ୍କ ପରଲୋକ



ମୁମ୍ବାଇ, ୨୨।୫

ଅଭିନେତା, ମଡେଲ ତଥା କାଷ୍ଟିଂ କୋଅର୍ଡିନେଟର ଆଦିତ୍ୟ ସିଂ ରାଜପୁତଙ୍କ ମୃତଦେହ ତାଙ୍କର ମୁମ୍ବାଇ ଅନ୍ଧେରୀସ୍ଥିତ ଆପାର୍ଟମେଣ୍ଟରୁ ମିଳିଛି । ତାଙ୍କୁ ୩୨ ବର୍ଷ ହୋଇଥିଲା । ମୃତ୍ୟୁର କାରଣ ଜଣାପଡ଼ିନାହିଁ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି । ଆଦିତ୍ୟ ଦୁଇଦିନ ହେଲା ଅସୁସ୍ଥ ଥିଲେ । ସୋମବାର ଅପରାହ୍ନରେ ସେ ଓଶିୱାରାସ୍ଥିତ ନିଜ ଆପାର୍ଟମେଣ୍ଟର ବାଥ୍‌ରୁମ୍‌ରେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ । ତାଙ୍କୁ ନିକଟସ୍ଥ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଜଣେ ମଡେଲ ଭାବେ କ୍ୟାରିୟର ଆରମ୍ଭ କରିଥିବା ଆଦିତ୍ୟ 'କ୍ରାନ୍ତିବୀର' ଏବଂ 'ମୈନେ ଗାନ୍ଧୀ କୋ ନହିଁ ମାରା' ଫିଲ୍ମରେ ଅଭିନୟ କରିଥିଲେ । ଏହା ବ୍ୟତୀତ ସେ କେତେକ ଟିଭି ପ୍ରୋଜେକ୍ଟରେ କାମ କରିଥିଲେ ।

ମାଣ୍ଡିଆ ହେରଫେର କରି ଭାରପ୍ରାପ୍ତ କ୍ଷେତ୍ର ଅଧିକାରୀ ଗିରଫ

ମାଲକାନଗିରି,୨୨।୫(ଡି.ଏନ୍.ଏ.)

ଆଦିବାସୀମାନେ ନିଜ ଅଞ୍ଚଳର ଜଙ୍ଗଲଜାତ ଏବଂ କୃଷିଜାତ ଦ୍ରବ୍ୟକୁକିପରି ସୁଲଭ ମୂଲ୍ୟରେ ବିକ୍ରିକରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡ଼ିଶା ଲିମିଟେଡ୍ (ଟିଡିସିସି) ଗଠନ ହୋଇଛି । ଏହି ସଂସ୍ଥା ଜିଲାର ବିଭିନ୍ନ ଅଞ୍ଚଳରେ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟ ଏବଂ ଜଙ୍ଗଲ ଜମିରେ ଚାଷ ହେଉଥିବା ଖାଦ୍ୟଶସ୍ୟ ଚାଷୀଙ୍କ ନିକଟରୁ କ୍ରୟ କରିଥାଏ । ମାଲକାନଗିରି ଜିଲାରେ ପ୍ରଚୁର ମାଣ୍ଡିଆ ଚାଷ ହେଉଥିବାରୁ ଏହି ସଂସ୍ଥାକୁ ଚାଷୀଙ୍କଠାରୁ ମାଣ୍ଡିଆ ଖରିଦ ପାଇଁ ଅନୁମତି ମିଳିଥିଲା । ଏବେ ଏହି ମାଣ୍ଡିଆକୁ ବାଟମାରଣା କରି ଟିଡିସିସିର ଜଣେ ଭାରପ୍ରାପ୍ତ କ୍ଷେତ୍ର ଅଧିକାରୀ ଗିରଫ ହୋଇଛନ୍ତି । ତାଙ୍କ ନାମ ଉପେନ୍ଦ୍ରନାଥ ବେହେରା । ସେ ୩୦ ଲକ୍ଷ ଟଙ୍କାର ମାଣ୍ଡିଆ ହେରଫେର କରିଥିବା ନେଇ ଟିଡିସିସି ପରିଚାଳକ ବ୍ରହ୍ମାନନ୍ଦ ମାଝୀ ମାଥିଲି ଥାନାରେ ଅଭିଯୋଗ କରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ସୂଚନାଯୋଗ୍ୟ, ଭାରପ୍ରାପ୍ତ କ୍ଷେତ୍ର ଅଧିକାରୀ ବେହେରା ୨୦୨୧ରେ ମାଥିଲି ଟିଡିସିସିରେ ଯୋଗ ଦେଇଥିଲେ । ୨୦୨୧ରେ ୬୭୨୦ କୁଇଣ୍ଟାଲ ୬୯ କେଜି ମାଣ୍ଡିଆ ଚାଷୀଙ୍କଠାରୁ କ୍ରୟ କରି ଗୋଦାମରେ ରଖାଯାଇଥିଲା । ହେଲେ ଏଥିମଧ୍ୟରୁ ୪ଟି ରସିଦରେ ୬୩୯ କୁଇଣ୍ଟାଲ ୭୧ କେଜି ମାଣ୍ଡିଆର ପ୍ରାପ୍ତିପତ୍ର ନ ଥିବା ଅଡିଟ୍ ସମୟରେ ଜଣାପଡିଥିଲା । ଏ ସମ୍ପର୍କରେ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଯୋଗାଣ ବିଭାଗର କ୍ଷମତାପ୍ରାପ୍ତ ଠିକାଦାର ବିଜୟ ପଣ୍ଡାଙ୍କୁ ସେ ୬୩୯.୭୧ କୁଇଣ୍ଟାଲ ମାଣ୍ଡିଆ ହସ୍ତାନ୍ତର କରିଛନ୍ତି । ଏ ସମ୍ପର୍କରେ ଠିକାଦାର ପଣ୍ଡାଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିଛନ୍ତି ।

ଶିକାରୀ ଗୁଳିରେ ଫରେଷ୍ଟଗାର୍ଡ ମୃତ

ବାରିପଦା ଅଫିସ, ୨୨।୫

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡର ବାଙ୍ଗରିପୋଷି ରେଞ୍ଜ ବାଉଁଶଖାଲ ବିଟ୍ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଜଣେ ଶିକାରୀଙ୍କ ଗୁଳିରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ଘଟିଛି । ମୃତ ଫରେଷ୍ଟଗାର୍ଡ ହେଲେ ବାରିପଦା ଭଞ୍ଜପୁର ଅଞ୍ଚଳର ବିମଳ କୁମାର ଜେନା । ବିମଳ ଚାକିଡି ରେଞ୍ଜରେ ଡ୍ୟୁଟି କରୁଥିବା ବେଳେ ଏହି ଘଟଣା ଘଟିଛି । ବାଙ୍ଗିରପୋଷି, ବାରିପଦା ଭଞ୍ଜପୁର ପୋଲିସ ଓ ବନ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ରେଞ୍ଜ ମଧ୍ୟରେ ହଠାତ୍ ଗୁଳି ଶବ୍ଦ ଶୁଭିବାରୁ ଅନ୍ୟ କର୍ମଚାରୀମାନେ ପାଖକୁ ଆସି

ବିମଳ କୁମାର ଜେନା

ବିମଳ ରକ୍ତ ଜୁଡୁବୁଡ ଅବସ୍ଥାରେ ତଳେ ପଡିଥିବା ଦେଖିଥିଲେ । ଶିକାରୀମାନେ ଅନ୍ୟ କର୍ମଚାରୀଙ୍କୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ନିକଟରେ ବିମଳ ଜଣେ ମହିଳା ଗାର୍ଡଙ୍କୁ ବିବାହ କରିଥିଲେ । କର୍ମଚାରୀମାନେ ପରିବାର ଲୋକଙ୍କୁ ଜଣାଇବା ପରେ ସ୍ତ୍ରୀ ଆସି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସଂଜ୍ଞାହୀନ ହୋଇପଡିଥିଲେ । ତାଙ୍କୁ ତୁରନ୍ତ ସ୍ଥାନୀୟ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୁସ୍ଥ ହେବା ପରେ ତାଙ୍କୁ ନେଇ ବନ କର୍ମଚାରୀ ଓ ପୋଲିସ ଜଙ୍ଗଲ ମଧ୍ୟକୁ ଯାଇଥିଲେ । ବନ କର୍ମଚାରୀମାନେ ବିମଳଙ୍କ ମୃତଦେହକୁ ପିଆରଏମ୍ ମେଡିକାଲ ଆଣିଛନ୍ତି । ମଙ୍ଗଳବାର ସେଠାରେ ବ୍ୟବଚ୍ଛେଦ କରାଯିବ ।

ନିରଞ୍ଜନଙ୍କ ହାତରୁ... ପ୍ରଥମ ପୃଷ୍ଠାରୁ...

ଦେଇଥିବା କୁହାଯାଉଛି । ଫଳରେ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ନାୟକ ଓ ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡିଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଛି । ତେବେ ପଶ୍ଚିମ ଓଡ଼ିଶାରୁ ଗୋଟିଏ ମନ୍ତ୍ରୀ ପଦବୀ କମ୍ ହୋଇଯାଇଥିଲେ ମଧ୍ୟ କାହାକୁ ମନ୍ତ୍ରିମଣ୍ଡଳରେ ସାମିଲ କରା ନ ଯିବା ନେଇ ଅସନ୍ତୋଷ ଦେଖାଦେଇଛି । ପୂର୍ବତନ ମନ୍ତ୍ରୀ ତଥା ଭଟ୍‌ଲି ବିଧାୟକ ସୁଶାନ୍ତ ସିଂଙ୍କୁ ମନ୍ତ୍ରୀ କରା ନ ଯିବା ନେଇ ସମର୍ଥକମାନେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏପରି କି ସମୂହ ଇସ୍ତଫା ଦେବା କଥା ଉଠାଇଛନ୍ତି । ତେବେ ସୁଶାନ୍ତ ସିଂ ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ବିବାଦୀୟ ହୋଇଥିବାରୁ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇ ନ ଥିବା କୁହାଯାଉଛି । ଅନ୍ୟପକ୍ଷରେ ପୁରୀ ଜିଲାରେ ୨ ଜଣ ମନ୍ତ୍ରୀ ଥିବାବେଳେ ଏବେ କେବଳ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ରାଜ୍ୟପାହ୍ୟା ମନ୍ତ୍ରୀ ଅଛନ୍ତି ।

ଅନ୍ୟପକ୍ଷରେ ବାଚସ୍ପତି ପଦବୀ ପୂରଣ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ । ବାଚସ୍ପତି ପଦରେ ସରକାର କାହାକୁ ବସାଇବେ ସେନେଇ କଳ୍ପନାଜଳ୍ପନା ଜାରି ରହିଛି । ଏହି ପଦ ପାଇଁ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ, ଦେବୀ ପ୍ରସାଦ ମିଶ୍ର ଏବଂ ଉଷା ଦେବୀଙ୍କ ନା ଚର୍ଚ୍ଚାରେ ରହଛି । ତେବେ ନବୀନ କାହାକୁ ଏହି ଗୁରୁଦାୟିତ୍ୱ ଦେବେ ତାହା ଉପରେ ଏବେ ସଭିଙ୍କ ନଜର । ଆଉ ଦିନେ ଦୁଇଦିନ ମଧ୍ୟରେ ଏ ନେଇ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି ।

ଶପଥ ଗ୍ରହଣ କାର୍ଯ୍ୟକ୍ରମ ୯ଟା ୫୦ ମିନିଟ୍‌ରେ ଆରମ୍ଭ ହୋଇ ୯ଟା ୫୯ ମିନିଟ୍‌ରେ ଶେଷ ହୋଇଥିଲା । ନୂଆ ମନ୍ତ୍ରୀମାନେ ଶପଥ ଗ୍ରହଣର ପ୍ରାୟ ୧ ଘଣ୍ଟା ପୂର୍ବରୁ ଆସି ନିଜ ନିଜ ଆସନରେ ବସିଥିଲେ । ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ପହଞ୍ଚିବା ପରେ ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହୋଇଥିଲା । ଶପଥ ଗ୍ରହଣ ବେଳେ ମନ୍ତ୍ରୀ ଅଶୋକ ପଣ୍ଡା, ରୋହିତ ପୂଜାରୀ, ଏମ୍‌ପି ପ୍ରମିଳା ବିଶୋଇଙ୍କ ସମେତ କଟକ ଓ ଭୁବନେଶ୍ୱର ମହାନଗର ନିଗମର ମେୟର, ଦଳୀୟ ନେତା ଏବଂ ସମର୍ଥକମାନେ ଯୋଗଦେଇଥିଲେ ।

୩ ବର୍ଷ ପାଇଁ...

ଚାଷୀଙ୍କୁ ଦିଆଯାଇଥିବା ୪୩୮.୩୬ କୋଟି ଟଙ୍କା ଋଣ ତୁଳନାରେ ଏହି ଅଭିବୃଦ୍ଧି ବିଭାଗର ସଫଳତାକୁ ସୂଚିତ କରୁଛି । ମନ୍ତ୍ରୀ ନାୟକ ଆହୁରି କହିଛନ୍ତି, ଏହା ବ୍ୟତୀତ ରାଜ୍ୟରେ ପାକ୍‌ସଗୁଡ଼ିକ ଚାଷୀଙ୍କୁ ପ୍ରାମାଣିକ ବିହନ ଓ ସାର ଯୋଗାଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛନ୍ତି । ପାକ୍‌ସଗୁଡ଼ିକର ସେବା ପ୍ରଦାନକୁ ଆହୁରି ଦକ୍ଷ ଓ ସ୍ୱଚ୍ଛ କରିବା ପାଇଁ ୨୨୯୫ ଗୋଟି ପାକ୍‌ସର କୋର୍ ବ୍ୟାଙ୍କିଙ୍ଗ ସଲ୍ୟୁଶନ ବ୍ୟବସ୍ଥାରେ କମ୍ପ୍ୟୁଟରୀକରଣ କରାଯାଇଛି । ତୃଣମୂଳ ସ୍ତରରେ ସ୍ୱଳ୍ପମିଆଦୀ ଋଣ ସେବା ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ୧୪୫୧ ଗୋଟି ନୂତନ ପାକ୍‌ସ ସଙ୍ଗଠିତ କରାଯାଇଛି । କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟର ଅନଲାଇନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ୬୬ ଗୋଟି ନିୟନ୍ତ୍ରିତ ବଜାର କମିଟିକୁ ଇ-ନାମ ପ୍ଲାଟଫର୍ମରେ ସ୍ଥାନିତ କରାଯାଇଛି । ଇ-ନାମ ପ୍ଲାଟଫର୍ମରେ ଏଫପିଓମାନଙ୍କୁ ପଞ୍ଜୀକରଣ କରାଯାଇଛି, ଏ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଗ୍ରହଣ କରିଛି । ଆନ୍ତଃ-ମଣ୍ଡି ବାଣିଜ୍ୟ କାରବାରର ପରିମାଣରେ ପ୍ରଭୂତ ବୃଦ୍ଧି ଘଟି ଓଡ଼ିଶା ଦେଶରେ ୪ର୍ଥ ସ୍ଥାନ ହାସଲ କରିଛି । ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ମୋଟ ୫୧ଟି ଗୋଦାମରୁ ୪୪ଟି ଗୋଦାମରେ ଓୟେରହାଉସିଂ ଡେଭଲପମେଣ୍ଟ ଆଣ୍ଡ ସଲ୍ୟୁଶନ ଆକ୍ଟର ବ୍ୟବସ୍ଥା ଲାଗୁ କରାଯାଇଛି । ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟଜନିତ ଫସଲ ହାନିରୁ ସୁରକ୍ଷା ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ୨୦୨୧-୨୨ ବର୍ଷ ପାଇଁ ୩୧.୯୩ ଲକ୍ଷ ଚାଷୀଙ୍କୁ ୧୧୬୬.୦୨ କୋଟି ଟଙ୍କାର ବୀମାଅର୍ଥ ପ୍ରଦାନ କରାଯାଇଛି । ୨୦୨୩-୨୪ ବର୍ଷରୁ ଏହି ଯୋଜନାରେ ଉନ୍ନତୀକରଣ ପୂର୍ବକ ଅଧିକ ଚାଷୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି । ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ଅନେକ ସମ୍ମାନ ଓ ପୁରସ୍କାର ହାସଲ କରିପାରିଛି ବୋଲି ମନ୍ତ୍ରୀ ନାୟକ କହିଛନ୍ତି ।

ମଣିପୁରରେ ହିଂସା...

ସେଠାର ବିଜ୍ଞପିତ ପାର୍ବତ୍ୟାଞ୍ଚଳରେ ଜମି କିଣିବାକୁ ଅନୁମତି ଦିଆଯାଉ ନାହିଁ । ମେଇତିଙ୍କୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରାଗଲେ, ସେମାନେ ପାର୍ବତ୍ୟାଞ୍ଚଳରେ ଜମି କିଣିବାକୁ ହକ୍‌ଦାର ହେବେ । ଏହା ଆଦିବାସୀମାନଙ୍କୁ ଉତ୍ତେଜିତ କରିଛି । ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ନେତୃତ୍ୱାଧୀନ ରାଜ୍ୟର ଭାଜପା ସରକାର ବ୍ୟବସ୍ଥିତ ଢଙ୍ଗରେ ଟାର୍ଗେଟ କରି ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳରୁ ସେମାନଙ୍କୁ ବାହାର କରିଦେବାର ଲକ୍ଷ୍ୟ ରଖିଛନ୍ତି ବୋଲି କୁକି ସମ୍ପ୍ରଦାୟ ଅଭିଯୋଗ କରିଛି । ଉତ୍ତେଜନା ଲାଗି ରହିଥିବାରୁ ସେନା ଓ ଅର୍ଦ୍ଧସାମରିକ ଯବାନ ରାଜ୍ୟରେ ମୁତୟନ ରହିବା ସହ ସାଧାରଣ ଲୋକଙ୍କୁ ସହାୟତା ଲାଗି ନିୟମିତ

ପାଟ୍ରୋଲିଂ କରୁଛନ୍ତି । ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଆସୁଛନ୍ତି । ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ନାହିଁ ଓ ଆଉ ସଂଘର୍ଷ ହେବା ଉଚିତ ନୁହେଁ ବୋଲି ସେ ରବିବାର କହିଥିଲେ । ସଂଘର୍ଷ ମୁଖ୍ୟତଃ ସରକାରଙ୍କ ସହ ହେଉଛି । ଯେତେବେଳେ ସରକାର କିଛି କରିବାକୁ ଉଦ୍ୟମ କରୁଛନ୍ତି, ସେତେବେଳେ ବିରୋଧର ସମ୍ମୁଖୀନ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପିଲାଙ୍କୁ ସିଟ...

ଲେଖାଏ ବଦ୍ୟାଳୟରେ ଧନ୍ଦାମୂଳକ ପାଠ୍ୟକ୍ରମ ବ୍ୟବସ୍ଥା ଅଛି । କେନ୍ଦୁଝରରେ ୯ଟି, କଳାହାଣ୍ଡି ଓ କୋରାପୁଟରେ ୭ଟି ଲେଖାଏ, ଅନୁଗୋଳ, ବରଗଡ଼, ବଲାଙ୍ଗୀର ଓ ଝାରସୁଗୁଡ଼ାରେ ୬ଟି ଲେଖାଏ, କନ୍ଧମାଳରେ ୫ଟି, ଗଜପତି, ରାୟଗଡ଼ା ଓ ସମ୍ବଲପୁର ଜିଲାରେ ୪ଟି ଲେଖାଏ, ନୂଆପଡ଼ା, ଦେବଗଡ଼ ଓ ସୁବର୍ଣ୍ଣପୁର ଜିଲାରେ ୩ଟି ଲେଖାଏ, ବୌଦ୍ଧ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ୨ଟି ଲେଖାଏ ବିଦ୍ୟାଳୟରେ ବିଭିନ୍ନ ଧନ୍ଦାମୂଳକ ପାଠ୍ୟକ୍ରମ ରହିଛି ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଆଜି ଦ୍ୱିଜା ନକ୍ଷତ୍ର ସକାଶେ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ । ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ । ଆବଶ୍ୟ ଅପରାହ୍ନେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହେବେ । ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି ।

ବୃଷ
ମୃଗଶିରା ନକ୍ଷତ୍ର ହାତକୁ ନେଇଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ । ଘର ସକାଶେ, ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ । ପିଲାମାନେ ଆପଣଙ୍କୁ ଏହି ଦିଗରେ ସାହାଯ୍ୟ କରିପାରନ୍ତି । ମୋଟା ଅଙ୍କର ଅର୍ଥ ଆବଶ୍ୟକତା ସହକର୍ମୀଙ୍କ ସହଯୋଗରେ ଦୂରହୋଇପାରେ ।

ମିଥୁନ
ଆଜି ଯାହା ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟପାଲଟ ହୋଇଯିବ । ମିତ୍ରମାନେ ମଧ୍ୟ ପୂର୍ବ ଶତ୍ରୁତା କଥା ସ୍ମରଣକରି ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ । ଆରଦ୍ରା ନକ୍ଷତ୍ରର ବିବାଦୀୟ ପରିସ୍ଥିତି ତଥା ମାଲ

ଦୋକାନୀମାନେ ୨ ହଜାରିଆ ନୋଟ୍ ନେବାକୁ ମନା କରିପାରିବେ ନାହିଁ: ଆର୍‌ବିଆଇ

ଭିଜିଲାନ୍ସ ଜାଲରେ ଥାନା ଆଇଆଇସି

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ବରଗଡ଼ ଅଫିସ୍,୨୨।୫: ବରଗଡ଼ ଜିଲା ଗାଇସିଲେଟ ଥାନା ଆଇଆଇସି ବୀରବର ଭଗତଙ୍କ ବାସଭବନରେ ସୋମବାର ସକାଳୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଗତଙ୍କ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନୁଗୁଳିଆପଡ଼ା ବାସଭବନ ସହ ଗାଇସିଲେଟ ଥାନା ପରିସରରେ ରହିଥିବା ସରକାରୀ କ୍ୱାର୍ଟର୍ସ, ଥାନା ଚ୍ୟାମ୍ବର, ସମ୍ବଲପୁର ଜିଲା ସଦର ଥାନା କବରାପାଲିସ୍ଥିତ ଫାର୍ମ ହାଉସ୍‌ରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ପରେ ଭଗତଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି। ସମ୍ବଲପୁର ଅନୁଗୁଳିଆପଡ଼ାରେ ୨ମହଲା ବିଶିଷ୍ଟ କୋଠାଘର, ସମ୍ବଲପୁର କବରାପାଲି ଓ ସୁନ୍ଦରଗଡ଼ ଜିଲା ବଣେଇରେ ଫାର୍ମ ହାଉସ୍, ୨ଟି ମାରୁତି ଡିଜାୟର କାର୍ ଏବଂ ଅନ୍ୟ ଆସବାବ ସାମଗ୍ରୀ ଠାବ ହୋଇଛି। ସେହିପରି ଭଗତଙ୍କ ବାସଭବନରୁ ୧୬୫ ଗ୍ରାମର ସୁନା ଗହଣା, ନଗଦ ୭୯ହଜାର ୪୬୦ଟଙ୍କା ମିଳିଥିବାବେଳେ ବହୁ ଜମି ପ୍ଲଟ ଠାବ ହୋଇଛି। ସେଥିମଧ୍ୟରେ ସମ୍ବଲପୁର ବହିଦାର ନ୍ୟୁପଲ୍ଲୀ ମୌଜା ଖାତା ନଂ. ୧ ଓ ୧୮୨ରେ ୨ଏକର ୬୧ଡେସିମିଲ, ଅଇଁଠାପାଲି ମୌଜା ଖାତା ନଂ. ୫୫୯/୩୧୯୨ରେ ୨୪ଡେସିମିଲ, କବରାପାଲି ମୌଜା ଖାତା ନଂ.୧ ଓ ୧୩ରେ ୨ଏକର ୭ଡେସିମିଲ, ବଣେଇ ଗୁଡ଼ିଆଲି ମୌଜା ଖାତା ନଂ.୪୬ରେ ୨ଏକର ୧୪ଡେସିମିଲ, ଖାତା ନଂ.୧ରେ ୧ଏକର ୬ଡେସିମିଲ, ସନବୌରକେଲା ମୌଜା ଖାତା ନଂ.୧୬ରେ ୧୯ଡେସିମିଲ ଜମି ଠାବ ହୋଇଛି। ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଦ୍ୱାରା ଜମିର ମୂଲ୍ୟ ଆକଳନ ଚାଲୁଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସନ୍ଧ୍ୟା ସୁଦ୍ଧା ଠାବ ହୋଇଥିବା ସମ୍ପତ୍ତିର ମୂଲ୍ୟ ୧ କୋଟି ୧୧ଲକ୍ଷ ଟଙ୍କା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଥାନା ଆଇଆଇସି ଭଗତଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉରେ ଭିଜିଲାନ୍ସର ୨ଡିଏସ୍‌ପି, ୭ ଇନ୍ସପେକ୍ଟର, ୨ଏଏସଆଇଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

'ଆଇଟିସି ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ସୁଦୃଢ଼ କରିବ'

ଖୋର୍ଦ୍ଧା ଅଫିସ,୨୨।୫

ଖୋର୍ଦ୍ଧା ଶିଳ୍ପାଞ୍ଚଳଠାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇଟିସିର ଅତ୍ୟାଧୁନିକ ଇଣ୍ଟିଗ୍ରେଟେଡ ଗ୍ରାହକ ସାମଗ୍ରୀ ଉତ୍ପାଦନ ଏବଂ ଲଜିଷ୍ଟିକ(ଆଇସିଏମଏଲ) ସୁବିଧା କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ୩୫ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି କେନ୍ଦ୍ରରେ ନୂତନ କୃଷି ମୂଲ୍ୟବୋଧ ଶୃଙ୍ଖଳା ଏବଂ ଜୀବିକା ଉପଲବ୍ଧ ହେବ। ପର୍ଯ୍ୟାୟକ୍ରମେ ଆଇଟିସିର ବିଶ୍ୱସ୍ତରୀୟ ଖାଦ୍ୟ ବ୍ରାଣ୍ଡ ଉତ୍ପାଦନ କରାଯିବ ବୋଲି ଆଇଟିସି ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ପୁରୀ କହିଛନ୍ତି। ଓଡ଼ିଶାକୁ ଦେଶର ପରବର୍ତ୍ତୀ ଇଣ୍ଡଷ୍ଟ୍ରିଆଲ ହବ୍ କରାଯିବ। ଯାହା ନିବେଶକମାନଙ୍କୁ ନିରନ୍ତର ବ୍ୟବସାୟ ଅଭିବୃଦ୍ଧି ତଥା ଲୋକଙ୍କ ସାମାଜିକ ଅର୍ଥନୈତିକ ବିକାଶ ପାଇଁ ସୁଯୋଗ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଖୋର୍ଦ୍ଧାରେ ବିଶ୍ୱସ୍ତରୀୟ ଖାଦ୍ୟ ପ୍ରକ୍ରିୟାକରଣ ସୁବିଧା ଉପଲବ୍ଧ କରାଇବା କ୍ଷେତ୍ରରେ ଆଇଟିସିର ନିବେଶ ରାଜ୍ୟର ଉତ୍ପାଦନ କ୍ଷେତ୍ରକୁ ମୂଲ୍ୟଯୁକ୍ତ ସୁବିଧା ଯୋଗାଇବା ସହ କୃଷି ଉତ୍ପାଦର ମୂଲ୍ୟ ବଢ଼ିବ। ପରିବେଶ ସନ୍ତୁଳନ ଲାଗି ଗୁରୁତ୍ୱ ଦିଆଯାଇଛି। ନୂତନ ଅତ୍ୟାଧୁନିକ କାରଖାନା ଏକ ମେଗାୱାଟ ସବୁଜ ଶକ୍ତି ଦ୍ୱାରା ଚାଳିତ ହେବ। ବୈଜ୍ଞାନିକ ଭାବରେ ପରିକଳ୍ପିତ ରେନ ୱାଟର ହାର୍ଭେଷ୍ଟିଙ୍ଗ ବ୍ୟବସ୍ଥା କରାଯାଇଛି। ଭବିଷ୍ୟତ ପ୍ରସ୍ତୁତ ୟୁନିଟ ଅତ୍ୟାଧୁନିକ ଯନ୍ତ୍ରପାତି, ଡିଜିଟାଲ ଭିତ୍ତିଭୂମି ସହିତ ଚାଳିତ ହେବ। ଏଠାରେ ୫୫% ମହିଳା ନିୟୋଜିତ ହେବେ। ନିକଟରେ ଓଡ଼ିଶାରେ ବିଶ୍ୱସ୍ତରରେ ଏଗ୍ରୋ ଫରେଷ୍ଟ୍ରି ଇନିସିଏଟିଭକୁ ବିସ୍ତାର କରିଛି। ୬ହଜାରରୁ ଊର୍ଦ୍ଧ୍ୱ ଜମିରେ କ୍ଷେତ ଫସଲ ସହିତ ବୃକ୍ଷରୋପଣ ମାଧ୍ୟମରେ କ୍ଷୁଦ୍ର ଚାଷୀଙ୍କ ପାଇଁ ଅତିରିକ୍ତ ଜୀବିକା ନିର୍ବାହର ଲକ୍ଷ୍ୟ ରହିଛି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଆଇଟିସିର ଏକ ପ୍ରମୁଖ ଯୋଗଦାନ ରହିଛି। ଆଇଟିସିର ଏଫ୍‌ଏମ୍‌ସିଜି ଉତ୍ପାଦ ଗୁଡିକ ଓଡ଼ିଶାର ୨.୫ ଲକ୍ଷରୁ ଅଧିକ ଖୁଚୁରା ଆଉଟଲେଟରେ ଉପଲବ୍ଧ। ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବିକା ନିର୍ବାହ ଏହା ଦ୍ୱାରା ସମ୍ଭବ ହୋଇପାରିଛି। ରପ୍ତାନି ପାଇଁ ରାଜ୍ୟରୁ ମକା, ଚାଉଳ ଏବଂ ଚିଙ୍ଗୁଡି ଯୋଗାଣ ପାଇଁ ଆଇଟିସିର ଏଗ୍ରି- ବିଜିନେସ ଓଡ଼ିଶାର କୃଷକଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ଜଳବାୟୁ ପରିବର୍ତ୍ତନ ବିପଦରୁ ରାଜ୍ୟର କୃଷକଙ୍କ ସ୍ଥିରତା ଆଣିବାରେ ପ୍ରୟାସ କରୁଛି। ନୀତି ଆୟୋଗ ସହିତ ସହଭାଗିତାରେ କମ୍ପାନୀ ୧ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସ୍ଥାୟୀ କୃଷି ଅଭ୍ୟାସରେ ତାଲିମ ଦେଇଛି। ଗ୍ରାମାଞ୍ଚଳରେ ଜଳ ନିରାପତ୍ତାକୁ ଦୃଷ୍ଟିରେ ରଖି ଆଇଟିସି ଓଡ଼ିଶାରେ ୭୯ଶହ ଏକର ପରିମିତ ଅଞ୍ଚଳରେ ଜଳସେଚନ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି। ଏକ ଦଶନ୍ଧି ଧରି ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ସହ ସହଭାଗିତାରେ ଧୂପବତୀ ଉତ୍ପାଦନରେ ନିୟୋଜିତ ଗ୍ରାମୀଣ ମହିଳାଙ୍କ ଜୀବିକା ଯୋଗାଇବା ପାଇଁ କାର୍ଯ୍ୟ କରୁଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟରେ ୨୨ହଜାରରୁ ଅଧିକ ହିତାଧିକାରୀ ଅନ୍ତର୍ଭୁକ୍ତ ରହିଛନ୍ତି। ଏଥିସହିତ ପରିବେଶ ଦୀର୍ଘସ୍ଥାୟୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସହିତ ମିଳିତ ଭାବରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ୩ଟି କମ୍ପୋଷ୍ଟର ମେଶିନ ସ୍ଥାପନ କରିଛି। ମହିଳା ସଶକ୍ତୀକରଣ, ଦକ୍ଷତା, ପ୍ରାଥମିକ ଶିକ୍ଷା, ପରିମଳ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମେତ ଆଇଟିସି ରାଜ୍ୟରେ ଏହାର ସିଲଏସଆର ପଦକ୍ଷେପକୁ ବୃଦ୍ଧି କରିଛି। ଅନ୍ୟମାନଙ୍କ ମଧ୍ୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଇଣ୍ଟିଗ୍ରେଟେଡ୍ ଗ୍ରାହକ ସାମଗ୍ରୀ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅତିଥି।

ଇଣ୍ଟିଗ୍ରେଟେଡ୍ ଗ୍ରାହକ ସାମଗ୍ରୀ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

- ଓଡ଼ିଶା ହେବ ଇଣ୍ଡଷ୍ଟ୍ରିଆଲ ହବ୍: ମୁଖ୍ୟମନ୍ତ୍ରୀ
- ୫୫% ମହିଳା ହେବେ ନିୟୋଜିତ

୮ ଏକର ଜମିକୁ ୩ ବର୍ଷିଆ ଲିଜ୍‌ରେ ନିଆଗଲା

- ପୂର୍ବରୁ ଗୌଡ଼ଗାଁରେ ଭୂତଳ ପେଟ୍ରୋଲ, ଗ୍ୟାସ୍ ଠାବ ହୋଇଥିଲା
- ନଭେମ୍ବରରେ ଖନନ ହେବ

ମାର୍ଶାଘାଇ, ୨୨।୫(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଯମପଡ଼ା ପଞ୍ଚାୟତର ଗୌଡ଼ଗାଁଠାରେ ଭୂତଳ ପେଟ୍ରୋଲ ଖଣି ଓ ଗ୍ୟାସ ଠାବ ହେବା ପରେ ଭାରତୀୟ ତୈଳ ନିଗମ ତତ୍ପର ହୋଇଉଠିଛି। ଏଥିନିମନ୍ତେ ମାର୍ଶାଘାଇ ତହସିଲ ପକ୍ଷରୁ ଜନଶୁଣାଣି କାର୍ଯ୍ୟ ଶେଷ କରାଯାଇଛି। ୮ ଏକର ଘରୋଇ ଜମିକୁ ୩ ବର୍ଷୀୟା ଲିଜରେ ନିଆଯାଇଛି। ଏକ ଗୁଣ୍ଠ ଜମି ପ୍ରତିବାର୍ଷିକ ଚଉଦ ହଜାର ଟଙ୍କା ଜମି ମାଲିକଙ୍କୁ ପ୍ରଦାନ କରାଯିବ। ୧୧୪ ଜଣ ଜମି ମାଲିକଙ୍କୁ ୧ କୋଟି ୬୪ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମାର୍ଶାଘାଇ ତହସିଲଦାର ଭାନୁମତୀ ମାଝି ପ୍ରକାଶ କରିଛନ୍ତି। ତୈଳ ନିଗମ ପକ୍ଷରୁ ନଭେମ୍ବରରେ ଖନନ କାର୍ଯ୍ୟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି।

ମନ୍ତ୍ରୀଙ୍କ ପୁଅଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଭିଡିଓ ଭାଇରାଲ

ସମ୍ବଲପୁର,୨୨।୫(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ନେତାମାନଙ୍କ ନାମରେ ଅନେକ ଅଭିଯୋଗ ହୋଇଆସୁଛି। ଆପରାଧିକ ମାମଲାରେ ପରୋକ୍ଷ ଓ ପ୍ରତ୍ୟକ୍ଷ ସମ୍ପୃକ୍ତ ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏପରି କି ନେତା ଓ ମନ୍ତ୍ରୀଙ୍କ ନାମରେ ନିଜ ବୋହୂମାନେ ନିର୍ଯାତନା ଦେଇଥିବା ନେଇ ମାମଲା ରୁଜୁ ହୋଇଛି। ପରିବାର ସଦସ୍ୟଙ୍କ ଏଭଳି କାର୍ଯ୍ୟ ପାଇଁ ମନ୍ତ୍ରୀ ପଦ ଯାଇଥିବା ରାଜ୍ୟ ରାଜନୀତି ଇତିହାସରେ ରହିଛି। ଏବେ ରାଜ୍ୟର ଜଣେ ମହିଳା ମନ୍ତ୍ରୀଙ୍କ ପୁଅଙ୍କ କଳା କାରନାମା ସାମ୍ନାକୁ ଆସିଛି। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓଟି ପ୍ରାୟ ୩ ମିନିଟ୍‌ର ରହିଛି। ଭିଡିଓରେ ଜଣେ ଅଣଓଡ଼ିଆ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିବା ସମ୍ପୂର୍ଣ୍ଣ ଦୃଶ୍ୟ ରହିଛି। ଉକ୍ତ ଭିଡିଓଟି ମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଉତ୍ତୋଳନ ହୋଇଥାଇପାରେ ବୋଲି ଆଲୋଚନା ହେଉଛି। ଯୁବକ ଜଣଙ୍କ ବିବାହିତ। ଉଭୟଙ୍କ ଜାଣତରେ ଓ ସହମତିରେ ଭିଡିଓ ଉତ୍ତୋଳନ କରାଯାଉଥିବା ଜଣାପଡୁଛି। ଘଟଣା ପ୍ରାୟ ୧ମାସ ଭିତରେ ହୋଇଥିବା ଆଲୋଚନା ହେଉଥିବା ବେଳେ ପୋଲିସ ତଦନ୍ତକଲେ ତାହା ସ୍ପଷ୍ଟ ହୋଇଯିବ। ଭିଡିଓ ଭାଇରାଲ ହେବା ପରେ ରାଜନୈତିକ ମହଲ ଓ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଜଣେ ମନ୍ତ୍ରୀଙ୍କ ପୁଅ ବୋଲି ଛାଡ଼ିଦିଆଯିବ ନା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ପୁଅ ପାଇଁ ମହିଳା ମନ୍ତ୍ରୀ ଜଣଙ୍କ ଅଡୁଆରେ ପଡ଼ିଥିଲେ। ଠିକା କାମକୁ କେନ୍ଦ୍ରକରି ବିଜେଡିର ୨ଗୋଷ୍ଠୀ ମଧ୍ୟରେ ବଚସା ଓ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଥିଲା। ପୁଅଙ୍କ ଏଭଳି କାର୍ଯ୍ୟ ପାଇଁ ମହିଳା ମନ୍ତ୍ରୀଙ୍କ ସମ୍ମାନରେ ଆଞ୍ଚ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନେକ ଘଟଣାରେ ପୋଲିସ ମାମଲା ରୁଜୁକରି ବଡ଼ବଡ଼ିଆଙ୍କୁ ଛାଡ଼ି ଦେଉଛି। ଏହି ମାମଲାରେ ତାହା କରିପାରେ ବୋଲି କୁହାଯାଉଛି। ବୁଦ୍ଧିଜୀବୀଙ୍କ ମତରେ ସହମତିରେ ପ୍ରାପ୍ତବୟସ୍କ ବ୍ୟକ୍ତି ଶାରୀରିକ ସମ୍ପର୍କ ରଖିବା ହୁଏତ ଆଇନ ବିରୁଦ୍ଧ ହୋଇ ନ ପାରେ। ହେଲେ ଯୁବତୀଙ୍କ ଏହି ସମୟର ଅଶ୍ଳୀଳ ଭିଡିଓ କରିବା ଓ ଏହାକୁ ଭାଇରାଲ କରିବା ଆଇନ ବିରୁଦ୍ଧ। ସାଧାରଣ ଘଟଣାରେ ପୋଲିସ କଡ଼ା ପଦକ୍ଷେପ ଗ୍ରହଣ କରିଥିବା ନଜିର ରହିଛି। ହେଲେ ମନ୍ତ୍ରୀଙ୍କ ପୁଅ ମାମଲାରେ ପୋଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହାକୁ ଅପେକ୍ଷା ବୋଲି ଆଲୋଚନା ହେଉଛି।

୩ ମିନିଟ୍‌ର ଭିଡିଓରେ ଅଣଓଡ଼ିଆ ଝିଅ

ଆଜିଠୁ ମାଟ୍ରିକ ଖାତା ରିଚେକିଂ ପାଇଁ ଆବେଦନ

କଟକ ଅଫିସ,୨୨।୫

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତାର ପୁନଃ ଯାଞ୍ଚ (ରିଚେକିଂ) ପାଇଁ ମଙ୍ଗଳବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ରମାନେ ପରୀକ୍ଷା ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିବେ ବା ସେମାନଙ୍କର କୌଣସି ବିଷୟରେ କମ୍ ମାର୍କ ରହିଛି ବୋଲି ଉପଲବ୍ଧି କରୁଥିବେ, ସେମାନେ ରିଚେକିଂ ପାଇଁ ଆବେଦନ କରିପାରିବେ। ବୋର୍ଡ ୱେବ୍‌ସାଇଟ୍‌ରେ ଆବେଦନ କରିବାର ସମସ୍ତ ନିୟମାବଳୀ ଉପଲବ୍ଧ ରହିଛି। ଆବେଦନ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ଆସନ୍ତା ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ବିଷୟରେ ଯାଞ୍ଚ ଏବଂ ପରୀକ୍ଷା ଖାତା କପି ନେବା ପାଇଁ ଦେୟ ଦେବାକୁ ପଡିବ। ଆବେଦନ ପତ୍ର ଦାଖଲ କରିବାର କିଛିଦିନ ମଧ୍ୟରେ ବୋର୍ଡ କର୍ତ୍ତୃପକ୍ଷ ସଂଶୋଧିତ ମାର୍କଶିଟ୍ ପ୍ରଦାନ କରିବେ ଏବଂ ଖାତାର ଅବିକଳ ନକଲ ଆବେଦନକାରୀମାନେ ବୋର୍ଡ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀ ଅଫ୍‌ଲାଇନ ମାଧ୍ୟମରେ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟକୁ ଯାଇ ଆବେଦନ କରିବେ। ମଙ୍ଗଳବାରଠାରୁ ଜୁନ୍ ୬ ପର୍ଯ୍ୟନ୍ତ କେବଳ କାର୍ଯ୍ୟଦିବସଗୁଡିକରେ ଆବେଦନକାରୀ ଆବେଦନ କରିବାକୁ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୧୮ରେ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏହି ପରୀକ୍ଷାରେ ପାସ୍ ହାର ୯୬.୪୦% ଥିଲା।

ଗରମ ପିଚୁରେ ପଡ଼ି କଣ୍ଟେନର ଡ୍ରାଇଭର ମୃତ

ଦୁର୍ଗୀ,୨୨।୫(ହି.ଏନ.ଏ.)

ରାୟଗଡା ଜିଲା ଦୁର୍ଗୀ ପଞ୍ଚାୟତ ବନ୍ଧୁଗୁଡା ନିକଟସ୍ଥ ୪୬ନଂ.ରାଜ୍ୟ ରାଜପଥ ରାସ୍ତାକାମ ଚାଲିଥିବା ବେଳେ ସୋମବାର ଗରମ ପିଚୁ ଢାଳିବା ବେଳେ ଅସାବଧାନତାରୁ ପିଚୁ କଣ୍ଟେନର ଡ୍ରାଇଭର ପଡିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିଶାଖାପାଟଣା ନାକାପାଲି ପଞ୍ଚାୟତ ବେମାପାଡୁ ଗ୍ରାମର ଆଇନାମାପୁଡ଼ି କ୍ରିଷ୍ଣାମା ରାଜୁ। ପ୍ରତିଦିନ କ୍ରିଷ୍ଣାମା ବିଶାଖାପାଟଣାରୁ ରାସ୍ତାକାମ ପାଇଁ ଗରମ ପିଚୁ କଣ୍ଟେନରରେ ଆଣିଥାନ୍ତି। ସୋମବାର ସେ ପିଚୁ ଆଣି ଆସିବା ବେଳକୁ ରାସ୍ତା କାମ କରୁଥିବା ଲୋକମାନେ ଖାଉଥିଲେ। ସେ ପିଚୁ ଢାଳିବାକୁ ଡାକିଥିଲେ, କିନ୍ତୁ ସେମାନେ ଖାଇସାରିବା ପରେ ଯିବେ ବୋଲି କହିଥିଲେ। କ୍ରିଷ୍ଣାମା କାହାକୁ ଅପେକ୍ଷା ନ କରି ନିଜେ ପିଚୁ ଢାଳୁଥିବା ସମୟରେ ଅସାବଧାନତାରୁ ସେ ଗରମ ପିଚୁରେ ପଡିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କର୍ମଚାରୀମାନେ ଏହା ଦେଖି ତୁରନ୍ତ ଅଗ୍ନିଶମ ଓ ପୋଲିସକୁ ଖବର କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ବିଷମକଟକ ଡାକ୍ତରଖାନାକୁ ନେଇଥିଲେ। ଖବର ଲେଖିବା ସୁଦ୍ଧା ତାଙ୍କ ପରିବାର ଲୋକେ ବିଶାଖାପାଟଣାରୁ ଆସୁଥିବା ଜଣାପଡିଛି।

ରାଜ୍ୟ ରାଜପଥ ନିର୍ମାଣ ବେଳେ ଦୁର୍ଘଟଣା

ସାକ୍ଷୀ ଦେଲେ ୱେବ ଚ୍ୟାନେଲ ଖବରଦାତା

କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲା

ଭଦ୍ରକ ଅଫିସ, ୨୨।୫

ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଗ୍ରୀଷ୍ମବକାଶ ଅଦାଲତରେ ସୋମବାର ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଦ୍ୱିତୀୟ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସ୍ୱାଧିକାର ୱେବ ଚ୍ୟାନେଲର ଖବରଦାତା ଶରତ ପଣ୍ଡା ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଜାମିନରେ ଥିବା ଅଭିଯୁକ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, କୃଷ୍ଣଚନ୍ଦ୍ର ନାୟକ ଏବଂ ବିବେକ ନାୟକ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇଥିଲେ। ଜେଲରେ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଭିଡିଓ କନ୍‌ଫରେନ୍ସରେ ହାଜର କରାଯାଇଥିଲା।

ଶରତ ନିଜ ବୟାନରେ କହିଥିଲେ, ତାଙ୍କୁ କବିଲ ନ୍ୟୁଜର ଚାନ୍ଦବାଲି ପ୍ରତିନିଧି ଦେବାଶିଷ ଜେନା ୨୦୨୨ ଫେବୃୟାରୀ ୪ରେ ଫୋନ୍ କଲ୍ କରି ଭୁବନେଶ୍ୱରରୁ ସମ୍ପୂର୍ଣ୍ଣ ନ୍ୟୁଜ ଚ୍ୟାନେଲ ମାଲିକାଣୀ ଶର୍ମିଷ୍ଠା ରାଉତ ଫୋନ୍ କଲେ ତାଙ୍କ ସହ କଥା ହେବା ପାଇଁ କହିଥିଲେ। କିଛି ସମୟ ପରେ ଶର୍ମିଷ୍ଠା ଫୋନ କରି ପଳାସପୁର ଗ୍ରାମରେ କାହାର ବାହାଘର ହେଉଛି ବୋଲି ପଚାରିଥିଲେ। ସେ ବୁଝି କହିବେ ବୋଲି ତାଙ୍କୁ କହିଥିଲେ। ମାତ୍ର ତା' ପରଦିନ ସକାଳେ ଶର୍ମିଷ୍ଠା ଓ ଝୁନା ଭୋଇ ତାଙ୍କ ପାଖରେ ପହଞ୍ଚି ପଳାସପୁର ଗ୍ରାମର ବଳଭଦ୍ର ଭଳଙ୍କ ଘରକୁ ଯାଉଛନ୍ତି କହି ସେଠାରୁ ପଳାଇ ଆସିଥିଲେ। ୭ ତାରିଖ ସକାଳେ ମାନସ ଓ ଦେବାଶିଷ ସ୍କୁଟିରେ ଫେରୁଥିବା ବେଳେ ପଳାସପୁର ମନ୍ଦିର ପାଖରେ ଦୁଇଜଣ ପୁରୁଷ ଓ ଦୁଇଜଣ ମହିଳା ଆସି ମାନସଙ୍କୁ ମୋବାଇଲ, କ୍ୟାମେରା, ଚିପ୍ ମାଗିଥିଲେ। ସେ ଦେବାକୁ ମନା କରିବାରୁ ସେମାନେ ତାଙ୍କ ଚାପୁଡ଼ା ମାରି ଘୋଷାଡ଼ି ନ

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା

ଚାଇନା ଭୟ

ମେ ୧୯ରୁ ୨୧ ଯାଏ ଜାପାନର ହିରୋଶିମାରେ ଜି୭ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜି୭ ସଦସ୍ୟ ଦେଶଗୁଡ଼ିକ ଯଥା ଆମେରିକା, ବ୍ରିଟେନ, ଜର୍ମାନୀ, ଜାପାନ, କାନାଡା, ଫ୍ରାନ୍ସ ଓ ଇଟାଲୀ ଉକ୍ତ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ଦାରିଦ୍ର୍ୟ, ଆଣବିକ ଅସ୍ତ୍ର ପ୍ରସାର, କୃତ୍ରିମ ବୁଦ୍ଧିମତ୍ତା ଓ ୟୁକ୍ରେନ ଯୁଦ୍ଧ ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ମଧ୍ୟ ଉପସ୍ଥିତ ଥିଲେ। କାରଣ ସମ୍ମିଳନୀରେ ୟୁକ୍ରେନ୍‌ଙ୍କୁ ଏଫ୍–୧୬ ଲଡୁଆ ଯୁଦ୍ଧ ବିମାନ ଯୋଗାଇ ଦେବା ପ୍ରସଙ୍ଗ ସ୍ଥାନ ପାଇଥିଲା। ଏହାସହ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଥିଲେ ଯେ, ୟୁକ୍ରେନ୍ ପାଇଲଟଙ୍କୁ ଏହି ଯୁଦ୍ଧବିମାନ ଉପରେ ଆମେରିକା ପ୍ରଶିକ୍ଷଣ ଦେବ। ସମ୍ମିଳନୀରେ ଉପରୋକ୍ତ ବିଷୟଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲେ ମଧ୍ୟ ଅଧିକାଂଶ ପ୍ରସଙ୍ଗ ଥିଲା ଚାଇନା କୈନ୍ଦ୍ରିକ। ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ଚାଇନାର ବିସ୍ତାରବାଦ ଅର୍ଥନୀତିର ପ୍ରଭାବ ଓ ଏହା ସହ କାର୍ଯ୍ୟ କରିବା କ୍ଷେତ୍ରରେ ଆବଶ୍ୟକ ରଣନୀତିକୁ ନେଇ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ ଉକ୍ତ ସମ୍ମିଳନୀରେ ଚାଇନାର ଦ୍ରୁତ ଆଣବିକ ଅସ୍ତ୍ର ସମ୍ପ୍ରସାରଣକୁ ନେଇ ଜି୭ ରାଷ୍ଟ୍ରଗୁଡ଼ିକ ଚିନ୍ତା ପ୍ରକଟ କରିଥିଲେ। ଚାଇନାର ଦ୍ରୁତ ଆଣବିକ ଅସ୍ତ୍ରଶସ୍ତ୍ର ବିକାଶ ଆଞ୍ଚଳିକ ଏବଂ ବିଶ୍ୱରେ ଅସ୍ଥିରତା ଆଣିବ ବୋଲି ଜି୭ ନେତୃବୃନ୍ଦ ମିଳିତ ବିବୃତି ଦେଇଥିଲେ। ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଥିଲେ, ଚାଇନା ସାମ୍ପ୍ରତିକ ସମୟରେ ବଡ଼ ଆହ୍ୱାନ ସୃଷ୍ଟି କରିଛି ଏବଂ ଏହା ନିଜ ଦେଶରେ ତଥା ବାହାରେ ଏକଚ୍ଛତ୍ରବାଦ ବଢ଼ାଇବାରେ ଲାଗିଛି। ଉକ୍ତ ବିବୃତିଗୁଡ଼ିକରୁ ସ୍ପଷ୍ଟ ଯେ, ଅର୍ଥନୈତିକ କ୍ଷେତ୍ରରେ ଚାଇନାର ଏକଚାଟିଆ ଓ ପ୍ରଭାବ ବିସ୍ତାର ମନୋଭାବ ବିରୋଧରେ ଜି୭ ରାଷ୍ଟ୍ର ସମୂହ ଏକାଠି ହେବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଚାଇନା ଯେଉଁ ବୈଷୟିକ(ଟେକ୍‌ନୋଲୋଜି) ସ୍ତରରେ ପହଞ୍ଚିଲାଣି ସେଠାରେ ତାକୁ ମୁକାବିଲା କରିବା ପାଇଁ ଜି୭ ଦେଶଗୁଡ଼ିକର ଶକ୍ତି ନାହିଁ ବୋଲି କ୍ରମଶଃ ବୁଝାପଡୁଛି। ଏଥିପାଇଁ ସେମାନେ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକର ସହଯୋଗରେ ଚାଇନାକୁ ରୋକିବା ଲାଗି ଏକ ସମନ୍ୱୟ ଭିତ୍ତିକ ପ୍ଲାଟ୍‌ଫର୍ମ ଆରମ୍ଭ କରିଛନ୍ତି।

ବିଶ୍ୱ ଦୃଶ୍ୟପଟର ବାସ୍ତବତାକୁ ଲକ୍ଷ୍ୟ କଲେ ଚାଇନା ଆର୍ଥିକ , ଆଣବିକ ତଥା ମହାକାଶ କ୍ଷେତ୍ରରେ ଯେଭଳି ବିକାଶ କରୁଛି ତାହା ବିଶ୍ୱରେ ପୂର୍ବରୁ ଏକଚାଟିଆ ଭାବେ ନିଜର ଆଧିପତ୍ୟ ବିସ୍ତାର କରିଆସିଥିବା ଜି୭ ଦେଶଗୁଡ଼ିକ ପାଇଁ ଅସହ୍ୟ ମନେହେଉଛି। ବର୍ତ୍ତମାନ ତାଇୱାନ୍‌କୁ ନେଇ ଚାଇନା ଓ ଆମେରିକା ମଧ୍ୟରେ ଉପୁଜିଥିବା ବିବାଦ, ୟୁକ୍ରେନ ଯୁଦ୍ଧରେ ରୁଷିଆକୁ ଚାଇନାର ସମର୍ଥନ ଏବଂ ୟୁକ୍ରେନ୍‌କୁ ନାଟୋର ଦୃଢ ସହଯୋଗ ବିଶ୍ୱରେ ଉତ୍ତେଜନା ସୃଷ୍ଟି କରିଛି। ଏହି ସମୟରେ ଚାଇନାର ଅର୍ଥନୈତିକ ପ୍ରଭୁତ୍ୱ ଓ ଆଣବିକ ଅସ୍ତ୍ରଶସ୍ତ୍ର ବିସ୍ତାର ଏହି ଧନୀ ରଷ୍ଟ୍ରଗୁଡ଼ିକ ଭିତରେ ଏକ ପ୍ରକାର ଭୟ ସୃଷ୍ଟି କରିବା ସ୍ୱାଭାବିକ। ଚାଇନା ମଧ୍ୟ ତା' ବିରୋଧରେ ଜି୭ର ମନୋଭାବକୁ କଠୋର ଭାବେ ନିନ୍ଦା କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ହିରୋଶିମାରେ ଜି୭ ବୈଠକ ଆରମ୍ଭ ହେବା ସମୟରେ ଚାଇନା ସମାନ୍ତରାଳ ଭାବେ କେନ୍ଦ୍ର ଏସିଆ ଦେଶଗୁଡ଼ିକୁ ନେଇ ଏକ ବୈଠକ ଆୟୋଜିତ କରିଥିଲା। ଏହି ଦେଶଗୁଡ଼ିକୁ ଚାଇନା ନିଜ ଆୟତ୍ତରେ ରଖିବା ଲାଗି ବିଭିନ୍ନ ଅର୍ଥନୈତିକ ପ୍ରକଳ୍ପ ଜାରି ରଖିବା ସହ ବିପୁଳ ଅର୍ଥ ନିବେଶ କରିବାରେ ଲାଗିଛି। ଏସବୁ ଦୃଷ୍ଟିରୁ ବିଚାର କଲେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକରୁ ଉଭୟ ସାମରିକ ଏବଂ ଅର୍ଥନୈତିକ କ୍ଷେତ୍ରରୁ ଲାଭ ପାଇଆସୁଥିବା ଧନୀ ଦେଶଗୁଡ଼ିକ ସେମାନଙ୍କ ପ୍ରଭାବ କ୍ଷୀଣ ହେବାର ଆଶଙ୍କା କଲେଣି। ଏହି ପରିସ୍ଥିତିରେ ଭାରତର ଭବିଷ୍ୟତ କେଉଁ ପ୍ରକାର ଗଢ଼ାଯିବ ତାହା ଏବକାର ନେତୃତ୍ୱ ନିଷ୍ପତ୍ତି ନେବେ। ଗୋଟିଏ ପଟେ ଭାରତ ଜି୭ ଦେଶଗୁଡ଼ିକ ସହିତ ବନ୍ଧୁତ୍ୱକୁ ସାଧାରଣରେ ପ୍ରକାଶ କରୁଥିବାବେଳେ ଅନ୍ୟପଟେ ଚାଇନା ତାହାର ଭାରତୀୟ ଅଞ୍ଚଳ ମାଡ଼ିବସିବାର ଚାପ ବଜାୟ ରଖିଛି। ନିକଟରେ ଅନୁଷ୍ଠିତ ୧୮ତମ ମିଲିଟାରି ବୈଠକରେ ଭାରତ ଭିତରକୁ ୨୦କି.ମି. ପ୍ରବେଶ କରିବା ପାଇଁ ଚାଇନା ଦାବି କଲାଣି। ଏଠାରେ ମନେ ରଖିବାକୁ ହେବ ଯେ, ପ୍ରଥମେ ଦାବି ଏବଂ ପରବର୍ତ୍ତୀ ସମୟରେ ଜୋରଜବରଦସ୍ତ କରି ଚାଇନା ଏହିଭଳି ଭାରତୀୟ ଅଞ୍ଚଳ ଲଗାତର ଦଖଲ କରିଚାଲିଛି। ଆଜି ଯଦି ୟୁକ୍ରେନ୍‌କୁ ଉଦାହରଣ ଭାବେ ଦେଖାଯାଏ ତେବେ ଚାଇନା ସହିତ ଭାରତର ଯୁଦ୍ଧ ହେଲେ ଜି୭ ରାଷ୍ଟ୍ରଗୁଡ଼ିକର ସିଧାସଳଖ ସାହାଯ୍ୟ ମିଳିବା ସମ୍ଭବପର ମନେ ହେଉନାହିଁ। ସେଭଳି ପରିସ୍ଥିତି ସୃଷ୍ଟି ହେଲେ ଭାରତକୁ କିଛି ମିଲିଟାରି ସାମଗ୍ରୀ କିଣିବାର ସୁବିଧା ମିଳିପାରେ। କିନ୍ତୁ ମୂଳମନ୍ତ୍ର ହେଉଛି ଯେ, ନିଜର ମିଲିଟାରି ଶକ୍ତି ବଢ଼ାଇ ସ୍ୱାବଲମ୍ବୀ ହେବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ୟୁକ୍ରେନ୍ ଭଳି ଯଦି ଭାରତ ନିଜ ଶକ୍ତିରେ ଲଢ଼ିପାରେ ତେବେ ହୁଏତ ବାହ୍ୟ ସାହାଯ୍ୟ ଆସିବା ପାଇଁ ସମୟ ମିଳିବ। ନଚେତ ପରିସ୍ଥିତି ଅସମ୍ଭାଳ ହୋଇପାରେ।

ନିକଟରେ ଅନୁଷ୍ଠିତ ୧୮ତମ ମିଲିଟାରି ବୈଠକରେ ଭାରତ ଭିତରକୁ ୨୦କି.ମି. ପ୍ରବେଶ କରିବା ପାଇଁ ଚାଇନା ଦାବି କଲାଣି । ଏଠାରେ ମନେ ରଖିବାକୁ ହେବ ଯେ, ପ୍ରଥମେ ଦାବି ଏବଂ ପରବର୍ତ୍ତୀ ସମୟରେ ଜୋରଜବରଦସ୍ତ କରି ଚାଇନା ଏହିଭଳି ଭାରତୀୟ ଅଞ୍ଚଳ ଲଗାତର ଦଖଲ କରିଚାଲିଛି ।

ଭତ୍ତା ଯୋଜନା–କିଛି ଉପେକ୍ଷିତ ଦିଗ

ରାଜୀବ କର୍ମୀ

ଗରିବ ବ୍ୟକ୍ତି ଏବଂ ପରିବାରକୁ ସର୍ବନିମ୍ନ ଜାତୀୟସ୍ତରର ସାମାଜିକ ସୁରକ୍ଷା ଯୋଗାଇ ଦେବା ସରକାରଙ୍କ ଦାୟିତ୍ୱ। ଏକ ଜନମଙ୍ଗଳ ରାଷ୍ଟ୍ର ଭାବରେ ସମ୍ବିଧାନର DIRECTIVE PRINCIPLES OF STATE POLICY ନିର୍ଦ୍ଦେଶନାମା ଅନୁଚ୍ଛେଦ ୪୧ ଅନୁସାରେ ନିଜର ଉତ୍ତରଦାୟିତ୍ୱକୁ ପୂରଣ କରିବା ପାଇଁ ଭାରତ ସରକାର ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ମାଧ୍ୟମରେ ବେରୋଜଗାର, ବାର୍ଦ୍ଧକ୍ୟ, ଦୁର୍ବଳ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଭତ୍ତା ଆକାରରେ ଅର୍ଥ ରାଶି ଯୋଗାଇ ଦେବାର ବ୍ୟବସ୍ଥା ୧୯୯୫ ଅଗଷ୍ଟ ୧୫ରୁ ଆରମ୍ଭ କରାଯାଇଛି। ଏଥିରେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ଜାତୀୟ ବିଧବା ଭତ୍ତା, ଜାତୀୟ ଭିନ୍ନକ୍ଷମ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା ଏବଂ ଅନ୍ନପୂର୍ଣ୍ଣା ଭଳି ଯୋଜନା ଅନ୍ତର୍ଭୁକ୍ତ। ସର୍ବୋଚ୍ଚ ସ୍ତରରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଗ୍ରାମୀଣ ସ୍ତରରେ ଗ୍ରାମପଞ୍ଚାୟତ ଦ୍ୱାରା ଏହା ରୂପାୟନ ହୋଇଥାଏ।

ଯେତେବେଳେ ନିଜର କୌଣସି ଆୟ ପନ୍ଥା ନ ଥାଏ କିମ୍ବା ନିଜର ସନ୍ତାନସନ୍ତତି ଯତ୍ନ ନିଅନ୍ତି ନାହିଁ, ନିଜର ଜ୍ଞାତି ପରିଜନ, ବନ୍ଧୁବାନ୍ଧବ, ଭାଇ ସହୋଦର ହାତ ଛାଡ଼ି ଦିଅନ୍ତି, ସେତେବେଳେ ସାହାରା ଭାବରେ ଏହି ଯୋଜନା ସେହି ଦୁଃସ୍ଥ ବ୍ୟକ୍ତିମାନଙ୍କୁ ସର୍ବନିମ୍ନ ସାମାଜିକ ସୁରକ୍ଷା ସହିତ ଭରସା ଯୋଗାଇଥାଏ। ବୟସାନୁସାରେ ୫୦୦ରୁ ୯୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ସରକାରଙ୍କ ତରଫରୁ ଦିଆଯାଏ। ଅନେକ ସମୟରେ ଏହା ହିଁ ସେମାନଙ୍କର ଶେଷ ଆଶା। ସେହି ଦିନକୁ ଆତୁର ଭାବରେ ସେମାନେ ଅପେକ୍ଷା କରିଥାଆନ୍ତି, ଯେଉଁଦିନ ସେମାନେ ତାଙ୍କର ଭତ୍ତା ଗଣ୍ଠାକ ପାଇବେ। ସେହିପରି କମ୍ ବୟସରେ ସ୍ୱାମୀ ଛାଡ଼ିଗଲା ପରେ ସ୍ତ୍ରୀଟି ପ୍ରାୟତଃ ବେସାହାରା ହେଇଯାଇଥାଏ। ଅନେକ ସମୟରେ ଛୋଟ ଛୋଟ ପିଲା ଛୁଆଙ୍କୁ ଧରି ବିଧବା ଜଣକ ଅନେକ ହଇରାଣ ହୋଇଥାଏ। ବେଳେବେଳେ ଶାଶୁଘର ଲୋକ ପଚାରନ୍ତି ନାହିଁ। ସେତିକିବେଳେ ସେମାନଙ୍କୁ ସାମାଜିକ ଭାବରେ ସୁରକ୍ଷା ପାଇଁ ସରକାର ବିଧବା ଭତ୍ତା ସାହାଯ୍ୟ କରିଥାଏ। ଭତ୍ତା ସ୍ୱଳ୍ପ ହେଲେ ମଧ୍ୟ ଅଭାବ ସମୟରେ ଏହା ବଡ଼ ମହୌଷଧି।

ଏତଦ୍ ଭିନ୍ନ ଦିବ୍ୟାଙ୍ଗମାନଙ୍କୁ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନାରେ ସରକାର ସାମାଜିକ ସୁରକ୍ଷା ଏବଂ ସହାୟତା ଯୋଗାଇ ଆସୁଛନ୍ତି। ଭତ୍ତା ବ୍ୟତିରେକେ ସାମାଜିକ ସୁରକ୍ଷା ଯୋଜନାରେ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ପରିବାରର ମୁଖ୍ୟ ଆୟକାରୀଙ୍କ ମୃତ୍ୟୁ ହେଲେ ଏକକାଳୀନ ସହାୟତା ରାଶି ଏବଂ ଅତିଶୟ ଗରିବ ପରିବାରକୁ ଅନ୍ନପୂର୍ଣ୍ଣା ଯୋଜନାରେ ବିନା ମୂଲ୍ୟରେ ୧୦ କେଜି ଚାଉଳ ଇତ୍ୟାଦି ଯୋଗାଇ ଦିଆଯାଉଛି। ଉପରୋକ୍ତ ଭତ୍ତା ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ତରଫରୁ ଦିଆଯାଉଥିବା ବେଳେ ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଭତ୍ତା ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାରୁ ବଞ୍ଚିତ ବ୍ୟକ୍ତିମାନଙ୍କ ପାଇଁ ରାଜ୍ୟ ସରକାର ନିଜସ୍ୱ ଯୋଜନା କରିଛନ୍ତି।

ଉପରୋକ୍ତ ଯୋଜନା ଭଲ, ଆଭିମୁଖ୍ୟ ମଧ୍ୟ ଭଲ ; କିନ୍ତୁ ଉପଯୁକ୍ତ କାର୍ଯ୍ୟକାରିତାର ଅଭାବ ରହିଛି। ପୂର୍ବରୁ ଭତ୍ତା ଯୋଜନାରେ ଅର୍ଥରାଶି ହାତକୁ ହାତ ଦେବାର ବ୍ୟବସ୍ଥା ଥିଲା। କିନ୍ତୁ ଦେଖାଗଲା ଯେ, ଅନେକ ହିତାଧିକାରୀଙ୍କ ପାଖକୁ ପଇସା ପହଞ୍ଚି ପାରିଲା ନାହିଁ। ଅନେକ ଲୋକ ମାସ ମାସ ଧରି ତାଙ୍କ ଭତ୍ତା ପାଇପାରିଲେ ନାହିଁ। ପଇସା ବାଟମାରଣାର ଅନେକ ଘଟଣା ସାମ୍ନାକୁ ଆସିଲା। ଏହାକୁ ରୋକିବା ପାଇଁ ସରକାର ସମସ୍ତଙ୍କୁ ତାଙ୍କର ନିଜସ୍ୱ ବ୍ୟାଙ୍କ ଖାତାକୁ ଭତ୍ତାଟଙ୍କା ପଠାଇବାର ବ୍ୟବସ୍ଥା କଲେ। ମାତ୍ର ଏଥିରେ ବି କେତେକ କ୍ଷେତ୍ରରେ ଅସୁବିଧା ଦେଖାଗଲା, ଯାହା ଫଳରେ ଅନେକ ହିତାଧିକାରୀ ହଇରାଣ ହେଲେ। ଅନେକ ସମୟରେ ହିତାଧିକାରୀଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଦିଆଯାଇ ଥିବାରୁ କେଉଁଥିରେ ପଇସା ଜମାହେଉଛି ଜଣାପଡୁ ନାହିଁ। ବ୍ୟାଙ୍କ ତରଫରୁ ସଠିକ୍ ତଥ୍ୟ ହିତାଧିକାରୀଙ୍କୁ ଦିଆଯାଉ ନାହିଁ। ବ୍ୟାଙ୍କ ପାସ୍ ବହି ପ୍ରିଣ୍ଟକରି ହିତାଧିକାରୀଙ୍କ ସନ୍ଦେହ ଦୂର କରିବା ପାଇଁ ବ୍ୟାଙ୍କଗୁଡ଼ିକର ଇଚ୍ଛା ନାହିଁ। ଅନେକ ଲୋକଙ୍କର ନିଜ ବାସସ୍ଥାନରୁ ଦୂରରେ ଥିବା ବ୍ୟାଙ୍କରେ ଜମାଖାତା ଥିବାରୁ ସେମାନେ ସେଠାକୁ ଯାଇ ଭତ୍ତା ଟଙ୍କା ଆଣି ପାରୁ ନାହାନ୍ତି। ଅନେକ ଲୋକଙ୍କୁ ଜମାଖାତା ବଦଳରେ ବ୍ୟାଙ୍କ ଛୋଟ ଛୋଟ କାର୍ଡ ଦେଇଛନ୍ତି, ଯା' ଫଳରେ ତାଙ୍କ ଜମାଖାତାରେ କେତେ ଟଙ୍କା ଜମା ହେଲା କେତେ ଉଠାଣ ହେଲା ସେମାନଙ୍କ ପାଖରେ ପ୍ରମାଣ ରହୁନାହିଁ। ଅନେକ ସମୟରେ ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ଠିକ୍ ଭାବରେ ନେଉ ନ ଥିବାରୁ ଅନେକ ମାସ ଧରି ଭତ୍ତା ପାଇ ପାରୁ ନାହାନ୍ତି।

ଅନେକ ସମୟରେ ଜନସେବା କେନ୍ଦ୍ରଗୁଡ଼ିକରେ ହିତାଧିକାରୀମାନଙ୍କୁ ଠିକ୍ ତଥ୍ୟ ପ୍ରଦାନ କରାଯାଉ ନାହିଁ। ଜନସେବା କେନ୍ଦ୍ରର କର୍ମଚାରୀମାନେ ହିତାଧିକାରୀମାନଙ୍କର ଫିଙ୍ଗର ପ୍ରିଣ୍ଟ ଛଳନା ପୂର୍ବକ ନେଇ ଭତ୍ତା ହଡ଼ପ କରି ନେଉଥିବାର ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି। ବହୁ ସମୟରେ ପଞ୍ଚାୟତ ଅଧିକାରୀମାନଙ୍କର ହିତାଧିକାରୀମାନଙ୍କ ପ୍ରତି ବ୍ୟବହାର ରୁକ୍ଷ ହେଉଥିବା ଦେଖାଯାଇଥାଏ। ପ୍ରତ୍ୟେକ ମାସର ୧୫ ତାରିଖ ଦିନ ସାର୍ବଜନୀନ ଭତ୍ତା ଦିବସ ଭାବରେ ସରକାର ଘୋଷଣା କରିଥିବା ସତ୍ତ୍ୱେ ବିଗତ ଅନେକ ମାସ ହେଲା ୧୫ ତାରିଖ ସୁଦ୍ଧା ହିତାଧିକରୀମାନଙ୍କୁ ଭତ୍ତା ଦିଆଯାଇପାରିଲା ନାହିଁ। ଅନେକ ସମୟରେ ଠିକ୍ ସମୟରେ ଟଙ୍କା ପଞ୍ଚାୟତରେ ପହଞ୍ଚି ପାରୁ ନାହିଁ। ଫଳରେ ହିତାଧିକାରୀମାନଙ୍କୁ ଖାଲି ହାତରେ ଫେରିବାକୁ ପଡ଼େ। ଅନେକ ବୁଢ଼ାବୁଢ଼ୀ, ଭିନ୍ନକ୍ଷମ ପଞ୍ଚାୟତ ଅଫିସକୁ ଆସିବାକୁ ଅକ୍ଷମ। କିଛି ଲୋକ ରୋଗଶଯ୍ୟାରେ ପଡ଼ିଥିବାରୁ ଭତ୍ତା ନେବାକୁ ଆସି ପାରନ୍ତି ନାହିଁ। ତେଣୁ ସେମାନଙ୍କୁ ତାଙ୍କ ଦୁଆରମୁହଁରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରିପାରିଲେ ନାହିଁ। ଆଜିବି ୭୦–୮୦ ବର୍ଷର ଅନେକ ଲୋକ ଭତ୍ତା ପାଇଁ ଅନେଇ ରହିଛନ୍ତି। ସେପଟେ ଲୋକଙ୍କ ବୟସ ହେଲେ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ, କିନ୍ତୁ ଏପଟେ କହୁଛନ୍ତି ଟାର୍ଗେଟ୍ ନାହିଁ। କେତେକ କର୍ମଚାରୀଙ୍କ ଅପାରଗତା ହେତୁ କେତେ ହିତାଧିକାରୀ ପ୍ରକୃତରେ ଭତ୍ତା ପାଇବା ପାଇଁ ଯୋଗ୍ୟ, ତା'ର ତଥ୍ୟ ସରକାରଙ୍କ ପାଖରେ ନାହିଁ।

କେତେକ ଛୋଟଛୋଟ ପଦକ୍ଷେପ ଦ୍ୱାରା ଏଭଳି ଅସୁବିଧାକୁ କେତେକାଂଶରେ କମ୍ କରାଯାଇପାରିବ। ଯେପରିକି ସମସ୍ତ ହିତାଧିକାରୀଙ୍କୁ ବାଧ୍ୟତାମୂଳକ ବ୍ୟାଙ୍କ ଜମାଖାତା ଦେବାର ବ୍ୟବସ୍ଥା। ନିର୍ଦ୍ଦିଷ୍ଟ ଦୂରତାରେ କିୟୋସ୍କ ବ୍ୟାଙ୍କ ସ୍ଥାପନ। କିୟୋସ୍କ ବ୍ୟାଙ୍କଗୁଡ଼ିକରେ ଜମା ବହି ଅପଡେଟ୍ ଏବଂ ମୁଦ୍ରଣର ବ୍ୟବସ୍ଥା। ନିର୍ଦ୍ଦିଷ୍ଟ ଦିନରେ ଭତ୍ତା ଦେବାର ବ୍ୟବସ୍ଥା ଏବଂ ଅନୁପସ୍ଥିତ ହିତଧିକାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା। ଅତିଶୟ ବୟସ୍କ ଏବଂ ଶଯ୍ୟାଶାୟୀ ହିତାଧିକାରୀଙ୍କୁ ଦୁଆର ମୁହଁରେ ପଞ୍ଚାୟତ ଏବଂ ବ୍ୟାଙ୍କ ତରଫରୁ ଭତ୍ତା ଦେବାର ବ୍ୟବସ୍ଥା। ଅତ୍ୟାବଶ୍ୟକ ସ୍ଥଳେ କିଛି ହିତାଧିକାରୀଙ୍କୁ ନଗଦ ଭତ୍ତା ଦେବାର ବ୍ୟବସ୍ଥା। ନିୟମିତ ବ୍ୟବଧାନରେ)ହିତାଧିକାରୀମାନେ ଭତ୍ତା ପାଉଛନ୍ତି କି ନାହିଁ ତାହାର ଯାଞ୍ଚ କଲେ ଉପରୋକ୍ତ ସମସ୍ୟାକୁ କେତେକାଂଶରେ ଦୂର କରାଯାଇପାରିବ।

ଶଗଡ଼ା, ବୌଦ୍ଧ
ମୋ: ୮୩୨୮୮୪୮୧୪୫

ବନାଗ୍ନିର କରୁଣ ଚିତ୍ର

ସୁବାସ କୁମାର ତାରଣିଆଁ

ମାନବ ସମାଜ ଓ ଜୀବଜଗତ ମଧ୍ୟରେ ସମନ୍ୱୟ ରହିଲେ ତାହା ପରିବେଶ ଉପରେ ଅନୁକୂଳ ପ୍ରଭାବ ପକାଇଥାଏ। ପ୍ରକୃତିକୁ ସୁରକ୍ଷିତ ରଖିଲେ ପ୍ରକୃତି ଆମକୁ ସୁରକ୍ଷା ଦେବ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। କିନ୍ତୁ ଏବେ ଏହି ସଂଜ୍ଞାରେ ପରିବର୍ତ୍ତନ ଘଟିଛି। ଜଙ୍ଗଲରୁ ମଙ୍ଗଳ ମିଳିବା ବଦଳରେ ଆମେ ଜଙ୍ଗଲର କ୍ଷତି ଘଟାଇ ଚାଲିଛେ। ଯାହାର ପ୍ରଭାବରେ ଏବେ ସାରା ଜଙ୍ଗଲ ବନାଗ୍ନିରେ ପରିଣତ ହୋଇଛି। ଫଳରେ ବହୁ ବିରଳ ଜୀବଜନ୍ତୁ ଓ ବୃକ୍ଷ ନିଜର ଅସ୍ତିତ୍ୱ ହରାଉଛନ୍ତି। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି। ଗ୍ଲୋବାଲ ୱାର୍ମିଂର ପ୍ରଭାବରୁ ଜୈବବିବିଧତା ବି ଧ୍ୱଂସାଭିମୁଖୀ। ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖାଦେଇଛି ଅନେକ ସମସ୍ୟା। ଦେଖାଦେଇଛି ଭୂତଳ ଜଳସ୍ତର ହ୍ରାସ। ପ୍ରତିଦିନ ଶହ ଶହ ବୃକ୍ଷ ପୋଡ଼ି ଛାରଖାର ହୋଇଯାଉଛି। ବନାଗ୍ନି ଭୟଙ୍କର ରୂପ ଧାରଣ କରିଛି, ଯାହାକୁ ରୋକିବା ଲାଗି ଏକ ଆହ୍ୱାନ ସୃଷ୍ଟି ହୋଇଛି। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବହୁ ପଶୁପକ୍ଷୀ, କୀଟପତଙ୍ଗ ଲୋପ ପାଉଥିବାବେଳେ ଅନେକ ହିଂସ୍ରଜନ୍ତୁ ବନାଗ୍ନିରୁ ରକ୍ଷା ପାଇବା ପାଇଁ ସହରମୁହାଁ ହେଉଛନ୍ତି। ଫଳରେ ମଣିଷ ଓ ପଶୁଙ୍କ ମଧ୍ୟରେ ଲଢ଼େଇ ହେଉଛି। ଏଥିପାଇଁ ମନୁଷ୍ୟକୃତ ବନାଗ୍ନି ହିଁ ଦାୟୀ।

ବନାଗ୍ନି କେବଳ ଓଡ଼ିଶାରେ ହେଉନାହିଁ ବରଂ ଦେଶ ତଥା ଦେଶ ବାହାରେ ମଧ୍ୟ ଭୟଙ୍କର ବନାଗ୍ନି ଘଟିଚାଲିଛି। ୨୦୧୯ ମସିହା ଶେଷଭାଗରେ ଅଷ୍ଟ୍ରେଲିଆର ୩.୩୮ ଲକ୍ଷ ବର୍ଗ କି.ମି. ଜଙ୍ଗଲରେ ଭୟଙ୍କର ବନାଗ୍ନି ଘଟିଥିଲା, ଯେଉଁଥିରେ ସମୁଦାୟ ଜଙ୍ଗଲର ୨୦ ପ୍ରତିଶତ ନଷ୍ଟ ହୋଇଥିଲା ଓ ୪୩ ଜଣଙ୍କ ମୃତ୍ୟୁ ଘଟିବା ସହ ତିନିଶହରୁ ଊର୍ଦ୍ଧ୍ୱ ଘର ପୋଡ଼ିଥିଲା। ଏଥିରେ ହଜାର ହଜାର ଲୋକ ବାସସ୍ଥାନ ହୋଇଥିଲେ ଏବଂ କୋଟି କୋଟି ଜୀବଜନ୍ତୁ ଅସ୍ତିତ୍ୱ ହରାଇଥିଲେ। ସେହିପରି ଓଡ଼ିଶାରେ ଗତ ପାଞ୍ଚ ବର୍ଷ ମଧ୍ୟରେ ନିଆଁ ଲାଗି ପ୍ରାୟ ୬୦ ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ଏହା ବନ ବିଭାଗ ପାଇଁ ଏକ ଚିନ୍ତାର କାରଣ ହୋଇଥିବା ବେଳେ ଏଥିରୁ ଅଧିକାଂଶ ବନାଗ୍

ରାଜଧାନୀରୁ ୧.୩୦ କେଜି ଗଞ୍ଜେଇ ଜବତ: ୨ ଗିରଫ

ଜବତ ଗାଡ଼ି ଓ ଗଞ୍ଜେଇ ସହ ଗିରଫ ୨ ଚୋରା ଚାଲାଣକାରୀ ।

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରୁ ସୋମବାର ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ଏଥିସହ ୨ ଚୋରା ଚାଲାଣକାରୀଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ରାୟଗଡ଼ା ଜିଲାର ବିନାୟକ ରାଉତ (୨୮) ଓ ନୟାଗଡ଼ର ସୃଜନ ବେହେରା (୨୭)। ଏମାନଙ୍କଠାରୁ ୧ କୁଇଣ୍ଟାଲ ୩୦ କେଜି ୬୮୫ ଗ୍ରାମ ଗଞ୍ଜେଇ ଓ ବ୍ୟବହୃତ କାର୍ (ନଂ. ଓଡି ୦୨ କ୍ୟୁ ୦୩୬୩)କୁ ପୋଲିସ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ। ଏନେଇ ନୟାପଲ୍ଲୀ ଥାନାରେ ଏକ ମାମଲା (ନଂ. ୨୦୨/୨୩) ରୁଜୁ ସହ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଗିରଫ ଅଭିଯୁକ୍ତ ଦ୍ୱୟ କେତେଦିନ ହେଲା ଏହି କାରବାରରେ ଜଡ଼ିତ, କେଉଁଠାରୁ ଗଞ୍ଜେଇ ଆଣୁଥିଲେ, କାହା ନିକଟକୁ ଚାଲାଣ କରୁଥିଲେ ଏବଂ ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ସେ ନେଇ ତଦନ୍ତ ଜାରି ରହିଛି। ଏ ନେଇ ତଥ୍ୟ ମିଳିବା ପରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

କାର୍‌ରେ ଫୁଲବାଣୀରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିଲା

ସୂଚନାନୁଯାୟୀ, ବିନାୟକ ଓ ସୃଜନ ଫୁଲବାଣୀରୁ ଗଞ୍ଜେଇ ସଂଗ୍ରହ କରି ଏକ ଧଳା ଇନୋଭା କାର୍ ଯୋଗେ ଭୁବନେଶ୍ୱର ଭାୟା ଦେଇ ପଶ୍ଚିମବଙ୍ଗ ଯାଉଥିଲେ। ଏ ନେଇ ନୟାପଲ୍ଲୀ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇବା ପରେ ଉକ୍ତ କାରକୁ ଧରିବା ଲାଗି ଏକ ଟିମ୍ ଗଠନ କରି ଜାଲ ବିଛାଇଥିଲା। ସିଆର୍‌ପିଏଫ୍ ଛକ ନିକଟରେ ପୋଲିସ ଉକ୍ତ କାରକୁ ଅଟକାଇ ଯାଞ୍ଚ କରିବାରୁ ୮ଟି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା। ଫଳରେ ପୋଲିସ କାର୍ ଓ ଗଞ୍ଜେଇକୁ ଜବତ କରିବା ସହ ଚୋରା ଚାଲାଣକାରୀ ଦ୍ୱୟଙ୍କୁ ଗିରଫ କରିଥିଲା। ସେହିପରି ଗତ ୧୭ ତାରିଖରେ ୨ଜଣ ନିଶାବେପାରୀ ୧ କୁଇଣ୍ଟାଲ ୪୦ କେଜି ଗଞ୍ଜେଇକୁ ଏକ କୁଣ୍ଡା ଓ ନଡ଼ିଆକତା ଭର୍ତ୍ତି ଆଇଚର ଗାଡ଼ିରେ ଗଞ୍ଜାମରୁ ପୁରୀକୁ ଚୋରା ଚାଲାଣ କରୁଥିବାବେଳେ ମଞ୍ଚେଶ୍ୱର ଥାନା ପୋଲିସ ହାତରେ ଧରାପଡ଼ିଥିଲେ। ନିଶା ବେପାରୀମାନେ ଭୁବନେଶ୍ୱର ଦେଇ ଗଞ୍ଜେଇ ଚୋରାଚାଲାଣ କରୁଥିବା ଏଥିରୁ ସ୍ପଷ୍ଟ ହେଉଛି।

ଧରିତ୍ରୀ ସହସମ୍ପାଦିକାଙ୍କ ମାତୃ ବିୟୋଗ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ପୁଷ୍ପଲତା ସେଠୀ

ଧରିତ୍ରୀ ସହସମ୍ପାଦିକା ଜ୍ୟୋତିର୍ମୟୀ ସେଠୀଙ୍କ ମା' ପୁଷ୍ପଲତା ସେଠୀଙ୍କର ସୋମବାର କଟକ ଜିଲା ଆଠଗଡ଼ର ହାଉସିଂବୋର୍ଡସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ତଳେ ଗାଧୁଆ ଘରକୁ ଯାଉଥିବା ବେଳେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ନିକଟରେ ସେ ଘରକୁ ଫେରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ମାଗୁଣି ସେଠୀ, ଝିଅ ଜ୍ୟୋତିର୍ମୟୀ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

'ରାଜ୍ୟରେ ହାଇୱେ ପାଟ୍ରୋଲିଂର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ'

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ସଡ଼କ ଦୁର୍ଘଟଣା ଏବଂ ଏଥିଜନିତ ମୃତ୍ୟୁକୁ ହ୍ରାସ କରିବା ଲାଗି ରାଜ୍ୟ ପୋଲିସକୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ତେବେ ହାଇୱେ ପାଟ୍ରୋଲିଂ ଟିମ୍‌ଗୁଡ଼ିକର ପ୍ରଦର୍ଶନ ରାଜ୍ୟରେ ସନ୍ତୋଷଜନକ ନୁହେଁ ବୋଲି ବାଣିଜ୍ୟ ଓ ପରିବହନ ସଚିବ ସୋମବାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି କହିଛନ୍ତି।

ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ହାଇୱେ ପାଟ୍ରୋଲିଂ ଗାଡ଼ି ରାଜ୍ୟର ମୁଖ୍ୟତଃ ୫ଟି ମୁଖ୍ୟ ଦୁର୍ଘଟଣାପ୍ରବଣ ରାସ୍ତାରେ ଚଳପ୍ରଚଳ କରୁଛି। ଏହି ୫ ମୁଖ୍ୟ ବିପଦପୂର୍ଣ୍ଣ ରାସ୍ତା ଭିତରେ ପୁଣି ରାଜ୍ୟରେ ମୋଟ ୩୬ଟି ଛୋଟ ଛୋଟ ଦୁର୍ଘଟଣାପ୍ରବଣ ରାସ୍ତା ଚିହ୍ନଟ କରାଯାଇଛି। ଏହିସବୁ ରାସ୍ତାରେ ସଡ଼କ ଦୁର୍ଘଟଣା ଏବଂ ଏଥିଜନିତ ମୃତ୍ୟୁକୁ ହ୍ରାସ କରିବା ଲାଗି ସଡ଼କ ସୁରକ୍ଷା ସମ୍ପର୍କିତ ସୁପ୍ରିମକୋର୍ଟ କମିଟିର ନିର୍ଦ୍ଦେଶକ୍ରମେ ରାଜ୍ୟ ପୋଲିସ ବିଭାଗକୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ୨୦୨୨ ଡିସେମ୍ବର ୨୭ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ବୈଠକରେ କଟକ-ଭୁବନେଶ୍ୱର ପୋଲିସ କମିଶନର ଯୋଗଦେଇ ମଙ୍ଗୁଳିଠାରୁ ମଳିପଡ଼ା ପର୍ଯ୍ୟନ୍ତ ଥିବା ଦୁର୍ଘଟଣାପ୍ରବଣ ରାସ୍ତାରେ ହାଇୱେ ପାଟ୍ରୋଲିଂ ଲାଗି ଗାଡ଼ି ଯୋଗାଇଦେବାକୁ ଅନୁରୋଧ କରିଥିଲେ। ସେହିପରି ଭୁବନେଶ୍ୱର ଡିସିପି ଏହି ବୈଠକରେ ନଖରାଠାରୁ ଜୟଦେବ ବିହାର, ଜୟଦେବ ବିହାରଠାରୁ ପିତାପଲି ଏବଂ ହାଇଟେକ ଛକଠାରୁ ଉତ୍ତରା ଛକ ଏହି ୩ ରାସ୍ତା ଲାଗି ୩ଟି ହାଇୱେ ପାଟ୍ରୋଲିଂ ଗାଡ଼ି ଯୋଗାଇଦେବାକୁ ଅନୁରୋଧ କରିଥିଲେ।

ବିଶେଷକରି ଏନ୍‌ଏଚ୍-୧୬ ଅନ୍ତର୍ଗତ ଖୋର୍ଦ୍ଧାଠାରୁ ଚଣ୍ଡିଖୋଲ ରାସ୍ତା ବହୁତ ଦୁର୍ଘଟଣାପ୍ରବଣ। ଏନ୍‌ଏଚ୍‌ରେ ଘଟୁଥିବା ସଡକ ଦୁର୍ଘଟଣା ଜନିତ ମୃତ୍ୟୁର ୧୨ ପ୍ରତିଶତ କେବଳ ଏହି ରାସ୍ତାରେ ଘଟୁଛି। ତେଣୁ ଏହି ରାସ୍ତା ଭିତରେ ୩ଟି ପାଟ୍ରୋଲିଂ ଗାଡ଼ି ମୁତୟନ କରିବା ଲାଗି ପୋଲିସ ବିଭାଗକୁ ଅର୍ଥ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଡିସିପି ଦେଇଥିବା ପ୍ରସ୍ତାବ ବହୁ କମ୍ ଅଞ୍ଚଳ ଭିତରେ ରହୁଛି। ତେଣୁ କଟକ ଏବଂ ଭୁବନେଶ୍ୱର ମିଶାଇ ଆଉ ଏକ ଯୋଜନା କରିବା ପରେ ସେହି ଅନୁଯାୟୀ ପାଟ୍ରୋଲିଂ ଗାଡି ଯୋଗାଇ ଦିଆଯିବ। ଏସ୍‌ପି, ସିଆଇଡି, ସିବି ରିପୋର୍ଟ ମୁତାବକ ଗତ ମାର୍ଚ୍ଚରେ ହାଇୱେ ପାଟ୍ରୋଲିଂ ଗାଡି ମୋଟ ୬୯୨୩ଟି ଟ୍ରାଫିକ ନିୟମ ଉଲ୍ଲଂଘନ ଘଟଣା ଧରିଛନ୍ତି। ପାଟ୍ରୋଲିଂ ଟିମ୍ ପ୍ରତ୍ୟେକ ଦିନ ଆନୁମାନିକ ୬.୪ ପ୍ରତିଶତ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଧରୁଛନ୍ତି। ଏହା ସନ୍ତୋଷଜନକ ନୁହେଁ। ସେଥିରୁ ପୁଣି ୬ଟି ପାଟ୍ରୋଲିଂ ଟିମ୍ ମାସକ ଭିତରେ ଗୋଟିଏ ହେଲେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଧରିନାହାନ୍ତି। ୩ଟି ଟିମ୍ ମାସକ ଭିତରେ ଗୋଟିଏ ସଂଖ୍ୟା ବିଶିଷ୍ଟ ଉଲ୍ଲଂଘନକାରୀଙ୍କୁ ଏସ୍‌ପି ଏବଂ କଟକ-ଭୁବନେଶ୍ୱର ଡିସିପିମାନେ ବ୍ୟକ୍ତିଗତ ଭାବେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ କହିଛନ୍ତି।

ପୋଲିସ ମହାନିର୍ଦ୍ଦେଶକଙ୍କୁ ପରିବହନ ସଚିବଙ୍କ ଚିଠି

ପାଟ୍ରୋଲିଂ କ୍ଷମତା ବୃଦ୍ଧି ଲାଗି ପୋଲିସ ବିଭାଗକୁ ମିଳିଲା ୧୦ କୋଟି

ଯୁକ୍ତ ଦୁଇ କଲେଜ ପାଇଁ ୧୩,୪୬୮ ସିଟ ବଢ଼ିଲା

ଭୁବନେଶ୍ୱର,୨୨।୫(ବ୍ୟୁରୋ)

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ ୧୦୬ଟି ହାଇସ୍କୁଲକୁ ଅପ୍‌ଗ୍ରେଡ୍ କରାଯାଇ ହାୟର ସେକେଣ୍ଡାରି ସ୍କୁଲରେ ପରିଣତ କରାଯିବ। ୧୦୦ଟି ହାଇସ୍କୁଲରେ ଏକାଦଶ ଶ୍ରେଣୀରେ କଳା ଓ ୬ ହାଇସ୍କୁଲରେ ଏକାଦଶ ଶ୍ରେଣୀରେ ବିଜ୍ଞାନ ବିଷୟରେ ପାଠ ପଢ଼ାଯିବ। ଏଥିପାଇଁ ସମ୍ପୃକ୍ତ ସ୍କୁଲଗୁଡ଼ିକର ଉନ୍ନତୀକରଣ କରାଯାଇଛି। ଏହି ସ୍କୁଲଗୁଡ଼ିକରେ ଏକାଦଶ ଶ୍ରେଣୀରେ ୨ଟି ଲେଖାଏ ସେକ୍ସନ ଖୋଲିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ସେକ୍ସନରେ ୬୪ଜଣ ଲେଖାଏ ପିଲା(ମୋଟ ୧୨୮ ସିଟ) ନାମ ଲେଖାଇପାରିବେ। ଏହାଦ୍ୱାରା ରାଜ୍ୟର ୧୦୬ଟି ସରକାରୀ ହାଇସ୍କୁଲରେ ମୋଟ ୧୩,୪୬୮ ସିଟ ନାମଲେଖା ପାଇଁ ବୃଦ୍ଧି ପାଇବ। ସମ୍ପୃକ୍ତ ହାଇସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକମାନେ ଏବେ ଭାରପ୍ରାପ୍ତ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ରାଜ୍ୟସ୍ତରରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ସ୍କୁଲଗୁଡ଼ିକରେ ଶିକ୍ଷାଦାନ ନିମନ୍ତେ ଅତିଥି ଶିକ୍ଷକ(ଗେଷ୍ଟ ଫାକଲ୍‌ଟି)ଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତ ଶିକ୍ଷାବର୍ଷରେ ରାଜ୍ୟରେ ମାଟ୍ରିକ୍ ପରୀକ୍ଷାରେ ରେକର୍ଡ ସଂଖ୍ୟକ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ୯୬.୪ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଏତେସଂଖ୍ୟକ ପିଲା ପାସ୍ କରିଥିବାରୁ ରାଜ୍ୟରେ ଯୁକ୍ତ ଦୁଇ ଶ୍ରେଣୀରେ ସିଟ ଅଭାବ ଦେଖାଦେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ସୂଚନା ଅନୁସାରେ, ଚଳିତ ଶିକ୍ଷାବର୍ଷରେ ମୋଟ ୫.୧୯ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ଓ ସେମାନଙ୍କ ମଧ୍ୟରୁ ୯୬.୪ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସିଟ ସଂଖ୍ୟା ବୃଦ୍ଧି କରିଛନ୍ତି।

ଅପ୍‌ଗ୍ରେଡ୍ ହେବ ୧୦୬ ହାଇସ୍କୁଲ

ମେ' ୨୯ରୁ ଯୁକ୍ତ ଦୁଇ ନାମଲେଖା ପ୍ରକ୍ରିୟା

ଭୁବନେଶ୍ୱର, ୨୨।୫ (ବ୍ୟୁରୋ)

ମେ' ୨୯ ତାରିଖରୁ ଯୁକ୍ତ ଦୁଇ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ନାମଲେଖା ପାଇଁ ସାମ୍ବ ପୋର୍ଟାଲ ଖୋଲାଯିବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାଫଳରେ ପାସହାର ହାର ୯୬.୪% ରହିଛି। ଦଶମ ଶ୍ରେଣୀରେ ରେଗୁଲାର ଓ ଏକ୍ସ-ରେଗୁଲାର ପିଲାଙ୍କୁ ମିଶାଇ ମୋଟ ୫,୦୮,୪୦୪ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜ୍ୟରେ ୨୦୬୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିୟର ମହାବିଦ୍ୟାଳୟ ଥିବାବେଳେ ଯୁକ୍ତଦୁଇ ଶ୍ରେଣୀରେ ମୋଟ ୫,୦୯,୦୦୦ ସିଟ ରହିଛି। ସେଥିରୁ କଳାରେ ୨,୭୭,୩୮୮, ବିଜ୍ଞାନରେ ୧, ୬୩,୩୦୪, ବାଣିଜ୍ୟରେ ୪୫,୩୩୩ ଏବଂ ସଂସ୍କୃତରେ ୧୩,୩୩୨ଟି ଆସନ ରହିଛି।

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.MSM-IOH-SBP-10-23

କାର୍ଯ୍ୟର ନାମ : 16 (ଶୋହକ) ମାସ ସମୟାବଧି ନିମନ୍ତେ କୋଚିଙ୍ଗ ଡିପୋ, ସମ୍ବଲପୁର ଠାରେ କୋଚ୍‌ଗୁଡ଼ିକର ସିକ୍ (Sick) ରକ୍ଷଣାବେକ୍ଷଣ ଏବଂ IOH ର ନନ୍-କୋର କାର୍ଯ୍ୟକଳାପ ଜନିତ ବହିଃସ୍ରୋତ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 59,13,295.10, EMD(ଟଙ୍କାରେ):1,18,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, କାର୍ଯ୍ୟଶେଷ ହେବା ଅବଧି : 16 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2023 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛେ ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର

PR-191/O/23-24

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ

OFFICE OF THE DIVISIONAL FOREST OFFICER, DHENKANAL FOREST DIVISION

Tele Fax No-06762226717
e-mail ld-dfo.dhenkanal@odisha.gov.in
Notification No.03/2023-24/4F/Accts/2023/Dt.22.05.2023

SHORT TENDER CALL NOTICE

No.MM-32: Divisional Forest Officer, Dhenkanal Division, Dhenkanal on behalf of Governor of Odisha invites sealed tender from reputed firms / transport contractor / individual having GST & PAN Registration No. for transportation of 4,87,960 Nos. Forest Species Polythene bag Seedlings from different Nursery sites to plantation sites during 2023-24 plantation season under 06 Ranges of Dhenkanal Forest Division. The tender papers with details of terms and conditions can be available in the Division Office, Dhenkanal on payment of Rs. 100/- (One hundred) only in shape cash in person during office hours from 24.05.2023 to 01.06.2023. The Tender documents will be received though person/Post till 1.00 P.M. of 01.06.2023 and the date of opening of the tender is fixed to 02.06.2023 at 10.00 AM in the Office.

Sd./- Divisional Forest Officer
Dhenkanal Division
OIPR-08037/11/0003/2324

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-658:

OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

IDCO/H.O./P&C/EST/E-2036/01/2022 15781 Dated:20.05.2023

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work: Construction of Utility corridor (60m width over a length of 3 km) between Gopalpur port and TATA Steel SEZ at Gopalpur, Ganjam District, Odisha on EPC (Engineering, Procurement and Construction) mode.
2.Estimated Cost: Rs.140.00 Cr. (Approx.)
3.Period of Completion: 18 (Eighteen) Calendar Months
4.Other details:

Procurement Officer	Bid ID/Tender reference No.	Availability of Tender Online for Bidding	
		From	To
1	2	3	4
Chief General Manager (P&C), IDCO,IDCO Towers, Bhubaneswar	Bid ID/Tender Reference No. P&C/ EST/E-25/ 2023-24	26.05.2023 at 17.00 Hrs.	25.06.2023 upto 17.00 Hrs.

Further details can be seen from the e-procurement portal www.tendersodisha.gov.in. and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0047/2324

ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
ଭୁବନେଶ୍ୱର-୭୫୧୦୦୭

ନାମଲେଖା ବିଜ୍ଞାପନ

No.PP-11:ବୟନ ବୈଷୟିକ ଅନୁଷ୍ଠାନ (Institute of Textile Technology), ଚୌଦ୍ୱାର, କଟକରେ ବୟନ ବୈଷୟିକ ଡିପ୍ଲୋମା (Diploma) ପାଠ୍ୟକ୍ରମ ୨୦୨୩-୨୪ ଶିକ୍ଷାବର୍ଷରେ ନାମଲେଖା ପାଇଁ ୫ (ପାଞ୍ଚ) ଜଣ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ମାଧ୍ୟମିକ ଶିକ୍ଷା ବୋର୍ଡ (BSE), ଓଡ଼ିଶା ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ (HSC) ପରୀକ୍ଷା କିମ୍ବା ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା ଦ୍ୱାରା ସମାନ ଘୋଷିତ ଦଶମ ମାନକ ପରୀକ୍ଷା (10th Standard)ରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ବୟସ ତା.୦୧.୦୭.୨୦୨୩ ରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇନଥିବ ।

ଉପରୋକ୍ତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିପାରିବେ । ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଆବେଦନ ପତ୍ରକୁ ମୁଦା ଲଫାପା ଉପରେ "Application For Admission in ITT, Choudwar-2023-24" ଲେଖା ଥାଇ ତା. ୨୩.୦୬.୨୦୨୩ ରିଖ ସୁଦ୍ଧା ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭ରେ ପହଞ୍ଚିବା ଆବଶ୍ୟକ । ଆବେଦନ ଫର୍ମ https://www.textiles.odisha.gov.in. ରେ ଉପଲବ୍ଧ । ଅସମ୍ପୂର୍ଣ୍ଣ ଦରଖାସ୍ତ କୌଣସିମତେ ବିଚାରକୁ ନିଆଯିବ ନାହିଁ ।

ସ୍ୱା./-ସ୍ୱତନ୍ତ୍ର ଅଧିକାରୀ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-31003/11/0005/2324

See Career Appointment on every Wednesday & Saturday

TPWODL

TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

Tender Notice No. TPWODL/AB/O/SU/ 011 Date : 22.05.2023

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

PO for Supply of insulated Conductor 148 Sq mm AAAC

Interested bidders to submit Tender Participation Fee and Authorization Letter through email on or before **30th May 2023, 15:00Hrs**, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- Chief-Contracts and Stores

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KEONJHAR
Bid Identification No.PMGSY Online NCB No.370
Tel.06766-258301(O), Email ID:se_nerwkjr@rediffmail.com

No.O-157: **No.1744/ Date:20.05.23**

1.Name of the Work : Construction of Road Work under PMGSY Programme.
2.Total No. of Package :- 01 No. individual work.
3.Estimated Cost of individual package : Rs.29.75 lakh (Approximately).
4.Period of Completion: 03 (Three) Calendar Months.
5.Other details:

Procurement Officer	Bid Identification No.	No. of Work	Availability of tender online for bidding	
			From	To
1	2	3	4	5
Chief Construction Engineer, Rural Works Circle, Keonjhar	PMGSY Online NCB No.370	01 No.	26.05.2023 at 11.00 A.M.	07.06.2023 upto 5.00 P.M.

Further details can be seen from the website: www.pmgsytenders.gov.in.

OIPR-25177/11/0004/2324 **Sd./- Chief Construction Engineer, R.W.Circle, Keonjhar**

ପଞ୍ଚାୟତ ସମିତି, ମାଲକାନଗିରି
PANCHAYAT SAMITI, MALKANGIRI
Dist-Malkangiri, PIN-764048, Ph.No.06861-231219, Fax:06861-231219, E-mail:ori-bmalkangiri@nic.in.
Letter No.2018 **Date:20.05.2023**

CORRIGENDUM

No.i-134: In Continuation of Tender Call Notice No.01/23-24 published vide this office letter No.1954, dated 15.05.2023 the following modifications have been made as under .

Sl. No.	Now Rectified	Earlier
1	The work names of Sl. No.1 and 2 are changed as 1. Development of Smart Class Room with Sanitary provisions at Ekalabya Model Residential School. 2. Development of Smart Class Room with Sanitary provisions at Junior Science College, Malkangiri	The Work names of Sl.No. 1 and 2 were1 1. Construction of ACR Building at Ekalabya Model Residential School. 2. Constructions of ACR Building & Toilet at Junior Science College, Malkangiri.
2	Only "C" & "B" Class Bidder can apply for the following work 1. Development of Smart Class Room with Sanitary provisions at Ekalabya Model Residential School.	"D" & "C" Class mentioned in the Tender Call Notice No. 01/2023-24 for the said work.
3

ଯୌତୁକ ପାଇଁ ସ୍ତ୍ରୀଙ୍କୁ ମାଡ଼, ସ୍ୱାମୀ ଗିରଫ

ଭୁବନେଶ୍ୱର, (ବ୍ୟୁରୋ): ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରିବା ଅଭିଯୋଗରେ ସମ୍ପୃକ୍ତ ସ୍ୱାମୀଙ୍କୁ ଇନଫୋସିଟି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ସେକ ମୌସୁମ। ସୂଚନାନୁସାରେ, ପୀଡ଼ିତା ଜଣକ ଅଭିଯୁକ୍ତଙ୍କୁ ୨୦୧୮ରେ ମୁସଲିମ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ଉଭୟଙ୍କର ୨ଟି ସନ୍ତାନ ମଧ୍ୟ ଅଛନ୍ତି। ହେଲେ ବିବାହର କିଛି ମାସ ପରେ ମୌସମ ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ଦାବି କରି ନିୟମିତ ମାଡ଼ ମାରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ରବିବାର ପୁନର୍ବାର ଅଭିଯୁକ୍ତ ପୀଡ଼ିତାଙ୍କୁ ପ୍ରବଳ ମାଡ଼ ମାରିଥିଲେ।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭେଟେରାନ କମ୍ୟୁନିଷ୍ଟ ଲିଡର ଶିବାଜୀ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ, ସୂଚନା ଭବନ, ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ୫ମ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ନାଟକ 'ଏ ବୋରିଂ ଷ୍ଟୋରି', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

ସଂକ୍ଷେପରେ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖିଲେ ୫-ଟି ସଚିବ

ପୁରୀ ଅଫିସ,୨୨।୫ - ୫-ଟି ସଚିବ ଭି.କେ ପାଣ୍ଡିଆନ ସୋମବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସକାଳ ସମୟରେ ୫-ଟି ପାଣ୍ଡିଆନ ପୁରୀ ଆସି ଶ୍ରୀମନ୍ଦିର ପରିସରକୁ ଯାଇ ରତ୍ନସିଂହାସନ ରଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ମା' ବିମଳା, ମା' ମହାଲକ୍ଷ୍ମୀ, ବଟ ଗଣେଶଙ୍କ ସହ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିଥିଲେ। ପରେ କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ଶ୍ରୀମନ୍ଦିର ପରିସରରୁ ପ୍ରସ୍ଥାନ କରିଥିଲେ। ପରେ ଶ୍ରୀମନ୍ଦିର ସମ୍ମୁଖରେ ଚାଲୁଥିବା ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ତେବେ ରଥଯାତ୍ରାକୁ ଆଉ ଖୁବ୍ କମ୍ ଦିନ ଥିବାରୁ ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କିଭଳି ଶୀଘ୍ର ଶେଷ ହେବ ସେନେଇ ଅନୁଧ୍ୟାନ କରିଥିଲେ। ପଶ୍ଚିମ ଓ ଉତ୍ତରଦ୍ୱାରରେ ଜାରି ରହିଥିବା ପରିକ୍ରମା ପ୍ରକଳ୍ପର ଆଉଟର ରୋଡ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହିତ ଉତ୍ତର ଦ୍ୱାର ନିକଟରେ ଚାଲିଥିବା ବିଭିନ୍ନ ଜୋନର ରାସ୍ତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ୫-ଟି ସଚିବ ଭୁବନେଶ୍ୱର ଫେରିଯାଇଥିଲେ।

ଆଜି ନିକଟତର ହେବେ ଶୁକ୍ର ଓ ଚନ୍ଦ୍ର ଖାଲି ଆଖିରେ ଦେଖିହେବ

ଭୁବନେଶ୍ୱର,୨୨।୫(ବ୍ୟୁରୋ)-ମଙ୍ଗଳବାର ସନ୍ଧ୍ୟାରେ ଉଜ୍ଜ୍ୱଳ ଶୁକ୍ରର ଖୁବ୍ ନିକଟରେ ଚନ୍ଦ୍ର ଦେଖାଯିବ। ସେମାନଙ୍କ ଭିତରେ କୌଣିକ ଦୂରତା ପ୍ରାୟ ୨ ଡିଗ୍ରୀ ରହିବ। ଏହା ପରଦିନ ଅର୍ଥାତ୍ ୨୪ ତାରିଖରେ ସେମାନଙ୍କ ଭିତରେ କୌଣିକ ଦୂରତା ବଢ଼ିଯାଇ ପ୍ରାୟ ୧୫ଡିଗ୍ରୀ ହେବ। ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସବୁଦିନ ସନ୍ଧ୍ୟାରେ ପ୍ରାୟ ୨ଘଣ୍ଟା ଧରି ଆମେ ଉଜ୍ଜ୍ୱଳ ଶୁକ୍ର ଗ୍ରହକୁ ପଶ୍ଚିମ ଆକାଶରେ ଖାଲି ଆଖିରେ ଦେଖିପାରିବା। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳର ଆକାଶ ମେଘମୁକ୍ତ ଥିଲେ ଏହି ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟକୁ ଖାଲି ଆଖିରେ ଦେଖିହେବ। ମେ' ୨୩ ଅର୍ଥାତ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୯ଟା ୧୫ ପର୍ଯ୍ୟନ୍ତ ଏହା ଦେଖିହେବ। ଏହି ଦୃଶ୍ୟ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିବା ପାଇଁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ସନ୍ଧ୍ୟା ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ ଦର୍ଶକମାନେ ପ୍ଲାନେଟାରିୟମରେ ଏହି ଦୃଶ୍ୟ ଦେଖିପାରିବେ। ତେବେ ଆକାଶ ମେଘୁଆ ରହିଲେ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯିବ ବୋଲି ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଧରାପଡ଼ିଲା ଝୁପି ବାୱରିୟା ଗ୍ୟାଙ୍ଗ: ୪ ଗିରଫ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଲୁଟ୍‌ପାଟ କରି ଆତଙ୍କ ଖେଳାଉଥିବା ଉତ୍ତରପ୍ରଦେଶର ବାୱରିୟା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବାରେ ସଫଳ ହୋଇଛି। ସ୍ପେଶାଲ ସ୍କ୍ୱାଡ୍ ଓ ପୋଲିସର ମିଳିତ ଉଦ୍ୟମରେ ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ସୋମବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ସାମ୍‌ଲି ଜିଲା ଝିଂଝାଣା ଥାନା ଅଞ୍ଚଳର ପ୍ରଦୀପ କୁମାର (୩୮), ବିକାଶ (୨୮), ରବି କୁମାର (୩୫), ବାବୁ ରାମ୍ (୩୭)। ସେମାନଙ୍କଠାରୁ ୧୬ଟି ସୁନାଚେନ୍, ୨ଟି ବାଇକ, ୨ଟି ମୋବାଇଲ, ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ବଡ଼ଗଡ଼ ଥାନା ମାମଲାରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇପାରେ ବୋଲି ସୂଚନା ମିଳିଛି। ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ଦରକାର ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ସୋମବାର ଡିସିପି ପ୍ରତୀକ ସିଂ କହିଛନ୍ତି।

ଗିରଫ ୪ ଅଭିଯୁକ୍ତ।

- ୧୬ ସୁନାଚେନ୍, ବାଇକ୍, ମୋବାଇଲ ଜବତ
- ଅନ୍ୟ ସଦସ୍ୟଙ୍କୁ ଖୋଜୁଛି ପୋଲିସ

ପୁରୀ ରେଲ ଷ୍ଟେଶନ ନିକଟରେ ଧରାପଡ଼ିଲେ

ବଡ଼ଗଡ଼ ଥାନା ଅଞ୍ଚଳରେ ଅଭିଯୁକ୍ତମାନେ ଗତ ୧୯ ତାରିଖରେ ୩ଟି ଲୁଟ୍ କରିଥିଲେ। ଏହାପରେ ଏମାନଙ୍କୁ ଧରିବାକୁ ଭୁବନେଶ୍ୱର ଝୁପିଡି ପୋଲିସ ଜାଲ ବିଛାଇଥିଲା। ପୋଲିସ ଟିମ୍ ଏମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ସାଧାରଣତଃ ପୁରୀ ଆଡୁ ଲୁଟ୍‌ପାଟ କରି ଏମାନେ ଫେରିଥାନ୍ତି ବୋଲି ପୋଲିସ ତଥ୍ୟ ପାଇଥିଲା। ତେବେ ପୋଲିସ ଟିମ୍ ଟ୍ରାକ୍ କରି ପୁରୀ ରେଳଷ୍ଟେଶନ ନିକଟରେ ଅଭିଯୁକ୍ତମାନେ ଏକ ଲଜ୍‌ରେ ଥିବା ଜାଣିବାକୁ ପାଇଥିଲା। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲା।

ଖସିଯିବାକୁ ଦେହରେ ତେଲ ବୋଳନ୍ତି

ବାୱରିୟାମାନେ ପୋଲିସଠୁ ବର୍ତ୍ତିବା ପାଇଁ ବିଭିନ୍ନ କୌଶଳ ଆପଣାଇଥାନ୍ତି। ଅନ୍ୟ ରାଜ୍ୟରେ ମଧ୍ୟ ସେମାନେ ଅପରାଧ କରିଥିବା ନଜିର ରହିଛି। ତେବେ ଗ୍ୟାଙ୍ଗର ସଦସ୍ୟମାନେ ଧରା ନ ପଡ଼ିବା ପାଇଁ ଦେହରେ ତେଲ ବୋଳନ୍ତି। ପୋଲିସ ଧରିବା ବେଳେ ସେମାନେ ସହଜରେ ଖସିଯିବା ଲାଗି ଏଭଳି ତରିକା ଆପଣାଇଥାନ୍ତି।

୪ ପୋଲିସ ଜିଲାରେ ୨୮ ଲୁଟ୍ ମାମଲା

ପୋଲିସ ଅଭିଯୁକ୍ତମାନଙ୍କ ଆପରାଧିକ ଇତିହାସ ବିଷୟରେ ଖୋଳତାଡ଼ କରିବା ପରେ ଅନେକ ତଥ୍ୟ ପାଇଛି। ଓଡ଼ିଶାର ୪ଟି ପୋଲିସ ଜିଲାରେ ୨୮ଟି ଲୁଟ୍ ମାମଲାରେ ଏହି ଗ୍ୟାଙ୍ଗ ସଦସ୍ୟ ଜଡ଼ିତ ଥିବା ଜଣାପଡ଼ିଛି। ସେଗୁଡ଼ିକ ହେଲା କଟକ ଗ୍ରାମାଞ୍ଚଳ ପୋଲିସ ଜିଲା, କଟକ ସହରାଞ୍ଚଳ ପୋଲିସ ଜିଲା, ଭଦ୍ରକ ଓ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା। ଅଭିଯୁକ୍ତମାନେ ଏଭଳି ଅନେକ ମାମଲାରେ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି।

ବଞ୍ଜାରା ପରି ଜୀବନଶୈଳୀ, ବୁଲିବୁଲି ଲୁଟ୍ କରନ୍ତି

ବାୱରିୟା ଜନିଜାତିର ଲୋକେ ଉତ୍ତରପ୍ରଦେଶର ସାମ୍‌ଲି ଜିଲାରେ ରହୁଥିବା ବେଳେ ସେମାନେ ଦେଶର ବିଭିନ୍ନ ରାଜ୍ୟର ପ୍ରମୁଖ ସହରକୁ ଯାଇ ଲୁଟ୍‌ପାଟ କରିଥାନ୍ତି। ଏପରିକି ସେମାନେ ବିଭିନ୍ନ ରାସ୍ତା ପାର୍ଶ୍ୱରେ ତମ୍ବୁ ଟାଣି ମଧ୍ୟ ରହନ୍ତି। ଲୁଟ୍‌ପାଟ ପାଇଁ ସେମାନେ ବାଇକ୍‌କୁ ବ୍ୟବହାର କରନ୍ତି। ବିଶେଷକରି ସେମାନେ ପ୍ରାତଃଭ୍ରମଣରେ ଯାଉଥିବା ମହିଳାଙ୍କୁ ଟାର୍ଗେଟ କରି ସୁନାଚେନ୍ ଲୁଟ୍‌ପାଟ କରି ଫେରାର ହୋଇଯାନ୍ତି। ପରେ ଉକ୍ତ ଚୋରି ସୁନାଚେନ୍‌କୁ ଉତ୍ତରପ୍ରଦେଶରେ ବିକ୍ରି କରି ୧୫ରୁ ୨୦ ଦିନ ଭିତରେ ପୁଣି ଅପରାଧ କରିବାକୁ ଫେରିଆସନ୍ତି। ଲୁଟ୍ ଛଡ଼ା ହତ୍ୟା, ବଳାତ୍କାର, ଡକାୟତି ଆଦି ମାମଲାରେ ମଧ୍ୟ ଏହି ଗ୍ୟାଙ୍ଗର ସଦସ୍ୟମାନେ ସମ୍ପୃକ୍ତ। ଏହି ଗ୍ୟାଙ୍ଗ ପ୍ରଥମେ ତାମିଲନାଡୁ ଜିଲାରେ ଚିହ୍ନଟ ହୋଇଥିଲା। ବାୱରିୟାମାନେ ୧୯୯୫ରୁ ୨୦୦୬ ମସିହା ମଧ୍ୟରେ ତାମିଲନାଡୁର ଜାତୀୟ ରାଜପଥ କଡ଼ରେ ଡ଼କାୟତି ଓ ହତ୍ୟା ଆଦି ଅପରାଧ କରୁଥିଲେ। ତାମିଲନାଡୁ ପୋଲିସ ଅପରେଶନ୍ ବାୱରିୟା ଆରମ୍ଭ କରି ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ସଦସ୍ୟମାନଙ୍କୁ ଚଡ଼ି ବ୍ୟାନିଅନ୍ ଗ୍ୟାଙ୍ଗ ମଧ୍ୟ କୁହାଯାଏ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଲୁଟ୍ ପୂର୍ବରୁ ପୂଜା

ବାୱରିୟା ଗ୍ୟାଙ୍ଗର ସଦସ୍ୟମାନେ ଲୁଟ କରିବାକୁ ଯିବା ପୂର୍ବରୁ ପୂଜା କରନ୍ତି। ପ୍ରଥମେ ସେମାନେ କୁଳଦେବୀଙ୍କ ପୂଜା କରନ୍ତି। ଏହାପରେ ସେମାନଙ୍କ ଆଦି ମାରଣାସ୍ତ୍ରକୁ ପୂଜାର୍ଚ୍ଚନା କରିଥାନ୍ତି। ଲାଠି, ଲୁହାରଡ, ଛୁରି ଆଦି ସେମାନଙ୍କ ପ୍ରମୁଖ ମାରଣାସ୍ତ୍ର। ଏପରିକି ଗ୍ୟାଙ୍ଗର ସଦସ୍ୟମାନେ ଅପରାଧ କରିବାକୁ ଯିବା ପୂର୍ବରୁ ଘରର ମହିଳାମାନେ ସେମାନଙ୍କୁ ଦୀପରେ ବନ୍ଦାପନା ମଧ୍ୟ କରିଥାନ୍ତି ବୋଲି ସୂଚନା ମିଳିଛି।



ଜବତ ହୋଇଥିବା ସୁନା ଚେନ୍ ସହିତ ଅନ୍ୟାନ୍ୟ ସାମଗ୍ରୀ।

ବିଭିନ୍ନ ପାର୍କିଂସ୍ଥଳରେ ବାଇକ୍ ରଖି ଲଜ୍‌ରେ ରହୁଥିଲେ

ଓଡ଼ିଶାରେ ଏହି ଗ୍ୟାଙ୍ଗର ସଦସ୍ୟମାନେ ଗତବର୍ଷ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଏକାଧିକ ଅପରାଧ ରଚିଥିଲେ। ପରେ ଚଳିତବର୍ଷ ଫେବୃୟାରୀରୁ ମେ ମଧ୍ୟରେ ଅନେକ ଅପରାଧ ରଚିଛନ୍ତି। ଏମାନେ ଓଡ଼ିଶା ଆସିବା ପରେ ବାଇକରେ ବୁଲାବୁଲି କରି ଲୁଟ୍ କରୁଥିଲେ। ପରେ ଉକ୍ତ ବାଇକ୍‌କୁ ବିଭିନ୍ନ ପାର୍କିଂ ସ୍ଥଳରେ ରଖି ଲଜ୍‌ରେ ରହି ପୁଣି ଝୁପି ଚାଲିଯାଉଥିଲେ।

ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ଅଧ୍ୟକ୍ଷ ତଥା ଇମ୍ପା ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନଠାରେ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଫିକିର ଗୌରବମୟ ଇତିହାସ ଏବଂ ବର୍ତ୍ତମାନ ସମୟରେ ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଉତ୍ଥାନ ସମ୍ପର୍କରେ ଉଭୟ ପ୍ରତିନିଧିମଣ୍ଡଳୀ ଏବଂ ରାଷ୍ଟ୍ରପତିଙ୍କ ମଧ୍ୟରେ ଏକ ବିଶଦ୍ ଆଲୋଚନା ହୋଇଥିଲା। ଏହି ଅବସରରେ ଫିକିର ପୂର୍ବତନ ସଭାପତି ଯୋଗେନ୍ଦ୍ର ମୋଦି, ନୈନାଲାଲ କିଦ୍‌ୱାଇ ଏବଂ ସେକ୍ରେଟାରି ଜେନେରାଲ ଶୈଳେଶ ପାଠକ ପ୍ରମୁଖ ଉପସ୍ଥିତ ଅଛନ୍ତି।

ଆଜିଠୁ ସ୍ୱାଭାବିକ ଚଳାଚଳ କରିବ ବନ୍ଦେ ଭାରତ ଏକ୍ସପ୍ରେସ୍

ଭୁବନେଶ୍ୱର, ୨୨।୫(ବ୍ୟୁରୋ): କାଳବୈଶାଖୀ ପ୍ରଭାବରୁ ପୁରୀରୁ ହାଓଡ଼ା ଅଭିମୁଖେ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଚଳାଚଳ ରବିବାର ବାଧାପ୍ରାପ୍ତ ହୋଇଥିଲା। ଯାଜପୁର ରୋଡ଼ ନିକଟ ମଞ୍ଜୁରୀ ରୋଡ଼ ପୂର୍ବରୁ ରେଳଧାରଣାର ତାର ଉପରେ ଗଛ ପଡ଼ିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିଲା। ଫଳରେ ଘଣ୍ଟାପ୍ରତି ୧୩୦ କି.ମି. ବେଗରେ ଯାଉଥିବା ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ ପ୍ରାୟ ୪ଘଣ୍ଟା ଅଟକି ରହିଥିଲା। ଏଥିଯୋଗୁ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ତେଣୁ ଏହାର ସୋମବାର ଯାତ୍ରା ବାତିଲ କରାଯାଇଥିଲା। ତେବେ ମଙ୍ଗଳବାରଠାରୁ ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ସ୍ୱାଭାବିକଭାବେ ନିର୍ଦ୍ଧାରିତ ସମୟରେ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ଯୌତୁକ ପାଇଁ ସ୍ତ୍ରୀଙ୍କୁ ବିଷ ପିଆଇ ହତ୍ୟା

ଭୁବନେଶ୍ୱର,୨୨।୫(ବ୍ୟୁରୋ)

- ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
- ଅଭିଯୁକ୍ତ ସ୍ୱାମୀ ଗିରଫ

ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ମହାବୀରନଗର ଅଞ୍ଚଳରେ ରବିବାର ମନିଷା ନାହାକ ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ଯୌତୁକ ପାଇଁ ସ୍ୱାମୀ ନିର୍ଯାତନା ଦେବା ସହ ଜୋରଜବରଦସ୍ତ ବିଷ ପିଆଇଦେଇଥିବାରୁ ସ୍ତ୍ରୀ ମନୀଷାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେବା ପରେ ପୋଲିସ ସୋମବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେ ହେଲେ ବାଲିପାଟଣା ଥାନା ଅଞ୍ଚଳର ଲିଙ୍ଗରାଜ ପଣ୍ଡା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳର ମନିଷା ୪ ବର୍ଷ ତଳେ ବାଲିପାଟଣା ଥାନା ଅଞ୍ଚଳର ଲିଙ୍ଗରାଜଙ୍କୁ ବିବାହ କରିଥିଲେ। ଲିଙ୍ଗରାଜ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାମ କରୁଥିବାବେଳେ ଉଭୟ ଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିଲେ। ତେବେ ଶନିବାର ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। କିଛି ସମୟ ପରେ ମନିଷାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ନେଇ ସ୍ୱାମୀ ଲିଙ୍ଗରାଜ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ମନୀଷାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମନୀଷାଙ୍କର ରବିବାର ମୃତ୍ୟୁ ଘଟିଥିଲା। ଯୌତୁକ ପାଇଁ ମନିଷାଙ୍କୁ ସ୍ୱାମୀ ଲିଙ୍ଗରାଜ ବାରମ୍ବାର ନିର୍ଯାତନା ଦେବା ସହ ଘଟଣା ଦିନ ବିଷ ପିଆଇ ହତ୍ୟା କରିଥିବା ମନିଷାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଅଭିଯୁକ୍ତ ଲିଙ୍ଗରାଜଙ୍କ ନାମରେ ଆଇପିସି ଦଫା ୪୯୮ (କ), ୩୦୨, ୩୦୪ (ଖ), ୪ ଡିପି ଆକ୍ଟରେ ଏକ ମାମଲା (ନଂ. ୧୫୫/୨୩) ରୁଜୁ କରିଥିଲା। ସୋମବାର ପୋଲିସ ତାଙ୍କୁ ପଚରାଉଚରା କରିବା ପରେ ଗିରଫ କରିଥିଲା।

ଝାରପଡ଼ା ଜେଲରେ ମହିଳା କଏଦୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ଜଣେ ବିଚାରାଧୀନ ମହିଳା କଏଦୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଗ୍ରାମଡିହ ଗ୍ରାମର ସୁକାନ୍ତି ଦାସ। ମୃତା ସୁକାନ୍ତି ରହୁଥିବା ୱାର୍ଡସ୍ଥିତ ବାଥରୁମ୍‌ର ଏକ ଲୁହାରଡ୍‌ରେ ଓଢ଼ଣି ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲକ୍ଷ୍ମୀସାଗର ଥାନାରେ ରିପୋର୍ଟ ଦିଆଯାଇଛି।

୨୦୧୩ରେ ଷଡ଼ଯନ୍ତ୍ର ରଚି ସ୍ୱାମୀଙ୍କୁ ହତ୍ୟା କରିଥିଲେ

ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। କ୍ୟାପିଟାଲ ହସ୍ପିଟାଲରେ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ଦୀର୍ଘଦିନ ଧରି ମାନସିକ ଅବସାଦକୁ ନେଇ ସୁକାନ୍ତି ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ୨୦୧୩ ନଭେମ୍ବର ୨୬ରେ ସୁକାନ୍ତି ନିଜ ପ୍ରେମିକ ଏବଂ ଅନ୍ୟ ଜଣେ ଯୁବକଙ୍କ ଦ୍ୱାରା ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ମାରଣାସ୍ତ୍ରରେ ହାଣି ହତ୍ୟା କରିଥିଲେ। ଏହି ମାମଲାରେ ଜଟଣୀ ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପରେ ପ୍ରେମିକ ଜାମିନରେ ଆସିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଏବେ ବି ଜେଲରେ ଅଛନ୍ତି। ତେବେ ସୁକାନ୍ତି ଜେଲରେ ଥିବା ବେଳେ ତାଙ୍କ ପରିବାର ଲୋକେ ଦେଖା କରିବାକୁ ଆସୁ ନ ଥିଲେ। ଏହାକୁ ନେଇ ସୁକାନ୍ତି ଚିନ୍ତାରେ ଦିନ କାଟୁଥିଲେ। କିଛିଦିନ ହେଲା ସୁକାନ୍ତି ମାନସିକ ଅବସାଦରେ ରହି କାହା ସହ କଥା ହେଉ ନ ଥିଲେ। ରବିବାର ରାତି ପ୍ରାୟ ୧୦ଟା ୩୦ ବେଳେ ବାଥ୍‌ରୁମ୍‌ର ଏକ ଲୁହାରଡ୍‌ରେ ଓଢ଼ଣି ଦ୍ୱାରା ସୁକାନ୍ତି ଝୁଲୁଥିବା ଦେଖିବାକୁ ମିଳିଥିଲା। ଜେଲ କର୍ତ୍ତୃପକ୍ଷ ସୁକାନ୍ତିଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

'ଆମ ସା

ସଂକ୍ଷେପରେ

ଡ୍ରାଇଭରଙ୍କୁ ଆକ୍ରମଣ, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର, ୨୨।୫(ଡି.ଏନ.ଏ.)- ଜଗତପୁର ଥାନା ଅଧୀନ ଗୋଲେଇ ଛକ ନିକଟ ଏକ ହୋଟେଲରେ ଡ୍ରାଇଭରଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୁଜରପୁରର ଭାଗୁଆ ସାମଲ। ଅଭିଯୋଗ ଅନୁଯାୟୀ, ଟାଙ୍ଗୀ ଥାନା ଅଧୀନ ବନିକା ଗ୍ରାମର ତପନ ରାଉତ ଶନିବାର ଟାଟା ଏସିଇ ଗାଡିରେ ରଡ୍ ନେଇ ସାଲେପୁର ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ଜଗତପୁର ଗୋଲେଇ ଛକ ରାସ୍ତା ପାର୍ଶ୍ୱରେ ଗାଡି ପାର୍କିଂ କରି ଟିଫିନ କରିବା ପାଇଁ ଏକ ହୋଟେଲକୁ ଯାଇଥିଲେ। ଖାଇବା ପାଇଁ ଟେବୁଲରେ ବସିଥିବାବେଳେ ହଠାତ ଭାଗୁଆ ପହଞ୍ଚି ତପନଙ୍କୁ ଉଠି ଯିବାକୁ କହିଥିଲେ। ସେ ନ ଉଠିବାରୁ ଭାଗୁଆ ତାଙ୍କୁ ଗାଳିଗୁଳଜ କରିଥିଲା। ତପନ ପ୍ରତିବାଦ କରିବାରୁ ଭାଗୁଆ ହୋଟେଲ ବାହାରୁ ଏକ ସିମେଣ୍ଟ ଇଟା ଆଣି ତପନଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତପନଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏ ନେଇ ତପନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୪ ୭/୨୩) ରୁଜୁ କରିଥିଲା।

ସ୍ୱାସ୍ଥ୍ୟ ସଚେତନତା ସଭା

କଟକ ଅଫିସ, ୨୨।୫: ଅଭିନବ ବିଡାନାସୀ ପଥଚାରୀ ସଂଘ ପକ୍ଷରୁ 'ଭୁତାଣୁ ଭୁତର ଭିତିରି କଥା' ଶୀର୍ଷକ ସ୍ୱାସ୍ଥ୍ୟ ସଚେତନତା ସଭା ସିଡିଏ ସେକ୍ଟର-୭ସ୍ଥିତ ସଭାସ୍ଥଳରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦେବେନ୍ଦ୍ର ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ଡା. ବ୍ରହ୍ମାନନ୍ଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ପୃଥିବୀରେ ଯେତେ ମହାମାରୀ ଘଟିଛି ସବୁଗୁଡିକ ଭୁତାଣୁଜନିତ। ପୃଥିବୀରୁ ଡାଇନୋସର ବିଲୋପ ସମ୍ଭବ। କିନ୍ତୁ ଭୁତାଣୁର ନୁହେଁ। ଆମେ ଭୁତାଣୁ ସହ ଜୀବନଯାପନ କରିବାକୁ ହେବ। ବାରମ୍ବାର ଭୁତାଣୁ ଯୁଦ୍ଧର ସାମ୍ନା କରିବାକୁ ହେବ। କରୋନା ତାର ଏକ ଉଦାହରଣ ବୋଲି ଦାସ କହିଥିଲେ। ଏହି ସଭାରେ ଡ. ବିଷ୍ଣୁଚରଣ ସାହୁ, ଡା. ବୃନ୍ଦାବନ ବିଶ୍ୱାଳ, ଦୁର୍ଗା ପ୍ରସାଦ ମିଶ୍ର, ଅଖିଳ ବଲ୍ଲଭ ଘୋଷ, ଜ୍ଞାନରଞ୍ଜନ ଦାସ, କୁଞ୍ଜବିହାରୀ ପଣ୍ଡା, ଚୈତନ୍ୟ ବେହେରା, ଅନିଲ କୁମାର ରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘର ସହସମ୍ପାଦକ ଦୁର୍ଯୋଧନ ସାହୁ ବିବରଣୀ ପାଠ, ପ୍ରଦୀପ କୁମାର ସିହ୍ନା ଅତିଥି ପରିଚୟ ଓ କୃଷ୍ଣ କୁମାର ଦାସବର୍ମା ଧନ୍ୟବାଦ ଦେଇଥିଲେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା

କଟକ ଅଫିସ,୨୨।୫- ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗ ପକ୍ଷରୁ ସରଞ୍ଜନା, ପରିବର୍ତ୍ତନ ଓ ପରିବର୍ତ୍ତନ ମାଧମ: ପ୍ରାଚୀନ ନୃତତ୍ତ୍ୱରୁ ଉତ୍ତର ଆଧୁନିକ ସମାଜଶାସ୍ତ୍ର ପର୍ଯ୍ୟନ୍ତ ଶୀର୍ଷକ ଜାତୀୟ କର୍ମଶାଳା ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁକାନ୍ତ କୁମାର ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ଏବଂ ସରଞ୍ଜନା ସର୍ବଦା ପ୍ରଗତୀଶୀଳ ବୋଲି କହିଥିଲେ। ସମାଜଶାସ୍ତ୍ର ବିଭାଗର ମୁଖ୍ୟ ତଥା ଏହି କର୍ମଶାଳାର ଆବାହକ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଉକ୍ତ ବିଷୟରେ ସୂଚନା ଦେଇଥିଲେ। ଅଧ୍ୟାପିକା ଡ. ମନୋସ୍ମିତା ମହାପାତ୍ର, ଅଧ୍ୟାପକ ଡ. ମନୋରଞ୍ଜନ ଦାସ, ଈଶ୍ୱର ଚନ୍ଦ୍ର ନାୟକ, ଜ୍ଞାନରଞ୍ଜନ ପୃଷ୍ଟି ଏବଂ ଅଧ୍ୟାପିକା ଡ. ରୋଶିନା ଯୁସୁଫି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କର୍ମଶାଳାରେ ସମାଜଶାସ୍ତ୍ର ସହ ଅନ୍ୟ ବିଭାଗର ଅଧ୍ୟାପିକା, ଅଧ୍ୟାପକ, ଗବେଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀ ଫାତମା ଅଖତାର ସ୍ୱାଗତ ଭାଷଣ ଓ ସାଇଜ୍ୟୋତି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ତଦନ୍ତ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ନିଆଳି,୨୨।୫(ଡି.ଏନ୍.ଏ.)

କଟକସ୍ଥିତ ଏସ୍‌ସିବି ମେଡିକାଲରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ନିଆଳି ଥାନା ଅନ୍ତର୍ଗତ ସିଠାଳୋ ଗ୍ରାମର ମନୋଜ ବସ୍ତିଆ। ସୋମବାର ମେଡିକାଲରେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ହେଲେ ତାଙ୍କୁ କେହି ଦୁର୍ବୃତ୍ତ ଆକ୍ରମଣ କରି ପାହାଳ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପକାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେଣୁ ପୋଲିସ ଘଟଣାର ତଦନ୍ତ କରିବା ସହ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ନିଆଳି ଥାନା ଅନ୍ତର୍ଗତ ସିଠାଳୋ ବ୍ରିଜ୍‌ଠାରେ ମୃତଦେହ ରଖି ମଧ୍ୟାହ୍ନ ପ୍ରାୟ ୧୨ଟାରେ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାତାୟାତରେ ସମସ୍ୟା ହୋଇଥିଲା। ନିଆଳି ଥାନାଧିକାରୀ ବିଜୟ କୁମାର ମଲ୍ଲିକଙ୍କ ସହ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତି ୧୧ଟାରେ ମନୋଜ ଘରୁ ପଳାଇ ଯାଇଥିଲେ। ରାତି ୨ଟାରେ ସେ କଟକ ବଡାଡ୍ଡରଖାନାରେ ଥିବା ତାଙ୍କ ପରିବାର ଲୋକେ ଖବର ପାଇଥିଲେ। ସେମାନେ ମେଡିକାଲରେ ପହଞ୍ଚିଲାବେଳକୁ ମନୋଜଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ। ସେମାନେ ଜାଣିବାକୁ ପାଇଲେ ଯେ, ମନୋଜ ରକ୍ତାକ୍ତ ଅବସ୍ଥାରେ ପାହାଳ ନିକଟରେ ପଡିଥିବାବେଳେ ତାଙ୍କୁ କେହି ଉଦ୍ଧାର କରି ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ପହଞ୍ଚିବାବେଳକୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ମନୋଜଙ୍କ ଫୋନ୍‌ରୁ ମେଡିକାଲ୍‌ରୁ କେହି ତାଙ୍କ ପରିବାର ଲୋକଙ୍କୁ ଫୋନ୍ କରିଥିଲେ। ମନୋଜଙ୍କ ଘରଠାରୁ ପାହାଳ ଛକ ଦୂରତା ଆନୁମାନିକ ୪୦ କିଲୋମିଟର ହେବ। ମନୋଜ ରାତି ୧୧ଟାରେ ଘରୁ ବାହାରି ଆସିଥିଲେ। ଏତେ କମ୍ ସମୟରେ ତାଙ୍କୁ କେହି ଦୁର୍ବୃତ୍ତ ଅପହରଣ କରି ଆକ୍ରମଣ କରିବା ପରେ ପାହାଳ ନିକଟରେ ଫୋପାଡିଥିବା ପରିବାର ଲୋକେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ପରେ ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିଲା।

ସିଠାଳୋ ବ୍ରିଜ୍‌ଠାରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଖୁଣ୍ଟୁଣୀ,୨୨।୫(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଖୁଣ୍ଟୁଣୀ ଥାନା ଅଧୀନ ରାଧାକୃଷ୍ଣପୁର ଗ୍ରାମର ବିନୋଦ ନାଏକଙ୍କୁ ରବିବାର ରାତିରେ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ବିନୋଦଙ୍କ ସ୍ତ୍ରୀ ସୁଲୋଚନା ଅଭିଯୋଗ କରିବା ପରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ୨୦୨୨ରେ ବିନୋଦ ଓ ତାଙ୍କ ସାହିର କେତେଜଣ ଯୁବକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ସେତେବେଳେ ବିନୋଦଙ୍କ ଘରୁ ଆକ୍ରମଣକାରୀମାନେ ସମସ୍ତ ଆସବାବପତ୍ର ସହ ରାଶନକାର୍ଡ ଲୁଟି ନେଇଥିଲେ। ଫଳରେ ବିନୋଦ ସେହି ମାସଠାରୁ ଚାଉଳ ପାଉ ନ ଥିଲେ। ଘର ଛାଡ଼ି ସେ ତାଙ୍କ ଶଶୁର ଘର ଆଠଗଡ଼ର ଦେପଡ଼ାରେ ରହୁଥିଲେ। ରବିବାର ଚାଉଳ ଆସୁଥିବା ଖବରପାଇ ବିନୋଦ ଓ ସୁଲୋଚନା ଗ୍ରାମକୁ ପଳାଇ ଆସିଥିଲେ। ମଧ୍ୟାହ୍ନ ୧୨ଟାରେ ଚାଉଳ ପାଇଁ ବିନୋଦ ଡଲରଙ୍କ ପାଖକୁ ଯାଇଥିଲେ। ହେଲେ ସନ୍ଧ୍ୟାସୁଦ୍ଧା ଘରକୁ ଫେରି ନ ଥିଲେ। ସୋମବାର ସକାଳେ ପୋଲିସ ବିନୋଦଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲା। ଅପରପକ୍ଷେ ବିନୋଦ ତାଙ୍କ ଘର କାନ୍ଥକୁ ରାତିରେ ବୋମା ପକାଇଥିବା ସାହିର ଗୋଦାବରୀ ନାଏକ ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ଆଇ ଭିକାରୀ ଚରଣ ସାହୁ କହିଛନ୍ତି, ଦୁଇଟି ଏତଲାକୁ ଭିତ୍ତିକରି ତଦନ୍ତ ଜାରି ରହିଛି।

ସ୍ଥାୟୀ ଘର ଯୋଗାଇବା ଦାବିରେ ବିକ୍ଷୋଭ

ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କଟକ ଅଫିସ,୨୨।୫

ବସ୍ତିବାସିନ୍ଦାଙ୍କୁ ଘରଭଙ୍ଗା ସହାୟତା ଓ ପଟ୍ଟା ସହ ସ୍ଥାୟୀ ଘର ପ୍ରଦାନ ଦାବିରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗତ ଶୁକ୍ରବାର ଅପରାହ୍ନରେ ଝଡ଼ବର୍ଷାରେ ବସ୍ତିଗୁଡିକରେ କିଛି ଘର ଭାଙ୍ଗିବା ସହିତ ଅନେକ ଘରର ଆଜବେଷ୍ଟସ୍ ଉଡ଼ିଯିବା ସହ ଆସବାବପତ୍ର ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ଘର ନିର୍ମାଣ ଓ ଆନୁଷଙ୍ଗିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଦୁଇବର୍ଷ ପୂର୍ବରୁ ପ୍ରଶାସନ ଦ୍ୱାରା ବସ୍ତବାସନ୍ଦାଙ୍କୁ ଉଚ୍ଛେଦ କରାଯାଇ ଜଗତପୁର ବିରୂପା ନଦୀକୂଳ ଏବଂ କାଠଯୋଡ଼ି ନଦୀକୂଳ ବାଲିସାହିରେ ରଖାଯାଇଛି। ଫଳରେ ସେମାନେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ସେମାନଙ୍କୁ ପଟ୍ଟା ପ୍ରଦାନ ସହ ଆବାସ ଯୋଜନାରେ ସ୍ଥାୟୀ ଘର ଯୋଗାଇ ଦେବା, କାଳବୈଶାଖୀ ପ୍ରଭାବରେ ପ୍ରଭାବିତ ହୋଇଥିବା ସିଡିଏ ସେକ୍ଟର-୧୧ରୁ ୧୩ ନମ୍ବର ପର୍ଯ୍ୟନ୍ତ ବସ୍ତିବାସିନ୍ଦାଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି। ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବସ୍ତିନେତା ଦୀପକ ଦାସ, ବିଷ୍ଣୁ ନାୟକ, ସିପ୍ରା ମହାନ୍ତି, ସାଗର ଘଡାଇ, ଯୋଗୀ ନାୟକ, ଆରତୀ ନାୟକ, ମନା ନାୟକ, ରାଇସେନ ମାରାଣ୍ଡି, ଧନୁ ମାରାଣ୍ଡି, ବୁଦ୍ଧିଆ ସାମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

'ଶାରୀରିକ ସୁସ୍ଥତା ପାଇଁ ଯୋଗ ଆବଶ୍ୟକ'

ଜିଲାସ୍ତରୀୟ ଯୋଗ ଅଲିମ୍ପିୟାଡ

କଟକ ଅଫିସ,୨୨।୫

କଟକସ୍ଥିତ ରେଭେନ୍‌ଶା କଲିଜିଏଟ ସ୍କୁଲଠାରେ ଜିଲାସ୍ତରୀୟ ଯୋଗ ଅଲିମ୍ପିୟାଡ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ(ଡିଇଓ) କୃଷ୍ଣଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ରହିଛି। ଶାରୀରିକ ଶିକ୍ଷା ପରିଦର୍ଶିକା ସୌଦାମିନୀ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଯୋଗ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଷଡଙ୍ଗୀ, ପ୍ରଦୀପ୍ତ କୁମାର ନାୟକ, ରେଭେନ୍‌ଶା କଲିଜିଏଟ୍ ସ୍କୁଲର ଶିକ୍ଷକ ନନ୍ଦନ କୁମାର ମହାନ୍ତି, ଶିକ୍ଷାବିତ୍ ମିହିର କୁମାର ପରିଡା, ଶିକ୍ଷକ ବିଶ୍ୱନାଥ ମିଶ୍ର, ଦିଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଜଳି ଦାସ, ଅଜୟ ପ୍ରଧାନ, ଜ୍ଞାନରଞ୍ଜନ ଧଳ, ସ୍ୱାତୀ ପ୍ରିୟଦର୍ଶିନୀ, ନୀଳେନ୍ଦ୍ରି ସାହୁ, ରାଜଲକ୍ଷ୍ମୀ ଜେନା, ମୋଜେସ ବେହେରା ପ୍ରମୁଖ ଛାତ୍ରୀଛାତ୍ରମାନଙ୍କର ଯୋଗ ପ୍ରତିଯୋଗିତା ପରିଚାଳନା ଓ ମୂଲ୍ୟାୟନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ଯୋଗ ଅଲିମ୍ପିୟାଡରେ ଭାଗ ନେଇଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଆସନ୍ତା ୨୪ରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିୟାଡରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି।

ରେଭେନ୍‌ଶା କଲିଜିଏଟ ସ୍କୁଲ ଅଡିଟୋରିୟମରେ ଯୋଗ ପ୍ରଦର୍ଶନ।

କଟକ ମିଶନରୋଡସ୍ଥିତ ଭଞ୍ଜ ମଣ୍ଡପରେ କଳିଙ୍ଗ ଭାରତୀ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସପ୍ତାହର ଉଦ୍‌ଯାପନୀ ସନ୍ଧ୍ୟାରେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ କଳିଙ୍ଗ ଭାରତୀ ସମ୍ମାନ ପ୍ରଦାନ କରାଯାଉଛି।

କନିଷ୍ଠଯନ୍ତ୍ରୀଙ୍କୁ ମାଡ଼ ପ୍ରତିବାଦରେ କଲମଛାଡ଼ ଆନ୍ଦୋଳନ

କଣ୍ଟାପଡା, ୨୨।୫(ଡି.ଏନ.ଏ.)

କଣ୍ଟାପଡା ବ୍ଲକ ଅଧୀନ ଉରାଢ଼ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦଳୀପ କୁମାର ରାଉଳଙ୍କୁ ସ୍ଥାନୀୟ ଜଣେ ବ୍ୟକ୍ତି ଗାଳିଗୁଳଜ କରିବା ସହ ମାଡ ମାରିଛନ୍ତି। ଏହାର ପ୍ରତିବାଦରେ କଣ୍ଟାପଡା ବ୍ଲକର କର୍ମଚାରୀମାନେ ସୋମବାରଠାରୁ କଲମଛାଡ ଆନ୍ଦୋଳନ କରିବା ସହ ବ୍ଲକ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣା ଦେଇଛନ୍ତି। ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। କନିଷ୍ଠଯନ୍ତ୍ରୀ ରାଉଳ ଗତ ୧୮ ତାରିଖରେ ନିଜ ପଞ୍ଚାୟତକୁ ସରକାରୀ କାମରେ ଯାଇଥିବାବେଳେ ଉରାଢ଼ ଗ୍ରାମର ଲୋକେଶ ମହାପାତ୍ର ତାଙ୍କୁ ପିଛା କରି ଉରାଢ ପ୍ରାଥମିକ ବିଦ୍ୟାଳୟ ପରିସରରେ ପହଞ୍ଚି ହଠାତ ଗାଳିଗୁଳଜ କରିବା ସହ ଫାର୍ସାରେ ତାଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ଏନେଇ ରାଉଳ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୯୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପ୍ରତିବାଦରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି। କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇ ପହଞ୍ଚି ଧାରଣା ପ୍ରତ୍ୟାହାର ପାଇଁ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଅପରପକ୍ଷରେ ଲୋକେଶ କହିଛନ୍ତି, ସ୍କୁଲ୍‌ର କୌଣସି କାମ ନ ହୋଇ ୨ ଲକ୍ଷ ଟଙ୍କାର ବିଲ୍ କେମିତ ହୋଇଛ ବୋଲି ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପଚାରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ସେ ମୋତେ ଚାପୁଡା ମାରିଥିଲେ। ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୦/୨୩) ରୁଜୁ କରିଛି। ଏ ସମ୍ପର୍କରେ ଗୋବିନ୍ଦପୁର ଥାନାଧିକାରୀ ରବି ନାରାୟଣ ବେହେରା କହିଛନ୍ତି, ଉଭୟପକ୍ଷଙ୍କ ଅଭିଯୋଗ ଆଧାରରେ ଦୁଇଟି ମାମଲା ରୁଜୁ ହୋଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।

ବ୍ଲକ କାର୍ଯ୍ୟାଳୟ ବାରଣ୍ଡାରେ କର୍ମଚାରୀମାନେ କଲମଛାଡ ଆନ୍ଦୋଳନ କରୁଛନ୍ତି।।

ଜିଲାପାଳଙ୍କ ଜନଶୁଣାଣି ଶିବିର

କଟକ ସଦର,୨୨।୫(ଡି.ଏନ୍.ଏ.)

କିଶନ ନଗର ତହସିଲସ୍ତରୀୟ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟ ଅଧିକାରୀ ଯୋଗଦେଇ ୬୧ଟି ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି କିଶନ ନଗର ଥାନାରେ କର୍ମଚାରୀ ଅଭାବ ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିବା କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋରଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦକ୍ଷେପ ନେବାପାଇଁ ଦାବି କରିଥିଲେ। ହେଲେ ଗ୍ରାମାଞ୍ଚଳ ଏସ୍‌ପି କହିଥିଲେ, ଜିଲାକୁ ନୂଆ କର୍ମଚାରୀ ଆସିଲେ ସମସ୍ୟା ଉପରେ ଦୃଷ୍ଟି ଦିଆଯିବ। ସେହିପରି କଟକ ସଦର ବ୍ଲକ ଅଧ୍ୟକ୍ଷା ମନୋନୟନରେ ବିଳମ୍ବକୁ ନେଇ କିଶନ ନଗର ବିଚାର ମଞ୍ଚର ବିଷ୍ଣୁ ଚରଣ ବେହେରା ଅତିରିକ୍ତ ଜିଲାପାଳ ଏବଂ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଶନ ନଗର ଆଞ୍ଚଳିକ ହାଟ ପଡ଼ିଆରେ ସ୍ଥାନୀୟ ତହସିଲଦାର ରଜ ମହୋତ୍ସବ ପାଇଁ ଅନୁମତି ଦେଇଥିବା ସମ୍ପର୍କରେ କିଶୋର ନଗର ସରପଞ୍ଚ ସୁଜାତା ସେଠୀ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ପଞ୍ଚାୟତ ହାଟର ନିଲାମ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ସରପଞ୍ଚଙ୍କ ଉପରେ ନ୍ୟସ୍ତ ରହିଛି। ତେଣୁ ତାଙ୍କୁ ନ ଜଣାଇ ତହସିଲଦାର କିପରି ଅନୁମତି ଦେଲେ ବୋଲି ସେଠୀ ପ୍ରଶ୍ନ ଉଠାଇଥିଲେ। ଆଇନ ଦୃଷ୍ଟିରୁ ଏଥିପ୍ରତି ଅନୁଧ୍ୟା

ସଂକ୍ଷେପରେ

ମୋବାଇଲ ଲୁଟ୍ ଘଟଣାରେ ୨ ଗିରଫ

ଜଟଣୀ,୨୨।୫(ଡି.ଏନ୍.ଏ.): ଜଟଣୀ ଥାନା ପୋଲିସ ସୋମବାର ୨ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭୁଯୁକ୍ତମାନେ ହେଲେ ଏହି ଥାନା ଅଧୀନ ବଡ଼ତୋଟା ନାୟକ ସାହିର ରାଜୁ ଓରଫ ରାଜକିଶୋର ନାୟକ (୩୨) ଏବଂ ଶମ୍ଭୁ ଓରଫ ଶମ୍ଭୁନାଥ ନାୟକ (୪୦)। ଏମାନଙ୍କ ଠାରୁ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ସୂଚନା ମୁତାବକ, ବଡ଼ତୋଟା ଗ୍ରାମକୁ ସରୋଜ ଦାସ ଚନ୍ଦନ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ଫେରିବା ବେଳେ ସରୋଜଙ୍କୁ ଅଭିଯୁକ୍ତଦ୍ୱୟ ଆକ୍ରମଣ କରିବା ସହ ମୋବାଇଲ ଫୋନ ଓ ୧୨ଶହ ଟଙ୍କା ନେଇଯାଇଥିଲେ। ଏ ନେଇ ସରୋଜ ଗତ ୧୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୭୭/୨୩) ରୁଜୁକରି ତଦନ୍ତ ଚଳାଇବା ସହ ଅଭୁଯୁକ୍ତଦ୍ୱୟଙ୍କୁ ଗିରଫ କରଥିଲା। ଅଭିଯୁକ୍ତ ରାଜୁଙ୍କ ନାମରେ ଜଟଣୀ ଥାନାରେ ପୂର୍ବରୁ ଗୋଟିଏ ମାମଲା ରହିଥିବା ବେଳେ ଶମ୍ଭୁଙ୍କ ନାମରେ ୨ଟି ମାମଲା ରହିଥିବା ଆଇଆଇସି ସୌମ୍ୟକାନ୍ତ ବଳିୟାରସିଂହ ସୂଚନା ଦେଇଛନ୍ତି।

ଡିଭାଇଡରକୁ ଧକ୍କାଦେଇ ବାଇକ୍ ଆରୋହୀ ମୃତ

ଗମ୍ଭାରୀମୁଣ୍ଡା/ବାଲୁଗାଁ,୨୨।୫(ଡି.ଏନ୍.ଏ.): ୧୬ ନମ୍ବର ଜାତୀୟ ରାଜପଥର ନାଚୁଣୀ ଥାନା ହରିକୁଣ୍ଡ ବରଡ଼ି ଛକରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଡିଭାଇଡରକୁ ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଗୋଷାଣି-ନୂଆଗାଁ ଥାନା ଅଞ୍ଚଳର ଶିବ ମଣ୍ଡଳ। ସୂଚନା ମୁତାବକ, ଶିବ ତାଙ୍କ ସହଯୋଗୀ ସମୀର ମଣ୍ଡଳଙ୍କ ସହ ଭୋରୁ ଏକ ବାଇକ୍‌ରେ ଖୋର୍ଦ୍ଧାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ହରିକୁଣ୍ଡ ବରଡ଼ି ଛକରେ ବାଇକ୍‌ଟି ଡିଭାଇଡରକୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ବାଲୁଗାଁ ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ଶିବଙ୍କୁ ମୃତ ଘୋଷଣା କରିଥିଲେ। ନାଚୁଣୀ ପୋଲିସ ବାଲୁଗାଁ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

'ଆମ ସାଥୀ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାଲିପାଟଣା,୨୨।୫(ଡି.ଏନ୍.ଏ.): ବାଲିପାଟଣା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୋମବାର ଅନୁଷ୍ଠିତ 'ଆମ ସାଥୀ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଶିକ୍ଷା ଅଧିକାରୀ ଶୈଳଧିରାଜ ତନୟା ଶତପଥୀ। ମୌଳିକ ଜ୍ଞାନ ତଥା ସାମାଜିକ ଚିନ୍ତା ଚେତନାର ବିକାଶ ପାଇଁ ଶିକ୍ଷକ ଏବଂ ପରିବାରର ସହଯୋଗ ଆବଶ୍ୟକ। ମାନସିକସ୍ତରରେ ଆତ୍ମବିଶ୍ୱାସ ବୃଦ୍ଧି ହୋଇପାରିଲେ ସମସ୍ତେ ଶିକ୍ଷା ତଥା ଆନୁଷଙ୍ଗିକ କ୍ଷେତ୍ରରେ ଅଗ୍ରଣୀ ହୋଇପାରିବେ ବୋଲି କହିଥିଲେ। ସହଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ରାଉତ, ସରୋଜିନୀ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ତଥା ଦକ୍ଷ ଶିକ୍ଷକଙ୍କୁ ନେଇ ପ୍ରାଥମିକ ସ୍ତରରେ ପିଲାମାନଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରାଇବା, ପରୀକ୍ଷା ଡର ଦୂର କରାଇବା, ଆତ୍ମବିଶ୍ୱାସ ବୃଦ୍ଧି କରାଇବା, ଶାରୀରିକ ଓ ମାନସିକ ସୁସ୍ଥତା ଆଣିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଆଲୋକପାତ ହୋଇଥିଲା। ପିଲାମାନେ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ କିପରି ନିଜ ଦକ୍ଷତାର ବିକାଶ କରିପାରିବେ ସେଥିପାଇଁ ଶିକ୍ଷକମାନେ ଯତ୍ନବାନ୍ ଅଛନ୍ତି। ଏହି ଗ୍ରୀଷ୍ମ ଅବକାଶ ସମୟରେ କେବଳ ପାଠ ନୁହେଁ, ବିଭିନ୍ନ ପ୍ରକାର ସହଶୈକ୍ଷିକ କାର୍ଯ୍ୟକ୍ରମ ମଧ୍ୟ ସାମିଲ ହୋଇଛି। ଦିବ୍ୟାଙ୍ଗ ପିଲାଙ୍କ ପାଇଁ ମଧ୍ୟ କାର୍ଯ୍ୟକ୍ରମ ରଖାଯାଇଛି। ଏଥିରେ ପିଲାମାନଙ୍କ ପାଇଁ ପ୍ରତିଯୋଗିତାମୂଳକ ବିଷୟ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ନାୟକ, ସିଆର୍‌ସିସି ଝୁନାରାଣୀ ସାହୁ, ମମିତା ଦଳାଇ, ରୋଜାଲିନ୍ ସାହୁ, ସ୍ୱାତି ସୁଚରିତା ପାଇଟାଳଙ୍କ ସମେତ ସମସ୍ତ ସିଆର୍‌ସିସି, ଆମ ସାଥୀମାନେ ଯୋଗଦେଇ କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର ଖୋଲି ଜଳ ବଣ୍ଟନ କରିଥିଲେ।

ବନ୍ଦ ସ୍କୁଲ କାର୍ଯ୍ୟକ୍ଷମ କରାଯାଉ

ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଛାତ୍ରୀଛାତ୍ର, ଅଭିଭାବକ

ଖୋର୍ଦ୍ଧା ଅଫିସ,୨୨।୫

ଉତ୍ତମ ବାତାବରଣ, ଅତ୍ୟାଧୁନିକ ଜ୍ଞାନକୌଶଳରେ ପିଲାଙ୍କୁ ପାଠପଢ଼ା ପାଇଁ ସରକାର ବିଦ୍ୟାଳୟ ରୂପାନ୍ତରିତ କରୁଛନ୍ତି। ଭିତ୍ତିଭୂମି ବିକାଶ, ଗୁଣାତ୍ମକ ଶିକ୍ଷା, ଶୈକ୍ଷିକ ପରିବେଶ ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ପିଲାଙ୍କ ଉପସ୍ଥାନ କମ୍ ଯୋଗୁ ବହୁ ବିଦ୍ୟାଳୟକୁ ବନ୍ଦ କରାଯାଇ ପିଲାଙ୍କୁ ଅନ୍ୟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଯାତାୟାତରେ ପିଲାଙ୍କ ସମୟ ଅପଚୟ ହେଉଥିବା ବେଳେ ସେମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ବନ୍ଦ ସ୍କୁଲ ଯୋଗୁ ଅନେକ ଗ୍ରାମରେ ଶିକ୍ଷାର ସ୍ଥିତି ଭୁରୁଡ଼ିବାରେ ଲାଗିଛି। ସୋମବାର ପୂର୍ବାହ୍ନରେ ଟାଙ୍ଗୀ ବ୍ଲକ ସରପାରି ପଞ୍ଚାୟତ ବଘେଇପୁଟ ଗ୍ରାମରେ ବନ୍ଦ ଥିବା ଏକ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ ଲାଗି କେତେଜଣ ଛାତ୍ରୀଛାତ୍ର, ଅଭିଭାବକ ଏବଂ ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସୋମବାର ବେଗୁନିଆ ବ୍ଲକରେ ଜନଶୁଣାଣି ରହିଥିଲା। ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଜିଲା କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ଏହି ସମୟରେ ପିଲାମାନେ ଅଭିଭାବକ, ଗ୍ରାମବାସୀଙ୍କ ସହ ଜିଲାପାଳଙ୍କ ଚାମ୍ବର ଆଗରେ ଧାଡ଼ିବାନ୍ଧି ଠିଆହୋଇଥିଲେ। ପିଲାଙ୍କୁ ଦେଖି ସେଠାରେ ଉପସ୍ଥିତ ଥିବା ଅଧିକାରୀ, ସାଧାରଣ ଜନତା କିଛି ସମୟ ପାଇଁ ନୀରବୀ ଯାଇଥିଲେ। ଜିଲାପାଳ ସାର ଆମ ବିଦ୍ୟାଳୟ ଖୋଲିବାକୁ ଅନୁମତି ଦିଅନ୍ତୁ। ଆମ କଥା ଶୁଣନ୍ତୁ। ଆମ ଗାଁରେ ଆମକୁ ପାଠ ପଢ଼ିବା ସୁଯୋଗ ଦିଅନ୍ତୁ। ଆମ ସୁରକ୍ଷା କଥା ଚିନ୍ତା କରନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ। ପିଲାଙ୍କ ଦାବି ସହ ସ୍ୱର ମିଳାଇଥିଲେ ସେମାନଙ୍କ ସହ ଆସିଥିବା ଅଭିଭାବକ ଏବଂ ଗ୍ରାମବାସୀ। କେତେଜଣ ଜିଲାସ୍ତରୀୟ ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ସେମାନଙ୍କ ଦାବି ଜିଲାପାଳଙ୍କୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପିଲାମାନେ ଶାନ୍ତ ପଡ଼ିଥିଲେ। ଏହାପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍କୁଲ ଖୋଲିବା ନେଇ ଏକ ଦାବିପତ୍ର ଦେଇଥିଲେ।

ଦାବିପତ୍ରରେ ଦର୍ଶାଯାଇଛି ଯେ, ୧୯୬୧ ମସିହାରେ ଗ୍ରାମରେ ପ୍ରାଥମିକ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ୫ ବର୍ଷ ପୂର୍ବେ ବିଦ୍ୟାଳୟରେ କମ୍ ଉପସ୍ଥାନ ଯୋଗୁ ଏହି ବିଦ୍ୟାଳୟକୁ ବନ୍ଦକରି ଦିଆଗଲା। ପିଲାଙ୍କୁ ଅନ୍ୟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଗଲା। ତେବେ ଉକ୍ତ ବିଦ୍ୟାଳୟକୁ ଯିବା ପାଇଁ ୩ କିମି ଦୂର ପୁଣି ଜଙ୍ଗଲ ରାସ୍ତା ଦେଇ ଯିବାକୁ ପଡୁଛି। ତେଣୁ ପିଲାଙ୍କ ସୁରକ୍ଷା ନେଇ ଚିନ୍ତା ଲାଗିରହୁଛି ବୋଲି ଅଭିଭାବକମାନେ କହିଛନ୍ତି। ଗ୍ରାମରେ ପୁଣିଥରେ ଏହି ବିଦ୍ୟାଳୟ ଆରମ୍ଭ କରାଗଲେ, ଗ୍ରାମରେ ଶିକ୍ଷାର ପ୍ରଦୀପ ପୁଣି ପ୍ରଜ୍ୱଳିତ ହେବା ସହ ଶିକ୍ଷାର ବିକାଶ ଦିଗରେ ନୂତନ ଜାଗରଣ ସୃଷ୍ଟି କରିବ। ଶିଶୁଙ୍କ ବିକାଶ ଲାଗି ସରକାର ବିଭିନ୍ନ ଯୋଜନା କରୁଛନ୍ତି। ତେଣୁ ଉପରୋକ୍ତ ଦାବି ପ୍ରତି ପୁନଃ ବିଚାର କରି ଏଠାରେ ସ୍କୁଲ ସ୍ଥାପନ ବ୍ୟବସ୍ଥା କରାଗଲେ, ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହ ଗ୍ରାମର ଗୌରବ ବୃଦ୍ଧି ପାଇବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

ଗୋରୁ ବୋଝେଇ ଗାଡ଼ି ଜବତ

ଜବତ ଗୋରୁ ବୋଝେଇ ଗାଡ଼ି ସହ ଗିରଫ ୨ ଅଭିଯୁକ୍ତ।

୧୬ ଗୋରୁ ଉଦ୍ଧାର, ୨ ଗିରଫ

ବେଗୁନିଆ,୨୨।୫(ଡି.ଏନ୍.ଏ.)

ବେଗୁନିଆ ଥାନା ପୋଲିସ ସୋମବାର ଏକ ବେଆଇନ ଭାବେ ବୋଝେଇ ହୋଇଥିବା ଗୋରୁ ଗାଡ଼ି ଜବତ କରିଛି। ଏଥିରେ ୧୬ ଗୋରୁଙ୍କୁ ଉଦ୍ଧାର କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବେଗୁନିଆ ଥାନା ବୋଲଗଡ ବ୍ଲକ ଅନ୍ତର୍ଗତ ଜାମୁସାହି ଗ୍ରାମର ନାସିର ଖାଁ ଏବଂ ପୂର୍ଣ୍ଣ ନାୟକ। ଏନେଇ ଥାନାରେ ଏକ ମାମଲା (ନଂ.୧୫୪/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ପୂର୍ବାହ୍ନ ୧୧ଟାରେ ବେଗୁନିଆ କଲେଜ ରୋଡ୍‌ରେ ଏକ ଗୋରୁ ଗାଡ଼ି (ଓଡି୨୫ ଏମ୍ ୧୧୩୮)ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଭୁବନ ବେହେରା, ପ୍ରଶାନ୍ତ ବେହେରା, ଶ୍ରୀନିବାସ ବାରିକ, ପ୍ରକାଶ ମୁଦୁଲିଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହାପରେ ପୋଲିସ କଲେଜ ନିକଟରୁ ଗାଡିକୁ ଜବତ କରିବା ସହ ୧୬ ଗୋରୁଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଗୋରୁଙ୍କୁ ଭୁବନେଶ୍ୱର ସିଙ୍ଗୁଆସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଛି।

ଜନଶୁଣାଣି ଶିବିରରେ ୧୦୦ ଅଭିଯୋଗ

ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ବେଗୁନିଆ,୨୨।୫(ଡି.ଏନ୍.ଏ.)

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ(ଜିଲା ପରିଷଦ) ଦିଗନ୍ତ ରାଉତରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ୍ ୧୦୦ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିରୁ ସାମୂହିକ ୧୦, ବ୍ୟକ୍ତିଗତ ସମସ୍ୟା ୮୬ ରହିଥିବା ବେଳେ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ତ୍ୱରିତ ସମାଧାନ ୩ଟିର କରାଯାଇଛି। ତେବେ ପୂର୍ବ ଅଭିଯୋଗର କୌଣସି ସମାଧାନ ହୋଇ ନ ଥିବା ଶିବିରକୁ ଆସିଥିବା କେତେଜଣ ଅଭିଯୋଗ କରିଥିଲ। ମଧୁବାବୁ ପେନ୍‌ସନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନି ବୋଲି କହିଥିଲେ। ମେଗା ପାନୀୟଜଳ ଯୋଗାଣ ଅବ୍ୟବସ୍ଥା ଓ ବିଳମ୍ବକୁ ନେଇ ଜିଲାପାଳ ଚକ୍ରବର୍ତ୍ତୀଙ୍କୁ ବହୁ ବୁଦ୍ଧିଜୀବୀ ଅଭିଯୋଗ କରିଥିଲେ। ଜଳଯୋଗାଣ ପାଇଁ ପାଇପ୍ ବିଛାଇବା ଆଳରେ ବହୁ ଗ୍ରାମରେ ଠିକାଦାରମାନେ ମନଇଚ୍ଛା ଖୋଳି ପକାଇଛନ୍ତି। ଫଳରେ ଯାତାୟାତ ବେଳେ ଗର୍ତ୍ତରେ ପଡ଼ି ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବ୍ଲକ ଜଳ ଯୋଗାଣ ବିଭାଗକୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରିକାଳୀନ ସେବା ମିଳୁନି ବୋଲି ଅଭିଯୋଗ ହୋଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ପ୍ରଧାନ ଗୁଲି ଆମ୍ମା, ଜିଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଘରେ ପଶି ଚୋରି

ନିରାକାରପୁର,୨୨।୫(ଡି.ଏନ୍.ଏ.)

ନିରାକାରପୁର ଥାନା ଅନ୍ତର୍ଗତ ଡିଆ ପଞ୍ଚାୟତସ୍ଥିତ କାଶୀପୁର ଗ୍ରାମରେ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଜଣଙ୍କ ଘରେ ପଶି ବିଭିନ୍ନ ସାମଗ୍ରୀ ନେଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଘର ମାଲିକ ଓ ତାଙ୍କ ପରିବାର ଭୁବନେଶ୍ୱରରେ ରହୁଥିବା ବେଳେ ଘର ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ସାମଗ୍ରୀ ନେଇଯାଇଥିଲେ। ସୋମବାର ସକାଳେ ସ୍ଥାନୀୟ ଲୋକେ ଘର ତାଲା ଭଙ୍ଗା ହୋଇଥିବା ନେଇ ଘର ମାଲିକଙ୍କୁ ଜଣାଇଥିଲେ। ତେବେ ଘର ପାର୍ଶ୍ୱରେ ଲାଗିଥିବା ସିସିଟିଭିରେ ଦୁର୍ବୃତ୍ତମାନଙ୍କ ଦୃଶ୍ୟ କଏଦ ହୋଇଥିବା ଜଣାପଡ଼ିଛି।

ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

ପୋଖରୀ ଅବରୋଧକୁ ଗ୍ରାମବାସୀଙ୍କ ବିରୋଧ ପ୍ରସଙ୍ଗ

ଜଟଣୀ,୨୨।୫(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅନ୍ତର୍ଗତ ପଦନପୁର ଗ୍ରାମରେ ସର୍ବସାଧାରଣ ଜଳାଶୟ(ପୋଖରୀ)କୁ କେହି ବ୍ୟକ୍ତି ଅବରୋଧ କରିବା ସହିତ ହୁଡ଼ାକୁ ଭାଙ୍ଗି ପୋତିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟକୁ ବିରୋଧ କରି ସମସ୍ୟାର ସମାଧାନ ପାଇଁ ପଦନପୁର ହରିଜନ ସାହିର ଜନସାଧାରଣ ଗତ ଏପ୍ରିଲ ୧୦ରେ ଜିଲାପାଳ, ଜଟଣୀ ତହସିଲଦାର, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ପ୍ରମୁଖ ଶାସନ ସଚିବ, ସରପଞ୍ଚଙ୍କ ସହିତ ଜଟଣୀ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସେହି ସମୟରେ ସ୍ଥାନୀୟ ତହସିଲଦାର ଉକ୍ତ ସମସ୍ୟାର ସମାଧାନ କରି ପୋଖରୀର ପୁନଃଉଦ୍ଧାର କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏକମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ତହସିଲ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ପୁଣି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ଗ୍ରାମବାସୀ ସମସ୍ୟାର ସମାଧାନ ପାଇଁ ତହସିଲଦାରଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୨୭ ତାରିଖରେ ଉକ୍ତ ସମସ୍ୟାର ସମାଧାନ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ମୁଗ ମଣ୍ଡି ଉଦ୍‌ଘାଟିତ

ବାଲିପାଟଣା,୨୨।୫(ଡି.ଏନ୍.ଏ.)

ବାଲିପାଟଣାସ୍ଥିତ ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତିଠାରେ ଚଳିତ ବର୍ଷର ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମାର୍କଫେଡ୍ ସଭାପତି କବିତା ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରି କହିଥିଲେ, ମୁଗ, ବିରି ଓ ଚିନାବାଦାମ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସମବାୟ ସମିତି ମାଧ୍ୟମରେ କିଣାଯିବ। ଯଦି କେହି ମୁନାଫା ବ୍ୟବସାୟୀ ଗୋଷ୍ଠୀ ଚାଷୀଙ୍କୁ ଦିଗଭ୍ରଷ୍ଟ କରନ୍ତି ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ସେହିପରି ମାର୍କଫେଡ୍ ସେକ୍ରେଟାରି ରୋଜାଲିନ ସେନାପତି କହିଥିଲେ, ଚାଷୀଙ୍କୁ ସରକାରୀ ମଣ୍ଡିରେ ମୁଗ, ବିରି ଓ ଚିନାବାଦାମ ଦେବାକୁ ସରକାରଙ୍କ ପକ୍ଷରୁ ସଚେତନ କରାଯାଉଛି। ଏହାର ସୁଯୋଗ ସମସ୍ତ ଚାଷୀ ନେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆରସିଏସ୍ ଅଳକାନନ୍ଦା ଜେନା, ବ୍ଲକ କୃଷି ଅଧିକାରୀ ନକ୍ଷତ୍ର ରାଉଳ ଯୋଗଦେଇ ମତ ରଖିଥିଲେ। ସମିତି ସଭାପତି ଅଭିମନ୍ୟୁ ନାୟକ ସଭା ପରିଚାଳନା କରିଥିଲେ। ସମ୍ପାଦକ ସୁନୀଲ କୁମାର ପଣ୍ଡା, ସଭ୍ୟ ପ୍ରଦୋଷ ସେନାପତି, ବଟକୃଷ୍ଣ ରାଉତରାୟ, କ୍ଷୀରୋଦ ଓଝା, ଜ୍ୟୋତିରଞ୍ଜନ ନାୟକ, ହରିହର ଭଜଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ୩ ଜଣ ଚାଷୀ ୨୨ କୁଇଣ୍ଟାଲ ମୁଗ ପ୍ରଥମ ଦିନରେ ମଣ୍ଡିରେ ଦେଇଥିଲେ। ୭୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି।

ସରିଲା ମହାଯଜ୍ଞ, ନବଦୁର୍ଗାଙ୍କ ମେଳଣ ମହୋତ୍ସବ

ଗମ୍ଭାରୀମୁଣ୍ଡା,୨୨।୫(ଡି.ଏନ୍.ଏ.)

ପଙ୍କାଳ ଏବଂ ମହଦ୍‌ପଲ୍ଲା ଗ୍ରାମର ଆରାଧ୍ୟା ଦେବୀ ମା' ଖିଲାମୁଣ୍ଡାଙ୍କ ପୀଠରେ ଚାରିଦିନ ବ୍ୟାପୀ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ନବଦୁର୍ଗାଙ୍କ ମେଳଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ଶୁକ୍ରବାର ଅଙ୍କୁରାରୋପଣ, ଶନିବାର କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ ହୋଇଥିଲା। ରବିବାର ପ୍ରାତଃରୁ ସୂର୍ଯ୍ୟପୂଜା ସହ ଅନ୍ୟାନ୍ୟ ପୂଜା କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ପୂର୍ଣ୍ଣାହୁତି ଦିବସରେ ମା' ଖିଲାମୁଣ୍ଡାଙ୍କ ନିମନ୍ତ୍ର

୨୨।୫।୨୦୨୩

୫,୨୯,୨୦୧ ଟଙ୍କା	
ସୁନା	୪୦୦ ମିଲି ଗ୍ରାମ୍
ରୁପା	୯ ଗ୍ରାମ୍

ସଂକ୍ଷେପରେ

ପରିତ୍ୟକ୍ତ ଗୃହରୁ ଯୁବକଙ୍କ ମୃତଦେହ ଜବତ

ପୁରୀ ଅଫିସ,୨୨।୫- ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଏକ ପରିତ୍ୟକ୍ତ ଗୃହରୁ ସୋମବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲାର କିଶୋରଚନ୍ଦ୍ର ସ୍ୱାଇଁ। ଏ ନେଇ ପୋଲିସ ଏକ ମାମଲା(ନଂ.୩୦/୨୩) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଚକ୍ରତୀର୍ଥ ରୋଡ୍ ନିକଟରେ ଏକ ପରିତ୍ୟକ୍ତ ଅବସ୍ଥାରେ ଥିବା ଗୃହ ଭିତରୁ ଦୁର୍ଗନ୍ଧ ବାହାରୁଥିଲା। ଫଳରେ ଲୋକ ସେହି ରାସ୍ତା ଦେଇ ଯିବାଆସିବାରେ ଅସୁବିଧା ହେଉଥିଲା। କେତେଜଣ ସ୍ଥାନୀୟ ଲୋକେ ଉକ୍ତ ଗୃହ ଭିତରକୁ ଯାଇ ଦେଖିବା ବେଳେ ସେଠାରେ ଜଣେ ଯୁବକଙ୍କ ମୃତଦେହ ମୁହଁମୋଡି ପଡ଼ିଥିଲା। ଖବରପାଇ ସମୁଦ୍ରକୂଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତେବେ ଅନେକ ବର୍ଷ ହେବ ଏହି ପରିତ୍ୟକ୍ତ ଗୃହଟି ସୁକନ୍ୟା ହଷ୍ଟେଲ ଥିବାବେଳେ କିଛି ବର୍ଷ ସେଠାରୁ ହଷ୍ଟେଲ ସ୍ଥାନାନ୍ତର ହେବା ପରେ ତାହା ବନ୍ଦ ରହିଥିଲା। ଯାହାର ସୁଯୋଗ ନେଇ ଉକ୍ତ ସ୍ଥାନରେ ନିଶା କାରବାର ହେବା ସହ ଅନେକ ଯୁବକ ନିଶା ସେବନ ପାଇଁ ବାଡ଼ ଡେଇଁ ପଶୁଥିଲେ। ତେବେ ମୃତ ଯୁବକ ଜଣଙ୍କ ନିଶା ସେବନ ପାଇଁ ଯାଇ ମୃତ୍ୟୁବରଣ କରିଥାଏପାରେ ବୋଲି ଅନୁମାନ କରାଯାଉଛି। ତେବେ ମୃତଦେହଟି ୩-୪ ଦିନ ତଳର ହୋଇଥିବା ଅନୁମାନ କରାଯାଉଛି।

ନିରଞ୍ଜନଙ୍କୁ ଜଗନ୍ନାଥ ସାରସ୍ୱତ ସମ୍ମାନ

କଣାସ,୨୨।୫(ସ୍ୱ.ପ୍ର.)- ଉଲ୍ଲେଖନୀୟ ସାହିତ୍ୟ ସାଧନା ପାଇଁ କଣାସ ଜଳସେଚନ ବିଭାଗରେ ୱାର୍କ ସରକାର ଭାବେ କାର୍ଯ୍ୟ କରୁଥିବା କବି ନିରଞ୍ଜନ ନାୟକଙ୍କୁ ଜଗନ୍ନାଥ ସାରସ୍ୱତ ସମ୍ମାନ ମିଳିଛି। କଟକର କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ରଥପଥ ଜଗନ୍ନାଥ ସାହିତ୍ୟ ମହାସଭା ବିଶ୍ୱ ରେକର୍ଡ ପାଳନ ମହୋତ୍ସବ ଚନ୍ଦ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସଭାରେ ନାୟକଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରାଯାଇଛି। ଇଞ୍ଜିନିୟର ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଟକ ମେୟର ସୁବାସ ସିଂ, ନ୍ୟାୟାଧୀଶ ମନୋରଞ୍ଜନ ମହାନ୍ତି, ଜୟନ୍ତ ଦାଶ, ଡ. ସଂଗ୍ରାମକେଶରୀ ସାମନ୍ତରାୟ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଅତିଥି ଥିଲେ।

ଜିଲାସ୍ତରୀୟ ଅମଲା ମଞ୍ଚ ପକ୍ଷରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

ପୁରୀ ଅଫିସ,୨୨।୫

ଓଡ଼ିଶା ରାଜସ୍ୱ ଅମଲା ସଂଘ, ଓଡ଼ିଶା ଅମଲା ସଂଘ, ଓଡ଼ିଶା ଟ୍ରେଜେରି ଅମଲା ସଂଘ ଓ ଓଡ଼ିଶା ସବ୍‌ରେଜିଷ୍ଟର ଅମଲା ସଂଘଗୁଡ଼ିକୁ ଏକତ୍ରିତ କରି ଗଠିତ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଆହ୍ୱାନକ୍ରମେ ପୁରୀ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଜିଲାସ୍ତରୀୟ ଅମଲାମାନେ ସୋମବାରଠାରୁ କଳାବ୍ୟାଜ ପରିଧାନ କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ମୂଳ ଦରମା ଲେଭଲ-୯ ପ୍ରତି ସରକାରଙ୍କର ଉଦାସୀନତାକୁ ବିରୋଧ କରି ମଞ୍ଚ ପକ୍ଷରୁ ସରକାରଙ୍କ ନିକଟରେ ଦାବିପୂରଣ ପାଇଁ ବାରମ୍ବାର ଦାବି ଉପସ୍ଥାପନ କରି ଆସୁଥିଲେ। ମାତ୍ର ସରକାର ସଂଘର ଦାବି ପୂରଣ ନ କରିବାରୁ ସଂଘ ପକ୍ଷରୁ ୨୨ତାରିଖଠାରୁ କଳାବ୍ୟାଜ ପିନ୍ଧି ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ଯଦି ସେହି ସମୟ ମଧ୍ୟରେ ଦାବି ପୂରଣ ନ କରନ୍ତି, ତେବେ ଜୁନ ୧ରୁ ପୁରୀ ଜିଲାରେ କାର୍ଯ୍ୟରତ ସମସ୍ତ ଜିଲାସ୍ତରୀୟ ଅମଲା ସମୂହ ଛୁଟିରେ ରହିବେ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଜୁନ ୧ ତାରିଖଠାରୁ ଜିଲାର ସମସ୍ତ ବ୍ଲକ ଅଫିସ, ତହସିଲ, ଉପ ନିବନ୍ଧକ ଅଫିସ, ଟ୍ରେଜେରି ଅଫିସ, ସମସ୍ତ ଏଜୁକେଶନ ଅଫିସ, ମେଡିକାଲ ଅଫିସ, ଆର୍‌ଟିଓ, ଯୋଗାଣ ଅଫିସ, ଆଇସିଡିଏସ୍, ମ୍ୟୁନିସିପାଲଟି ସମେତ ସମସ୍ତ ଜିଲାସ୍ତରୀୟ ଅଫିସ ଓ ଜିଲାପାଳ ଅଫିସରେ କେହି ଅମଲାମାନେ କାର୍ଯ୍ୟ କରିବେ ନାହିଁ। ଯଦି ଏପରି ହୁଏ, ତେବେ ସାଧାରଣ ଜନତା ପ୍ରତ୍ୟକ୍ଷ ଭାବେ ସରକାରୀ ସେବାରୁ ବଞ୍ଚିତ ହେବେ। ଏଣୁ ଜିଲାସ୍ତରୀୟ ଅମଲାଙ୍କ ଦାବି ସମୂହକୁ ସରକାର ଯଥାଶୀଘ୍ର ପୂରଣ କରିବା ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି। ସମସ୍ତ ଜିଲା ସ୍ତରୀୟ ଅମଲା ଏକ ସ୍ୱରରେ ଅମଲା ଏକତା ଜିନ୍ଦାବାଦ ଓ ଏବେ ନୁହେଁ ତ କେବେ ନୁହେଁ ନାରା ଦେଇଥିଲେ। ମଞ୍ଚର ଆବାହକ ପ୍ରଣବ କୁମାର ଚିନ୍ନାରା, ଅଧ୍ୟକ୍ଷ ମହେନ୍ଦ୍ର କୁମାର ମହାପାତ୍ର, ଉପଦେଷ୍ଟା- ପ୍ରଭାକର ପ୍ରଧାନ ଓ ଜ୍ଞାନରଞ୍ଜନ ଦାସ, ଟ୍ରେଜେରି ମହାସଂଘ ସମ୍ପାଦକ ଦେବାଶିଷ ଦାସଙ୍କ ସମେତ ଆଶିଷ ସାମନ୍ତରାୟ, ପ୍ରଶାନ୍ତ ମିଶ୍ର, ରାଜେନ୍ଦ୍ର ପାତ୍ର, ମାନସ କୁମାର ପାତ୍ର, ସମୟ ଚକ୍ର, ପ୍ରଧାନ ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

- ଦରମା ସଂକ୍ରାନ୍ତୀୟ ପ୍ରସଙ୍ଗକୁ ନେଇ ବିରୋଧ
- ଦାବି ପୂରଣ ନ ହେଲେ ଜୁନ ୧ରୁ ଜିଲାସ୍ତରୀୟ ଅମଲାଙ୍କ ସମୂହ ଛୁଟି

ଜିଲାସ୍ତରୀୟ ଅମଲାମାନେ ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରୁଛନ୍ତି ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖିଲେ ୫-ଟି ସଚିବ

ପୁରୀ ଅଫିସ,୨୨।୫

୫-ଟି ସଚିବ ଭି.କେ ପାଣ୍ଡିଆନ ସୋମବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସକାଳ ସମୟରେ ୫-ଟି ପାଣ୍ଡିଆନ ପୁରୀ ଆସି ଶ୍ରୀମନ୍ଦିର ପରିସରକୁ ଯାଇ ରତ୍ନସିଂହାସନ ରଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ମା' ବିମଳା, ମା' ମହାଲକ୍ଷ୍ମୀ, ବଟ ଗଣେଶଙ୍କ ସହ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିଥିଲେ। ପରେ କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ଶ୍ରୀମନ୍ଦିର ପରିସରରୁ ପ୍ରସ୍ଥାନ କରିଥିଲେ। ପରେ ଶ୍ରୀମନ୍ଦିର ସମ୍ମୁଖରେ ଚାଲୁଥିବା ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ତେବେ ରଥଯାତ୍ରାକୁ ଆଉ ଖୁବ୍ କମ୍ ଦିନ ଥିବାରୁ ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କିଭଳି ଶୀଘ୍ର ଶେଷ ହେବ ସେନେଇ ଅନୁଧ୍ୟାନ କରିଥିଲେ। ପଶ୍ଚିମ ଓ ଉତ୍ତରଦ୍ୱାରରେ ଜାରି ରହିଥିବା ପରିକ୍ରମା ପ୍ରକଳ୍ପର ଆଉଟର ରୋଡ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହିତ ଉତ୍ତର ଦ୍ୱାର ନିକଟରେ ଚାଲିଥିବା ବିଭିନ୍ନ ଜୋନର ରାସ୍ତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ୫-ଟି ସଚିବ ଭୁବନେଶ୍ୱର ଫେରିଯାଇଥିଲେ।

ରାଜ୍ୟ ପର୍ଯ୍ୟବେକ୍ଷକଙ୍କ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ

ନିମାପଡ଼ା,୨୨।୫(ଡି.ଏନ୍.ଏ.)

ପାନୀୟ ଜଳ ଯୋଗାଣ ବିଭାଗର ରାଜ୍ୟ ପର୍ଯ୍ୟବେକ୍ଷକ ଶିବାଶିଷ ଧଳ ସୋମବାର ନିମାପଡ଼ା ବ୍ଲକ ଗସ୍ତ କରିଛନ୍ତି। ଏହି ଗସ୍ତରେ ପର୍ଯ୍ୟବେକ୍ଷକ ଧଳ ନିମାପଡ଼ା ବ୍ଲକର ଶାଇଁସ ଶାସନ, ରଟିଲୋ, ଭିଲିଗ୍ରାମ, ମିଟେଇପୁର, ରେଞ୍ଚ ଶାସନ ଆଦି ୫ ପଞ୍ଚାୟତର ଦୁର୍ଗାପୁର, ଭଗବତୀପୁର, କାଶିପୁର, ଖେଲାର, ଶେଉଳସାହି, ସର୍ବପଡ଼ା, ବିଷ୍ଣୁପୁର, ମାହାଳ, ପଳସୁଧା ଆଦି ୧୦ ଗ୍ରାମ ବୁଲିଛନ୍ତି। ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଗାଁରେ ଲୋକେ ଦୈନିକ କେତେ ସମୟ ପାଇପଲାଇନ ପାନୀୟ ଜଳ ପାଉଛନ୍ତି, ଗ୍ରାମାଞ୍ଚଳରେ ଠିକ୍ ଭାବେ ପାନୀୟ ଜଳ ଯୋଗାଣ ହେଉଛି କି ନାହିଁ, ପାନୀୟ ଜଳର ମାନ, ପାଇପଲାଇନ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଆଦି ପରିଦର୍ଶନ ଓ ତଦାରଖ କରିଥିଲେ। ପର୍ଯ୍ୟବେକ୍ଷକ ଧଳ ଗାଁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସେ ନିମାପଡ଼ା ପାନୀୟ ଜଳ ଯୋଗାଣ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟଠାରେ ଥିବା ଜଳର ଗୁଣବତ୍ତା, ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ। କର୍ମଚାରୀଙ୍କ ସହ ପାନୀୟ ଜଳର ଗୁଣବତ୍ତା ଓ ମାନ ସମ୍ପର୍କରେ ବିଶଦ ଆଲୋଚନା କରିବା ସହ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଗସ୍ତ ସମୟରେ ତାଙ୍କ ସହ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶର୍ମିଷ୍ଠାବାଳା ପୃଷ୍ଟି, ସହକାରୀ ଯନ୍ତ୍ରୀ ପ୍ରବୀର ବଳ, ସହକାରୀ ଯନ୍ତ୍ରୀ ପିଙ୍କି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ପର୍ଯ୍ୟବେକ୍ଷକ ଶିବାଶିଷ ଧଳ ବିଭିନ୍ନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ଅଫିସଠାରେ ଜଳର ଗୁଣବତ୍ତା ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ବସ୍ ଆସୋସିଏଶନ, ପୋଲିସ ବିଭାଗ ମଧ୍ୟରେ ଆଲୋଚନା

ପୁରୀ ଅଫିସ,୨୨।୫

ଆଗକୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଭକ୍ତଙ୍କ ଯାତାୟତରେ ଯେପରି ସମସ୍ୟା ନ ଉପୁଜେ ସେଥିପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସୋମବାର ବସ୍ ଆସୋସିଏଶନ୍ ଓ ପୋଲିସ ପ୍ରଶାସନର ଏକ ବୈଠକ କୁୟାରପଡ଼ା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଟି ଡିଏସ୍‌ପି କେ.କେ. ହରିପ୍ରସାଦଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟ୍ରାଫିକ ଡିଏସ୍‌ପି ନିରଞ୍ଜନ ଶବର, କୁୟାରପଡ଼ା ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ଏବଂ ବିଭିନ୍ନ ବସ୍ ଆସୋସିଏଶନର ୨୨ଜଣ ସଦସ୍ୟ ବୈଠକରେ ଯୋଗଦେଇଥିଲେ। ପ୍ରାରମ୍ଭରେ ସିଟି ଡିଏସ୍‌ପି ବୈଠକର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ସାଧାରଣ ନିର୍ଦ୍ଦେଶଗୁଡ଼ିକୁ ସଂକ୍ଷପରେ ସୂଚନା ପ୍ରଦାନ କରିଥିଲେ। ପେମେଣ୍ଟ ଆଧାରରେ ସେମାନଙ୍କର ସରକାରୀ କାର୍ଯ୍ୟର ଆବଶ୍ୟକ ପାଇଁ ବସ୍ ଆସୋସିଏଶନ୍ ସୁପରଭାଇଜରମାନଙ୍କୁ ରଖିପାରିବେ। ସେମାନେ ଯାତ୍ରୀ ଲୋଡ଼ିଂ କିମ୍ବା ଟଙ୍କା ସଂଗ୍ରହ ପ୍ରସଙ୍ଗରେ ଜଡ଼ିତ ହେବା ଉଚିତ ନୁହେଁ। ସରକାରୀ କାର୍ଯ୍ୟ କରିବା ପାଇଁ ସେମାନେ ସମ୍ପୃକ୍ତ ସଙ୍ଗଠନର କାର୍ଯ୍ୟାଳୟରେ ବସିବେ। ଯଦି କୌଣସି ସୁପରଭାଇଜର ଉପରୋକ୍ତ ନିୟମ ଉଲ୍ଲଂଘନ କରନ୍ତି, ଯାତ୍ରୀ ଲୋଡ଼ିଂ ଏବଂ ଟଙ୍କା ସଂଗ୍ରହ କାର୍ଯ୍ୟରେ ଜଡ଼ିତ ହୁଅନ୍ତି, ତେବେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବସ୍ ଷ୍ଟାଣ୍ଡରେ ହ୍ୟାକରମାନଙ୍କୁ ପ୍ରବେଶ ଅନୁମତି ରହିବ ନାହିଁ। ଯଦି କୌଣସି ହ୍ୟାକର ନଜରରେ ଆସନ୍ତି ତେବେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ବସ୍ ଧାର୍ଯ୍ୟ ସମୟ ଅବଧି ବ୍ୟତୀତ ଲୋଡ଼ିଂ ନେବ ନାହିଁ। ବାଇ ପଏଣ୍ଟ ପରେ କୌଣସି ବସ୍ ପଙ୍ଗନାୟକ ଟେଲର୍ ଚର୍ନି ପଏଣ୍ଟ ପର୍ଯ୍ୟନ୍ତ ଯାତ୍ରୀ ଉଠାଇବ ନାହିଁ। ସମସ୍ତ ବସ୍ ନିର୍ଦ୍ଦିଷ୍ଟ ବାଇରେ ଯାତ୍ରୀମାନଙ୍କୁ ବସ୍‌କୁ ଉଠାଇବେ। ନାଇଟ୍ କୋଚ୍ ଏକ୍ସପ୍ରେସ ବସ୍ ବ୍ୟତୀତ ସମସ୍ତ ବସ୍ ଲୋଡ୍ ହେବା ପରେ ବସ୍ ଷ୍ଟାଣ୍ଡର ପ୍ରସ୍ଥାନ ରାସ୍ତା ଦେଇଯିବେ। ଏଥିସହ ଅନ୍ୟାନ୍ୟ ବିଷୟ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

ରଥର ଗରଗରା, ଚାରି ନାହାକା, ୫ ଦଣ୍ଡା ନିର୍ମାଣ ଜାରି

ପୁରୀ ଅଫିସ, ୨୨।୫

ରଥଖଳାରୁ...

ମହାପ୍ରଭୁଙ୍କ ଚଳିତବର୍ଷ ସ୍ନାନଯାତ୍ରା ଜୁନ ୪ରେ ଅନୁଷ୍ଠିତ ହେବ। ରଥ ସଂହିତା ଅନୁଯାୟୀ ସ୍ନାନଯାତ୍ରା ଦିନ ତିନି ରଥର ଚାରି ନାହାକା ଉଠିବାର ପରମ୍ପରା ରହିଛି। ତେଣୁ ଶ୍ରୀନହରସ୍ଥିତ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ରଥଖଳାରେ ତିନିରଥର ମହାରଣାମାନଙ୍କ ଦ୍ୱାରା ଗରଗରା, ଚାରି ନାହାକା ଏବଂ ପାଞ୍ଚ ଦଣ୍ଡା ନିର୍ମାଣ ଆଗେଇ ଚାଲିଥିବା ବେଳେ ତିନି ରଥର ରୂପକାର ସେବକଙ୍କ ଦ୍ୱାରା କୋଣ ଗୁଜ ଏବଂ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରହିଛି। ସେହିପରି ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳାରେ ଓଝା ସେବକମାନେ ତିନି ରଥର ଦଣ୍ଡା କଣ୍ଢା ନିର୍ମାଣ ସାରି ଯୋଖା କଣ୍ଢା ନିର୍ମାଣ କରୁଛନ୍ତି। ଏଥିସହ ବସନ୍ତ ମହାରଣାଙ୍କ ନେତୃତ୍ୱର ପାହୀ ମହାରଣାମାନେ ରଥଯାତ୍ରା, ସ୍ନାନ ଯାତ୍ରା ପାଇଁ ଆବଶ୍ୟକ କାଠ ନିର୍ମିତ ନୀତିକାନ୍ତି ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

ତାଳଧ୍ୱଜ ରଥର ୨ଟି ଗରଗରାର ନିର୍ମାଣ ରବିବାରଠାରୁ ଶେଷ ହୋଇଥିଲେହେଁ, ଦୋୟ ଗରଗରାରେ ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ବାକି ରହିଛି। ତାଳଧ୍ୱଜ ରଥର ୩ଟି ଚାରି ନାହାକର ନିର୍ମାଣ ସାରି ଚତୁର୍ଥ ଚାରି ନାହାକାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତାର ଆଠ କୋଣି କାର୍ଯ୍ୟ ବାକି ରହିଛି। ତାଳଧ୍ୱଜ ରଥର ୧୧ଟି ଚଉଦ ନାହାକା ନିର୍ମାଣ କାର୍ଯ୍ୟ ଶେଷ ହୋଇ ବାକି ୩ଟି ଚଉଦ ନାହାକାର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତାଳଧ୍ୱଜ ରଥର ୩ଟି ଦଣ୍ଡାର ନିର୍ମାଣ ଶେଷ ହୋଇ ଆଉ ଦୁଇଟି ଦଣ୍ଡାର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ତାଳଧ୍ୱଜ ରଥର ୨ଟି ପାର୍ଶ୍ୱ ଦଣ୍ଡାରୁ ଗୋଟିକର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଦର୍ପଦଳନ ରଥର ଦୁଇଟି ଗରଗରାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଦୁଇଟି ଗରଗରାର ଉଭୟ ପାର୍ଶ୍ୱରେ ବିନ୍ଧ କାର୍ଯ୍ୟ ସରିଛି। ଦର୍ପଦଳନ ରଥର ୩ଟି ଗୋରା, ଚାରି ନାହାକା ନିର୍ମାଣ ଶେଷ ହୋଇ ଚତୁର୍ଥ ଚାରି ନାହାକାଟିର ଚଉପଟ କାର୍ଯ୍ୟ ଶେଷ ହୋଇ ତାର ଆଠ କୋଣି କାମ ବାକି ରହିଛି। ଦର୍ପଦଳନ ରଥର ୧୨ଟି ଚଉଦ ନାହାକାର ନିର୍ମାଣ ଶେଷ ହୋଇଛି। ଆଉ ଦୁଇଟିର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦର୍ପଦଳନ ରଥର ୩ଟି ପାଞ୍ଚ ଦଣ୍ଡା ନିର୍ମାଣ ଶେଷ ହୋଇଥିବା ବେଳେ ଆଉ ଦୁଇଟିର ଚଉପଟ କାର୍ଯ୍ୟ ଜାରି ରହିଥିବା ସହ ଦୁଇଟି ପାର୍ଶ୍ୱ ଦଣ୍ଡାର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ନନ୍ଦିଘୋଷ ରଥର ଦୁଇଟି ଗରଗରାର ନିର୍ମାଣ କାର୍ଯ୍ୟ ପ୍ରଥମେ ଶେଷ ହୋଇ ଉଭୟ ପାର୍ଶ୍ୱରେ ବିନ୍ଧ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ଦୁଇଟି ଚାରି ନାହାକ ନିର୍ମାଣ ଶେଷ ହୋଇ, ସୋମବାର ଆଉଗୋଟିଏ ଚାରି ନାହାକାର ନିର୍ମାଣ ଶେଷ ହୋଇ ଶେଷ ଚାରି ନାହାକାର ଚଉପଟ କାର୍ଯ୍ୟ ସରିଛି, ଆଠ କୋଣି ଅଂଶ କାର୍ଯ୍ୟ ବାକି ରହିଛି। ନନ୍ଦିଘୋଷ ରଥର ପ୍ରଥମ ପର୍ଯ୍ୟାୟରେ ୮ଟି ଚଉଦ ନାହାକା ଶେଷ ହୋଇ ବାକି ୬ଟିର ନିର୍ମାଣ କାର୍ଯ୍ୟ ଜାରି ରହି ନିର୍ମାଣ କାର୍ଯ୍ୟ ଶେଷ ସୁଦ୍ଧା ସମସ୍ତ ଚଉଦ ନାହାକାର ନିର୍ମାଣ ଶେଷ ହୋଇଛି। ନନ୍ଦିଘୋଷ ରଥର ୪ଟି ଦଣ୍ଡାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ପଞ୍ଚମ ଦଣ୍ଡାର ଚଉପଟ କାର୍ଯ୍ୟ ଜାରି ରହିଥିବା ସହ ଗୋଟିଏ ପାର୍ଶ୍ୱ ଦଣ୍ଡାର ଚଉପଟ ପାଇଁ ଚିତା କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥର ରୂପକାର ସେବକମାନେ ତିନି ରଥର କୋଣ ଗୁଜ ବା ସାଲ ଗୁଜ ଏବଂ ତିଖ ଗୁଜ ଗୁଡ଼ିକରେ ରୂପ ଖୋଦେଇ ସହ ଅଳଙ୍କାର ତଥା ପଲିସ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ଶେଷ ଦୁଇଟି ଲେଖାଏ ତିଖ ଗୁଜରେ ରୂପ ଖୋଦେଇ କାର୍ଯ୍ୟ ଜାରି ରହିଛି। ଦୋଳବେଦିରେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ କରତି ସେବକମାନେ ଶେଷ କରିଛନ୍ତି। ସେହିପରି ତିନିରଥର ଓଝା ସେବକମାନେ ତିନିରଥ ପାଇଁ ଆବଶ୍ୟକ ଦଣ୍ଡା ବିଡ଼ିଆ, ଅଗ ପାତେଳିରୁ ମୋଟ ୨୩୧ଟି କଣ୍ଢା ନିର୍ମାଣ ଶେଷ କରି ତିନି ରଥର ଯୋଖା କଣ୍ଢା ନିର୍ମାଣ ଆରମ୍ଭ କରିଛନ୍ତି।

୨୪ରେ ତ୍ରିଲୋଚନପୁର ଶୀତଳ ଷଷ୍ଠୀ

ଶୀତଳ ଷଷ୍ଠୀ ପାଇଁ ବାଉଁଶଚକ୍ର ତିଆରି କରାଯାଉଛି।

କଣାସ,୨୨।୫(ସ୍ୱ.ପ୍ର.)

ବାଉଁଶଚକ୍ର ମୁଖ୍ୟ ଆକର୍ଷଣ

ତ୍ରିଲୋଚନପୁର ଗ୍ରାମର ଆରାଧ୍ୟ ଠାକୁର କପିଳେଶ୍ୱର ମହାଦେବ ଏବଂ ମା' ପାର୍ବତୀଙ୍କ ବିବାହ ଉତ୍ସବ ଓ ଶୀତଳ ଷଷ୍ଠୀ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ପ୍ରଭୁଙ୍କ

ପ୍ରଶାସନ ଉପରେ ସୂଚନା ଆୟୋଗଙ୍କ ଅସନ୍ତୋଷ

ପୁରୀ ଅଫିସ,୨୨।୫

ଶ୍ରୀମନ୍ଦିର ରତ୍ନଭଣ୍ଡାର ପ୍ରସଙ୍ଗ

- ୪ ମାମଲାର ଦ୍ୱିତୀୟ ଶୁଣାଣି
- ଶୁଣାଣିରେ ଜନ ସୂଚନା ଅଧିକାରୀ ଅନୁପସ୍ଥିତ

ବିବାଦ ଘେରରେ ରହିଆସିଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପୂର୍ବରୁ ମନ୍ଦିର ପ୍ରଶାସନ ନ ମାନିବା ସହ ରାଜ୍ୟ ସରକାର କୋର୍ଟରେ ସତ୍ୟପାଠ ଦାଖଲ ନ କରି ରତ୍ନଭଣ୍ଡାର ପ୍ରସଙ୍ଗରୁ ଦୂରେଇ ରହିବାକୁ ଚେଷ୍ଟା କରିଥିଲେ। ଫଳରେ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ଶ୍ରୀମନ୍ଦିର ରତ୍ନଭଣ୍ଡାର ସମ୍ପର୍କିତ ବିଭିନ୍ନ ତଥ୍ୟ ପାଇବାକୁ ନେଇ ପୂର୍ବରୁ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ ରତ୍ନଭଣ୍ଡାରର ବିଭିନ୍ନ ଦିଗ ସଂକ୍ରାନ୍ତରେ ୪ଟି ମାମଲା ରୁଜୁ କରିଥିଲେ। ଉକ୍ତ ୪ଟି ମାମଲାର ଶୁଣାଣି ରାଜ୍ୟ ସୂଚନା ଆୟୋଗଙ୍କ ପକ୍ଷରୁ ସୋମବାର ଦ୍ୱିତୀୟ ଶୁଣାଣି ହୋଇଛି। ଏହାଦ୍ୱାରା ରତ୍ନଭଣ୍ଡାର ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନର ଦାୟିତ୍ୱହୀନତା ପୁଣିଥରେ ସାମ୍ନାକୁ ଆସିଛି। ଏପରିକି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ୪ଟି ମାମଲାର କୌଣସି ତଥ୍ୟ ଦେଇ ନ ଥିବାରୁ ସୂଚନା ଆୟୋଗ ଅସନ୍ତୋଷ ପ୍ରକାଶ କରିଥିଲେ। ଦ୍ୱିତୀୟ ଶୁଣାଣି ବେଳେ ଶ୍ରୀମନ୍ଦିର ଜନ ସୂଚନା ଅଧିକାରୀ ଅନୁପସ୍ଥିତ ରହିଥିଲେ। ତାଙ୍କ ବଦଳରେ ଜଣେ ବେସରକାରୀ ବ୍ୟକ୍ତି ନିଯୁକ୍ତି କରିଥିଲେ। ଯାହାକୁ ନେଇ ଆବେଦନକାରୀ ବରାଳ ବିରୋଧ କରିବା ସହ ଜନ ସୂଚନା ଅଧିକାରୀ ଉପସ୍ଥିତ ରହିବା ପାଇଁ ଦାବି କରିଥିଲେ। ଫଳରେ ଆସନ୍ତା ଜୁନ ୨୩ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଜଷ୍ଟିସ୍‌ଙ୍କୁ ଦେଇଥିବା କାଗଜପତ୍ର (ଚିଠି, ରିପୋର୍ଟ) ଆଦିର ନକଲ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରିବା ପାଇଁ ସୂଚନା ଅଧିକାରୀ କର୍ମୀ ଦିଲୀପ ବରାଳ ଶ୍ରୀମନ୍ଦିର ପ୍ରଶାସନକୁ ତଥ୍ୟ ମାଗିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନ ଥିଲା। ଫଳରେ ବରାଳ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ତଥା ପ୍ରଥମ କର୍ତ୍ତୃପକ୍ଷଙ୍କ ନିକଟରେ ତଥ୍ୟ ପାଇବା ପାଇଁ ଆବେଦନ କରିଥିଲେ। ହେଲେ ଉନ୍ନୟନ ପ୍ରଶାସକ ଲିଖିତ ଭାବେ ଜଣାଇଥିଲେ ଯେ, ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସରକାର ସାର୍ବଜନୀନ କରିନାହାନ୍ତି। ତେଣୁ ଏ ନେଇ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ। ଫଳରେ ବରାଳ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ୪ଟି ଅଭିଯୋଗକ୍ରମେ ଦ୍ୱିତୀୟ ଅପିଲ କରିଥିଲେ। ଏ ସଂକ୍ରାନ୍ତରେ ରାଜ୍ୟ ସୂଚନା ଆୟୋଗ ପୃଥକ ୪ଟି ମାମଲା ଯଥା, ନଂ. ୪୨୪/୨୨, ୭୦୨/୨୨, ୭୨୯/୨୨ ଏବଂ ୭୩୦/୨୨ରେ ରୁଜୁ କରିଥିଲେ। ରୁଜୁ କରିଥିବା ନଂ.୪୨୪ ମାମଲାରେ ରତ୍ନଭଣ୍ଡାର ପ୍ରସଙ୍ଗରେ ପୂର୍ବରୁ ହୋଇଥିବା ରିପୋର୍ଟ ସାର୍ବଜନୀନ କରିବା ପାଇଁ କୁହାଯାଇଥିଲା। ନଂ. ୭୦୨/୨୨ ମାମଲାରେ ୨୦୧୮ ଏପ୍ରିଲ ୪ରେ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟି ବୈଠକର ବିବରଣୀର ସୂଚନା ବରାଳ ମାଗିଥିଲେ। ସେହିପରି ନଂ. ୭୨୯/୨୨ରେ ୧୯୮୨ ଡିସେମ୍ବର ୨୬ରେ ରତ୍ନଭଣ୍ଡାର ରେଜିଷ୍ଟରରେ ଉଲ୍ଲେଖ ହୋଇଥିବା ସମସ୍ତ ତଥ୍ୟ ପ୍ରଦାନ ପାଇଁ କହିଥିଲେ। ସେହିପରି ନଂ.୭୩୦/୨୨ରେ ୧୯୮୫ରେ ଜୁଲାଇ ୧୪ ରତ୍ନଭଣ୍ଡାର ରେଜିଷ୍ଟର ସମସ୍ତ ତଥ୍ୟ ଦେବାକୁ ନିବେଦନ କରିଥିଲେ। ତେବେ ଏହି ଅଭିଯୋଗର ପ୍ରଥମ ଶୁଣାଣି ଗତ ମାର୍ଚ୍ଚ ୧୭ରେ ହୋଇଯାଇଥିବା ବେଳେ ଦ୍ୱିତୀୟ ଶୁଣାଣି ସୋମବାର ସୂଚନା ଆୟୋଗଙ୍କ କାର୍ଯ୍ୟାଳୟରେ ହୋଇଥିଲା। ହେଲେ ଏହି ଶୁଣାଣି ସମୟରେ ଶ୍ରୀମନ୍ଦିର ଜନ ସୂଚନା ଅଧିକାରୀ ଅନୁପସ୍ଥିତ ରହି ଅନ୍ୟ ଜଣେ ମାମଲା ପରିଚାଳନା କରିଥିଲେ। ତେବେ ରଘୁବୀର ଦାସ ତଦନ୍ତ ରିପୋର୍ଟ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ରଘୁବୀର ଦାସ କମିଶନକୁ ଯେଉଁ କାଗଜପତ୍ର ଦେଇଥିଲା, ସେଗୁଡିକ ତାଙ୍କ ନିକଟରେ କିଛି ନଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତ୍ୟପାଠ ଜରିଆରେ ସୂଚନା ଦିଆଯାଇଛି। ସେହିପରି ୭୦୨ ମାମଲାରେ କମିଶନ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ଜରିମାନା କାହିଁକି କରାଯିବନି ସେନେଇ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ମଧ୍ୟ ଦ୍ୱିତୀୟ ଶୁଣାଣିରେ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ରଖାଯାଇ ନ ଥିଲା। ନଂ.୭୨୯ ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି, ୧୯୮୨ ଡିସେମ୍ବର ୨୬ ରତ୍ନଭଣ୍ଡାର ରେଜିଷ୍ଟରରେ କ'ଣ ଉଲ୍ଲେଖ କରାଯାଇଥିଲା, ତାହାର ସୂଚନା ଶ୍ରୀମନ୍ଦିର ପ୍ରଶାସନ ପାଖରେ କିଛି ନାହିଁ। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ୭୩୦ ମାମଲାରେ ମଧ୍ୟ ତତ୍କାଳୀନ ରେଜିଷ୍ଟର ତଥ୍ୟ ଦିଆଯାଇ ନ ଥିଲା। କୌଣସି ମାମଲାର ତଥ୍ୟ ନ ଦେବା ସହ ଶୁଣାଣି ସମୟରେ ଶ୍ରୀମନ୍ଦିର ଜନ ସୂଚନା ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ରାଜ୍ୟ ସୂଚନା ଆୟୋଗ ଏସ୍.କେ. ସ୍ୱାଇଁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଜୁନ ୨୩ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିରେ ଶ୍ରୀମନ୍ଦିର ଜନ ସୂଚନା ଅଧିକାରୀଙ୍କୁ ନିଜେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶ୍ରୀମନ୍ଦିର ସୂଚନା ଅଧିକାରୀ ଆଲୋକ ନାଗ କହିଛନ୍ତି, ରତ୍ନଭଣ୍ଡାର ପ୍ରସଙ୍ଗ ଉପରେ ହୋଇଥିବା ମାମଲାର ସୂଚନା ଆୟୋଗ ଶୁଣାଣି କରି କିଛି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ମାତ୍ର ଅନୁପସ୍ଥିତ ରହିବାର କାରଣ ପଚାରିବାବେଳେ କିଛି ନ କହି ସେ ଫୋନ କାଟି ଦେଇଥିଲେ। ଏପରିକି ପରେ ଫୋନ ଉଠାଇ ନ ଥିଲେ।

ସଂକ୍ଷେପରେ

ଆଜିଠୁ ଖୋଲିବ ପାହାଳ ମିଠା ବଜାର

ବର୍ଦ୍ଧିତ ଦରରେ ମିଳିବ ମିଠା

ବାଲିଅନ୍ତା,୨୨।୫(ଡି.ଏନ୍.ଏ.): ଭୁବନେଶ୍ୱର-କଟକ ରାସ୍ତାର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପାହାଳ ମିଠା ବଜାର ଗତ ୨୦ ତାରିଖରୁ ବନ୍ଦ ରହିଛି। ଛେନା ଦର ବୃଦ୍ଧିକୁ ନେଇ ପାହାଳ ମିଠା ବ୍ୟବସାୟୀ ସଂଘ ୩ ଦିନ ଧରି ମିଠା ବ୍ୟବସାୟ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ପାହାଳରେ ଥିବା ପ୍ରାୟ ୭୨ଟି ମିଠା ଦୋକାନ ବନ୍ଦ ରହିଛି। ତେବେ ମଙ୍ଗଳବାରଠାରୁ ମିଠା ଦୋକାନ ଖୋଲାଯିବା ସହ ବର୍ଦ୍ଧିତ ଦରରେ ମିଠା ବିକ୍ରି କରାଯିବ ବୋଲି ବ୍ୟବସାୟୀ ଦୁଃଖୀଶ୍ୟାମ ବେହେରା କହିଛନ୍ତି। ତାଙ୍କ କହିବା ଅନୁସାରେ, ଛେନା କିଲୋ ପ୍ରତି ୨୦ ଟଙ୍କା ବୃଦ୍ଧି ଘଟିଛି। ସେହି ହିସାବରେ ମିଠା କିଲୋ ପିଛା ୨୦ ଟଙ୍କା ବଢିବ ବୋଲି ସେ କହିଛନ୍ତି। ମିଠା ବଜାର ବନ୍ଦ ରହିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଜାତୀୟ ରାଜପଥରେ ଯାତାୟାତ କରୁଥିବା ରାଜ୍ୟ ଓ ରାଜ୍ୟ ବାହାରର ଯାତ୍ରୀ ମିଠା ଖାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ବିଭିନ୍ନ ଜିଲାକୁ ଏଠାରୁ ପ୍ରସ୍ତୁତ ମିଠା ଯୋଗାଣ ବନ୍ଦ ରହିଛି। ଫଳରେ ମିଠା କାରିଗର ଓ ଅନ୍ୟ କର୍ମଚାରୀ ହାତ ବାନ୍ଧି ବସିଛନ୍ତି।

୩୦ କେଜି ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨୨।୫(ବ୍ୟୁରୋ): ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ ସହ ବିକ୍ରି କରିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୩ ନିଶା ବେପାରୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମର ନର୍ମଦା ସାହୁ, ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ସତ୍ୟଜିତ ପ୍ରଧାନ ଓ ଭୁବନେଶ୍ୱର ଖଣ୍ଡଗିରିର ଜିତେନ୍ଦ୍ର ପାତ୍ର। ଏମାନଙ୍କଠାରୁ ୩୦ କେଜିରୁ ଅଧିକ ଗଞ୍ଜେଇ, ୨ ବାଇକ ଓ ଅନ୍ୟାନ୍ୟ ସମାଗ୍ରୀ ଜବତ କରାଯାଇଛି।

ଟାଟା ଷ୍ଟିଲ ପକ୍ଷରୁ ୟଙ୍ଗ୍ ଆଷ୍ଟ୍ରୋନୋମର୍ ଟ୍ୟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମ ଅନ୍ତର୍ଗତ ଇସ୍ରୋ ପରିଦର୍ଶନ ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସୋମବାର ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମରେ ସମ୍ବର୍ଦ୍ଧନା ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟମାନେ।

ବିଡିଓଙ୍କ ଜାଲ୍ ଦସ୍ତଖତ କରି ଉଠାଇନେଲେ ୧୫ ଲକ୍ଷ

ଖୋର୍ଦ୍ଧା ଅଫିସ/ଟାଙ୍ଗୀ,୨୨।୫(ଡି.ଏନ୍.ଏ.)

ଠିକାଦାରଙ୍କ ନାଁରେ ଅଭିଯୋଗ

ଖୋର୍ଦ୍ଧା ଜିଲା ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କ ଜାଲ୍ ଦସ୍ତଖତ କରି ଜଣେ ଠିକାଦାର ୧୫ଲକ୍ଷ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ତେବେ ଠିକାଦାର ଜଣଙ୍କ ଜଣେ ବ୍ଲକ ଚେୟାରମ୍ୟାନ୍‌ଙ୍କ ସ୍ୱାମୀ ବୋଲି ଜଣାପଡ଼ିଛି। ବିଡିଓ ସାମନ୍ତରାୟଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପାରି ଏବଂ କୁହୁଡ଼ି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ପାଇଁ ସମ୍ପୃକ୍ତ ଠିକାଦାର ଜଣଙ୍କ ଟେଣ୍ଡର ପାଇଥିଲେ। ସିକ୍ୟୁରିଟି ବାବଦକୁ ୧୫ଲକ୍ଷ ଟଙ୍କା ବ୍ଲକରେ ଡିପୋଜିଟ୍ କରିଥିଲେ। ତେବେ କାମ ନ ସରିବା ପୂର୍ବରୁ ବିଡିଓଙ୍କ ଜାଲ୍ ଦସ୍ତଖତ କରି ସୋରଣସ୍ଥିତ ଇଣ୍ଡିଆନ୍ ବ୍ୟାଙ୍କରୁ ଟଙ୍କା ଉଠାଇ ନେଇଥିବା ଘଟଣା ଜଣାପଡ଼ିବା ପରେ ବିଡିଓ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ସାମନ୍ତରାୟ କହିଛନ୍ତି, ନିର୍ମାଣ ବାବଦକୁ ଠିକାଦାରଙ୍କ ସିକ୍ୟୁରିଟି ଆକାରରେ ଟଙ୍କା ଡିପୋଜିଟ୍ ରଖାଯାଏ। ପରବର୍ତ୍ତୀ ସମୟରେ ନିର୍ମାଣ ଶେଷ ହେବା ପରେ ବ୍ଲକର ଅନୁମୋଦନକ୍ରମେ ସମ୍ପୃକ୍ତ ବ୍ୟାଙ୍କରୁ ଟଙ୍କା ଫେରିପାଇଥାନ୍ତି। ତେବେ କାମ ନ ସରିବା ପୂର୍ବରୁ ସେ ବ୍ଲକର ଏକ ଲେଟରପ୍ୟାଡ୍ ପ୍ରସ୍ତୁତ କରି ଦସ୍ତଖତ ଜାଲ୍ କରି ଟଙ୍କା ଉଠାଇ ନେଇଛନ୍ତି। ତାଙ୍କ ଟଙ୍କା ସେ ପରେ ଫେରିପାଇଥାନ୍ତେ। ତେବେ ଏଭଳି ଦସ୍ତଖତ ଜାଲ୍ କରି ଟଙ୍କା ଉଠାଇବା ଠିକ୍ ନୁହଁ ବୋଲି କହିଛନ୍ତି। ସମ୍ପୃକ୍ତ ଠିକାଦାର ବ୍ଲକର ଆକାଉଣ୍ଟ ନମ୍ବର ୭୪୫୪୦୯୬୧୪୮ରୁ ୧୪.୩.୨୩ରେ ୨୮,୧୭୪ ଟଙ୍କା, ଆକାଉଣ୍ଟ ନଂ. ୭୪୫୪୦୯୦୭୧୪ରୁ ୨୮,୧୭୪ ଟଙ୍କା, ଆକାଉଣ୍ଟ ନଂ. ୭୫୫୪୧୦୨୬୯୭ରୁ ୭,୪୫,୧୮୮ ଏବଂ ଆକାଉଣ୍ଟ ନଂ. ୭୪୫୪୯୦୧୮୩୭ରୁ ୧୫.୩.୨୩ରେ ୭,୪୫,୧୮୮ ଏପରି ୪ଟି ପର୍ଯ୍ୟାୟରେ ଦୁଇଦିନ ମଧ୍ୟରେ ୧୫ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି। ବ୍ଲକ ପକ୍ଷରୁ ଚିଠି ନମ୍ବର ୫୮୮/୨.୫.୨୩ରେ ଠିକାଦାରଙ୍କ ନାମରେ ବ୍ୟାଙ୍କକୁ ଚିଠି ଦିଆଯାଇଥିବା ନେଇ ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯିବା ପରେ ସେଭଳି କୌଣସି ଚିଠି ସମ୍ପୃକ୍ତ ଠିକାଦାରଙ୍କ ନାମରେ ଇସ୍ୟୁ କରାଯାଇ ନ ଥିବା ନେଇ ବିଡିଓ ଅଭିଯୋଗରେ ଦର୍ଶାଇଛନ୍ତି। ଜଣେ ଅଣକର୍ମଚାରୀଙ୍କ ଦ୍ୱାରା ବ୍ଲକ ଚିଠିକୁ ବ୍ୟାଙ୍କ କର୍ତ୍ତୃପକ୍ଷ କିପରି ଗ୍ରହଣ କରି ଟଙ୍କା ଉଠାଣର ସୁଯୋଗ ଦେଇଛନ୍ତି ତାହାକୁ ନେଇ ପ୍ରଶ୍ନ କରିଛନ୍ତି। ଏହି ଘଟଣାର ତଦନ୍ତ ଲାଗି ବିଡିଓ ସାମନ୍ତରାୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଆନ୍ଦୋଳନକୁ ଓହ୍ଲାଇଲା ସିବିଟି ଶିକ୍ଷକ ସଂଘ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ସଂଘର ଆହ୍ୱାନକ୍ରମେ ୨୦୧୬ରୁ ୨୦୨୨ ବ୍ୟାଚ୍ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକ ପୁଣି ଭୁବନେଶ୍ୱର ଗାନ୍ଧୀମାର୍ଗରେ ଧାରଣାରେ ବସିଛନ୍ତି। ନିଯୁକ୍ତି ନିୟମିତ କରିବା ପ୍ରତିଶ୍ରୁତି ଦେଇ ବିଭାଗ ଠକି ଚାଲିଥିବା ସଂଘ ଅଭିଯୋଗ କରିଛି। ଆସନ୍ତା ଦୁଇଦିନ ମଧ୍ୟରେ ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରା ନ ଗଲେ କାର୍ଯ୍ୟଛାଡ଼ ଆନ୍ଦୋଳନ କରାଯିବ। ଏଥିସହ ସମସ୍ତ ଜିଲାର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ପୁଣି ଅନିର୍ଦ୍ଧିଷ୍ଟ କାଳ ପାଇଁ ମହାଆନ୍ଦୋଳନ ହେବ ବୋଲି ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି କହିଛନ୍ତି। ସଭାପତି ରାଜେନ୍ଦ୍ର ମଲ୍ଲିକ ଓ ସମ୍ପାଦକ ଦେବରାଜ ସାହୁ କହିଛନ୍ତି, ନିଯୁକ୍ତି ନିୟମିତ ନ ହେବାରୁ ୧୮ ହଜାର ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକ ମାନସିକ ଦୁଶ୍ଚିନ୍ତାରେ ରହିଛନ୍ତି। ଝାରସୁଗୁଡ଼ା ଉପନିର୍ବାଚନ ପରେ ଏସ୍‌ଓପି ପ୍ରକାଶିତ ହେବାର ଥିଲା, ମାତ୍ର ତାହା ସ୍ୱପ୍ନରେ ପରିଣତ ହୋଇଛି।

ନବୀନ ନିବାସରେ ସୋମବାର କାଳିଆ ଯୋଜନାର ହିତାଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ସୋମବାର ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଭୁବନେଶ୍ୱରର ଏକ ରାସ୍ତାରେ ଲୋକେ ଛତା ଧରି ଯାଉଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଆଦିଲ୍

@ ବିଶ୍ୱଜିତା

@ ବିକାଶ

@ କୁନା

@ ମହେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

୨ କାର୍ ଜାଳିଦେଲେ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

କାରଣ ଅସ୍ପଷ୍ଟ, ପୋଲିସର ତଦନ୍ତ ଜାରି

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ବୁଦ୍ଧ ପାର୍କ ନିକଟରେ ପାର୍କିଂ ହୋଇଥିବା ୨ଟି କାର୍‌କୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ପୋଡ଼ିଦେଇଛନ୍ତି। ତେବେ କିଏ ଓ କାହିଁକି ଏହି ଗାଡ଼ି ଦୁଇଟିକୁ ପୋଡ଼ିଲେ ତାହାର କାରଣ ଅସ୍ପଷ୍ଟ ରହିଛି। ଗାଡ଼ି ମାଲିକଙ୍କ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରୁଛି। ଘଟଣାସ୍ଥଳରେ ଏକାଧିକ ଗାଡ଼ି ରହିଥିବାବେଳେ ନିର୍ଦ୍ଦିଷ୍ଟ ଦୁଇଟି କାର୍‌କୁ ଟାର୍ଗେଟ କରି ପୋଡ଼ିବା ନେଇ ସନ୍ଦେହ ଘନୀଭୂତ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ କୌଣସି କାରଣକୁ ନେଇ ରାଗରେ କେହି ଏଭଳି କାଣ୍ଡ ଭିଆଇ ଥାଇପାରନ୍ତି ବୋଲି ମାଲିକ ସନ୍ଦେହ ପ୍ରକାଶ କରିଛନ୍ତି।

ସୂଚନାନୁସାରେ, ରାଜଧାନୀବାସୀଙ୍କୁ ଅପରାଧୀଙ୍କ କବଳରୁ ସୁରକ୍ଷା ଦେବାକୁ କମିଶନରେଟ ପୋଲିସ ପକ୍ଷରୁ 'ସେଫ୍ ସିଟି ଡ୍ରାଇଭ୍' ଅଭିଯାନ ଚାଲିଛି। ହେଲେ ଅପରାଧୀମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଆପରାଧିକ କାର୍ଯ୍ୟକଳାପ ଭିଆଉଥିବାରୁ ସହରବାସୀଙ୍କ ମନରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

ନୂଆଦିଲ୍ଲୀ ଠାରେ ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀଙ୍କୁ ଭେଟି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଲୋଚନା କରୁଛନ୍ତି।

ସୁଶାନ୍ତଙ୍କୁ ଅବହେଳା କଲେ ଦଳ କ୍ଷତି ସହିବ: ପ୍ରଦ୍ୟୁମ୍ନ

ବରଗଡ଼ ଅଫିସ୍, ୨୨।୫

ରାଜ୍ୟ ମନ୍ତ୍ରିମଣ୍ଡଳ ପୁନର୍ଗଠନରେ ବରଗଡ଼ ଜିଲା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ମନ୍ତ୍ରୀପଦ ନ ମିଳିବାରୁ ତାଙ୍କ ସମର୍ଥକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜିଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ନିଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଦଳ ପାଇଁ ସୁଶାନ୍ତ ଦିନରାତି ପରିଶ୍ରମ କରୁଛନ୍ତି। ପ୍ରତ୍ୟେକ ଉପନିର୍ବାଚନରେ ସେ ତାଙ୍କ ଦକ୍ଷତା ପ୍ରତିପାଦିତ କରି ସାରିଛନ୍ତି। ମନ୍ତ୍ରିମଣ୍ଡଳ ପୁନର୍ଗଠନରେ ସୁଶାନ୍ତଙ୍କୁ ମନ୍ତ୍ରୀପଦ ମିଳିବ ବୋଲି ବରଗଡ଼ ଜିଲାରେ ଦଳର ସମସ୍ତ ଯୁବ, ଛାତ୍ର, ମହିଳା କର୍ମୀଙ୍କଠାରୁ ସାଧାରଣ ଲୋକେ ଆଶା ରଖିଥିଲେ। ମାତ୍ର ତାହା ନ ହେବାରୁ ସମସ୍ତଙ୍କ ମନ ଖରାପ ଅଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ତାହା ବ୍ୟକ୍ତିଗତ ନିଷ୍ପତ୍ତି। ତାକୁ ସମସ୍ତେ ସ୍ୱୀକାର କରିବା ସହିତ ସମ୍ମାନ ଦେବାକୁ ପଡ଼ିବ। କିନ୍ତୁ ସୁଶାନ୍ତ ସିଂଙ୍କ ଭଳି ନେତାଙ୍କୁ ଅବହେଳା କରା ନ ଯାଉ, ତାଙ୍କୁ ଅବହେଳା କରାଗଲେ ତାହା ଦଳ ପାଇଁ ହିଁ କ୍ଷତି ହେବ ବୋଲି ତ୍ରିପାଠୀ କହିଛନ୍ତି।

ମନ୍ତ୍ରୀପଦ ନ ମିଳିବାରୁ ସୁଶାନ୍ତଙ୍କ ସମର୍ଥକ ନିରାଶ

ତେବେ ସୁଶାନ୍ତଙ୍କ ପ୍ରତି ଦଳରେ ଅବହେଳା କରାଯାଇଛି କି ବୋଲି ପଚାରିବାରୁ ଅବହେଳା ନା ଚକ୍ରାନ୍ତ, ସେ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି। କାରଣ ମୁଖ୍ୟମନ୍ତ୍ରୀଙ୍କ ଗୁଡ୍ ଲିଷ୍ଟରେ ସୁଶାନ୍ତ ଅଛନ୍ତି। ସେହିପରି ମନ୍ତ୍ରିମଣ୍ଡଳ ପୁନର୍ଗଠନ ପୂର୍ବରୁ ଗଣମାଧ୍ୟମ ସମ୍ଭାବ୍ୟ ତାଲିକାରେ ମଧ୍ୟ ସୁଶାନ୍ତଙ୍କ ନାମ ଆସିଥିଲା ବୋଲି ତ୍ରିପାଠୀ କହିଥିଲେ।

ପୂର୍ବରୁ ବାଦ୍ ପଡ଼ିଥିଲେ, କେଉଁ ଦକ୍ଷତା ବଳରେ ପୁଣି ମନ୍ତ୍ରୀ ହେଲେ: ଭାଜପା

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ରାଜ୍ୟ ସରକାର ପୂର୍ବରୁ ଯେଉଁମାନଙ୍କୁ ମନ୍ତ୍ରିମଣ୍ଡଳରୁ ଅପସାରଣ କରିଥିଲେ, ଦକ୍ଷ ଓ ବରିଷ୍ଠ ବୋଲି ଦର୍ଶାଇ ସେମାନଙ୍କୁ ପୁଣି ସାମିଲ କରିଛନ୍ତି। ସୋମବାର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ୩ ଜଣ ମନ୍ତ୍ରୀ ପୂର୍ବରୁ କ'ଣ ଦକ୍ଷ କିମ୍ବା ବରିଷ୍ଠ ନ ଥିଲେ କି ବୋଲି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ଯେଉଁମାନେ ମନ୍ତ୍ରିମଣ୍ଡଳରେ ସାମିଲ ହେଲେ ଯଦି ସେମାନେ ଦକ୍ଷ ଥିଲେ ତେବେ ଗତଥର ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ କାହିଁକି ଅନ୍ତର କରାଯାଇଥିଲା। ବର୍ତ୍ତମାନ ସେମାନଙ୍କୁ କେଉଁ ଦକ୍ଷତା ବଳରେ ପୁଣି ମନ୍ତ୍ରିମଣ୍ଡଳରେ ସାମିଲ କରାଗଲା। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏମାନଙ୍କୁ କ'ଣ ଦକ୍ଷ ଭାବୁ ନ ଥିଲେ। ହଠାତ୍ ସେମାନଙ୍କର କେଉଁ ଦକ୍ଷତା ଫେରିଆସିଲା ତାହା ସ୍ପଷ୍ଟ କରିବେ କି ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। ଓଡ଼ିଶାରେ କିଭଳି ମନ୍ତ୍ରୀମାନେ କାର୍ଯ୍ୟ କରନ୍ତି ତାହା ଦିବାଲୋକ ପରି ସ୍ପଷ୍ଟ। ନୂତନ ଶିକ୍ଷା ବର୍ଷ ଆରମ୍ଭ ସମୟରେ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀଙ୍କୁ ରାତି ଅଧରେ ବିଜେଡି ସରକାର ବହିଷ୍କାର କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ଶିକ୍ଷା ସହ ଖେଳ ଖେଳୁଛନ୍ତି। ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ଦ୍ୱାରା ବିଜେଡି ଶାସନ ଶୈଳୀ ଉପରେ କିଛି ପ୍ରଭାବ ପଡ଼ିବ ନାହିଁ। ଓଡ଼ିଶାର ଶାସନରେ କିଛି ନୂତନତ୍ୱ ନାହିଁ ବୋଲି ଗୋଲକ କହିଛନ୍ତି।

ବିରୋଧୀ ଏକତା ବଢ଼ାଇବାକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୨୨।୫

ରାହୁଲ, ଖାର୍ଗେଙ୍କୁ ଭେଟିଲେ ନୀତୀଶ

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ଖାର୍ଗେଙ୍କ ବାସଭବନରେ ହୋଇଥିବା ଏହି ସାକ୍ଷାତ ଅବସରରେ ବିରୋଧୀ ଏକତା ଉପରେ ଗୁରୁତ୍ୱାରୋପ କରାଯାଇଥିବା ଏବଂ ଆଗାମୀ ଦିନରେ ପାଟନାଠାରେ ହେବାକୁ ଥିବା ବିରୋଧୀ ନେତାଙ୍କ ବୈଠକ ସମ୍ପର୍କରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ୨୦୨୪ ସାଧାରଣ ନିର୍ବାଚନରେ ବିରୋଧୀ ଏକତା ବୃଦ୍ଧି ସମ୍ପର୍କିତ ଏହା ଦ୍ୱିତୀୟ ବୈଠକ କୁହାଯାଉଛି। ଏହି ବୈଠକରେ କଂଗ୍ରେସ ସାଧାରଣ ସମ୍ପାଦକ(ସଙ୍ଗଠନ) କେ.ସି. ବେଣୁଗୋପାଳ ଏବଂ ଜେଡିୟୁ ସଭାପତି ଲଲନ ସିଂ ମଧ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ରବିବାର ଏହି ପ୍ରସଙ୍ଗରେ ନୀତୀଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହି ଅବସରରେ କେନ୍ଦ୍ରର ଭାଜପା ସରକାର ବିରୋଧରେ ଲଢେଇ ପାଇଁ ତାଙ୍କର ସମର୍ଥନ ରହିଥିବା ନେଇ ନୀତୀଶଙ୍କୁ ଅବଗତ କରାଇଥିବା କୁହାଯାଉଛି। କର୍ନାଟକରେ ସିଦ୍ଦାରାମାୟାଙ୍କ ସରକାରର ଶପଥ ଗ୍ରହଣ ଉତ୍ସବରେ ନୀତୀଶ, ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍, ଏନ୍‌ସିପି ସୁପ୍ରିମୋ ଶରଦ ପାୱାର, ନାଶନାଲ କନ୍‌ଫରେନ୍ସ ମୁଖ୍ୟ ଫାରୁଖ ଅବଦୁଲ୍ଲା ପ୍ରମୁଖ ଯୋଗ ଦେଇଥିଲେ। ତେବେ କର୍ନାଟକରେ କଂଗ୍ରେସର ବିଜୟ ଜାତୀୟ ସ୍ତରରେ ବିରୋଧୀ ଏକତା ମେଳିକୁ ଦୃଢ କରୁଥିବା କୁହାଯାଉଛି।

ସୂଚନାଯୋଗ୍ୟ ନୀତୀଶ ଏବଂ ତେଜସ୍ୱୀ ଏପ୍ରିଲ ୧୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ପ୍ରମୁଖ ବିରୋଧୀ ଦଳର ନେତାଙ୍କୁ ଭେଟିଛନ୍ତି।

ସଂସଦ ଭବନ ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦିଅନ୍ତୁ: ଶରତ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ନୂତନ ସଂସଦ ଭବନ ଆସନ୍ତା ୨୮ ତାରିଖରେ ଉଦ୍‌ଘାଟନ ହେବ। ଏହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟନ କରିବା ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯେଉଁ ମତ ରଖିଛନ୍ତି ତାହାକୁ ହୃଦୟତାର ସହ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସମର୍ଥନ କରୁଛି ବୋଲି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୋମବାର ଶରତ କହିଛନ୍ତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସମାନ ଦାବି ରଖିବା ଆବଶ୍ୟକ। କାରଣ ପ୍ରତ୍ୟେକ କ୍ଷେତ୍ରରେ ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ସବୁବେଳେ ମା'ଙ୍କୁ ସମ୍ମାନ କଥା କହିଥାଆନ୍ତି ବୋଲି ଶରତ ଉଲ୍ଲେଖ କରିଛନ୍ତି।

'ବିଜେଡି ସରକାରରେ ମହିଳାଙ୍କୁ ସମ୍ମାନ ଏକ ଫମ୍ପା ଆହ୍ୱାନ'

ମହିଳା କଂଗ୍ରେସର ସଦସ୍ୟାମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢୁଥିବା ଅଭିଯୋଗ ଆଣି ରାଜ୍ୟ ସରକାରଙ୍କ ଉପରେ ପ୍ରଦେଶ ମହିଳା କଂଗ୍ରେସ ବର୍ଷିଛି। କଂଗ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହିଳା ନେତ୍ରୀମାନେ କହିଛନ୍ତି, ବିଜେଡି ସରକାରର ମହିଳାଙ୍କୁ ସମ୍ମାନ ଏକ ଫମ୍ପା ଆହ୍ୱାନ। ବିଜେଡି ସରକାରର ୨୩ ବର୍ଷରେ ରାଜ୍ୟର ମହିଳା ଅତି ଶୋଚନୀୟ ଭାବେ ଉପେକ୍ଷିତ ଓ ଅତ୍ୟାଚାରିତ ହୋଇ ରହିଛନ୍ତି। ବିଜେଡିର ଚରିତ୍ର ମା'ଙ୍କୁ ନିର୍ଯାତନା। ବଲାଙ୍ଗୀର ଜିଲାର ଶାସକ ଦଳର ତୁଙ୍ଗ ନେତା ପୂର୍ବତନ ମନ୍ତ୍ରୀ, ତାଙ୍କ ପୁଅ ପୂର୍ବତନ ଏମ୍‌ପିଙ୍କ ବିରୋଧରେ ବଧୂ ନିର୍ଯାତନା ଅଭିଯୋଗ ହୋଇ ମକଦ୍ଦମା ହୋଇ ତଦନ୍ତ ଚାଲୁଛି। କେନ୍ଦ୍ରାପଡ଼ା ବିଧାୟକଙ୍କ ବିରୋଧରେ ବଧୂନିର୍ଯାତନା ଅଭିଯୋଗ ଆସିବା ପରେ ତଦନ୍ତ ଚାଲୁଛି। କେନ୍ଦ୍ରାପଡ଼ାର ଏମ୍‌ପିଙ୍କ ବିରୋଧରେ ନାରୀ ନିର୍ଯାତନାର ଅଭିଯୋଗ ସମସ୍ତେ ଦେଖି ଆସୁଛନ୍ତି। ଜଗତସିଂହପୁର ଜିଲାର ଜଣେ ବିଧାୟକଙ୍କ ବିରୋଧରେ ଜଣେ ଝିଅ ଅଭିଯୋଗ ଆଣୁଛନ୍ତି। ହେଲେ ଆଇନ କେଉଁ ବାଟରେ ଯାଉଛି ତାହା ଜଣାପଡୁ ନାହିଁ। ସେହିପରି ଓଡ଼ିଶାରେ ମହିଳା ସମ୍ପର୍କିତ ଅପରାଧ ଅତ୍ୟନ୍ତ ଉଦ୍‌ବେଗଜନକ। ୨୦୧୨ରେ ଉତ୍ତର ପ୍ରଦେଶ ଓ ଆସାମ ପରେ ଓଡ଼ିଶା ଦେଶର ୩ୟ ରାଜ୍ୟ ଭାବେ ଥିଲା। ଯୌତୁକ ନିର୍ଯାତନା, ବଳାତ୍କାର, ପାରିବାରିକ ହିଂସା କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଚିନ୍ତାଜନକ। ୨୦୨୦ ତୁଳନାରେ ୨୦୨୧ରେ ୧୩୭.୮ ପ୍ରତିଶତ ବୃଦ୍ଧି ପାଇଥିଲା। ୨୦୨୩ରେ ଓଡ଼ିଶା ବିଧାନସଭାରେ ଉପସ୍ଥିତ ଘରୋଇ ବିଭାଗର ଶ୍ୱେତପତ୍ର ଅନୁସାରେ ମହିଳା ସମ୍ପର୍କିତ ମାମଲା ବିଚାରାଧୀନ ହୋଇ ପଡ଼ିରହିଥିବା ହେଉଛି ୯୮.୬% । ଭାରତ ବର୍ଷରେ ଏହା ସର୍ବାଧିକ। ଦଣ୍ଡବିଧାନ କ୍ଷେତ୍ରରେ ଓଡ଼ିଶାର ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ। ଏହି ପ୍ରସଙ୍ଗରେ ପ୍ରଦେଶ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ମଧ୍ୟପ୍ରଦେଶରେ ୫୦୦ ଟଙ୍କାରେ ମିଳିବ ରନ୍ଧନ ଗ୍ୟାସ୍

କଂଗ୍ରେସର ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୨୨।୫

କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ସଫଳତା ପରେ ଏହି ଦଳ ଚଳିତ ବର୍ଷ ନିର୍ବାଚନ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଧ୍ୟପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡ଼ିକ ଉପରେ ନଜର ପକାଇଛି। ମଧ୍ୟପ୍ରଦେଶର ଜନସାଧାରଣଙ୍କୁ ଆକୃଷ୍ଟ କରିବା ଲାଗି ଦଳ ପକ୍ଷରୁ ୫ଟି ପ୍ରତିଶ୍ରୁତି ଘୋଷଣା କରାଯାଇଛି। ସେହି ପ୍ରତିଶ୍ରୁତିଗୁଡ଼ିକ ହେଲା କଂଗ୍ରେସ ଆଗାମୀ ନିର୍ବାଚନରେ କ୍ଷମତାକୁ ଫେରିଲେ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇଦେବ। ପ୍ରତି ମାସରେ ମହିଳାମାନଙ୍କୁ ୧,୫୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ମିଳିବ। ୧୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇ ଦିଆଯିବା ସହ କୃଷିଋଣ ଛାଡ଼ କରାଯିବ। ଏହା ବ୍ୟତୀତ ପୁରୁଣା ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି। ଆଗାମୀ ନିର୍ବାଚନରେ ମଧ୍ୟପ୍ରଦେଶ କଂଗ୍ରେସ କମିଟି ସଭାପତି କମଳ ନାଥ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂ କହିଛନ୍ତି। ଜୁନ୍ ୧୨ରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟପ୍ରଦେଶରେ ନିର୍ବାଚନ ପ୍ରଚାର ଶୁଭାରମ୍ଭ କରିବେ। ନର୍ମଦା ନଦୀରେ ପୂଜାର୍ଚ୍ଚନା କରିବା ପରେ ସେ ଜବଲପୁରରେ ରୋଡ୍‌ଶୋ' ଏବଂ ରାଲି କରିବେ ବୋଲି ଦଳର ଜଣେ କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି।

ଚଳିତବର୍ଷ ଶେଷ ଭାଗରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ୨୦୧୮ ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ବିଜୟୀ ହୋଇ ସରକାର ଗଢ଼ିଥିଲେ ମଧ୍ୟ ୨୦୨୦ ମାର୍ଚ୍ଚରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ବିଧାୟକ ବିଦ୍ରୋହ କରିବାରୁ ଭାଜପା କ୍ଷମତାକୁ ଫେରିଥିଲା।

ରାଜ୍ୟ ଖବର

ପ୍ରକୃତିକୁ ସରକାର ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି: ଅମାତ

ଲୋକସେବା ଭବନସ୍ଥିତ କନ୍‌ଭେନ୍‌ଶନ୍ ସେଣ୍ଟରଠାରେ ସୋମବାର ଅନ୍ତର୍ଜାତୀୟ ଜୈବବିବିଧତା ଦିବସ-୨୦୨୩ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅନ୍ତର୍ଜାତୀୟ ଜୈବବିବିଧତା ଦିବସ-୨୦୨୩

୧୫୩ ପ୍ରଜାତି ଉଦ୍ଭିଦ ଓ ୬୫ ପ୍ରଜାତି ପ୍ରାଣୀ ସଂକଟାପନ୍ନ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ଓଡ଼ିଶାରେ ପାଖାପାଖି ୫୧୭୪ ପ୍ରଜାତିର ଉଦ୍ଭିଦ ଓ ୩୭୨୮ ପ୍ରଜାତିର ପ୍ରାଣୀ ଦେଖାଯାଆନ୍ତି। ସେଥିରୁ ପାଖାପାଖି ୧୫୩ ପ୍ରଜାତିର ଉଦ୍ଭିଦ ଓ ୬୫ ପ୍ରଜାତିର ପ୍ରାଣୀ ସଙ୍କଟାପନ୍ନ ଅଟନ୍ତି। ସୋମବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ଶନ୍ ସେଣ୍ଟରଠାରେ ଆୟୋଜିତ ଅନ୍ତର୍ଜାତୀୟ ଜୈବବିବିଧତା ଦିବସ-୨୦୨୩ ସମାରୋହରେ ଯୋଗଦେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡ଼ିଶା ଜୈବବିବିଧତା ବୋର୍ଡର ଅଧ୍ୟକ୍ଷା ପୁଷା ଜୁଲେ ମେକ୍ରୋ ଯୋଗଦେଇ ଏହା କହିଛନ୍ତି। ସେ କହିଛନ୍ତି ଯେ ସାମୁଦ୍ରିକ କଇଁଛ, ୩ ପ୍ରଜାତିର କୁମ୍ଭୀର, ୫୫୦ ପ୍ରଜାତିର ପକ୍ଷୀ, ୬୨ ପ୍ରଜାତିର ହେନ୍ତାଳ, ବୃକ୍ଷଲତା, କୃଷ୍ଣସାର ମୃଗ, ସ୍ମିମର ପକ୍ଷୀ, ନୀଳରକ୍ତ କଙ୍କଡ଼ା ଏବଂ ବିଭିନ୍ନ ପ୍ରଜାତିର ଅର୍କିଡ୍ ଓ ମାଂସାଶୀ ଉଦ୍ଭିଦ ଆମ ରାଜ୍ୟର ଅନନ୍ୟ ଜୈବସମ୍ପଦ।

ସମାରୋହରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ପ୍ରଗତି ଏବଂ ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣକୁ ସବୁବେଳେ ଅଗ୍ରାଧିକାର ଦେଇଆସିଛନ୍ତି। ପ୍ରାକୃତିକ ବିଭବର ଗନ୍ତାଘର ଓଡ଼ିଶାର ଜୈବବିବିଧତାର ସୁରକ୍ଷା ଓ ସୁପରିଚାଳନା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରଙ୍କ ସହିତ ଜୈବବିବିଧତା ପରିଚାଳନା ସମିତି, ବନ ସୁରକ୍ଷା ସମିତି ସର୍ବୋପରି ସାଧାରଣ ଜନତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜୈବବିବିଧତାର ଗନ୍ତାଘର କୁହାଯାଉଥିବା ମଣ୍ଡାସର, ମହେନ୍ଦ୍ରଗିରି ଓ ଗନ୍ଧମାର୍ଦ୍ଦନ ପର୍ବତ ଆଦି ୩ ଗୋଟି ଜଙ୍ଗଲ ପରିସଂସ୍ଥାକୁ ରାଜ୍ୟ ସରକାର ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ପରିବେଶ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ବଦ୍ଧପରିକର। ୪୯ଟି ପରିବେଶ ପର୍ଯ୍ୟଟନ ସ୍ଥଳୀରେ ଇକୋଗାଇଡ୍‌ମାନଙ୍କ ଦକ୍ଷତା ବୃଦ୍ଧି କରାଯାଇ ସ୍ଥାନୀୟ ଜୀବନଜୀବିକା ସୁଦୃଢ଼ କରାଯାଇଛି। ରାଜ୍ୟ ସରକାର ୧୯ଟି ଅଭୟାରଣ୍ୟ, ଗୋଟିଏ ଜାତୀୟ ଉଦ୍ୟାନ, ଗୋଟିଏ ଜୈବମଣ୍ଡଳ ଏବଂ ୨୯ଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଘୋଷଣା କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ପ୍ରକୃତିର ସୁରକ୍ଷା ଓ ସମୃଦ୍ଧିକୁ ପ୍ରାଥମିକତା ଦେଇ ରାଜ୍ୟର ସର୍ବାଙ୍ଗୀନ ପ୍ରଗତି ସାଧିତ କରୁଛନ୍ତି। ଜଳ, ଜମି, ଜଙ୍ଗଲ, ଜୀବଜନ୍ତୁ ଏବଂ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରହିଲେ ଜୈବବିବିଧତା ଅକ୍ଷୁଣ୍ଣ ରହିବ ଏବଂ ଭବିଷ୍ୟତ ପିଢ଼ି ଉପକୃତ ହେବେ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ମୋଣ୍ଟେରିଏଲ୍‌ଠାରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ୨୦୫୦ ସୁଦ୍ଧା ବିଶ୍ୱବାସୀଙ୍କୁ ୪ଟି ମୁଖ୍ୟ ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ପଡ଼ିବ। ସେଗୁଡ଼ିକ ହେଲା ବିଲୁପ୍ତ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦମାନଙ୍କର ସଂରକ୍ଷଣ, ଗୁଣସୂତ୍ର ବିବିଧତାର ସୁରକ୍ଷା, ପାରମ୍ପରିକ ଜ୍ଞାନକୌଶଳ ଉପଯୋଗ କରି ଜୈବସମ୍ପଦର ସଂରକ୍ଷଣ କରୁଥିବା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସହାୟତା ଇତ୍ୟାଦି। ଏ ଦିଗରେ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସଚେତନ ଏବଂ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି ବୋଲି ସାହୁ ଉଲ୍ଲେଖ କରିଛନ୍ତି।

ଏହି ସମାରୋହରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡ଼ିଶା ଜଙ୍ଗଲ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟଜନ୍ତୁ) ସୁଶୀଲ କୁମାର ପୋପ୍‌ଲି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜୈବବିବିଧତା ବୋର୍ଡର ବରିଷ୍ଠ ବୈଜ୍ଞାନିକ ପ୍ରସାଦ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ପୋଲିସ-ମାଓବାଦୀ ଗୁଳି ବିନିମୟ, ୨ ଯବାନ ଆହତ

ମାଲକାନଗିରି, ୨୨।୫(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ପୋଲିସ-ମା

ବାର୍‌ରେ ଯୁବକଙ୍କ ମୋବାଇଲ ନେଇଗଲେ ସାଙ୍ଗ

ଭୁବନେଶ୍ୱର,(ବ୍ୟୁରୋ): ନିଜ ଜନ୍ମଦିନ ପାର୍ଟି ପାଳିବା ଖୁସିରେ ସାଙ୍ଗମାନଙ୍କୁ ବାର୍‌କୁ ନେଇଥିଲେ । ସେଠାରେ କେକ୍ କାଟି ସାଙ୍ଗମାନଙ୍କ ସହ ମଉଜମସ୍ତି କଲେ। ହେଲେ ବାର୍‌ରେ ରାତି ଅଧରେ ଜନ୍ମଦିନ ପାଳନ କରୁଥିବା ସାଙ୍ଗଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ବଦଳରେ ଛାଡ଼ିଦେଇ ତାଙ୍କ ଦାମୀ ମୋବାଇଲ ନେଇ ଅନ୍ୟ ଜଣେ ସାଙ୍ଗ ଚମ୍ପଟ ମାରିଲେ । ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଲୁଟର ଶିକାର ହୋଇଥିବା ଅଭିଜିତ ଏନେଇ ସାଙ୍ଗଙ୍କ ନାମରେ ନିକଟସ୍ଥ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ବାରର ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି ।

ସଂକ୍ଷେପରେ

ନୀଳକଣ୍ଠେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ ପ୍ରସ୍ତୁତି

ପୁରୁଣା ଭୁବନେଶ୍ୱର, ୨୨।୫ (ଡି.ଏନ୍.ଏ.): ବଡ଼ଗଡ଼ ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରେ ଶୀତଳଷଷ୍ଠୀ ଉତ୍ସବ ମନ୍ଦିର ପରିଚାଳନା କମିଟି, ଦୁର୍ଗାପୂଜା କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ଆସନ୍ତା ବୁଧବାର ବରାନୁଗମନ ଓ ବିବାହ, ଗୁରୁବାର ଶିବପାର୍ବତୀଙ୍କ ନଗର ପରିକ୍ରମା, ମନ୍ଦିର ପ୍ରବେଶ, ଶନିବାର ଅପରାହ୍ନରୁ ଚତୁର୍ଥୀ କର୍ମାଦି ସମ୍ପନ୍ନ ହେବ। ବିବାହୋତ୍ସବରେ କନ୍ୟା ପିତା ଭାବେ ଚନ୍ଦ୍ରଭାନୁ ପଟ୍ଟନାୟକ ଓ ବରପିତା ଭାବେ ଦେବବ୍ରତ ଜେନା ଦାୟିତ୍ୱ ନିର୍ବାହ କରିବେ। ଘଣ୍ଟବାଦ୍ୟ, ଯୋଡ଼ିଶଙ୍ଖ, ମର୍ଦ୍ଦଳ, ଢୋଲ, ମହୁରି ବାଦ୍ୟ, ଘୋଡ଼ାନାଚ, ଡିଜେ ଓ ଆଲୋକମାଳାରେ ଶୋଭାଯାତ୍ରାରେ ଦେବଦମ୍ପତି ବଡ଼ଗଡ଼ ଗ୍ରାମର ବିଭିନ୍ନ ସାହି ଓ ନଗର ପରିକ୍ରମା କରିବେ।

ମୁଗ ମଣ୍ଡି ଉଦ୍‌ଘାଟିତ
ପ୍ରଥମ ଦିନରେ ୨୨ କୁଇଣ୍ଟାଲ କିଣାଗଲା

ବାଲିପାଟଣା,୨୨।୫ (ଡି.ଏନ୍.ଏ.): ବାଲିପାଟଣାସ୍ଥିତ ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତିଠାରେ ଚଳିତ ବର୍ଷର ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ମାର୍କଫେଡ୍ ସଭାପତି କବିତା ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରି କହିଥିଲେ, ମୁଗ, ବିରି ଓ ଚିନାବାଦାମ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସମବାୟ ସମିତି ମାଧ୍ୟମରେ କିଣାଯିବ । ଯଦି କେହି ମୁନାଫା ବ୍ୟବସାୟୀ ଗୋଷ୍ଠୀ ଚାଷୀଙ୍କୁ ଦିଗଭ୍ରଷ୍ଟ କରନ୍ତି ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ । ସେହିପରି ମାର୍କଫେଡ୍ ସେକ୍ରେଟାରି ରୋଜାଲିନ ସେନାପତି କହିଥିଲେ, ଚାଷୀଙ୍କୁ ସରକାରୀ ମଣ୍ଡିରେ ମୁଗ, ବିରି ଓ ଚିନାବାଦାମ ଦେବାକୁ ସରକାରଙ୍କ ପକ୍ଷରୁ ସଚେତନ କରାଯାଉଛି । ଏହାର ସୁଯୋଗ ସମସ୍ତ ଚାଷୀ ନେବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଆରସିଏସ୍ ଅଳକାନନ୍ଦା ଜେନା, ବ୍ଲକ କୃଷି ଅଧିକାରୀ ନକ୍ଷତ୍ର ରାଉଳ ଯୋଗଦେଇ ମତ ରଖିଥିଲେ । ସମିତି ସଭାପତି ଅଭିମନ୍ୟୁ ନାୟକ ସଭା ପରିଚାଳନା କରିଥିଲେ । ସମ୍ପାଦକ ସୁନୀଲ କୁମାର ପଣ୍ଡା, ସଭ୍ୟ ପ୍ରଦୋଷ ସେନାପତି, ବଟକୃଷ୍ଣ ରାଉତରାୟ, କ୍ଷୀରୋଦ ଓଝା, ଜ୍ୟୋତିରଞ୍ଜନ ନାୟକ, ହରିହର ଭଜଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ । ୩ ଜଣ ଚାଷୀ ୨୨ କୁଇଣ୍ଟାଲ ମୁଗ ପ୍ରଥମ ଦିନରେ ମଣ୍ଡିରେ ଦେଇଥିଲେ । ୭୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ।

ପୋଷଣଯୁକ୍ତ ମଧ୍ୟାହ୍ନଭୋଜନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୨।୫ (ବ୍ୟୁରୋ)

ପିଏମ୍ ପୋଷଣ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ମଧ୍ୟାହ୍ନ ଭୋଜନ ଯୋଗାଇଦେବା ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ପରିସରରେ ସୋମବାରଠାରୁ ଦୁଇଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଭାରତ ସରକାରଙ୍କ ପିଏମ୍ ପୋଷଣ, ମିଳିତ ଜାତିସଂଘ, ବିଶ୍ୱ ଖାଦ୍ୟ ସଙ୍ଗଠନ ଏବଂ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପିଲାଙ୍କୁ ପୋଷଣଯୁକ୍ତ ମଧ୍ୟାହ୍ନଭୋଜନ ଯୋଗାଇବା ଉପରେ ଆଲୋଚନା ହୋଇଛି। କର୍ମଶାଳାରେ ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାରୁ ଆସିଥିବା ମାଷ୍ଟର ଟ୍ରେନର୍‌ମାନେ ଅଂଶଗ୍ରହଣ କରି ସୁରକ୍ଷିତ ଏବଂ ସ୍ୱାସ୍ଥ୍ୟକର ପରିବେଶରେ କିଭଳି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବ ସେନେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ରାଜ୍ୟ ନୋଡାଲ ଅଫିସର ରଘୁରାମ ଆର୍. ଆୟାର ଅତିଥିମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ସଞ୍ଜିତ କୁମାର ନାୟକ ଯୋଗଦେଇ ପାଚିକା ତଥା ସହାୟିକାମାନେ ସ୍କୁଲ ପିଲାଙ୍କୁ ନିଜ ପିଲା ଭାବି ଖାଦ୍ୟ ରାନ୍ଧିବା ଓ ପରଷିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ହିମାଂଶୁ ବଳ କହିଲେ ଯେ, ପାଚିକା ତଥା ସହାୟିକାମାନେ ତାଙ୍କ କାର୍ଯ୍ୟ ଦ୍ୱାରା ନିଜ ଅଞ୍ଚଳର ଭବିଷ୍ୟତଙ୍କୁ ତିଆରି କରୁଛନ୍ତି। ତେଣୁ ଏହାକୁ ଏକ ଗୁରୁଦାୟିତ୍ୱ ରୂପେ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ସସ୍ମିତା ପଟ୍ଟନାୟକ, ଉପନିର୍ଦ୍ଦେଶକ ଯୋଗେନ୍ଦ୍ର ମାଝୀ, ବିତ୍ତ ଅଧିକାରୀ ଜୟକୃଷ୍ଣ ପାତ୍ର ଉପସ୍ଥିତ ଥିଲେ। କର୍ମଶାଳାର ପ୍ରଥମ ଦିବସରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ସମୟରେ ପରିଷ୍କାର ପରିଚ୍ଛନ୍ନତା, ଉତ୍ତମ ଗୁଣବତ୍ତାଯୁକ୍ତ ଖାଦ୍ୟ ପ୍ରସ୍ତୁତ, ଉତ୍କୃଷ୍ଟ ମାନର ସାମଗ୍ରୀ ବ୍ୟବହାର, ପୁଷ୍ଟିକର ଚାଉଳ ରୋଷେଇ ପ୍ରଣାଳୀ, ଆବର୍ଜନା ପରିଚାଳନା, ଏଫ୍‌ଓଏସ୍‌ଏଏଫ୍ ଏମ୍‌ଡିଏମ୍ ଆପ୍ଲିକେଶନ୍‌ର ବ୍ୟବହାର ଇତ୍ୟାଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଦ୍ୱିତୀୟ ଦିବସରେ ମଧ୍ୟାହ୍ନ ଭୋଜନରେ ପୁଷ୍ଟି ଉଦ୍ୟାନର ଉପଯୋଗିତା ଉପରେ ଆଲୋଚନା କରାଯିବ। ପାଚିକା ତଥା ସହାୟିକାଙ୍କ ତାଲିମ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ତଥା ମତାମତ ଗ୍ରହଣ କରାଯାଇ ସେମାନଙ୍କୁ ମାନପତ୍ର ଦିଆଯିବ। ସେହିପରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସଦସ୍ୟମାନେ ମଙ୍ଗଳବାର ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜ୍‌ମେଣ୍ଟ ଏବଂ ଫୁଲନଖରାସ୍ଥିତ ଅକ୍ଷୟ ପାତ୍ର ଫାଉଣ୍ଡେଶନ ଟ୍ରଷ୍ଟର ସେଣ୍ଟ୍ରାଲାଇଜଡ୍ କିଚେନ ପରିଦର୍ଶନ କରିବେ।

ଜଳିଗଲା ବହି ଦୋକାନ

ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି ।

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ

ଖାରବେଳ ନଗର ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନ ରାସ୍ତାକଡରେ ଥିବା ପେନ୍ ହସ୍ପିଟାଲ ନାମକ ବହି ଦୋକାନରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କର୍ମଚାରୀଙ୍କର କୌଣସି କ୍ଷତି ହୋଇ ନ ଥିବାବେଳେ ଲକ୍ଷାଧିକ ଟଙ୍କାର ବହି, ଖାତା, ପେନ୍ ସହ ବିଭିନ୍ନ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଛି। ଅନ୍ୟ ଦୋକାନକୁ ନିଆଁ ବ୍ୟାପିବା ପୂର୍ବରୁ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆୟତ୍ତ କରିଥିଲା। ଫଳରେ ବଡ଼ ଅଘଟଣ ଟଳିଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ତେବେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ନିଆଁ ଲାଗିଥିବା ଦୋକାନଟି ରବି ଜୈନଙ୍କର ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ଦୁଇ ମହଲା ବିଶିଷ୍ଟ କୋଠାରେ ଉକ୍ତ ବହି ଦୋକାନ ରହିଥିଲା। ସୋମବାର ଅପରାହ୍ନରେ ଦୋକାନରେ ୫ଜଣ କର୍ମଚାରୀ ଥିଲେ। ହଠାତ୍ ଦୋକାନର ତଳ ମହଲାରୁ ପ୍ରବଳ ଧୂଆଁ ବାହାରି ଅଗ୍ନିକାଣ୍ଡ ଘଟିଥିଲା। ଏହା ଦେଖି କର୍ମଚାରୀମାନେ ତୁରନ୍ତ ନିଆଁ ଲଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଚାହୁଁ ଚାହୁଁ ଦୋକାନ ଭିତର ଧୂଆଁମୟ ହୋଇଯିବାରୁ କାହାକୁ କିଛି ଦେଖାଯାଇ ନ ଥିଲା। ସମସ୍ତେ ପ୍ରାଣ ବିକଳରେ ଦୌଡ଼ି ବାହାରକୁ ପଳାଇ ଆସି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ୩ ପ୍ଲାଟୁନ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ପ୍ରବେଶ ଓ ପ୍ରସ୍ଥାନ ପାଇଁ ସଂକୀର୍ଣ୍ଣ ରାସ୍ତା ଥିବାରୁ ପ୍ରଥମେ ବାହାରପଟ କାଚ ସବୁ ଭାଙ୍ଗିଥିଲେ। ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ଧୂଆଁ ବାହାର କରାଯିବା ସହ ଦୀର୍ଘ ୨ଘଣ୍ଟାରୁ ଅଧିକ ସମୟର ଅକ୍ଲାନ୍ତ ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲିଭା କାର୍ଯ୍ୟରେ ୩ଟି ଦମକଳ ନିୟୋଜିତ ହୋଇଥିଲା। ଅନ୍ୟପକ୍ଷରେ ସେଠାରେ ଲୋକଙ୍କ ପ୍ରବଳ ଗହଳି ହେବାରୁ ରାସ୍ତା ଜାମ୍ ହୋଇପଡ଼ିଥିଲା।

ଦର୍ଶକଙ୍କ ଚେତନା ଶକ୍ତି ଜାଗ୍ରତ କଲା 'ଭୂମି'

ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ସୋମବାର ଆୟୋଜିତ ୫ମ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ପରିବେଷିତ ନାଟକ 'ଭୂମି'ର ଏକ ଦୃଶ୍ୟ ।

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ନାଟକର କାହାଣୀ ଆରମ୍ଭ ହୁଏ ମହାଭାରତ ପୁରାଣର ବନପର୍ବରୁ। ଅଜ୍ଞାତବାସ ସମୟରେ ନାଗଲୋକରେ ପ୍ରବେଶ କରି ବୀର ଅର୍ଜୁନ ଚିତ୍ରାଙ୍ଗଦାଙ୍କୁ ଭଲପାଇ ବସି ତାଙ୍କୁ ବିବାହ କରିଥିଲେ। ହେଲେ ମହାଭାରତ ଯୁଦ୍ଧର ଡାକରା ପାଇ ସେ ଖୁବ୍‌ଶୀଘ୍ର ହସ୍ତିନାପୁରକୁ ଫେରିଆସିଥିଲେ। ଅର୍ଜୁନ ଚିତ୍ରାଙ୍ଗଦାଙ୍କ ପ୍ରେମ କାହାଣୀ କ୍ଷଣସ୍ଥାୟୀ ହେଲେ ମଧ୍ୟ ଚିତ୍ରାଙ୍ଗଦା ବଭ୍ରୁବାହନ ନାମକ ଏକ ବୀରପୁତ୍ରଙ୍କୁ ଜନ୍ମ ଦେଇଥିଲେ। ବଡ଼ ହେଲା ପରେ ବଭ୍ରୁବାହନ ପାଣ୍ଡବମାନଙ୍କ ଅଶ୍ୱମେଧ ଯଜ୍ଞର ଅଶ୍ୱର ପଥରୋଧ କରି ସେମାନଙ୍କ ସହିତ ଯୁଦ୍ଧ ଘୋଷଣା କରିଥିଲେ। ଦୀର୍ଘ ୨୦ବର୍ଷ ବ୍ୟବଧାନ ପରେ ଅର୍ଜୁନ, ଚିତ୍ରାଙ୍ଗଦା ଓ ବଭ୍ରୁବାହନଙ୍କର ମିଳନ ହେଲା। ମହାଭାରତ ଯୁଦ୍ଧଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ପୁରୁଷ ସମାଜ ବିସ୍ତାରବାଦ ନୀତି ଯୋଗୁ ଅଧିକରୁ ଅଧିକ ଭୂମି ଅଧିକାର କରି ପୌରୁଷତ୍ୱକୁ ଜାହିର କରେ। ଏହି ଅହଙ୍କାରବାଦୀ ନୀତି ଫଳରେ ସମାଜର ଏକ ଅଭିନ୍ନ ଅଙ୍ଗ ସ୍ତ୍ରୀ ଜାତି ସବୁବେଳେ ପ୍ରପୀଡ଼ିତ, ଲାଞ୍ଛିତ ଓ ଅପମାନର ଶିକାର ହୁଏ। ଏହି ସାର୍ବଜନୀନ କଥାବସ୍ତୁକୁ ନେଇ ନାଟକ 'ଭୂମି' ସୋମବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଏହା ଦର୍ଶକଙ୍କ ମନୋରଞ୍ଜନ ସହିତ ସେମାନଙ୍କ ଚେତନା ଶକ୍ତିକୁ ଜାଗ୍ରତ କରିଥିଲା। ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ପଞ୍ଚମ ଜାତୀୟ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିବା ଏହି ହିନ୍ଦୀ ନାଟକର ନିର୍ଦ୍ଦେଶନା ସ୍ୱାତୀ ଦୁବେ ଦେଇଥିବାବେଳେ ଆଶିଷ ପାଠକ ରଚନା କରିଥିଲେ। ଅଭିନୟରେ ହର୍ଷଦସିଂ ଠାକୁର, ଅଙ୍କିତ କୁମାର, ମାନସୀ ରାଉତ, ଶିବକର ସାପ୍ରେ, ଉତ୍ସବ ହାଣ୍ଡେ ପ୍ରମୁଖ ରହିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ରୋଟାରିଆନ ଜୟଶ୍ରୀ ମହାନ୍ତି, ନାଟ୍ୟ ବ୍ୟକ୍ତିତ୍ୱ ମାୟା ଦାସ, ନାଟ୍ୟକାର ନିବେଦିତା ଜେନା, ମାନସିକ ରୋଗ ବିଶେଷଜ୍ଞ ଦେବଦତ୍ତା ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟକାର ଶତ୍ରୁଘ୍ନ ସାମଲ ଏବଂ ଖବରଦାତା ଶର୍ମିଷ୍ଠା ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଶୁଭକାନ୍ତ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିଏମ୍‌ସି ଥଇଥାନ ପ୍ରକ୍ରିୟାକୁ ବସ୍ତିବାସିନ୍ଦାଙ୍କ ବିରୋଧ
୬୦୦ ବର୍ଗଫୁଟ ଜମି ଦେବାକୁ ଦାବି

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ସାଲିଆସାହିର ଆଦିବାସୀ ଗାଁ ଏବଂ ଶକ୍ତି ବିହାର ବସ୍ତିକୁ ଉଚ୍ଛେଦ କରି ବାମ ପାର୍ଶ୍ୱ ସମାନ୍ତରାଳ ରାସ୍ତା କାମ ଆଗେଇବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଲକ୍ଷ୍ୟ ରଖିଛି । ନିକଟରେ ଏନେଇ ବିଏମସି ଉକ୍ତ ୨ ବସ୍ତିର ୬୮୫ ପରିବାରକୁ ଥଇଥାନ କରିବାକୁ ପୂର୍ତ୍ତ ବିଭାଗକୁ ଚିଠି ଲେଖିଛି। ଥଇଥାନ ପାଇଁ ବିଏମସି ଜମି ଚିହ୍ନଟ କରିଥିବାବେଳେ ବିଭାଗ ପକ୍ଷରୁ ସେଠାରେ ୧୫୦ ବର୍ଗଫୁଟରେ ଘର ନିର୍ମାଣ କରିବ। ବିଏମ୍‌ସି ଉକ୍ତ ସ୍ଥାନରେ ଡ୍ରେନ, ରାସ୍ତା, ବିଦ୍ୟୁତ ସଂଯୋଗ ସହ ଆନୁସଙ୍ଗିକ ବ୍ୟବସ୍ଥା କରିବ ବୋଲି ଘୋଷଣା କରିଛି । ମାତ୍ର ବିଏମସିର ଏହି ସର୍ତ୍ତରେ ବସ୍ତିବାସିନ୍ଦାଙ୍କ ଅସହମତି ପ୍ରକାଶ ପାଇଛି। ସୋମବାର ସାଲିଆସାହି ଆଞ୍ଚଳିକ କମିଟି ଏନେଇ ବିଏମସିକୁ ପ୍ରଶ୍ନ କରିଛି। ସର୍ବନିମ୍ନ ୬୦୦ ବର୍ଗଫୁଟର ଜାଗା ପ୍ରଦାନ କରିବାକୁ ଶତାଧିକ ବସ୍ତିବାସିନ୍ଦା ଦାବି ରଖିଛନ୍ତି।

ସୂଚନା ଥାଉ କି, ଜୟଦେବ ବିହାର ମୌଜାର ଖାତା ନମ୍ବର ୧୪୨୭ରେ ପ୍ଲଟ ନମ୍ବର୪୪, ୩୮,୬୦୨,୬୦୩, ୬୦୪, ୬୦୯ କିସମ ଜଙ୍ଗଲ ଜମିରେ ଦୀର୍ଘ ୪୫ବର୍ଷରୁ ଉର୍ଦ୍ଧ୍ୱ ହେବ। ଆଦିବାସୀ ବସବାସ କରି ଆସୁଛନ୍ତି। ମାତ୍ର ସରକାରୀ ଅଧିକାରୀ ରାସ୍ତା କରିବା ଲାଗି ଏଠାରେ କେହି ରହୁ ନ ଥିବା ଦର୍ଶାଇ ଏନ୍‌ଓସି ନେଇଛନ୍ତି । ଉକ୍ତ ଜମିରେ ଜଙ୍ଗଲ ଅଧିକାର ଆଇନ ଲାଗୁ କରିବା ପରିବର୍ତ୍ତେ ଦାୟିତ୍ୱରେ ଥିବା ଅଧିକାରୀ ଚଞ୍ଚକତା କରି ଜମିର କିସମ ପରିଉନ କରିବାକୁ ସୁପାରିସ କରିଛନ୍ତି।

ରେଳଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ବାରଙ୍ଗ,୨୨।୫ (ଡି.ଏନ୍.ଏ.)

ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେଶନ ପଦାସାହି ରେଳଫାଟକ ନିକଟ ରେଳଧାରଣାରୁ ସୋମବାର ସକାଳେ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହକୁ ମଞ୍ଚେଶ୍ୱର ରେଳବାଇ ଫାଣ୍ଡି ପୋଲିସ ଜବତ କରିଛି। ମୃତ ଯୁବକ ହେଲେ କଟକ ଜିଲା ନରସିଂହପୁର ଅଞ୍ଚଳର ଅଜିତ ବେହେରା (୩୦)। ଯୁବକ ଜଣକ ରଘୁନାଥପୁର ଅଞ୍ଚଳରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହି ନନ୍ଦନକାନନସ୍ଥିତ ଏକ ଜଳଖିଆ ଦୋକାନରେ କାମ କରୁଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଯୁବକ ଜଣକ ସକାଳ ପ୍ରାୟ ୫.୩୦ ସମୟରେ ରେଳ ଧାରଣା ପାର ହେଉଥିବା ସମୟରେ ଏକ ଏକ୍ସପ୍ରେସ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହା ଦୁର୍ଘଟଣା ନା ଆତ୍ମହତ୍ୟା ତାହା ତଦନ୍ତ ପରେ ଜଣାପଡ଼ିବ। ଏନେଇ ଭୁବନେଶ୍ୱର ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଛି।

ମା'ଖଣ୍ଡେଶ୍ୱରୀ ହାଟର ବାର୍ଷିକୋତ୍ସବ

ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ବାଲିଅନ୍ତା,୨୨।୫(ଡି.ଏନ୍.ଏ.)

ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ବିଏମ୍‌ସିର ୧୮ନଂ. ୱାର୍ଡର ପଳାଶୁଣୀସ୍ଥିତ ମା'ଖଣ୍ଡେଶ୍ୱରୀ ହାଟର ୩୨ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଳାଶୁଣୀ ହାଟ ଛକରେ ଆୟୋଜିତ ଉତ୍ସବରେ ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା ଅତିଥି ରୂପେ ଯୋଗଦେଇ ହାଟ ବ୍ୟବସାୟୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ସଞ୍ଜୟ ବଳିୟାରସିଂ ଓ ସାମାଜିକ କର୍ମୀ ଆଦିକନ୍ଦ ରାଉତ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ହାଟ ବ୍ୟବସାୟୀ ସଂଘ ସଭାପତି ରମେଶ ସାହୁ ସଭାରେ ଅଧ୍ୟକ୍ଷତା କରି କହିଛନ୍ତି, ଏହି ହାଟକୁ ଏକ ମଡେଲ ଓ ସ୍ୱନାମଧନ୍ୟ ହାଟରେ ପରିଣତ କରିବା ତାଙ୍କର ଲକ୍ଷ୍ୟ। ମିଶନ ଶକ୍ତି ସମ୍ପାଦିକା ପୂଜାରାଣୀ ଜେନା ସଭା ପରିଚାଳନା କରିଥିଲେ। ଏହି ଅବସରରେ କିଛି ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ହାଟର ଶତାଧିକ ବ୍ୟବସାୟୀ ଓ ମହିଳା ଉପସ୍ଥିତ ଥିଲେ।

ପୋଖରୀ ପୁନରୁଦ୍ଧାର, ଜବରଦଖଲ ଉଚ୍ଛେଦ ଦାବି

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳ ଅଧୀନ ୱାର୍ଡ ନମ୍ବର ୫୪ରେ 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ଉପ୍ରା ବିଦ

ଧରାପଡ଼ିଲା ଝୁପି ବାୱରିୟା ଗ୍ୟାଙ୍ଗ: ୪ ଗିରଫ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଲୁଟ୍‌ପାଟ କରି ଆତଙ୍କ ଖେଳାଉଥିବା ଉତ୍ତରପ୍ରଦେଶର ବାୱରିୟା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବାରେ ସଫଳ ହୋଇଛି। ସ୍ପେଶାଲ ସ୍କ୍ୱାଡ୍ ଓ ପୋଲିସର ମିଳିତ ଉଦ୍ୟମରେ ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ସୋମବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ସାମ୍‌ଲି ଜିଲା ଝିଂଝାଣା ଥାନା ଅଞ୍ଚଳର ପ୍ରଦୀପ କୁମାର (୩୮), ବିକାଶ (୨୮), ରବି କୁମାର (୩୫), ବାବୁ ରାମ୍ (୩୭)। ସେମାନଙ୍କଠାରୁ ୧୬ଟି ସୁନାଚେନ୍, ୨ଟି ବାଇକ, ୨ଟି ମୋବାଇଲ, ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ବଡ଼ଗଡ଼ ଥାନା ମାମଲାରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇପାରେ ବୋଲି ସୂଚନା ମିଳିଛି। ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ଦରକାର ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ସୋମବାର ଡିସିପି ପ୍ରତୀକ ସିଂ କହିଛନ୍ତି।

ଗିରଫ ୪ ଅଭିଯୁକ୍ତ।

- ୧୬ ସୁନାଚେନ୍, ବାଇକ୍, ମୋବାଇଲ ଜବତ
- ଅନ୍ୟ ସଦସ୍ୟଙ୍କୁ ଖୋଜୁଛି ପୋଲିସ

ଖସିଯିବାକୁ ଦେହରେ ତେଲ ବୋଳନ୍ତି

ବାୱରିୟାମାନେ ପୋଲିସଠୁ ବର୍ତ୍ତିବା ପାଇଁ ବିଭିନ୍ନ କୌଶଳ ଆପଣାଇଥାନ୍ତି। ଅନ୍ୟ ରାଜ୍ୟରେ ମଧ୍ୟ ସେମାନେ ଅପରାଧ କରିଥିବା ନଜିର ରହିଛି। ତେବେ ଗ୍ୟାଙ୍ଗର ସଦସ୍ୟମାନେ ଧରା ନ ପଡ଼ିବା ପାଇଁ ଦେହରେ ତେଲ ବୋଳନ୍ତି। ପୋଲିସ ଧରିବା ବେଳେ ସେମାନେ ସହଜରେ ଖସିଯିବା ଲାଗି ଏଭଳି ତରିକା ଆପଣାଇଥାନ୍ତି।

୪ ପୋଲିସ ଜିଲାରେ ୨୮ ଲୁଟ୍ ମାମଲା

ପୋଲିସ ଅଭିଯୁକ୍ତମାନଙ୍କ ଆପରାଧିକ ଇତିହାସ ବିଷୟରେ ଖୋଲତାଡ଼ କରିବା ପରେ ଅନେକ ତଥ୍ୟ ପାଇଛି। ଓଡ଼ିଶାର ୪ଟି ପୋଲିସ ଜିଲାରେ ୨୮ଟି ଲୁଟ୍ ମାମଲାରେ ଏହି ଗ୍ୟାଙ୍ଗ ସଦସ୍ୟ ଜଡ଼ିତ ଥିବା ଜଣାପଡ଼ିଛି। ସେଗୁଡ଼ିକ ହେଲା କଟକ ଗ୍ରାମାଞ୍ଚଳ ପୋଲିସ ଜିଲା, କଟକ ସହରାଞ୍ଚଳ ପୋଲିସ ଜିଲା, ଭଦ୍ରକ ଓ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା। ଅଭିଯୁକ୍ତମାନେ ଏଭଳି ଅନେକ ମାମଲାରେ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି।

ବଞ୍ଜାରା ପରି ଜୀବନଶୈଳୀ, ବୁଲିବୁଲି ଲୁଟ୍ କରନ୍ତି

ବାୱାରିୟା ଜନିଜାତିର ଲୋକେ ଉତ୍ତରପ୍ରଦେଶର ସାମ୍‌ଲି ଜିଲାରେ ରହୁଥିବା ବେଳେ ସେମାନେ ଦେଶର ବିଭିନ୍ନ ରାଜ୍ୟର ପ୍ରମୁଖ ସହରକୁ ଯାଇ ଲୁଟ୍‌ପାଟ କରିଥାନ୍ତି। ଏପରିକି ସେମାନେ ବିଭିନ୍ନ ରାସ୍ତା ପାର୍ଶ୍ୱରେ ତମ୍ବୁ ଟାଣି ମଧ୍ୟ ରହନ୍ତି। ଲୁଟ୍‌ପାଟ ପାଇଁ ସେମାନେ ବାଇକ୍‌କୁ ବ୍ୟବହାର କରନ୍ତି। ବିଶେଷକରି ସେମାନେ ପ୍ରାତଃଭ୍ରମଣରେ ଯାଉଥିବା ମହିଳାଙ୍କୁ ଟାର୍ଗେଟ କରି ସୁନାଚେନ୍ ଲୁଟ୍‌ପାଟ କରି ଫେରାର ହୋଇଯାନ୍ତି। ପରେ ଉକ୍ତ ଚୋରି ସୁନାଚେନ୍‌କୁ ଉତ୍ତରପ୍ରଦେଶରେ ବିକ୍ରି କରି ୧୫ରୁ ୨୦ ଦିନ ଭିତରେ ପୁଣି ଅପରାଧ କରିବାକୁ ଫେରିଆସନ୍ତି। ଲୁଟ୍ ଛଡ଼ା ହତ୍ୟା, ବଳାତ୍କାର, ଡକାୟତି ଆଦି ମାମଲାରେ ମଧ୍ୟ ଏହି ଗ୍ୟାଙ୍ଗର ସଦସ୍ୟମାନେ ସମ୍ପୃକ୍ତ। ଏହି ଗ୍ୟାଙ୍ଗ ପ୍ରଥମେ ତାମିଲନାଡୁ ଜିଲାରେ ଚିହ୍ନଟ ହୋଇଥିଲା। ବାୱରିୟାମାନେ ୧୯୯୫ରୁ ୨୦୦୬ ମସିହା ମଧ୍ୟରେ ତାମିଲନାଡୁର ଜାତୀୟ ରାଜପଥ କଡ଼ରେ ଡ଼କାୟତି ଓ ହତ୍ୟା ଆଦି ଅପରାଧ ରଚୁଥିଲେ। ତାମିଲନାଡୁ ପୋଲିସ ଅପରେଶନ୍ ବାୱରିୟା ଆରମ୍ଭ କରି ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ସଦସ୍ୟମାନଙ୍କୁ ଚଡ଼ି ବ୍ୟାନିଅନ୍ ଗ୍ୟାଙ୍ଗ ମଧ୍ୟ କୁହାଯାଏ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଲୁଟ୍ ପୂର୍ବରୁ ପୂଜା

ବାୱରିୟା ଗ୍ୟାଙ୍ଗର ସଦସ୍ୟମାନେ ଲୁଟ କରିବାକୁ ଯିବା ପୂର୍ବରୁ ପୂଜା କରନ୍ତି। ପ୍ରଥମେ ସେମାନେ କୁଳଦେବୀଙ୍କ ପୂଜା କରନ୍ତି। ଏହାପରେ ସେମାନଙ୍କ ଆଦି ମାରଣାସ୍ତ୍ରକୁ ପୂଜାର୍ଚ୍ଚନା କରିଥାନ୍ତି। ଲାଠି, ଲୁହାରଡ, ଛୁରି ଆଦି ସେମାନଙ୍କ ପ୍ରମୁଖ ମାରଣାସ୍ତ୍ର। ଏପରିକି ଗ୍ୟାଙ୍ଗର ସଦସ୍ୟମାନେ ଅପରାଧ କରିବାକୁ ଯିବା ପୂର୍ବରୁ ଘରର ମହିଳାମାନେ ସେମାନଙ୍କୁ ଦୀପରେ ବନ୍ଦାପନା ମଧ୍ୟ କରିଥାନ୍ତି ବୋଲି ସୂଚନା ମିଳିଛି।

ପୁରୀ ରେଲ ଷ୍ଟେଶନ ନିକଟରେ ଧରାପଡ଼ିଲେ

ବଡ଼ଗଡ଼ ଥାନା ଅଞ୍ଚଳରେ ଅଭିଯୁକ୍ତମାନେ ଗତ ୧୯ ତାରିଖରେ ୩ଟି ଲୁଟ୍ କରିଥିଲେ। ଏହାପରେ ଏମାନଙ୍କୁ ଧରିବାକୁ ଭୁବନେଶ୍ୱର ଝୁପିଡି ପୋଲିସ ଜାଲ ବିଛାଇଥିଲା। ପୋଲିସ ଟିମ୍ ଏମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ସାଧାରଣତଃ ପୁରୀ ଆଡୁ ଲୁଟ୍‌ପାଟ କରି ଏମାନେ ଫେରିଥାନ୍ତି ବୋଲି ପୋଲିସ ତଥ୍ୟ ପାଇଥିଲା। ତେବେ ପୋଲିସ ଟିମ୍ ଟ୍ରାକ୍ କରି ପୁରୀ ରେଳଷ୍ଟେଶନ ନିକଟରେ ଅଭିଯୁକ୍ତମାନେ ଏକ ଲଜ୍‌ରେ ଥିବା ଜାଣିବାକୁ ପାଇଥିଲା। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲା।

ବିଭିନ୍ନ ପାର୍କିଂସ୍ଥଳରେ ବାଇକ ରଖି ଲଜ୍‌ରେ ରହୁଥିଲେ

ଓଡ଼ିଶାରେ ଏହି ଗ୍ୟାଙ୍ଗର ସଦସ୍ୟମାାନେ ଗତବର୍ଷ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଏକାଧିକ ଅପରାଧ ରଚିଥିଲେ। ପରେ ଚଳିତବର୍ଷ ଫେବୃୟାରୀରୁ ମେ ମଧ୍ୟରେ ଅନେକ ଅପରାଧ ରଚିଛନ୍ତି। ଏମାନେ ଓଡ଼ିଶା ଆସିବା ପରେ ବାଇକରେ ବୁଲାବୁଲି କରି ଲୁଟ୍ କରୁଥିଲେ। ପରେ ଉକ୍ତ ବାଇକ୍‌କୁ ବିଭିନ୍ନ ପାର୍କିଂ ସ୍ଥଳରେ ରଖି ଲଜ୍‌ରେ ରହି ପୁଣି ଝୁପି ଚାଲିଯାଉଥିଲ।

ଜବତ ହୋଇଥିବା ସୁନା ଚେନ୍ ସହିତ ଅନ୍ୟାନ୍ୟ ସାମଗ୍ରୀ।

ସଂକ୍ଷେପରେ

ପରିତ୍ୟକ୍ତ ଗୃହରୁ ଯୁବକଙ୍କ ମୃତଦେହ ଜବତ

ପୁରୀ ଅଫିସ,୨୨।୫: ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଏକ ପରିତ୍ୟକ୍ତ ଗୃହରୁ ସୋମବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲାର କିଶୋରଚନ୍ଦ୍ର ସ୍ୱାଇଁ। ଏ ନେଇ ପୋଲିସ ଏକ ମାମଲା(ନଂ.୩୦/୨୩) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଚକ୍ରତୀର୍ଥ ରୋଡ୍ ନିକଟରେ ଏକ ପରିତ୍ୟକ୍ତ ଅବସ୍ଥାରେ ଥିବା ଗୃହ ଭିତରୁ ଦୁର୍ଗନ୍ଧ ବାହାରୁଥିଲା। ଫଳରେ ଲୋକ ସେହି ରାସ୍ତା ଦେଇ ଯିବାଆସିବାରେ ଅସୁବିଧା ହେଉଥିଲା। କେତେଜଣ ସ୍ଥାନୀୟ ଲୋକେ ଉକ୍ତ ଗୃହ ଭିତରକୁ ଯାଇ ଦେଖିବା ବେଳେ ସେଠାରେ ଜଣେ ଯୁବକଙ୍କ ମୃତଦେହ ମୁହଁମୋଡି ପଡ଼ିଥିଲା। ଖବରପାଇ ସମୁଦ୍ରକୂଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତେବେ ଅନେକ ବର୍ଷ ହେବ ଏହି ପରିତ୍ୟକ୍ତ ଗୃହଟି ସୁକନ୍ୟା ହଷ୍ଟେଲ ଥିବାବେଳେ କିଛି ବର୍ଷ ସେଠାରୁ ହଷ୍ଟେଲ ସ୍ଥାନାନ୍ତର ହେବା ପରେ ତାହା ବନ୍ଦ ରହିଥିଲା। ଯାହାର ସୁଯୋଗ ନେଇ ଉକ୍ତ ସ୍ଥାନରେ ନିଶା କାରବାର ହେବା ସହ ଅନେକ ଯୁବକ ନିଶା ସେବନ ପାଇଁ ବାଡ଼ ଡେଇଁ ପଶୁଥିଲେ। ତେବେ ମୃତ ଯୁବକ ଜଣଙ୍କ ନିଶା ସେବନ ପାଇଁ ଯାଇ ମୃତ୍ୟୁବରଣ କରିଥାଏପାରେ ବୋଲି ଅନୁମାନ କରାଯାଉଛି। ତେବେ ମୃତଦେହଟି ୩-୪ ଦିନ ତଳର ହୋଇଥିବା ଅନୁମାନ କରାଯାଉଛି।

ଦୋକାନ ଆଜ୍‌ବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ଲୁଗା ଚୋରି

ଗୋପ,୨୨।୫(ଡି.ଏନ୍.ଏ.): ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକରେ ଥିବା ରାଜକିଶୋର ମିଶ୍ରଙ୍କ ଲୁଗା ଦୋକାନରୁ ଲକ୍ଷାଧିକ ଟଙ୍କାର ଲୁଗାପଟା ଚୋରି ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ୨୩୧/୨୩ରେ ଏକ ମାମଲା ରୁଜୁ କରି ଜିଲା ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଚଳାଇଛି। ପ୍ରକାଶ ଯେ, ସବୁଦିନ ପରି ରବିବାର ରାତି ୧୧ଟାରେ ଲୁଗା ଦୋକାନ ମାଲିକ ଦୋକାନ ବନ୍ଦ କରିଥିଲେ। କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଦୋକାନର ଆଜବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ଲୁଗା ନେଇଯାଇଛନ୍ତି। ସକାଳୁ ମାଲିକ ଚୋରି ବାବଦରେ ଜାଣିବା ପରେ ଗୋପ ଥାନାରେ ଅଭିଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ଏହି ବଜାରର କେତେକ ଦୋକାନର ଆଜବେଷ୍ଟସ ଭାଙ୍ଗି ଚୋରି ହେଉଥିବା ଅଭିଯୋଗ ରହିଛି। ବିଶେଷକରି ପୋଲିସ ରାତ୍ରି ପାଟ୍ରୋଲିଂ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଏପରି ଚୋରି ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଏପରି ବାରମ୍ବାର ଚୋରି ହେବା ନେଇ ଥାନା ଅଧିକାରୀ ସୁନୀଲ ପ୍ରଧାନଙ୍କୁ ପଚାରିବାରେ, ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି ବୋଲି କହିଥିଲେ।

ଦୁବାଇରୁ ଫେରିବା ପରେ ମୀନାକ୍ଷୀଙ୍କୁ ସମ୍ବର୍ଦ୍ଧିତ

ଗୋପ,୨୨।୫(ଡି.ଏନ୍.ଏ.): ଦୁବାଇରୁ ଓଡ଼ିଶା ଫେରିବା ପରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟିଙ୍କୁ ସୋମବାର ବ୍ଲକ ମହିଳା ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜଣେ ସାଧାରଣ ମହିଳା ଭାବେ ମୀନାକ୍ଷୀ ରାଜ୍ୟ ସରକାରଙ୍କ ପକ୍ଷରୁ ବିଦେଶ ଯାତ୍ରା କରି ଦୁବାଇରେ ଥିବା ପ୍ରବାସୀ ଓଡ଼ିଆଙ୍କ ସହିତ ନିଜର ଭାବ ଆଦାନ ପ୍ରଦାନ କରିପାରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରକାଶ ଯେ, ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଯେଉଁସବୁ ଯୋଜନା ଆରମ୍ଭ କରିଥିଲେ, ସେ ସମୟରେ ମୀନାକ୍ଷୀ ଏହାକୁ ଗୁରୁତ୍ୱ ଦେଇ ନିଜକୁ ଏଥିରେ ସାମିଲ କରିଥିଲେ। ଦୀର୍ଘ ବର୍ଷ ଧରି ଏହି ସବୁ ଯୋଜନାଗୁଡ଼ିକୁ ଗୁରୁତ୍ୱ ଦେଇ ସଫଳତା ମଧ୍ୟ ହାସଲ କରିଥିଲେ। ମୀନାକ୍ଷୀ ୨୦୧୨ରେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ୟୁରୋପ ରାଜଧାନୀ ବେଲଜିୟମ୍‌କୁ ଯାତ୍ରା କରି ଓଡ଼ିଆର ସଂସ୍କୃତି, ପରମ୍ପରା ଭାଇଚାରା ଓ ଓଡ଼ିଆର ସାମାଜିକ ଚଳଣି ସମ୍ପର୍କରେ ନିଜକୁ ସାମିଲ୍ କରି ପାରିଥିଲେ। ଏବେ ମୀନାକ୍ଷୀ ଜିଲା ଓ ବ୍ଲକସ୍ତରରେ ନିଜକୁ ସ୍ୱାବଲମ୍ବୀ କରି ପାରିଥିବାବେଳେ ଶହ ଶହ ମହିଳାଙ୍କୁ ମଧ୍ୟ ସ୍ୱାବଲମ୍ବୀ କରି ପାରିଛନ୍ତି। ପୁରୀରୁ ଏକମାତ୍ର ସ୍ୱାବଲମ୍ବୀ ମହିଳା ଭାବେ ସେ ଦୁବାଇ ଯାତ୍ରା କରି ସେଠାରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟଙ୍କୁ କିପରି ସ୍ୱାବଲମ୍ବୀ କରିପାରିଛନ୍ତି ତାହା କହିଛନ୍ତି। ଦୁବାଇରେ କିପରି ଓଡ଼ିଆର କାରୁକାର୍ଯ୍ୟ ପହଞ୍ଚିବ ସେନେଇ ଆଲୋଚନା କରିଥିଲେ। ଏପରି ଏକ ବିଦେଶ ଯାତ୍ରା ସମ୍ପର୍କରେ ପଚାରିବାରେ, ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆଜି ଓଡ଼ିଶାର ମହିଳା ଗର୍ବିତ ବୋଲି ସେ କହିଛନ୍ତି।

ରାଜ୍ୟ ପର୍ଯ୍ୟବେକ୍ଷକଙ୍କ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ

ନିମାପଡ଼ା,୨୨।୫(ଡି.ଏନ୍.ଏ.)

ପାନୀୟ ଜଳ ଯୋଗାଣ ବିଭାଗର ରାଜ୍ୟ ପର୍ଯ୍ୟବେକ୍ଷକ ଶିବାଶିଷ ଧଳ ସୋମବାର ନିମାପଡ଼ା ବ୍ଲକ ଗସ୍ତ କରିଛନ୍ତି। ଏହି ଗସ୍ତରେ ପର୍ଯ୍ୟବେକ୍ଷକ ଧଳ ନିମାପଡ଼ା ବ୍ଲକର ଶାଇଁସ ଶାସନ, ରଟିଲୋ, ଭିଲିଗ୍ରାମ, ମିଟେଇପୁର, ରେଞ୍ଚ ଶାସନ ଆଦି ୫ ପଞ୍ଚାୟତର ଦୁର୍ଗାପୁର, ଭଗବତୀପୁର, କାଶିପୁର, ଖେଲାର, ଶେଉଳସାହି, ସର୍ବପଡ଼ା, ବିଷ୍ଣୁପୁର, ମାହାଳ, ପଳସୁଧା ଆଦି ୧୦ ଗ୍ରାମ ବୁଲିଛନ୍ତି। ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଗାଁରେ ଲୋକେ ଦୈନିକ କେତେ ସମୟ ପାଇପଲାଇନ ପାନୀୟ ଜଳ ପାଉଛନ୍ତି, ଗ୍ରାମାଞ୍ଚଳରେ ଠିକ୍ ଭାବେ ପାନୀୟ ଜଳ ଯୋଗାଣ ହେଉଛି କି ନାହିଁ, ପାନୀୟ ଜଳର ମାନ, ପାଇପଲାଇନ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଆଦି ପରିଦର୍ଶନ ଓ ତଦାରଖ କରିଥିଲେ। ପର୍ଯ୍ୟବେକ୍ଷକ ଧଳ ଗାଁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସେ ନିମାପଡ଼ା ପାନୀୟ ଜଳ ଯୋଗାଣ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟଠାରେ ଥିବା ଜଳର ଗୁଣବତ୍ତା, ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ। କର୍ମଚାରୀଙ୍କ ସହ ପାନୀୟ ଜଳର ଗୁଣବତ୍ତା ଓ ମାନ ସମ୍ପର୍କରେ ବିଶଦ ଆଲୋଚନା କରିବା ସହ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଗସ୍ତ ସମୟରେ ତାଙ୍କ ସହ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶର୍ମିଷ୍ଠାବାଳା ପୃଷ୍ଟି, ସହକାରୀ ଯନ୍ତ୍ରୀ ପ୍ରବୀର ବଳ, ସହକାରୀ ଯନ୍ତ୍ରୀ ପିଙ୍କି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ପର୍ଯ୍ୟବେକ୍ଷକ ଶିବାଶିଷ ଧଳ ବିଭିନ୍ନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ଅଫିସଠାରେ ଜଳର ଗୁଣବତ୍ତା ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଜଳିଗଲା ବହି ଦୋକାନ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନ ରାସ୍ତାକଡରେ ଥିବା ପେନ୍ ହସ୍ପିଟାଲ ନାମକ ବହି ଦୋକାନରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କର୍ମଚାରୀଙ୍କ କୌଣସି କ୍ଷତି ହୋଇ ନ ଥିବାବେଳେ ଲକ୍ଷାଧିକ ଟଙ୍କାର ବହି, ଖାତା, ପେନ୍ ସହ ବିଭିନ୍ନ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଛି। ଅନ୍ୟ ଦୋକାନକୁ ନିଆଁ ବ୍ୟାପିବା ପୂର୍ବରୁ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ତେବେ ଶର୍ଟ୍‌ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ନିଆଁ ଲାଗିଥିବା ଦୋକାନଟି ରବି ଜୈନଙ୍କର ବୋଲି ଜଣାପଡ଼ିଛି। ସୂଚନାନୁସାରେ, ଦୁଇ ମହଲା ବିଶିଷ୍ଟ କୋଠାରେ ଉକ୍ତ ବହି ଦୋକାନ ରହିଥିଲା। ସୋମବାର ଅପରାହ୍ନରେ ଦୋକାନରେ ୫ଜଣ କର୍ମଚାରୀ ଥିଲେ। ହଠାତ୍ ଦୋକାନର ତଳ ମହଲାରୁ ପ୍ରବଳ ଧୂଆଁ ବାହାରି ଅଗ୍ନିକାଣ୍ଡ ଘଟିଥିଲା। ଏହା ଦେଖି କର୍ମଚାରୀମାନେ ତୁରନ୍ତ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଚାହୁଁ ଚାହୁଁ ଦୋକାନ ଭିତର ଧୂଆଁମୟ ହୋଇଯିବାରୁ କାହାକୁ କିଛି ଦେଖାଯାଇ ନ ଥିଲା। ସମସ୍ତେ ପ୍ରାଣ ବିକଳରେ ଦୌଡ଼ି ବାହାରକୁ ପଳାଇ ଆସି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ୩ ପ୍ଲାଟୁନ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ନିଆଁ ଲିଭା କାର୍ଯ୍ୟରେ ୩ଟି ଦମକଳ ନିୟୋଜିତ ହୋଇଥିଲା। ସେଠାରେ ଲୋକଙ୍କ ଗହଳି ହେବାରୁ ରାସ୍ତା ଜାମ୍ ହୋଇଥିଲା।

ଦର୍ଶକଙ୍କ ଚେତନା ଶକ୍ତି ଜାଗ୍ରତ କଲା 'ଭୂମି'

ନାଟକ 'ଭୂମି'ର ଏକ ଦୃଶ୍ୟ।

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ନାଟକର କାହାଣୀ ଆରମ୍ଭ ହୁଏ ମହାଭାରତ ପୁରାଣର ବନପର୍ବରୁ। ଅଜ୍ଞାତବାସ ସମୟରେ ନାଗଲୋକରେ ପ୍ରବେଶ କରି ବୀର ଅର୍ଜୁନ ଚିତ୍ରାଙ୍ଗଦାଙ୍କୁ ଭଲପାଇ ବସି ତାଙ୍କୁ ବିବାହ କରିଥିଲେ। ହେଲେ ମହାଭାରତ ଯୁଦ୍ଧର ଡାକରା ପାଇ ସେ ଖୁବ୍‌ଶୀଘ୍ର ହସ୍ତିନାପୁରକୁ ଫେରିଆସିଥିଲେ। ଅର୍ଜୁନ ଚିତ୍ରାଙ୍ଗଦାଙ୍କ ପ୍ରେମ କାହାଣୀ କ୍ଷଣସ୍ଥାୟୀ ହେଲେ ମଧ୍ୟ ଚିତ୍ରାଙ୍ଗଦା ବବ୍ରୁବାହନ ନାମକ ଏକ ବୀରପୁତ୍ରଙ୍କୁ ଜନ୍ମ ଦେଇଥିଲେ। ବଡ଼ ହେଲା ପରେ ବବ୍ରୁବାହନ ପାଣ୍ଡବମାନଙ୍କ ଅଶ୍ୱମେଧ ଯଜ୍ଞର ଅଶ୍ୱର ପଥରୋଧ କରି ସେମାନଙ୍କ ସହିତ ଯୁଦ୍ଧ ଘୋଷଣା କରିଥିଲେ। ଦୀର୍ଘ ୨୦ବର୍ଷ ବ୍ୟବଧାନ ପରେ ଅର୍ଜୁନ, ଚିତ୍ରାଙ୍ଗଦା ଓ ବବ୍ରୁବାହନଙ୍କର ମିଳନ ହେଲା। ମହାଭାରତ ଯୁଦ୍ଧଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ପୁରୁଷ ସମାଜ ବିସ୍ତାରବାଦ ନୀତି ଯୋଗୁ ଅଧିକରୁ ଅଧିକ ଭୂମି ଅଧିକାର କରି ପୌରୁଷତ୍ୱକୁ ଜାହିର କରେ। ଏହି ଅହଙ୍କାରବାଦୀ ନୀତି ଫଳରେ ସମାଜର ଏକ ଅଭିନ୍ନ ଅଙ୍ଗ ସ୍ତ୍ରୀ ଜାତି ସବୁବେଳେ ପ୍ରପୀଡ଼ିତ, ଲାଞ୍ଛିତ ଓ ଅପମାନର ଶିକାର ହୁଏ। ଏହି ସାର୍ବଜନୀନ କଥାବସ୍ତୁକୁ ନେଇ ନାଟକ 'ଭୂମି' ସୋମବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଏହା ଦର୍ଶକଙ୍କ ମନୋରଞ୍ଜନ ସହିତ ସେମାନଙ୍କ ଚେତନା ଶକ୍ତିକୁ ଜାଗ୍ରତ କରିଥିଲା। ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ପଞ୍ଚମ ଜାତୀୟ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିବା ଏହି ହିନ୍ଦୀ ନାଟକର ନିର୍ଦ୍ଦେଶନା ସ୍ୱାତୀ ଦୁବେ ଦେଇଥିବାବେଳେ ଆଶିଷ ପାଠକ ରଚନା କରିଥିଲେ। ଅଭିନୟରେ ହର୍ଷିଦସିଂ ଠାକୁର, ଅଙ୍କିତ କୁମାର, ମାନସୀ ରା

ପାରକେଣା ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟର ଜଣେ ଏ-୧ରେ ଉତ୍ତୀର୍ଣ୍ଣ

ସାକ୍ଷୀଗୋପାଳ,୨୨।୫(ସ୍ୱ.ପ୍ର./ ଡି.ଏନ୍.ଏ.)- ଚଳିତ ମାଟ୍ରିକ ପରୀକ୍ଷାରେ ସତ୍ୟବାଦୀ ବ୍ଲକ ପରଜାପଡ଼ା ପଞ୍ଚାୟତର ପାରକେଣା ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ର ରାଜେଶ ସ୍ୱାଇଁ ୫୬୬ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜେଶଙ୍କ ଏହି ସଫଳତା ପାଇଁ ସେ ବାପା ବୈଦ୍ୟନାଥ ସ୍ୱାଇଁ, ମାଆ ମମତା ସ୍ୱାଇଁ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ରାଜେଶ ଆଗକୁ ପାଠପଢ଼ି ଜଣେ ଉତ୍ତମ ଚିକିତ୍ସକ ହେବାକୁ ଆଶା ରହିଥିବା କହିଛନ୍ତି। ରାଜେଶଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି।

ସଂକ୍ଷେପରେ

ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ ଅଫିସ,୨୨।୫- ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅତିରିକ୍ତ ଜିଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୦ଟି ଅଭିଯୋଗ ହୋଇଥିଲା। ସେଥିରୁ ୨୮ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ଅନ୍ୟ ୨ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗଗୁଡିକର ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମିରେଖା ଦାଶ, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ରାକେଶ କୁମାର ପଣ୍ଡା, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

ଦୋକାନର ଆଜ୍‌ବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ଲୁଗା ଚୋରି

ଗୋପ,୨୨।୫(ଡି.ଏନ୍.ଏ.)- ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକରେ ଥିବା ରାଜକିଶୋର ମିଶ୍ରଙ୍କ ଲୁଗା ଦୋକାନରୁ ଲକ୍ଷାଧିକ ଟଙ୍କାର ଲୁଗାପଟା ଚୋରି ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ୨୩୧/୨୩ରେ ଏକ ମାମଲା ରୁଜୁ କରି ଜିଲା ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଚଳାଇଛି। ପ୍ରକାଶ ଯେ, ସବୁଦିନ ପରି ରବିବାର ରାତି ୧୧ଟାରେ ଲୁଗା ଦୋକାନ ମାଲିକ ଦୋକାନ ବନ୍ଦ କରିଥିଲେ। କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଦୋକାନର ଆଜବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ଲୁଗା ନେଇଯାଇଛନ୍ତି। ସକାଳୁ ମାଲିକ ଚୋରି ବାବଦରେ ଜାଣିବା ପରେ ଗୋପ ଥାନାରେ ଅଭିଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ଏହି ବଜାରର କେତେକ ଦୋକାନର ଆଜବେଷ୍ଟସ ଭାଙ୍ଗି ଚୋରି ହେଉଥିବା ଅଭିଯୋଗ ରହିଛି। ବିଶେଷକରି ପୋଲିସ ରାତ୍ରି ପାଟ୍ରୋଲିଂ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଏପରି ଚୋରି ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଏପରି ବାରମ୍ବାର ଚୋରି ହେବା ନେଇ ଥାନା ଅଧିକାରୀ ସୁନୀଲ ପ୍ରଧାନଙ୍କୁ ପଚାରିବାରେ, ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି ବୋଲି କହିଥିଲେ।

ଆଜି ନିକଟତର ହେବେ ଶୁକ୍ର ଓ ଚନ୍ଦ୍ର ଖାଲି ଆଖିରେ ଦେଖିହେବ

ଭୁବନେଶ୍ୱର,୨୨।୫(ବ୍ୟୁରୋ)-ମଙ୍ଗଳବାର ସନ୍ଧ୍ୟାରେ ଉଜ୍ଜ୍ୱଳ ଶୁକ୍ରର ଖୁବ୍ ନିକଟରେ ଚନ୍ଦ୍ର ଦେଖାଯିବ। ସେମାନଙ୍କ ଭିତରେ କୌଣିକ ଦୂରତା ପ୍ରାୟ ୨ ଡିଗ୍ରୀ ରହିବ। ଏହା ପରଦିନ ଅର୍ଥାତ୍ ୨୪ ତାରିଖରେ ସେମାନଙ୍କ ଭିତରେ କୌଣିକ ଦୂରତା ବଢ଼ିଯାଇ ପ୍ରାୟ ୧୫ଡିଗ୍ରୀ ହେବ। ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସବୁଦିନ ସନ୍ଧ୍ୟାରେ ପ୍ରାୟ ୨ଘଣ୍ଟା ଧରି ଆମେ ଉଜ୍ଜ୍ୱଳ ଶୁକ୍ର ଗ୍ରହକୁ ପଶ୍ଚିମ ଆକାଶରେ ଖାଲି ଆଖିରେ ଦେଖିପାରିବା। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳର ଆକାଶ ମେଘମୁକ୍ତ ଥିଲେ ଏହି ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟକୁ ଖାଲି ଆଖିରେ ଦେଖିହେବ। ମେ' ୨୩ ଅର୍ଥାତ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୯ଟା ୧୫ ପର୍ଯ୍ୟନ୍ତ ଏହା ଦେଖିହେବ। ଏହି ଦୃଶ୍ୟ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିବା ପାଇଁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ସନ୍ଧ୍ୟା ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ ଦର୍ଶକମାନେ ପ୍ଲାନେଟାରିୟମରେ ଏହି ଦୃଶ୍ୟ ଦେଖିପାରିବେ। ତେବେ ଆକାଶ ମେଘୁଆ ରହିଲେ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯିବ ବୋଲି ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

ବ୍ଲକରେ ଉତ୍କଟ ହେଉଛି ପାନୀୟ ଜଳ ସମସ୍ୟା

ସାକ୍ଷୀଗୋପାଳ,୨୨।୫ (ସ୍ୱ.ପ୍ର./ଡି.ଏନ୍.ଏ.)

ପେଣ୍ଡପଡା ପଞ୍ଚାୟତରେ ଟ୍ୟାଙ୍କରରୁ ପାନୀୟ ଜଳ ନେବାପାଇଁ ମହିଳାମାନେ ଧାଡିରେ ଯାଉଛନ୍ତି ।

- ଶୁଖିଲା ପଡ଼ିଛି ଅନେକ ପୋଖରୀ
- ଗୃହପାଳିତ ପଶୁ ଶୋଷରେ ଡହଳବିକଳ

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଦେଖାଦେଲାଣି ଉତ୍କଟ ପାନୀୟ ଜଳ ସମସ୍ୟା। ପ୍ରଚଣ୍ଡ ରୌଦ୍ରତାପରେ ବ୍ଲକରେ ଅଧିକାଂଶ କୂଅ ପୋଖରୀ ଶୁଖି ଯାଉଥିବାବେଳେ ଅଞ୍ଚଳର ଆଉ କିଛି ବଡ଼ ବଡ଼ ପୋଖରୀ ଓ ପ୍ରବାହିତ ନଈକୁ ସ୍ଥାନୀୟ ଲୋକେ ଶୁଖାଇ ମାଛ ଧରିବା ସହ ଖନନ କାର୍ଯ୍ୟ କରୁଛନ୍ତି। ଫଳରେ ଭୂତଳ ଜଳସ୍ତର ଦିନକୁ ଦିନ କମିବା ସହ ନଳକୂପ ଓ ପୋଖରୀ ପାଣି ଶୁଖିବାର ଅନ୍ୟତମ କାରଣ ପାଲଟିଛି। ଏହାଛଡ଼ା ବ୍ଲକର ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯେଉଁସବୁ ନଳକୂପ ରହିଛି, ତା' ମଧ୍ୟରୁ ଅନେକ ନଳକୂପରୁ ପାଣି ବାହାରୁ ନ ଥିବାବେଳେ ଆଉ କିଛି ନଳକୂପରୁ ଗୋଳିଆ ପାଣି ବାହାରୁଛି, ଯାହା ବ୍ୟବହାର ଅନୁପଯୋଗୀ। ଅନ୍ୟପକ୍ଷେ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ପାଇପ୍ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ଜଳ ମଧ୍ୟ ଠିକ୍ ଯୋଗାଣ ହେଉନି। ବ୍ଲକର ପେଣ୍ଡପଡ଼ା, ଜୟପୁର, ଶ୍ରୀରାମଚନ୍ଦ୍ରପୁରର ଅଧିକାଂଶ ଗ୍ରାମରେ ପାଇପ୍‌ରୁ ଆସୁଥିବା ଜଳ ବ୍ୟବହାର ଯୋଗ୍ୟ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଅନେକ ସମୟରେ ପାଣି ପାଇଁ ପରସ୍ପରଙ୍କ ମଧ୍ୟରେ କଳହ ଲାଗୁଛି। କିଛି ଅସାଧୁ ବ୍ୟକ୍ତି ଚୋରାରେ ମଟର ଲଗାଇ ଟାଙ୍କିକୁ ପାଣି ଉଠାଇବା ଦ୍ୱାରା ଅନ୍ୟମାନେ ପର୍ଯ୍ୟାପ୍ତ ପାଣି ପାଇପାରୁ ନାହାନ୍ତି। ଏନେଇ ବିଭାଗ ଜାଣି ମଧ୍ୟ ଚୁପ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସୁଧା କାର୍ଯ୍ୟକ୍ରମକୁ ସତ୍ୟବାଦୀରେ ଉଦ୍‌ଘାଟନ କରିଥିଲେ ମଧ୍ୟ ଅଦ୍ୟାବଧି ଶତ ପ୍ରତିଶତ କାର୍ଯ୍ୟକାରୀ ହୋଇ ନ ଥିବାରୁ ପ୍ରତି ଗୃହକୁ ଜଳଯୋଗାଣ ଲକ୍ଷ୍ୟ ଏକ ପ୍ରକାର ଫେଲ ମାରିଛି। ଅସହ୍ୟ ତାତି ସାଙ୍ଗକୁ କୂଅ ପୋଖରୀର ଜଳସ୍ତର କମିବା ଯୋଗୁ ପାଣି ଶୁଖି ମାଟି ଫାଟି ଆଁ କରିଥିବାରୁ ଗୃହପାଳିତ ପଶୁ ପାଣି ଟୋପାଏ ପାଇ ପାରୁନାହାନ୍ତି। ସାକ୍ଷୀଗୋପାଳ ରେଳ ଷ୍ଟେଶନ ନିକଟ ସୁଭଦ୍ରା କଲୋନୀରେ ୫୦୦ ପରିବାର ପାନୀୟ ଜଳ ନିମନ୍ତେ ଡହଳ ବିକଳ ହେଉଛନ୍ତି। ଅଞ୍ଚଳରେ ବସିଥିବା ନଳକୂପରୁ କେବଳ ଲୁଣି ପାଣି ବାହାରୁଥିବାରୁ କଲୋନୀଠାରୁ ଦୂରରେ ଥିବା ରେଳ ବିଭାଗ କୂଅ ପାଣିକୁ ସ୍ଥାନୀୟ ଲୋକେ ବ୍ୟବହାର କରୁଛନ୍ତି। ସେହିଭଳି ପେଣ୍ଡପଡ଼ା ପଞ୍ଚାୟତର ବସୁକେରା, ଅହମ୍ମଦପୁର ସମେତ ଅନେକ ଗାଁରେ ପଞ୍ଚାୟତ ଦ୍ୱାରା ଦିଆଯାଉଥିବା ପାନୀୟ ଜଳ ଘର ଓ ଗୃହପାଳିତ ପ୍ରାଣୀଙ୍କ ପାଇଁ ଅଣ୍ଟୁ ନ ଥିବାରୁ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ନିବେଦିତା ପ୍ରଧାନ, ଉର୍ମିଳା ଦଳାଇ, ସଞ୍ଜୁଲତା ମଲ୍ଲିକ, ସାବିତ୍ରୀ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କହିଛନ୍ତି, ଆମ ପାଖରେ ଏ ଅଭିଯୋଗ ରହିଛି, ମେଗା ପ୍ରକଳ୍ପଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଏ ସମସ୍ୟାର ସମାଧାନ ହୋଇଯିବ।

ପୁରୀର ଖଡ଼ିପଦା ଠାରେ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

ଖଡ଼ିପଦାରେ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ପୁରୀ ଅଫିସ,୨୨।୫

ପୁରୀ ଓ ଖଡ଼ିପଡ଼ାସ୍ଥିତ ବିବେକାନନ୍ଦ ଯୁବ କେନ୍ଦ୍ରର ଆନୁକୂଲ୍ୟରେ ବିଭିନ୍ନ ଗ୍ରାମର ଛାତ୍ରୀଛାତ୍ରଙ୍କୁ ନେଇ ଖଡ଼ିପଡ଼ା ଗ୍ରାମ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏକ ଗ୍ରୀଷ୍ମକାଳୀନ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ସମଗ୍ର ପଞ୍ଚାୟତ ଓ ଶାସନ ଦାମୋଦରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରସାସୁଷମା ସାହୁ, ସମଗ୍ର ସରପଞ୍ଚ ପ୍ରତିନିଧି ଅଜୟ ସାହୁ , ଖଡ଼ିପଡ଼ା ସ୍କୁଲ ଶିକ୍ଷକ ମନୋଜ ସାହୁ, ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଶିକ୍ଷକ ବୁଦ୍ଧିଆ ମୁଦୁଲୁସ, ବାସୁଦେବ ସେନାପତି, କୃଷ୍ଣଚନ୍ଦ୍ର ସାହୁ, ପାର୍ବତୀ ଗୁରୁ, ପିଙ୍କି ସେନାପତି ଏବଂ ଶିକ୍ଷକ ମନୋଜ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଯୋଗ ଗୁରୁ ରମାବଲ୍ଲଭ ମହାପାତ୍ର ଓ ତାଙ୍କର ଧର୍ମ ପତ୍ନୀ ଗାୟତ୍ରୀ ମହାପାତ୍ର ଯୋଗଦେଇଥିଲେ। ଛୋଟ ଶିଶୁମାନେ ଓଁକାର, ବେଦ ଉଚ୍ଚାରଣ, ଧ୍ୟାନ, ସଙ୍ଗୀତ, ନୃତ୍ୟ ପରିବେଷଣ କରି ଅତିଥିମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଗତ ୧୫ ଦିନ ହେବ କୁନି ପିଲାମାନେ ଅଧ୍ୟାପକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିଲେ। ପ୍ରତି ୩ ମାସରେ ଏହି ପ୍ରଶକ୍ଷଣ ଶିବିରର ଆୟୋଜନ କରାଯିବ ଓ ଯଥାଶୀଘ୍ର ପୁରୀ ସଦରର ବ୍ଲକର ୩୦ଟି ପଞ୍ଚାୟତ ଓ ଜିଲାର ୧୧ ଟି ବ୍ଲକକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଅଧ୍ୟାପକ ମହାନ୍ତି ସୂଚନା ଦେଇଥିଲେ। ଶେଷରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଶିଶୁମାନଙ୍କର ବିଭିନ୍ନ ପ୍ରତିଭାକୁ ଚୟନ କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ବିଶ୍ୱଜିତ ଦାଶ ସାହାଯ୍ୟ କରିଥିଲେ।

ମିଥ୍ୟା ଅଭିଯୋଗ କରି ଫସିଲେ ଅଭିଯୋଗକାରୀ

ସାକ୍ଷୀଗୋପାଳ, ୨୨।୫(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ଥାନା ଅଧୀନ ବିଶ୍ୱନାଥପୁର ପଞ୍ଚାୟତ ବାସୁଦେଇପୁର ଗ୍ରାମରେ ଏକ ବଡ଼ଧରଣର ଚୋରି ହୋଇଥିବା ନେଇ ଗ୍ରାମର ଅଭିରାମ ସ୍ୱାଇଁ ସତ୍ୟବାଦୀ ଥାନାରେ ସୋମବାର ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତ୍ରରେ ତାଙ୍କର ୨ ଗୋଟି ଘରର କବାଟ ଭାଙ୍ଗି ଘରେ ଥିବା ୨ ଗୋଟି ଗଡ୍‌ରେଜ ଓ ଏକ ବଡ଼ ଟ୍ରଙ୍କ୍ ଭାଙ୍ଗି ନଗଦ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୧୫ଟି ସୁନାମୁଦି, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ସୁନାଚେନ୍, ୨ଟି କାନଫୁଲ, ୨ଟି ଝରା, ୨ଟି ହାର ସମେତ ୪ଟି ରୁପା ପାଉଜି ଚୋରିକରି ନେଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଓ ସୁରମା ସ୍ୱାଇଁ ଫରେନ୍‌ସିକ୍ ଟିମ୍ ସହ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଘଟଣାର ତଦନ୍ତ ସମୟରେ ଅଭିଯୋଗକାରୀଙ୍କ ଅଭିଯୋଗ ଅନୁସାରେ ସେମାନଙ୍କ କଥାରେ ତାଳମେଳ ରହି ନ ଥିଲା। ଏଥିରେ ତଦନ୍ତ ଅଧିକାରୀଙ୍କ ସନ୍ଦେହ ହେବାରୁ ଅଭିଯୋଗକାରୀଙ୍କୁ ଥାନାକୁ ଡାକି ଅଧିକ ପଚରାଉଚରା କରିବାରୁ ସେମାନେ କରିଥିବା ଅଭିଯୋଗ ମିଥ୍ୟା ବୋଲି ମାନିଥିଲେ। ଏହି ମିଥ୍ୟା ଅଭିଯୋଗ ପାଇଁ ଅଭିଯୋଗକାରୀଙ୍କୁ ସତ୍ୟବାଦୀ ପୋଲିସ ଅଟକ ରଖିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ନ୍ୟାୟ ପାଇଁ ୬ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ,୨୨।୫

ନ୍ୟାୟ ଦାବି କରି ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ। ପୁରୀ କୃଷ୍ଣପ୍ରସାଦ ବ୍ଲକ ଗୁରୁବାଇ ଗ୍ରାମର ଏକଘରିଆ କରାଯାଇଥିବା ୬ ଧୋବା ପରିବାର ନ୍ୟାୟ ପାଇବା ପାଇଁ ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ବିନା କାରଣରେ ଗ୍ରାମର କେତେଜଣ ମୁଷ୍ଟିମେୟ ଲୋକ ୬ ଧୋବା ପରିବାରକୁ ଦେଢବର୍ଷ ହେବ ନାନା ପ୍ରକାରର ହଇରାଣ କରିବା ସହ ଏକଘରିକିଆ କରି ଦେଇଛନ୍ତି। ପିଲାମାନଙ୍କ ପାଠପଢ଼ାଠାରୁ ଆରମ୍ଭ କରି ଗାଁ ଦୋକାନରୁ ସଉଦା, ଦିଅଁ ଦୁଆରେ ଭୋଗ ଖାଇବା, ପର୍ବପୁନିଅଠାରୁ ଦୂରରେ ରଖାଯାଉଛି। ତେବେ ଉକ୍ତ ଘଟଣାକୁ ନେଇ ପ୍ରତିବାଦ କରିବାରେ ଗାଁର ମୁଖିଆମାନେ ଗାଳିଗୁଲଜ କରିବା ସହ କେଉଁଠି ଅଭିଯୋଗ କଲେ ଘରେ ପୂରାଇ ନିଆଁ ଲଗାଇ ଦେବେ ବୋଲି ଧମକ ଦେଇଥିଲେ। ଏ ନେଇ କୃଷ୍ଣପ୍ରସାଦ ଫାଣ୍ଡିକୁ ପ୍ରଥମେ ଜଣାଇଥିଲେ ମଧ୍ୟ କେହି ଶୁଣିଲେନି। ସେଠାରୁ ପୁଣି ଥାନା ଅଧିକାରୀଙ୍କଠାରୁ ଏସ୍‌ପି ଏବଂ ଜିଲାପାଳଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କୋଣସି ସୁଫଳ ମିଳୁନାହିଁ। ତେଣୁ ସମସ୍ତ ଘଟଣାକୁ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଏକଘରକିଆ ହୋଇଥିବା ୬ ପରିବାର ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

କେନ୍ଦ୍ର ସରକାରଙ୍କ ୯ବର୍ଷ ପୂର୍ତ୍ତି ନେଇ ପ୍ରସ୍ତୁତି

ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ବିଧାୟକ ଓ ଅନ୍ୟମାନେ ।

ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ,୨୨।୫

ଭାରତୀୟ ଜନତା ପାର୍ଟି(ଭାଜପା) ପୁରୀ ଜିଲା ଶାଖା ପକ୍ଷରୁ ସୋମବାର ସ୍ଥାନୀୟ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଜିଲା ସଂସ୍କୃତି ଭବନଠାରେ ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦଳର ତୁଙ୍ଗ ନେତାମାନେ ଯୋଗଦେଇ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରର ୯ବର୍ଷ ପୂର୍ତ୍ତି ଅବସରରେ ହେବାକୁ ଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକକୁ ସୁଚାରୁ ରୁପେ ଅନୁଷ୍ଠିତ କରାଯିବା ନିମନ୍ତେ ପ୍ରସ୍ତୁତି ଓ ଆଲୋଚନା କରିଥିଲେ। ବୈଠକରେ ଜିଲା ସଭାପତି ଆଶ୍ରୀତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପତ୍ର, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦିକା ତଥା ପୁରୀ ଜିଲା ପ୍ରଭାରୀ ଲେଖାଶ୍ରୀ ସାମନ୍ତ ସିଂହାର, ରାଜ୍ୟ ଅନୁସୂଚିତ ଜାତି ମୋର୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରୀପାଠୀ, ଯୁବ ନେତା ଓମ୍ ପ୍ରକାଶ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କୃଷ୍ଣ ଜଗଦେବ୍, ଡ. ଦେବେନ୍ଦ୍ରନାଥ ତରେଇ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ମଧୁସୂଦନ ସିଂହାରୀ, ଯୁବ ନେତା ଦିଲୀପ ନାୟକ, ଶଙ୍କର୍ଷଣ ପରିଡ଼ା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୂର୍ବତନ ବିଧାୟକ ରମା ରଞ୍ଜନ ବାଳିଆରସିଂହ ଓ ପର୍ଶୁରାମ ବିଶୋଇ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନହିତକର କାର୍ଯ୍ୟ ଲୋକଙ୍କ ନିକଟରେ କିପରି ପହଞ୍ଚିବ ସେନେଇ ଆଲୋଚନା କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ସୁଶାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଘର ଘର ବୁଲି ପଛୁଆ ବର୍ଗ ସର୍ଭେ କରୁଛନ୍ତି ଗଣନାକାରୀ

ଜଣେ ଅଙ୍ଗନୱାଡି କର୍ମୀ ଏକ ଘରେ ସର୍ଭେ କରୁଛନ୍ତି ।

ପୁରୀ ଅଫିସ,

ସମର୍ଥକଙ୍କ ସହ ସରପଞ୍ଚ ବିଜେଡିରେ ସାମିଲ

ମାହାଙ୍ଗା,(ସ୍ୱ.ପ୍ର.): ରାହାଣିଆ ସରପଞ୍ଚ ହେମନ୍ତ ମଲ୍ଲିକଙ୍କ ସହ ଶତାଧିକ ସମର୍ଥକ ବିଧାୟକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ରାହାଣିଆଠାରେ ପଞ୍ଚାୟତ ବିଜେଡି ସଭାପତି ଯୁଗଳ କିଶୋର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଜେନା ଯୋଗଦେଇ ନବୀନ ବାବୁଙ୍କ ରାଜ୍ୟରେ ଚାଲିଥିବା ପ୍ରଗତିଶୀଳ ରାଷ୍ଟ୍ର ଗଠନ ଓ ସୁଶାସନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି,ପୂର୍ବତନ ବ୍ଲକ ଅଧକ୍ଷ ଶରତ ନାୟକ,ବିଜେଡି ନେତା ରୁଦ୍ର ନାରାୟଣ ସିଂହ ପ୍ରମୁଖ ଯୋଗଦେଇଥିଲେ।

ଧରାପଡ଼ିଲା ଝୁପି ବାୱରିୟା ଗ୍ୟାଙ୍ଗ: ୪ ଗିରଫ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଲୁଟ୍‌ପାଟ କରି ଆତଙ୍କ ଖେଳାଉଥିବା ଉତ୍ତରପ୍ରଦେଶର ବାୱରିୟା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବାରେ ସଫଳ ହୋଇଛି। ସ୍ପେଶାଲ ସ୍କ୍ୱାଡ୍ ଓ ପୋଲିସର ମିଳିତ ଉଦ୍ୟମରେ ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ସୋମବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ସାମ୍‌ଲି ଜିଲା ଝିଂଝାଣା ଥାନା ଅଞ୍ଚଳର ପ୍ରଦୀପ କୁମାର (୩୮), ବିକାଶ (୨୮), ରବି କୁମାର (୩୫), ବାବୁ ରାମ୍ (୩୭)। ସେମାନଙ୍କଠାରୁ ୧୬ଟି ସୁନାଚେନ୍, ୨ଟି ବାଇକ, ୨ଟି ମୋବାଇଲ, ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ବଡ଼ଗଡ଼ ଥାନା ମାମଲାରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇପାରେ ବୋଲି ସୂଚନା ମିଳିଛି। ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ଦରକାର ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ସୋମବାର ଡିସିପି ପ୍ରତୀକ ସିଂ କହିଛନ୍ତି।

ଗିରଫ ୪ ଅଭିଯୁକ୍ତ।

- ୧୬ ସୁନାଚେନ୍, ବାଇକ୍, ମୋବାଇଲ ଜବତ
- ଅନ୍ୟ ସଦସ୍ୟଙ୍କୁ ଖୋଜୁଛି ପୋଲିସ

ଖସିଯିବାକୁ ଦେହରେ ତେଲ ବୋଳନ୍ତି

ବାୱରିୟାମାନେ ପୋଲିସଠୁ ବର୍ତ୍ତିବା ପାଇଁ ବିଭିନ୍ନ କୌଶଳ ଆପଣାଇଥାନ୍ତି। ଅନ୍ୟ ରାଜ୍ୟରେ ମଧ୍ୟ ସେମାନେ ଅପରାଧ କରିଥିବା ନଜିର ରହିଛି। ତେବେ ଗ୍ୟାଙ୍ଗର ସଦସ୍ୟମାନେ ଧରା ନ ପଡ଼ିବା ପାଇଁ ଦେହରେ ତେଲ ବୋଳନ୍ତି। ପୋଲିସ ଧରିବା ବେଳେ ସେମାନେ ସହଜରେ ଖସିଯିବା ଲାଗି ଏଭଳି ତରିକା ଆପଣାଇଥାନ୍ତି।

୪ ପୋଲିସ ଜିଲାରେ ୨୮ ଲୁଟ୍ ମାମଲା

ପୋଲିସ ଅଭିଯୁକ୍ତମାନଙ୍କ ଆପରାଧିକ ଇତିହାସ ବିଷୟରେ ଖୋଳତାଡ଼ କରିବା ପରେ ଅନେକ ତଥ୍ୟ ପାଇଛି। ଓଡ଼ିଶାର ୪ଟି ପୋଲିସ ଜିଲାରେ ୨୮ଟି ଲୁଟ୍ ମାମଲାରେ ଏହି ଗ୍ୟାଙ୍ଗ ସଦସ୍ୟ ଜଡ଼ିତ ଥିବା ଜଣାପଡ଼ିଛି। ସେଗୁଡ଼ିକ ହେଲା କଟକ ଗ୍ରାମାଞ୍ଚଳ ପୋଲିସ ଜିଲା, କଟକ ସହରାଞ୍ଚଳ ପୋଲିସ ଜିଲା, ଭଦ୍ରକ ଓ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା। ଅଭିଯୁକ୍ତମାନେ ଏଭଳି ଅନେକ ମାମଲାରେ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି।

ବଞ୍ଜାରା ପରି ଜୀବନଶୈଳୀ, ବୁଲିବୁଲି ଲୁଟ୍ କରନ୍ତି

ବାୱାରିୟା ଜନିଜାତିର ଲୋକେ ଉତ୍ତରପ୍ରଦେଶର ସାମ୍‌ଲି ଜିଲାରେ ରହୁଥିବା ବେଳେ ସେମାନେ ଦେଶର ବିଭିନ୍ନ ରାଜ୍ୟର ପ୍ରମୁଖ ସହରକୁ ଯାଇ ଲୁଟ୍‌ପାଟ କରିଥାନ୍ତି। ଏପରିକି ସେମାନେ ବିଭିନ୍ନ ରାସ୍ତା ପାର୍ଶ୍ୱରେ ତମ୍ବୁ ଟାଣି ମଧ୍ୟ ରହନ୍ତି। ଲୁଟ୍‌ପାଟ ପାଇଁ ସେମାନେ ବାଇକ୍‌କୁ ବ୍ୟବହାର କରନ୍ତି। ବିଶେଷକରି ସେମାନେ ପ୍ରାତଃଭ୍ରମଣରେ ଯାଉଥିବା ମହିଳାଙ୍କୁ ଟାର୍ଗେଟ କରି ସୁନାଚେନ୍ ଲୁଟ୍‌ପାଟ କରି ଫେରାର ହୋଇଯାନ୍ତି। ପରେ ଉକ୍ତ ଚୋରି ସୁନାଚେନ୍‌କୁ ଉତ୍ତରପ୍ରଦେଶରେ ବିକ୍ରି କରି ୧୫ରୁ ୨୦ ଦିନ ଭିତରେ ପୁଣି ଅପରାଧ କରିବାକୁ ଫେରିଆସନ୍ତି। ଲୁଟ୍ ଛଡ଼ା ହତ୍ୟା, ବଳାତ୍କାର, ଡକାୟତି ଆଦି ମାମଲାରେ ମଧ୍ୟ ଏହି ଗ୍ୟାଙ୍ଗର ସଦସ୍ୟମାନେ ସମ୍ପୃକ୍ତ। ଏହି ଗ୍ୟାଙ୍ଗ ପ୍ରଥମେ ତାମିଲନାଡୁ ଜିଲାରେ ଚିହ୍ନଟ ହୋଇଥିଲା। ବାୱରିୟାମାନେ ୧୯୯୫ରୁ ୨୦୦୬ ମସିହା ମଧ୍ୟରେ ତାମିଲନାଡୁର ଜାତୀୟ ରାଜପଥ କଡ଼ରେ ଡ଼କାୟତି ଓ ହତ୍ୟା ଆଦି ଅପରାଧ ରରୁଥିଲେ। ତାମିଲନାଡୁ ପୋଲିସ ଅପରେଶନ୍ ବାୱରିୟା ଆରମ୍ଭ କରି ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ସଦସ୍ୟମାନଙ୍କୁ ଚଡ଼ି ବ୍ୟାନିଅନ୍ ଗ୍ୟାଙ୍ଗ ମଧ୍ୟ କୁହାଯାଏ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଲୁଟ୍ ପୂର୍ବରୁ ପୂଜା

ବାୱରିୟା ଗ୍ୟାଙ୍ଗର ସଦସ୍ୟମାନେ ଲୁଟ କରିବାକୁ ଯିବା ପୂର୍ବରୁ ପୂଜା କରନ୍ତି। ପ୍ରଥମେ ସେମାନେ କୁଳଦେବୀଙ୍କ ପୂଜା କରନ୍ତି। ଏହାପରେ ସେମାନଙ୍କ ଆଦି ମାରଣାସ୍ତ୍ରକୁ ପୂଜାର୍ଚ୍ଚନା କରିଥାନ୍ତି। ଲାଠି, ଲୁହାରଡ, ଛୁରି ଆଦି ସେମାନଙ୍କ ପ୍ରମୁଖ ମାରଣାସ୍ତ୍ର। ଏପରିକି ଗ୍ୟାଙ୍ଗର ସଦସ୍ୟମାନେ ଅପରାଧ କରିବାକୁ ଯିବା ପୂର୍ବରୁ ଘରର ମହିଳାମାନେ ସେମାନଙ୍କୁ ଦୀପରେ ବନ୍ଦାପନା ମଧ୍ୟ କରିଥାନ୍ତି ବୋଲି ସୂଚନା ମିଳିଛି।

ପୁରୀ ରେଲ ଷ୍ଟେଶନ ନିକଟରେ ଧରାପଡ଼ିଲେ

ବଡ଼ଗଡ଼ ଥାନା ଅଞ୍ଚଳରେ ଅଭିଯୁକ୍ତମାନେ ଗତ ୧୯ ତାରିଖରେ ୩ଟି ଲୁଟ୍ କରିଥିଲେ। ଏହାପରେ ଏମାନଙ୍କୁ ଧରିବାକୁ ଭୁବନେଶ୍ୱର ଝୁପିଡି ପୋଲିସ ଜାଲ ବିଛାଇଥିଲା। ପୋଲିସ ଟିମ୍ ଏମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ସାଧାରଣତଃ ପୁରୀ ଆଡୁ ଲୁଟ୍‌ପାଟ କରି ଏମାନେ ଫେରିଥାନ୍ତି ବୋଲି ପୋଲିସ ତଥ୍ୟ ପାଇଥିଲା। ତେବେ ପୋଲିସ ଟିମ୍ ଟ୍ରାକ୍ କରି ପୁରୀ ରେଳଷ୍ଟେଶନ ନିକଟରେ ଅଭିଯୁକ୍ତମାନେ ଏକ ଲଜ୍‌ରେ ଥିବା ଜାଣିବାକୁ ପାଇଥିଲା। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲା।

ଜବତ ହୋଇଥିବା ସୁନା ଚେନ୍ ସହିତ ଅନ୍ୟାନ୍ୟ ସାମଗ୍ରୀ।

ବିଭିନ୍ନ ପାର୍କିଂସ୍ଥଳରେ ବାଇକ ରଖି ଲଜ୍‌ରେ ରହୁଥିଲେ

ଓଡ଼ିଶାରେ ଏହି ଗ୍ୟାଙ୍ଗର ସଦସ୍ୟମାନେ ଗତବର୍ଷ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଏକାଧିକ ଅପରାଧ ରଚିଥିଲେ। ପରେ ଚଳିତବର୍ଷ ଫେବୃୟାରୀରୁ ମେ ମଧ୍ୟରେ ଅନେକ ଅପରାଧ ରଚିଛନ୍ତି। ଏମାନେ ଓଡ଼ିଶା ଆସିବା ପରେ ବାଇକରେ ବୁଲାବୁଲି କରି ଲୁଟ୍ କରୁଥିଲେ। ପରେ ଉକ୍ତ ବାଇକ୍‌କୁ ବିଭିନ୍ନ ପାର୍କିଂ ସ୍ଥଳରେ ରଖି ଲଜ୍‌ରେ ରହି ପୁଣି ଝୁପି ଚାଲିଯାଉଥିଲ।

ସଂକ୍ଷେପରେ

ରେଲଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ବାରଙ୍ଗ,୨୨।୫(ଡି.ଏନ୍.ଏ.): ଭୁବନେଶ୍ୱର ନ୍ୟୁ ରେଲ ଷ୍ଟେଶନ ପଦାସାହି ରେଲଫାଟକ ନିକଟ ରେଲଧାରଣାରୁ ସୋମବାର ସକାଳେ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହକୁ ମଞ୍ଚେଶ୍ୱର ରେଲବାଇ ଫାଣ୍ଡି ପୋଲିସ ଜବତ କରିଛି। ମୃତ ଯୁବକ ହେଲେ କଟକ ଜିଲା ନରସିଂହପୁର ଅଞ୍ଚଳର ଅଜିତ ବେହେରା (୩୦)। ଯୁବକ ଜଣକ ରଘୁନାଥପୁର ଅଞ୍ଚଳରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହି ନନ୍ଦନକାନନସ୍ଥିତ ଏକ ଜଳଖିଆ ଦୋକାନରେ କାମ କରୁଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଯୁବକ ଜଣକ ସକାଳ ପ୍ରାୟ ୫.୩୦ ସମୟରେ ରେଳ ଧାରଣା ପାର ହେଉଥିବା ସମୟରେ ଏକ ଏକ୍ସପ୍ରେସ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହା ଦୁର୍ଘଟଣା ନା ଆତ୍ମହତ୍ୟା ତାହା ତଦନ୍ତ ପରେ ଜଣାପଡ଼ିବ। ଏନେଇ ଭୁବନେଶ୍ୱର ରେଳବାଇ ଥାନାରେ ଏକ ଅପମୃତୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଛି।

ଧାର ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ

ସାଲେପୁର,୨୨।୫(ଡି.ଏନ୍.ଏ.): ସାଲେପୁର ବ୍ଲକ ନିକଟସ୍ଥ ଶିଶୁଆଠାରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। କଲ୍ୟାଣପୁର ଗ୍ରାମର ବାବାଜୀ ବେହେରା ଲିଖିତ ଅଭିଯୋଗ କରିଛନ୍ତି ଯେ, ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଠାରୁ ୧୦ମାସ ତଳେ ୫ହଜାର ଟଙ୍କା ଧାର ନେଇଥିଲେ। ମାସେ ପରେ ଏହାକୁ ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଫେରାଇ ନ ଥିଲେ। ସୋମବାର ସକାଳେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶିଶୁଆ ବଜାରରେ ବାବାଜୀ ଟଙ୍କା ମାଗିଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ଫଳରେ ବାବାଜୀଙ୍କ ଆଖିପତା ଫାଟିଯିବାସହ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅଭିଯୋଗ ପରେ ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

ମାଟ୍ରିକ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି/ମାହାଙ୍ଗା,୨୨।୫(ସ୍ୱ.ପ୍ର.): ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ମେଧା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ମାହାଙ୍ଗା ପ୍ରତିଭା ଭବନରେ ଆୟୋଜିତ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଯୋଗଦେଇ ନିଶ୍ଚିନ୍ତକୋଇଲି ବ୍ଲକରେ ଶ୍ରେଷ୍ଠ ୧୦ ତାଲିକାରେ ଥିବା ୨୧ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ କଟକ ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଥିବା ହରଚଣ୍ଡୀ ନୋଡାଲ ବିଦ୍ୟାଳୟର ଓମ ପ୍ରକାଶ ପଣ୍ଡାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ସେହିଭଳି ମାହାଙ୍ଗା ବ୍ଲକରେ ଶ୍ରେଷ୍ଠ ୧୦ ତାଲିକାରେ ଥିବା ୧୫ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷ ରୋଜି ସେଠୀ, ଉପାଧକ୍ଷ ଅଶୋକ ଓଝା, ଗିରିଶ ମହାପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ମୁରବୀ ଯୋଗଦେଇଥିଲେ। ମେଧା ଛାତ୍ରୀଛାତ୍ରଙ୍କ ସହ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଶୂନ୍ୟଛାୟା ଦିବସ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅଧାପକ ଶୂନ୍ୟଛାୟା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଉଛନ୍ତି।

କଟକ ଅଫିସ,୨୨।୫

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସୋମବାର ଶୂନ୍ୟଛାୟା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧାପକମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୂନ୍ୟଛାୟା ଦିବସ ସମ୍ପର୍କରେ ବୁଝାଇଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ବସ୍ତୁ ଥୋଇ ଛାୟା ଦେଖିବାକୁ ଚେଷ୍ଟା କରିଥିଲେ। ହେଲେ କିଛି ସମୟ ପାଇଁ ଛାୟା ଗାୟବ ହୋଇଯାଇଥିଲା। ସେହିପରି ଅଧାପକ ଓ ଛାତ୍ରୀଛାତ୍ରମାନେ ଏକ ଗୋଲେଇ କରି ଛିଡ଼ା ହୋଇ ଛାୟା ଦେଖିବାକୁ ପ୍ରୟାସ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜଙ୍କ କହିବାନୁଯାୟୀ, କୌଣସି ବସ୍ତୁ ଉପରେ ଆଲୋକ କିମ୍ବା ସୂର୍ଯ୍ୟକିରଣ ପଡିଲେ ତାହାର ଛାଇ ପଡ଼ିଥାଏ। ସୂର୍ଯ୍ୟକିରଣ ତୀର୍ଯ୍ୟକ ରହିଲେ ଲମ୍ବା ଛାଇ ସୃଷ୍ଟି ହୁଏ। ମାତ୍ର ବସ୍ତୁର ମୁଣ୍ଡ ଉପରେ ଅର୍ଥାତ୍ ପୃଥିବୀ ପୃଷ୍ଠ ସହ ୯୦ ଡିଗ୍ରୀରେ ସୂର୍ଯ୍ୟ ରହିଲେ ଛାଇ ବସ୍ତୁର ଠିକ ତଳେ ରହିଯାଏ। ପୃଥିବୀ ପୃଷ୍ଠ ଉପରେ କେବଳ କର୍କଟ କ୍ରାନ୍ତି ଓ ମକର କ୍ରାନ୍ତି ମଧ୍ୟରେ ଥିବା ଅଞ୍ଚଳଗୁଡିକରେ ବର୍ଷକୁ ଦୁଇଦିନ ମଧ୍ୟାହ୍ନରେ ସୂର୍ଯ୍ୟ ବସ୍ତୁର ଠିକ ଉପରକୁ ରହିଥାଏ। ଫଳରେ ଏହି ଦୁଇଦିନରେ ବସ୍ତୁର କୌଣସି ଛାଇ ଦେଖାଯାଇ ନ ଥାଏ।

କଳାବ୍ୟାଜ ପିନ୍ଧି କାର୍ଯ୍ୟରତ ଅମଲାଙ୍କ ପ୍ରତିବାଦ

ବଡ଼ମ୍ବା,୨୨।୫(ଡି.ଏନ୍.ଏ): ବଡ଼ମ୍ବା ବ୍ଲକ ଅମଲା ମଞ୍ଚ ତରଫରୁ ଅମଲାମାନେ ସୋମବାର କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିଛନ୍ତି। ୩୧ ତାରିଖ ପର୍ଯ୍ୟନ୍ତ ଏଭଳି କଳା ବ୍ୟାଜ ପିନ୍ଧାଯିବ। ଏହାସତ୍ତ୍ୱେ ସମସ୍ୟାର ସମାଧାନ ନ ହେଲେ ଜୁନ୍ ୧ରୁ ସମସ୍ତ ଅମଲା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୂହିକ ଛୁଟି ନେବେ ବୋଲି ବଡ଼ମ୍ବା ବ୍ଲକ ଅମଲା ମଞ୍ଚ ସଭାପତି ଅନୁଜ କୁମାର ବେହେରା ଓ ସମ୍ପାଦକ ରସାନନ୍ଦ ପଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଅମଲାମାନଙ୍କ ଗ୍ରେଡ୍ ପେ ୧୯୦୦ ଟଙ୍କାରୁ ୪୨୦୦କୁ ବୃଦ୍ଧି କରାଯିବାକୁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଟାଳଟୁଲୁ ନୀତି ଅବଲମ୍ବନ କରି ଆସୁଛନ୍ତି ବୋଲି ସେମାନେ କହିଛନ୍ତି।

ଆଜି ନିକଟତର ହେବେ ଶୁକ୍ର ଓ ଚନ୍ଦ୍ର

ଖାଲି ଆଖିରେ ଦେଖିହେବ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ମଙ୍ଗଳବାର ସନ୍ଧ୍ୟାରେ ଉଜ୍ଜ୍ୱଳ ଶୁକ୍ରର ଖୁବ୍ ନିକଟରେ ଚନ୍ଦ୍ର ଦେଖାଯିବ। ସେମାନଙ୍କ ଭିତରେ କୌଣିକ ଦୂରତା ପ୍ରାୟ ୨ ଡିଗ୍ରୀ ରହିବ। ଏହା ପରଦିନ ଅର୍ଥାତ୍ ୨୪ ତାରିଖରେ ସେମାନଙ୍କ ଭିତରେ କୌଣିକ ଦୂରତା ବଢ଼ିଯାଇ ପ୍ରାୟ ୧୫ଡିଗ୍ରୀ ହେବ। ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସବୁଦିନ ସନ୍ଧ୍ୟାରେ ପ୍ରାୟ ୨ଘଣ୍ଟା ଧରି ଆମେ ଉଜ୍ଜ୍ୱଳ ଶୁକ୍ର ଗ୍ରହକୁ ପଶ୍ଚିମ ଆକାଶରେ ଖାଲି ଆଖିରେ ଦେଖିପାରିବା। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳର ଆକାଶ ମେଘମୁକ୍ତ ଥିଲେ ଏହି ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟକୁ ଖାଲି ଆଖିରେ ଦେଖିହେବ। ମେ' ୨୩ ଅର୍ଥାତ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୯ଟା ୧୫ ପର୍ଯ୍ୟନ୍ତ ଏହା ଦେଖିହେବ। ଏହି ଦୃଶ୍ୟ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିବା ପାଇଁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ସନ୍ଧ୍ୟା ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ ଦର୍ଶକମାନେ ପ୍ଲାନେଟାରିୟମରେ ଏହି ଦୃଶ୍ୟ ଦେଖିପାରିବେ। ତେବେ ଆକାଶ ମେଘୁଆ ରହିଲେ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯିବ ବୋଲି ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

୩୧ ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ଆଞ୍ଚଳିକ ମେଧା ପ୍ରତିଭା ସମ୍ମାନ

ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

ସାଲେପୁର,୨୨।୫(ଡି.ଏନ୍.ଏ.)

ସାଲେପୁର ବ୍ଲକ ଗୋପୀନାଥପୁରସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପା ଗୋପୀନାଥପୁର ଆନୁକୂଲ୍ୟରେ ସାଲେପୁର ବ୍ଲକରେ ଏ-୧ ଉତ୍ତୀର୍ଣ୍ଣ ହୋଇଥିବା ୩୧ ଜଣ ଛାତ୍ରୀଛାତ୍ରଙ୍କୁ ଆଞ୍ଚଳିକ ମେଧା ପ୍ରତିଭା ସମ୍ମାନ ୨୦୨୩ ପ୍ରଦାନ କରାଯାଇଛି। ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ବିରଞ୍ଚି ନାରାୟଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସାହୁ ସଂଯୋଜନା କରିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ରୋଟାରୀର ପୂର୍ବତନ ପ୍ରାନ୍ତପାଳ ଅଶୋକ ବିହାରୀ ମହାପାତ୍ର ଯୋଗଦେଇ ପିଲାମାନଙ୍କୁ ଦିଗ୍‌ଦର୍ଶନ ଦେବା ସହ ସମାଜରେ ଉତ୍ତମ ବ୍ୟକ୍ତି ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଲେପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ହଳଧର ସାହୁ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ କବି ପରମାନନ୍ଦ ସ୍ୱାଇଁ ଯୋଗଦେଇ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର, ଉପଢୌକନ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ତରଫରୁ ଉପଦେଷ୍ଟା ରାମଚନ୍ଦ୍ର ପାଣି, ଦେବେନ୍ଦ୍ର ରାଉତ, ମନୋରଞ୍ଜନ ସାହୁ, ରାଜକିଶୋର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ଉପଦେଷ୍ଟା ହରେକୃଷ୍ଣ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ମୁଣ୍ଡଳୀ ବ୍ରିଜ୍‌ରୁ ନିଖୋଜ ଯୁବତୀଙ୍କ ମୃତଦେହ ଜବତ

**ଖୁଣ୍ଟୁଣୀ

୨୦୦୦ ଟଙ୍କିଆ ନୋଟ୍ ବଦଳ ବିରୋଧରେ ଜନସ୍ୱାର୍ଥ ମାମଲା

ବିନା ରିକ୍ୟୁଜିଶନ ସ୍ଲିପ୍ ଏବଂ ପରିଚୟ ପ୍ରମାଣରେ ୨,୦୦୦ ଟଙ୍କିଆ ବ୍ୟାଙ୍କ ନୋଟ୍ ବଦଳାଇବାକୁ ଅନୁମତି ଦିଆଯାଇଥିବାରୁ ଏହା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ସୋମବାର ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏନେଇ ଆର୍‌ବିଆଇ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଜାରି ବିଜ୍ଞପ୍ତି ମନମାନି, ତର୍କହୀନ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୪ ପ୍ରତି ଅପମାନ ବୋଲି ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି।

ସଂକ୍ଷେପରେ

ଛତିଶଗଡ଼ ମଦ ଦୁର୍ନୀତି

୧୨୧କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

ନୂଆଦିଲ୍ଲୀ, ୨୨।୫(ପି.ଟି.): ଛତିଶଗଡ଼ ମଦ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାୟପୁର ମେୟରଙ୍କ ବଡ଼ଭାଇ ଅନୱର ଧେବାର ଏବଂ ଛତିଶଗଡ଼ ରାଜ୍ୟ ମାର୍କେଟିଂ କର୍ପୋରେଶନ ଲିଃର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଅଫିସର ଅନିଲ ତୁଡେଜାଙ୍କର ୧୨୧.୮୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ଜବତ ହୋଇଥିବା ସମ୍ପତ୍ତି ମଧ୍ୟରେ ତୁଡେଜାଙ୍କର ୮.୮୩ କୋଟି ଟଙ୍କାର ୧୪ଟି ସମ୍ପତ୍ତି ଥିବାବେଳେ ଅନୱରଙ୍କର ୯୮.୭୮ କୋଟି ଏବଂ ଅରୁଣ ପତି ତ୍ରିପାଠୀଙ୍କର ୧.୩୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହା ବ୍ୟତୀତ ବିକାଶ ଅଗ୍ରୱାଲ ଓରଫ ସୁକୁଙ୍କର ୧.୫୪ କୋଟି ଏବଂ ଅରବିନ୍ଦ ସିଂଙ୍କର ୧୧.୩୫ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଥିବା ଇଡି ପକ୍ଷରୁ କୁହାଯାଇଛି। ଏହି ମାମଲାରେ ଇଡି ଅନୱର ଧେବରଙ୍କ ସମେତ ତ୍ରିପାଠୀ ଓ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଛି।

ସିବିଆଇ ତଦନ୍ତ ବିରୋଧରେ ସୁପ୍ରିମକୋର୍ଟ ଗଲେ ଅଭିଷେକ

ଅଭିଷେକ ବାନାର୍ଜୀ

ନୂଆଦିଲ୍ଲୀ, ୨୨।୫: ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ସିବିଆଇ ତଦନ୍ତ ବିରୋଧରେ ବରିଷ୍ଠ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଜେରା ବିରୋଧରେ ତାଙ୍କ ଆବେଦନର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ଶନିବାର ସିବିଆଇ ଅଭିଷେକଙ୍କୁ ୯ ଘଣ୍ଟା ଧରି ଜେରା କରିଥିଲା। ତଦନ୍ତକାରୀ ସଂସ୍ଥା ତାଙ୍କ ବିରୋଧରେ କୌଣସି ଜବରଦସ୍ତ ପଦକ୍ଷେପ ନ ନେବା ଲାଗି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବାକୁ ଅଭିଷେକ ନିବେଦନ କରିଛନ୍ତି। ତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ସଞ୍ଜୟ କାରୋଲଙ୍କ ଅବକାଶକାଳୀନ ଖଣ୍ଡପୀଠରେ ପିଟିଶନ ଦାଖଲ କରିଥିଲେ।

ଗୁଜରାଟ ଦଙ୍ଗା ଡକ୍ୟୁମେଣ୍ଟାରି: ବିବିସିକୁ ହାଇକୋର୍ଟ ସମନ

ନୂଆଦିଲ୍ଲୀ, ୨୨।୫: ୨୦୦୨ ଗୁଜରାଟ ଦଙ୍ଗା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି)ର ଡକ୍ୟୁମେଣ୍ଟାରି ବିରୋଧରେ କରାଯାଇଥିବା ମାନହାନି ମାମଲାରେ ଦିଲ୍ଲୀ ହାଇକୋର୍ଟ ସୋମବାର ଏହାକୁ ସମନ ଜାରି କରିଛନ୍ତି। ଗୁଜରାଟର ଏନ୍‌ଜିଓ ଜଷ୍ଟିସ୍ ଫର୍ ଟ୍ରାଏଲ୍ ପକ୍ଷରୁ ମାନହାନି ମାମଲା ଦାଏର ହୋଇଥିଲା। ଉକ୍ତ ଡକ୍ୟୁମେଣ୍ଟାରି ଭାରତ ଓ ଏହାର ନ୍ୟାୟପାଳିକା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବଦନାମ କରିଥିବା ଉକ୍ତ ପିଟିଶନରେ ଦର୍ଶାଯାଇଥିଲା। ବିବିସି(ବ୍ରିଟେନ୍) ସମେତ ବିବିସି(ଇଣ୍ଡିଆ)କୁ ମଧ୍ୟ ଜଷ୍ଟିସ୍ ସଚିନ ଦତ୍ତ ନୋଟିସ ଜାରି କରି ଜବାବ ମାଗିଛନ୍ତି। ବିବିସି ପକ୍ଷରୁ 'ଇଣ୍ଡିଆ: ଦି ମୋଦି କୋଶ୍ଚିନ' ନାମରେ ଡକ୍ୟୁମେଣ୍ଟାରି ଦୁଇଟି ଅଧ୍ୟାୟରେ ପ୍ରକାଶ କରାଯାଇଥିଲା।

ରାଞ୍ଚିରେ ନବନିର୍ମିତ ଝାଡ଼ଖଣ୍ଡ ହାଇକୋର୍ଟ ବିଲ୍ଡିଂର ଆକାଶମାର୍ଗରୁ ନିଆଯାଇଥିବା ଫଟୋ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଉକ୍ତ ହାଇକୋର୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ।

ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନକୁ ନେଇ ଭାଜପାକୁ ଖାର୍ଗେଙ୍କ ସମାଲୋଚନା

ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଗୌଣ କରାଯାଇଛି

ନୂଆଦିଲ୍ଲୀ, ୨୨।୫

ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନକୁ ରାଷ୍ଟ୍ରପତି ଏବଂ ପୂର୍ବତନ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ ନ କରି କେନ୍ଦ୍ର ସରକାର କ୍ରମାଗତ ଭାବେ ସେମାନଙ୍କ ମର୍ଯ୍ୟାଦା ହାନି କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ଅଭିଯୋଗ କରିଛନ୍ତି। ଭାଜପା-ଆର୍‌ଏସ୍‌ଏସ୍ ସରକାରରେ ଭାରତର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏକ ପ୍ରତୀକବାଦକୁ ହ୍ରାସ ପାଇଥିବା ଖାର୍ଗେ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୨୮ ତାରିଖରେ ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରିବେ। ଏହି ଉତ୍ସବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କିମ୍ବା ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଆମନ୍ତ୍ରଣ କରାଯାଇ ନାହିଁ। ପାର୍ଲାମେଣ୍ଟ ଭବନ ଶିଳାନ୍ୟାସ ଉତ୍ସବକୁ ମଧ୍ୟ ରାମନାଥଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। ପାର୍ଲାମେଣ୍ଟ ଦେଶର ସର୍ବୋଚ୍ଚ ବ୍ୟବସ୍ଥାପିକା ସଂସ୍ଥା


ମଲ୍ଲିକାର୍ଜୁନ ଖାର୍ଗେ

ହୋଇଥିବାବେଳେ ରାଷ୍ଟ୍ରପତି ସର୍ବୋଚ୍ଚ ସାମ୍ବିଧାନିକ କର୍ତ୍ତୃପକ୍ଷ। ସେ ସରକାର, ବିରୋଧୀ ଏବଂ ପ୍ରତ୍ୟେକ ନାଗରିକଙ୍କର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ଦ୍ୱାରା ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରାଗଲେ ସରକାରଙ୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଔଚିତ୍ୟ ପ୍ରତିଶ୍ରୁତି ପ୍ରତିଫଳିତ ହେବ ବୋଲି ଖାର୍ଗେ କହିଛନ୍ତି।

ରାଜସ୍ଥାନ ଭାଜପାରେ ସବୁ କିଛି ଠିକ୍ ଚାଲିନି

ଜୟପୁର, ୨୨।୫

ଭାଜପା ସୂତ୍ରରୁ ମିଳୁଥିବା ଖବର ଅନୁଯାୟୀ ରାଜସ୍ଥାନରେ ଗୈରିକ ଦଳ ଭିତରେ ସବୁକିଛି ଠିକ୍ ଚାଲିଥିବା ଭଳି ବିଶ୍ୱାସ ହେଉ ନାହିଁ। ଶନିବାର ନାଗାଉର ଜିଲାର ଲାଡ୍‌ନୁନ୍‌ଠାରେ ରାଜସ୍ଥାନ ଭାଜପା କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସେଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ ଅନୁପସ୍ଥିତ ରହିବା ଭାଜପା ନେତାଙ୍କ ମଧ୍ୟରେ ମନୋମାଳିନ୍ୟ ଥିବା ଜଣାପଡ଼ିଯାଇଛି। ସମ୍ପୃକ୍ତ ବୈଠକରେ ରାଜ୍ୟ ଭାଜପା ଦାୟିତ୍ୱରେ ଥିବା ନେତା, ପୂର୍ବତନ ରାଜ୍ୟ ସଭାପତି, ବିରୋଧୀ ଦଳ ନେତା ଓ ଉପନେତା, ରାଜ୍ୟରୁ ଥିବା କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବଡ଼ ନେତା ଉପସ୍ଥିତ ଥିବା ବେଳେ ବସୁନ୍ଧରାଙ୍କୁ ଦେଖିବାକୁ ମିଳି ନ ଥିଲା।

ବସୁନ୍ଧରା ରାଜେ

ସୁଭାଷ ମାହାରିଆ

ଏପରି କି ପୂର୍ବରୁ ଯେତେବେଳେ ପୂର୍ବତନ ରାଜ୍ୟ ସଭାପତି ସତୀଶ ପୁନିଆଙ୍କ ସହିତ ତାଙ୍କର ମତଭେଦ ରହିଥିଲା, ସେତେବେଳେ ମଧ୍ୟ ବସୁନ୍ଧରା ସବୁ କାର୍ଯ୍ୟକାରୀ କମିଟି ବୈଠକରେ ଯୋଗ ଦେଇଥିଲେ। କିନ୍ତୁ ଚଳିତ ବୈଠକରେ ତାଙ୍କ ଅନୁପସ୍ଥିତି ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

ରାଜ୍ୟ ଭାଜପାର କାର୍ଯ୍ୟକାରୀ କମିଟି ବୈଠକରେ ଆସନ୍ତା ୩ ମାସ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ନିର୍ବାଚନ ଲାଗି ପ୍ରସଙ୍ଗ କ'ଣ ରହିବ ସେହି ବିଷୟରେ ମଧ୍ୟ ଆଲୋଚନା ହୋଇଛି। ଏଭଳି ସ୍ଥଳେ ବସୁନ୍ଧରାଙ୍କ ଅନୁପସ୍ଥିତି ରାଜନୈତିକ ପରିମଣ୍ଡଳରେ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

କାରଣ କିଛିଦିନ ତଳେ ସେ ନାଗାଉର ଜିଲା ଗସ୍ତ କରି ଏକ ବୈଠକରେ ଉଦ୍‌ବୋଧନ ଦେଇଥିଲେ। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଭାଷ ମାହାରିଆ ନିକଟରେ ଭାଜପାକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଦଳରେ ବିବାଦ ଦେଖାଦେଇଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ସଂସଦୀୟ ନିର୍ବାଚନ ବେଳେ ଭାଜପା ତାଙ୍କୁ ଟିକେଟ ନ ଦେବାରୁ ସେ କଂଗ୍ରେସରେ ଯୋଗ ଦେଇଥିଲେ। ଏବେ ଭାଜପାକୁ ଫେରି ଆସିଥିବାରୁ ଦଳ ତାଙ୍କୁ ରାଜ୍ୟ କଂଗ୍ରେସ ସଭାପତି ଗୋବିନ୍ଦ ଦୋତସାରାଙ୍କ ବିପକ୍ଷରେ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେବ ବୋଲି ଆଶା କରାଯାଉଛି। ନିକଟରେ ମାହାରିଆଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସିକର ଏମ୍‌ପି ସୁମେଧାନନ୍ଦ ସରସ୍ୱତୀ କହିଛନ୍ତି, ଲୋକଙ୍କ ଯିବା ଆସିବା ଲାଗି ରହିଛି। ଯଦି ୧୦୦ କୁଇଣ୍ଟାଲ ଶସ୍ୟ ଅଛି, ସେଥିରେ ମୁଠାଏ ଚଣାର ମାନେ କିଛି ନାହିଁ। ମାହାରିଆ ତାଙ୍କ ବିଶୃଙ୍ଖଳିତ ଆଚରଣ ପାଇଁ ଦୁଇ ତିନୋଟି ନିର୍ବାଚନରେ ପରାସ୍ତ ହୋଇଛନ୍ତି ବୋଲି ସେ କହିଛନ୍ତି। ମାହାରିଆଙ୍କ ଗୃହ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମରେ ବସୁନ୍ଧରା ରାଜେ ଅନୁପସ୍ଥିତ ଥିବା ଦେଖାଯାଇଥିଲା।

ରାଜସ୍ଥାନ ବିଧାନସଭା ନିର୍ବାଚନକୁ ୬ ମାସ ଥିବା ବେଳେ ଦଳ ଭିତରେ ଫାଟ ସୃଷ୍ଟି ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଣି କର୍ନାଟକ ଓ ପୂର୍ବରୁ ହିମାଚଳ ପ୍ରଦେଶରେ ଦଳ ହାରି ଯାଇଥିବାରୁ ରାଜସ୍ଥାନ ଭାଜପାରେ ଦେଖାଦେଇଥିବା କନ୍ଦଳ ଆଗକୁ ସମସ୍ୟା ସୃଷ୍ଟି କରିବ। କିନ୍ତୁ ଦଳୀୟ ନେତାଙ୍କ କହିବା କଥା ଯେ, ବସୁନ୍ଧରା ବ୍ୟକ୍ତିଗତ କାରଣ ଯୋଗୁ ଉକ୍ତ ବୈଠକରେ ଯୋଗ ଦେଇପାରି ନ ଥିଲେ। ନାଗାଉରରେ ହୋଇଥିବା କାର୍ଯ୍ୟକ୍ରମ ଅତି ସଫଳ ହୋଇଥିଲା ବୋଲି ନେତାମାନେ ଦର୍ଶାଇଛନ୍ତି।

ଇସ୍ରାଏଲ୍ ଆକ୍ରମଣରେ ୩ ପାଲେଷ୍ଟିନୀୟଙ୍କ ମୃତ୍ୟୁ

ତେଲ୍ ଆଭିଭ, ୨୨।୫

ୱେଷ୍ଟ ବ୍ୟାଙ୍କର ଏକ ଶରଣାର୍ଥୀ ଶିବିର ଉପରେ ସୋମବାର ଭୋର ସମୟରେ ଇସ୍ରାଏଲ୍ ସେନା ଆକ୍ରମଣ କରିବାରୁ ୩ ଜଣ ପାଲେଷ୍ଟାଇନ୍ ନାଗରିକ ନିହତ ହୋଇଛନ୍ତି। ଇସ୍ରାଏଲ୍‌ର ଏଭଳି କାର୍ଯ୍ୟକୁ ଆମେରିକା ନିନ୍ଦା କରିଛି। ନାବ୍‌ଲୁସ୍ ସହର ନିକଟରେ ଥିବା ବାଲାଟା ଶରଣାର୍ଥୀ ଶିବିର ଉପରେ ଇସ୍ରାଏଲ୍ ସେନା ଚଢ଼ାଉ ବେଳେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିରେ ଅନ୍ୟ ୬ ଜଣ ଆହତ ହୋଇଥିବାବେଳେ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକମାନେ ଅଲ୍ ଅକ୍‌ସା ମାର୍ଟାୟର୍ସ ବ୍ରିଗେଡ୍ ନାମକ ଉଗ୍ରପନ୍ଥୀ ସଂଗଠନରଥ ସଦସ୍ୟ ବୋଲି ଚିହ୍ନଟ କରାଯାଇଛି। ଏହି ସଂଗଠନର ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବାସଙ୍କ ଦଳ ସହ ସମ୍ପର୍କ ରହିଛି।

ଆସାମରୁ ଏଏଫ୍‌ଏସ୍‌ପିଏ ସମ୍ପୂର୍ଣ୍ଣ ଉଠିବ

ନୂଆଦିଲ୍ଲୀ, ୨୨।୫

ଆସାମ ଆଇନ ଶୃଙ୍ଖଳା ସ୍ଥିତିରେ କ୍ରମାଗତ ଭାବେ ଉନ୍ନତି ଘଟୁଛି। ଚଳିତ ବର୍ଷ ଶେଷ ସୁଦ୍ଧା ସମଗ୍ର ରାଜ୍ୟରୁ ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ) ପ୍ରତ୍ୟାହୃତ ହେବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୋମବାର କହିଛନ୍ତି। ଏଏଫ୍‌ଏସ୍‌ପିଏରେ ସେନାକୁ ମିଳିଥିବା ସ୍ୱତନ୍ତ୍ର କ୍ଷମତା ବଳରେ ଏହା ବିନା ୱାରେଣ୍ଟରେ ଯେକୌଣସି ବ୍ୟକ୍ତିଙ୍କୁ ଗିରଫ କରିପାରିବ ଏବଂ ଯେକୌଣସି ସ୍ଥାନରେ ପ୍ରବେଶ କରି ତଲାସି ନେଇପାରିବ। ଡେରଗାଁଓସ୍ଥିତ ପୋଲିସ ଟ୍ରେନିଂ ସେଣ୍ଟରରେ କମାଣ୍ଡାଣ୍ଟମାନଙ୍କ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶର୍ମା କହିଛନ୍ତି, ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ହେବା ପରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସ ବଦଳରେ ଆସାମ ପୋଲିସ ବାଟାଲିୟନ ରାଜ୍ୟର ସୁରକ୍ଷା ଓ ଆଇନ ଶୃଙ୍ଖଳାର ପୂର୍ଣ୍ଣ ଦାୟିତ୍ୱ ନେବ।

ବିଷ୍ଣୋଇ ଗ୍ୟାଙ୍ଗ୍‌ର ୪ ଶୁଟର ଗିରଫ

ଚଣ୍ଡିଗଡ଼, ୨୨।୫

ଗ୍ୟାଙ୍ଗ୍‌ଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ୪ ଜଣ ଶୁଟରଙ୍କୁ ପଞ୍ଜାବ ପୋଲିସ୍‌ର ଆଣ୍ଟି-ଗ୍ୟାଙ୍ଗ୍‌ଷ୍ଟର ଟାସ୍କଫୋର୍ସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମେହଫୁଜ୍ ଓରଫ ବିଶାଲ ଖାନ୍, ମନ୍‌ଜିତ ସିଂ, ଅଙ୍କିତ୍ ଏବଂ ଗୋଲ୍ଡି। ମେହଫୁଜ୍ ଓ ମନ୍‌ଜିତଙ୍କ ଘର ଡେରା ବାସି ଅଞ୍ଚଳରେ ହୋଇଥିବାବେଳେ ଅନ୍ୟ ଦୁଇଜଣ ହରିୟାଣା ପଞ୍ଚକୁଲା ଅଞ୍ଚଳର। ସେମାନଙ୍କଠାରୁ ୬ଟି ପିସ୍ତଲ, ୨୬ କ୍ୟାଟ୍ରିଜ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କ ନାଁରେ ହତ୍ୟା ଉଦ୍ୟମ, ଅପହରଣ, ବଟି ଆଦାୟ ଆଦି ବହୁ ଅପରାଧ ମାମଲା ରହିଛି।

ଅଧ୍ୟାଦେଶ ବିରୋଧରେ ରାଲି କରିବ ଏଏପି

ନୂଆଦିଲ୍ଲୀ, ୨୨।୫

ସେବା ଅଧିକାରୀ ନିଯୁକ୍ତି ଓ ବଦଳି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏଏପି ସରକାର ସପକ୍ଷରେ ରାୟ ଦେଇଥିବାବେଳେ ଏହାକୁ ଅକାମୀ କରିଦେବା ଲାଗି କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଛନ୍ତି। ରାଜ୍ୟ ସଭାରେ ଉକ୍ତ ଅଧ୍ୟାଦେଶକୁ ଗୃହୀତ କରାଇ ନ ଦେବା ଲାଗି ଆମ୍ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ ଉଦ୍ୟମ କରାଯିବ। ଏଥିସହିତ ଏଏପି ଘରକୁ ଘର ଯାଇ କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶ ବିରୋଧରେ ଲୋକଙ୍କୁ ବୁଝାଇବ। ଦିଲ୍ଲୀର ରାମଲୀଳା ମଇଦାନରେ ଜୁନ୍ ୧୧ରେ ଏକ ରାଲି କରାଯାଇ ଅଧ୍ୟାଦେଶ ବିରୋଧରେ ଜନମତ ସଂଗ୍ରହ କରାଯିବ ବୋଲି ଏଏପି ଦିଲ୍ଲୀ ଆବାହକ ଗୋପାଳ ରାୟ କହିଛନ୍ତି। ରାଜ୍ୟ ସଭାରେ ଅଧ୍ୟାଦେଶ ଯେପରି ଗୃହୀତ ହୋଇ ନ ପାରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମସ୍ତ ବିରୋଧୀ ଦଳ ସହ ଯୋଗାଯୋଗ ଚଳାଇଛନ୍ତି। ଏହି କ୍ରମରେ ସେ ରବିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟିଥିଲେ।

ମୋଦିଙ୍କୁ ଫିଜିର ସର୍ବୋଚ୍ଚ ସମ୍ମାନ

ପୋର୍ଟ ମୋରେସ୍‌ବି, ୨୨।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ଫିଜିର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଛି। ମୋଦିଙ୍କ ବିଶ୍ୱ ନେତୃତ୍ୱର ସ୍ୱୀକୃତି ସ୍ୱରୂପ ଫିଜି ପ୍ରଧାନମନ୍ତ୍ରୀ ସିଟିଭେନି ରାବୁକା ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଫିଜି ବାହାରର କୌଣସି ବ୍ୟକ୍ତିଙ୍କୁ ଏଭଳି ସମ୍ମାନ ମିଳିବା ବିରଳ ଘଟଣା। ଉକ୍ତ ସମ୍ମାନକୁ ପ୍ରଧାନମନ୍ତ୍ରୀ ଭାରତର ଜନସାଧାରଣ ଏବଂ ଫିଜି-ଭାରତୀୟ ସମ୍ପ୍ରଦାୟଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

୧୪ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ଦେଶଗୁଡ଼ିକ ସହ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ରବିବାର ରାତିରେ ପପୁଆ ନ୍ୟୁ ଗିନିରେ ପହଞ୍ଚିଥିଲେ। ଫୋରମ୍ ଫର୍ ଇଣ୍ଡିଆ-ପାସିଫିକ ଆଇଲାଣ୍ଡସ କୋଅପରେଶନ (ଏଫ୍‌ଆଇପିଆଇସି) ସମିଟ ଅବସରରେ ମୋଦି ତାଙ୍କ ଫିଜି ପ୍ରତିପକ୍ଷ ରାବୁକାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମ୍ପର୍କକୁ ଆହୁରି ଆଗେଇନେବା ଦିଗରେ ଉଭୟ ଏକାଠି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫିଜିର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରୁଛନ୍ତି ତାଙ୍କ ଫିଜି ପ୍ରତିପକ୍ଷ ସିଟିଭେନି ରାବୁକା।

ଶ୍ରୀନଗରରେ ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକରେ ଯୋଗ ଦେବାକୁ ଆସିଥିବା ବିଦେଶୀ ପ୍ରତିନିଧିଙ୍କୁ ସ୍ୱାଗତ କରାଯାଉଛି।

ଫିଲ୍ମ ପର୍ଯ୍ୟଟନ ବୃଦ୍ଧିକୁ ଗୁରୁତ୍ୱ

ଶ୍ରୀନଗର, ୨୨।୫

ଶ୍ରୀନଗରରେ ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକ

ଜମ୍ମୁ ଓ କଶ୍ମୀରର ଶ୍ରୀନଗରସ୍ଥିତ ଶେର-ଇ-କଶ୍ମୀର ଅନ୍ତର୍ଜାତୀୟ ସମ୍ମେଳନ କେନ୍ଦ୍ରରେ ସୋମବାର ଅତି କଡ଼ା ସୁରକ୍ଷା ମଧ୍ୟରେ ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକ ଆରମ୍ଭ ହୋଇଛି। ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍

ଅନୁମତି ନ ନେଇ ପରିବାର ନିୟୋଜନ ଅସ୍ତ୍ରୋପଚାର

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ

ଥାନାରେ ଅଭିଯୋଗ କଲେ ପୀଡ଼ିତାଙ୍କ ସ୍ୱାମୀ

କେନ୍ଦୁଝର,୨୨।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ମହିଳାଙ୍କ ବିନା ଅନୁମତିରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଛି। ଏହିଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ମହିଳାଙ୍କ ସ୍ୱାମୀ ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସୂଚନା ଅନୁଯାୟୀ, ଝୁମ୍ପୁରା ବ୍ଲକ୍ ଖେଣ୍ଡରା ଅଞ୍ଚଳର ସୁଶାନ୍ତ ବାରିକଙ୍କ ସ୍ତ୍ରୀ ପବିତ୍ରାଣୀ ବେହେରାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ରବିବାର ପୂର୍ବାହ୍ନ ୧୧ଟାରେ ଜିଲା ମୁଖ୍ୟ ଡାକ୍ତରଖାନା ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୭ଟା ୪୦ ବେଳେ ପବିତ୍ରାଣୀଙ୍କ ଅସ୍ତ୍ରୋପଚାର ପରେ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପୁଅ ଜନ୍ମ ହୋଇଥିବା ଶୁଣି ସୁଶାନ୍ତ ଖୁସି ହୋଇଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିବା ଓ ଏଥିରେ ତାଙ୍କ ସହମତି ଥିବା ନେଇ ତାଙ୍କୁ ଏକ ଫର୍ମରେ ଦସ୍ତଖତ କରିବାକୁ ଡାକ୍ତର କହିଥିଲେ। ଏହା ଶୁଣି ସୁଶାନ୍ତ ଆଶ୍ଚର୍ଯ୍ୟ ହେବା ସହ ପ୍ରତିବାଦ କରି ଦସ୍ତଖତ କରି ନ ଥିଲେ। ମନା କରିବାକୁ ଡାକ୍ତର ତାଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ। ତାଙ୍କ ଅଜାଣତରେ ଡାକ୍ତର ମିଛ ସତ କହି ପବିତ୍ରାଣୀଙ୍କ ଦସ୍ତଖତ ନେଇଯାଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଫୋନ୍ କରି ବନ୍ଧୁବାନ୍ଧବଙ୍କୁ ଡାକିବାରୁ ଡାକ୍ତର ସେଠାରୁ ଚାଲିଯାଇଥିଲେ। ଆକ୍ରୋଶମୂଳକ ଭାବେ ତାଙ୍କ ସ୍ତ୍ରୀ ଓ ନବଜାତକଙ୍କୁ ବାରଣ୍ଡାରେ ବିନା ପଙ୍ଖାରେ ଗରମରେ ରଖାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି, ଅଭିଯୋଗ ହସ୍ତଗତ ହୋଇଛି, ଘଟଣାର ତଦନ୍ତ ଚାଲିଛି। ଡାକ୍ତର ଅଭିଜିତ ମହାପାତ୍ର କହିଛନ୍ତି, ଉକ୍ତ ମହିଳାଙ୍କର ଏହା ଦ୍ୱିତୀୟ ସନ୍ତାନ। ପୂର୍ବରୁ ତାଙ୍କର ଏକ ଝିଅ ଥିଲା। ତେଣୁ ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କ ମତାମତ ନିଆଯାଇ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିଲେ। କିନ୍ତୁ ପରିବର୍ତ୍ତୀ ସମୟରେ କାହିଁକି ଏଭଳି ଅଭିଯୋଗ କରୁଛନ୍ତି ସେ ଜାଣିପାରୁନାହାନ୍ତି ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଅସ୍ତ୍ରୋପଚାର ପୂର୍ବରୁ ଅନୁମତି ନିଆଯାଇଥାଏ। ଘଟଣା କ'ଣ ହୋଇଛି, ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଥିଲେ।

ବିଜୁ ମାର୍କେଟରେ ଜିଏସ୍‌ଟି ଚଢ଼ାଉ: ଦୋକାନ ସହ ୩ ଗୁଟ୍‌ଖା ଗୋଦାମ ସିଲ୍

ନୟାଗଡ଼ ଅଫିସ,୨୨।୫: ନୟାଗଡ଼ ସହରର ବିଜୁ ମାର୍କେଟର ମଣ୍ଡଳ ଏଜେନ୍ସିର ଗୁଟ୍‌ଖା ଗୋଦାମ ସମେତ ୩ ଦୋକାନ ଉପରେ ଜିଏସ୍‌ଟି ଚଢ଼ାଉ କରିଛି। ଭୁବନେଶ୍ୱର ଓ ଜଟଣୀ ଜିଏସ୍‌ଟିର ଏନ୍‌ଫୋର୍ସମେଣ୍ଟର ୧୦ ଜଣିଆ ଟିମ୍ ଏହି ଚଢ଼ାଉ କରି ଟିକସ ଫାଙ୍କିର ଯାଞ୍ଚ କରିଥିଲେ। ତେବେ ଜିଏସ୍‌ଟି ଯାଞ୍ଚକୁ ଗୋଦାମର କେତେଜଣ କର୍ମଚାରୀ ବିରୋଧ କରି ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଚାପା ଉତ୍ତେଜନା ଦେଖା ଦେଇଥିଲା। ଟିକସ ଫାଙ୍କୁଥିବାର ପ୍ରମାଣ ମିଳିବା ପରେ ଜିଏସ୍‌ଟିର ଏନ୍‌ଫୋର୍ସମେଣ୍ଟ ଟିମ୍ ୩ ଗୋଦାମ ସହ ଗୁଟ୍‌ଖା ଦୋକାନକୁ ସିଲ୍ କରି ତଦନ୍ତ ଜାରି ରଖିଛି।

୧୨ ଘଣ୍ଟିଆ ଡାକରା, ଗ୍ରୀଷ୍ମପ୍ରବାହ ଯୋଗୁ ୬ ଘଣ୍ଟା ବନ୍ଦ

ବାରିପଦା ଅଫିସ, ୨୨।୫: ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତ ସମୟରେ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ତ୍ରୁଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଭାଜପା ପକ୍ଷରୁ ସୋମବାର ୧୨ ଘଣ୍ଟିଆ ହରତାଳ ଡାକରା ଦିଆଯାଇଥିଲା। ହେଲେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୬ ଘଣ୍ଟା ଧରି ଜିଲାରେ ବନ୍ଦ ପାଳନ କରାଯାଇଥିଲା। ଜିଲା (ପୂର୍ବ) ସଭାପତି କାନ୍ଦରା ସୋରେନଙ୍କ ନେତୃତ୍ୱରେ କର୍ମୀମାନେ ବାରିପଦା ସହରରେ ପିକେଟିଂ କରି ଦୋକାନ, ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ଜାତୀୟ ରାଜପଥ, ରାଜ୍ୟ ରାଜପଥ ଆଦିକୁ ବନ୍ଦ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ସମୟରେ ୯ ମିନିଟ୍ ଧରି ବିଦ୍ୟୁତ ବିଭ୍ରାଟ, ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ଏବଂ ଅଣଦେଖାକୁ ନେଇ ଭାଜପା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତଦନ୍ତ ପୂର୍ବକ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ଏହି ହରତାଳରେ ସମସ୍ତ ଜନସାଧାରଣଙ୍କ ସମର୍ଥନ ଦେଖିବାକୁ ମିଳିଥିଲା।

ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ି ପାଉଁଶ

କମ୍ପାନୀ ଷ୍ଟକ୍‌ୟାର୍ଡରେ ଅଗ୍ନିକାଣ୍ଡ

ସମ୍ବଲପୁର,୨୨।୫(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାର ଗୁଣ୍ଡେରପୁରସ୍ଥିତ ଷ୍ଟକ୍‌ୟାର୍ଡରେ ସୋମବାର ବଡ ଧରଣର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ି ପାଉଁଶ ହୋଇଯାଇଛି। ସକାଳ ପ୍ରାୟ ୧୦ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ପାଇପ୍ କମ୍ପାନୀ ଅଧିକାରୀ ଜ୍ୟୋତି ରଞ୍ଜନ ଶତପଥୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, କମ୍ପାନୀର ସୁରକ୍ଷା ପ୍ରାଚୀର ବାହାରେ ଥିବା କ୍ଷେତ ନଡାରେ କୌଣସି କାରଣରୁ ନିଆଁ ଲାଗିଥିଲା। ଏହି ନିଆଁ ବ୍ୟାପି ପାଇପ୍‌ରେ ଲାଗିଯାଇଥିଲା। ନିଆଁ ଲାଗିଥିବା ଦେଖି ସ୍ଥାନୀୟ କର୍ମଚାରୀ ଏହାକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଲିଭିବା ପରିବର୍ତ୍ତେ ଆହୁରି ଜୋରରେ ହୁତ୍‌ହୁତ୍ ହୋଇ ଜଳିଉଠିଥିଲା। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଆଖପାଖ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ମାନେଶ୍ୱର, ଯୁଯୁମୁରା, ସମ୍ବଲପୁର ଅଗ୍ନିଶମ ବାହିନୀର ୫ଟି ଟିମ୍ ପହଞ୍ଚି ୩ଘଣ୍ଟା ପରିଶ୍ରମ କରି ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ। ଅନ୍ୟପଟେ ଘଟଣାସ୍ଥଳରେ ସମ୍ବଲପୁର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଧମା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ଉପସ୍ଥିତ ରହିଥିଲେ। ଉପଜିଲାପାଳ ଦଣ୍ଡସେନା କହିଛନ୍ତି, ପାଇପ୍ ଗୋଦାମରେ ସିସିଟିଭି ବ୍ୟବସ୍ଥା ଓ ନିଆଁ ଲିଭାଇବା ପାଇଁ ଫାୟାର ସେଫ୍ଟି ବ୍ୟବସ୍ଥା ନ ଥିବା କୁହାଯାଉଛି। କେତେ ଟଙ୍କାର ସମ୍ପତ୍ତି କ୍ଷତି ହୋଇଛି ତାହା ଜଣାପଡି ନ ଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଏହି ପାଇପ୍ ମାନେଶ୍ୱର ବ୍ଲକର ୫ ଗୋଟି ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପରେ ବ୍ୟବହାର ପାଇଁ ଗଚ୍ଛିତ ରଖାଯାଇଥିଲା।

OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA
No.L-36
E-mail ID- secz.dag@gov.in, Tel- (0674)-2571075
INVITATIONS FOR BIDS THROUGH e-Procurement
2nd Call
Bid Identification No.- SE (A), C/Z, BBSR-03/2023-24 **e-Procurement Notice No.-610, Date-22.05.2023**
1. The Superintending Engineer (AgriL), Central Zone , Bhubaneswar on behalf of Governor of Odisha invites Percentage Rate Bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed in table below.

Sl. No.	Name of the Work	Type of Tender	Approximate Estimated cost put to Tender (Rs)	EMD (Rs) (1%)	Class of Contractor	Cost of Bid Documents (Rs)	Period of Completion
1	**Construction of Chief District Agriculture Officer's Office Building at BARIPADA, District- MAYURBHANJ (Composite Tender) -2ND CALL**	**Double Cover**	**Rs.1,25,45,682.00**	**Rs.125456.00**	**B&A With Valid LT/MV/ HT Electrical License**	**10000.00**	**Eight Calendar Months**

The bidders have to participate in ONLINE bidding only. The web-site for "ONLINE BIDDING" is **http://tendersodisha.gov.in.**
Bid documents will be available in above Website from **Dt.24.05.2023 at 10 AM. to Dt.06.06.2023 at 5.00 P.M. for "ONLINE BIDDING" Date of Original bid document submission from Dt. 24.05.2023 11 A.M. to Dt. 07.06.2023 up to 4.00 P.M.** The cost of Bid document and EMD as stated in the DTCN shall be deposited as prescribed. Technical Bids of the above work shall be opened **on Dt.08.06.2023 at 11.00AM and onward as per DTCN.**
The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e- Procurement web site **www.tendersodisha.gov.in**
N.B: Subsequent corrigendum / addendum if required shall be available in the website as indicated above.
OIPR-01486/11/0004/2324 **Sd./- Superintending Engineer (Agril.), Central Zone, Bhubaneswar**

GOVERNMENT OF ODISHA
HEALTH & FAMILY WELFARE DEPARTMENT
NOTICE
File No. HFW-MSI-ESTT-0089-2022 12085/H. **Dated.22.05.2023**
No.E-133: The Orientation Programme of the Hon'ble Chief Minister with the newly recruited 1181 Medical Officers (Allopathic) by the OPSC, under Odisha Medical and Health Services Cadre of Health & Family Welfare Department is scheduled to be held at Kalinga Stadium, Bhubaneswar on 06.06.2023 at 5.30 P.M..
The Medical Officers will report at 2.00 P.M. at Kalinga Stadium, Bhubaneswar on 06.06.2023 with any one ID Proof like Aadhaar, PAN, Voter ID or Driving Licence for receipt of their appointment Order.
The details of the concerned Medical Officers are available in Health & FW Department website **http//www.odisha.gov.in/health_portal/index.html.**
They are requested to attend the event on the scheduled date and venue.
For any Clarification, Please contact
Shri Sudhanshu Sekhar Panda
Joint Secretary to Government
Mob. No.- 7846974148
Sd./- Joint Secretary to Government
OIPR-10001/11/0008/2324

OFFICE OF THE DIVISIONAL FOREST OFFICER, GHUMSUR NORTH DIVISION
Bhejiput, Bhanjanagar, Ganjam, Odisha, PIN - 761126
Tele/Fax: 06821-241008, E-mail: dfoghumusurnorth@gmail.com
Notice No. 142/1F-2023 **Dated, Bhanjanagar the 20th May, 2023**
TENDER CALL NOTICE FOR HIRING VEHICLE
No. MM-33: Sealed tenders are invited from interested Reputed Travel Agencies/Tour Operators or Private individuals for providing 11 (Eleven) Nos. of Non-AC/AC diesel Driven BS-IV/ BS-VI compliant Bolero vehicles having sitting capacity not more then ten including driver, which shall conform to the Terms and Conditions (Annexure - II) for official use at different Govt. offices under the establishment of Ghumsur North Forest Division on monthly rent basis so as to reach in the O/o. the DFO, Ghumsur North Forest Division on or before **31.05.2023** upto 12 Noon through Registered/Speed Post/Courier service and can also be dropped in the Tender Box placed in the Office of the Divisional Forest Officer, Ghumsur North Forest Division. The tenders will be opened in the same office on the same day at 12.30 P.M. The standard bidding document and terms and conditions can be downloaded from **https://ganjam.nic.in/www.odishaforest.in** and also can be obtained from the Office of the Divisional Forest Officer, Ghumsur North Forest Division, Bhanjanagar from **21.05.2023 to 30.05.2023** during office hours.
Sd./- Divisional Forest Officer
Ghumsur North Division
OIPR-08033/11/0002/2324

OFFICE OF THE UMERKOTE MUNICIPALITY NABARANGPUR (ODISHA), PIN-764073
E-mail- nac_umerkote@rediffmail.com
"e" Procurement Notice
Bid Identification No.UKT-MUN-04/2023-24
No.C-376: Bid documents consisting of work, Estimated cost, Cost of Tender Paper, EMD and time of completion, Class of contractor and the set of terms and conditions of contract and other necessary documents can be seen in Govt. website. i.e **www.tendersorissa.gov.in**
1. Name of the Work : Civil Work. 2. No. of works: 11 Nos. 3. Estimated Cost: Rs.4.50 Lakhs to Rs.116.42 Lakhs. 4. Period of Completion: As per DTCN. 5. Date & Time of Bidding : From 11.00 AM of 23.05.2023 to 06.06.2023 upto 5.00 PM. 6. Last date & time for receipt of Bids online in portal: Dt.06.06.2023 at 5.00 PM. 7. Bids received online shall be opened on: 11.00 AM hours of Dt.09.06.2023. 8. Name and address of the Officer inviting Bid : Executive Officer, Umerkote Municipality. Further details can be seen from the procurement portal: www.tenderorissa.gov.in.
Sd./- Executive Officer, Umerkote Municipality
OIPR-13180/11/0007/2324

DIRECTORATE OF HORTICULTURE
KRUSHI BHAWAN, ODISHA, BHUBANESWAR
GOVT. OF ODISHA
No. DHO-SECII-MISC-0028-2022-5439 **Dated: 20.05.2023**
EXPRESSION OF INTEREST
No. L-35: The Director of Horticulture-cum-Ex-Officio Addl. Secretary to Govt. invites Expression of Interest in sealed cover from interested Stakeholders for Oil Palm Cultivation in Odisha. The sealed Application along with Bid declaration should be submitted to this Directorate on or before **02.06.2023 by 5 P.M.** The sealed envelope should be superscribed with "Application for Oil Palm Cultivation in Revenue District (Name of the District) of Odisha" and subscribed the contact details with Email ID, Mobile Number etc. The details of EOI is available in the website: **www.odihort.nic.in**.
Sd./- Director of Horticulture-cum-Ex-Officio Addl. Secretary to Govt., Odisha, Bhubaneswar
OIPR-01038/11/0004/2324

ଜିଲ୍ଲା ପରିଷଦ, ସୁନ୍ଦରଗଡ଼
ZILLA PARISHAD, SUNDARGARH
ORMAS, SUNDARGARH
Panchayati Raj & DW Deptt. Govt. of Odisha,Sundargarh-770001, Email:dsmssundergarh@gmail.com, Tele/Fax No.06622-275372
No.212/ORMAS **Dated 24/May, 2023**
QUOTATION CALL NOTICE
No.CAD-669: ORMAS, Sundargarh Invites Quotations from interested experienced Firm/Agencies having successful track record on Tentage & Allied Works for organization of the State Level Event "Summer Fruit Fest-2023" going to organized by ORMAS, Sundargarh from 6th to 15th, June2023 (tentative) at Rourkela. The detail specifications and Eligibility Criteria of the said event will be available at the notice board of Zilla Parishad, Sundargarh, and Odisha or downloaded from www.sundergarh.nic.in. Authority reserves the right to accept or reject any quotation and to cancel the procurement process at any time prior to the award of contract without assigning any reason thereof. For any clarification related to tender document interested bidder can contact to dsmssundergarh@gmail.com.
Sd./- CDO-cum-EO
Zilla Parishad, Sundargarh
OIPR-15019/11/0001/2324

GOVERNMENT OF ODISHA
HEALTH & FAMILY WELFARE DEPARTMENT
OFFICE OF THE SUPERINTENDENT
VSS INSTITUTE OF MEDICAL SCIENCES & RESEARCH BURLA, (SAMBALPUR) ODISHA-768017
E-mail: vimsarsuptd@gmail.com
No. 11807/VIMSAR Dated, Burla, the 22nd May, 2023
TENDER CALL NOTICE
No. E-131:- Sealed Tenders are hereby invited by the undersigned from the reputed Manufacturer/Authorized Dealers & Registered firms under GST Act for supply of different items required for the establishment of Lactation Management Unit in this hospital, so as to reach this office of the Superintendent. VSS Institute of Medical Sciences & Research, Burla on or before **dt.12.06.2023 up to 1.00 P.M.** through Regd. Post/ Speed Post/Couriers only and that will be opened in the next working day at 11.30 A.M.
The detail list of items along with technical specifications as well as terms and conditions of this Tender Call Notice can be downloaded from Dist. website **www.sambalpur.nic.in**
The undersigned/committee reserves the full right to accept in full or reject any or all the tenders without assigning any reason thereof.
Sd./- Superintendent,
VSS Inst. of Med.Sc.& Research, Burla
OIPR-10187/11/0009/2324

ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା
ସଂଖ୍ୟା: ୧୧୧୮/୨୦୨୩ **ବିଜ୍ଞାପନ** ତା: ୨୦।୦୫।୨୦୨୩
No. C-372: ଅଧିସୂଚିତ କ୍ଷେତ୍ର ପରିଷଦ, ବାଲିମେଳାର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନୂତନ ଏବଂ ପୁରାତନ ବସଷ୍ଟାଣ୍ଡଠାରେ ନିର୍ମିତ ୨୦ଟି ଦୋକାନ ଗୃହର ନିଲାମ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।
୧. ଦରଖାସ୍ତ ଫର୍ମ ପାଇଁ ଟ.୧୦୦୦/- ପୈଠ କରି କାର୍ଯ୍ୟାଳୟରେ ତା୨୨।୦୫।୨୦୨୩ଠାରୁ ୦୮।୦୬।୨୦୨୩ ମଧ୍ୟରେ ଅଫିସ୍ ସମୟରେ ଫର୍ମ ପାଇପାରିବେ।
୨. EMD ଟ.୧୭୦୦/- ବା ୭୫୦/-ର ବ୍ୟାଙ୍କର ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ସହିତ ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ଼ ଏବଂ ମନି ରିସିପ୍ଟ ଦରଖାସ୍ତ ଫର୍ମ ତା୦୯।୦୬।୨୦୨୩ରିଖ ଅପରାହ୍ନ ୦୧.୦୦ ଘଟିକା ପୂର୍ବରୁ କାର୍ଯ୍ୟାଳୟରେ ଜଉମୁଦ ଲଫାପାରେ ସିଡ ପୋଷ୍ଟ ବା ରେଜିଷ୍ଟ୍ରି ପୋଷ୍ଟ ଦାଖଲ କରିବେ। ନିଲାମରେ ସଫଳ ହୋଇଥିବା ବ୍ୟକ୍ତି ଯଦି ଧାର୍ଯ୍ୟ ସମୟ ମଧ୍ୟରେ ନିଲାମ ସର୍ତ୍ତ ଅନୁଯାୟୀ ପୈଠ କରି ନ ପାରିବେ ତା ହେଲେ ଅମାନତ ଜମା ଟ.୧୭୦୦/- ବା ୭୫୦/- ବାଜ୍ୟାପ୍ତି କରାଯାଇ ଫେରସ୍ତ ଦିଆଯିବ ନାହିଁ। ଆବେଦନ କରାଯାଇଥିବା ଫର୍ମ ଗୁଡ଼ିକୁ ଆସନ୍ତା ତା୦୯।୦୬।୨୦୨୩ ଅପରାହ୍ନ ୪.୦୦ ଘଟିକା ସମୟରେ ଆବେଦନକାରୀଙ୍କ ଉପସ୍ଥିତିରେ ଖୋଲାଯିବ।
୩. ବଡ଼ ଦୋକାନ ଗୃହର ସର୍ବ ନିମ୍ନ ମୂଲ୍ୟ ଟ.୧,୭୦,୦୦୦/- (ଏକ ଲକ୍ଷ ସତୁରି ହଜାର) ରଖାଯାଇଛି ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ପାଇଁ ଟ.୫୦,୦୦୦/- (ପଚାଶ ହଜାର) ରିହାତି ରଖା ଯାଇଛି ଏବଂ ଉପର ଦୋକାନ ଗୃହର ସର୍ବନିମ୍ନ ମୂଲ୍ୟ ଟ.୭୫,୦୦୦/- (ପଞ୍ଚସ୍ତରୀ ହଜାର) ରଖା ଯାଇଛି ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ପାଇଁ ଟ.୨୫,୦୦୦/- (ପଚିଶ ହଜାର) ରିହାତି ରଖାଯାଇଛି।
୪. ସର୍ବୋଚ୍ଚ ନିଲାମ ଗ୍ରହଣ କରିବା ବ୍ୟକ୍ତି ଉକ୍ତ ଦିନ ହିଁ ନିଲାମ ମୂଲ୍ୟର ୫୦% ପୈଠ କରିବେ।
୫. ଅବଶିଷ୍ଟ ୫୦% ୧୫ଦିନ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର କରିବା ଦିନ ହିଁ ପୈଠ କରିବେ।
୬. ଦୋକାନ ଗୃହର କ୍ଷତି ହେଲା ଭଳି କିମ୍ବା ଗୋଦାମ ଗୃହ ଭାବେ ବ୍ୟବହାର କରିବେ ନାହିଁ।
୭. ନିଲାମ ଦୋକାନ ଗୃହର ଅବଧିକୁ ପ୍ରତିବର୍ଷ ନବୀକରଣ କରାଯିବ।
୮. ନିଲାମ ଡାକିବାରେ ଅଂଶ ଗ୍ରହଣ କରିବା ବ୍ୟକ୍ତି ବାଲିମେଳା ସହରାଞ୍ଚଳର ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ ଆଣିଥିବେ।
୯. ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ସମୟରେ ନିଲାମ ପ୍ରକ୍ରିୟା ରଦ୍ଦ କରିପାରିବେ।
୧୦. ସର୍ବୋଚ୍ଚ ନିଲାମଧାରୀଙ୍କୁ ଦୋକାନ ଘର ନିଲାମ ଆକାରରେ ଦିଆଯିବ।
୧୧. ଦୋକାନ ଗୃହ ଗୁଡ଼ିକୁ ଆବଣ୍ଟନ କରାଯିବା ସମୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜତାଙ୍କୁ ସରକାରଙ୍କ ନିୟମ ଅନୁସାରେ ଆବଶ୍ୟକ ସଂରକ୍ଷଣ ପ୍ରଦାନ କରାଯିବ।
୧୨. ଉପରୋକ୍ତ ଦୋକାନ ଗୃହ ଗୁଡ଼ିକ ମଧ୍ୟରୁ ୦୨ (ଦୁଇ) ଗୋଟି ଗୃହକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ସଂରକ୍ଷଣ କରାଯାଇଅଛି।
ନଗରପାଳଙ୍କ ଆଦେଶକ୍ରମେ
ସ୍ୱା./- ନିର୍ବାହୀ ଅଧିକାରୀ
OIPR-13140/11/0001/2324 ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା

GOVT.COLLEGE OF NURSING, KALAHANDI
At/PO-Kamthana, Bhawanipatna,
Dist - Kalahandi, Pin-766002
New Email ID - govt.conkalahandi@gmail.com
No.252/G.CON **Dt.19.05.2023**
CORRIGENDUM TENDER CALL NOTICE
No. E-130:- As per Tender Notification No. 01/2023-24/228 on dated 29.04.2023 Library Books of Principal Govt. College of Nurisng, Kamthana, Kalahandi for the year-2023-2024. The Last date & time will be extended up to Dt.24.05.2023 at 01 P.M. for receipt of Bid documents by Speed post or Registration Post only and the bid will be open on Dt.25.05.2023 at 11 A.M.
Sd./-Principal,
I/c Govt. College of Nursing, Kalahandi
OIPR-10199/11/0005/2324

ROURKELA MUNICIPAL CORPORATION, ROURKELA
E-mail ID: rourkelamunicipality@gmail.com
Tele: 0661-2500388, PIN - 769012
No. 5879 **Dt.22.05.2023**
REQUEST FOR PROPOSAL
No. C-380: Rourkela Municipal Corporation invites Request for Proposal from experienced, competent and eligible Bidders in two envelope system for conducting Drone Survey, Hydro Graphic Survey for "Rejuvenation of Water Bodies" under jurisdiction of Rourkela Municipal Corporation.
The RFP is to be submitted in double cover separately technical part and financial part addressed to Commissioner, Rourkela Municipal Corporation should reach this Office on or before 02.06.2023 through Speed Post/Registered Post.
The complete RFP document can be downloaded from the RMC website **(rmc.nic.in)** from 23.05.2023 onwards.
The authority reserves the right to reject any or all the RFP without assigning any reasons thereof.
Sd./- Commissioner
Rourkela Municipal Corporation
OIPR-13131/11/0012/2324

See Career Appointment on every Wednesday & Saturday

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଆଇଏଲ୍) ପକ୍ଷରୁ ନିକଟରେ ଏକ ମେଗା 'ଆର୍‌ଏସ୍‌ଓ ଡିଜିଟାଲ ଫ୍ଲାଟ ଆକ୍ଟିଭିଟି'ର ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ କୋଲକାତାର ଆକ୍ସିସ ମଲ୍ ନିକଟସ୍ଥ ଏଚ୍‌ଏମ୍‌ଆଇଏଲ୍ ଇଆର୍‌ଟିସିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏଚ୍‌ଏମ୍‌ଆଇଏଲ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ 'ହ୍ୟୁଣ୍ଡାଇ ମେଗା ଆର୍‌ଏସ୍‌ଓ ଡିଜିଟାଲ ଫ୍ଲାଟ ଆକ୍ଟିଭିଟି'ର ସ୍ୱତନ୍ତ୍ର ପ୍ରଚାର ଯାନକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ରିଅଲ୍‌ମିର ନ୍ୟୁ ନାର୍‌ଜୋ ଏନ୍‌୫୩ ଉନ୍ମୋଚିତ

ନୂଆଦିଲ୍ଲୀ,୨୨।୫

ରିଅଲ୍‌ମିର ନୂଆ ସ୍ମାର୍ଟଫୋନ୍ ରିଅଲ୍‌ମି ନ୍ୟୁ ନାର୍‌ଜୋ ଏନ୍‌୫୩ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି । ଏପରିକି ଉକ୍ତ ବ୍ରାଣ୍ଡ୍ ବର୍ତ୍ତମାନ ଭାରତୀୟ ବଜାରରେ ଉପଲବ୍ଧ ରହିଛି, ଯେଉଁଥିରେ ଏକ ପତଳା ଫର୍ମ ଫ୍ୟାକ୍ଟର ଓ ପରବର୍ତ୍ତୀ ପିଢ଼ିର ଉପଭୋକ୍ତାଙ୍କ ପାଇଁ ଅତ୍ୟାଧୁନିକ ଫିଚର ଅନ୍ତର୍ଭୁକ୍ତ ରହିଛି । ସେହିଭଳି ୩୩ୱାଟ୍ ଫାଷ୍ଟ୍ ଚାର୍ଜିଙ୍ଗ୍ ଟେକ୍ନୋଲୋଜି ଓ ୫୦ଏମ୍‌ପି ଏଆଇ କ୍ୟାମେରା ସହ ଆଧୁନିକ ବୈଶିଷ୍ଟ୍ୟ ସୁସଜ୍ଜିତ ରହିଛି । ଏ ସମ୍ପର୍କରେ ରିଅଲ୍‌ମି ନାର୍‌ଜୋର ବିଜ୍‌ନେସ ଡେଭ୍‌ଲପ୍‌ମେଣ୍ଟ ମ୍ୟାନେଜର ମନୀଷ କୁମାର ମିଶ୍ର କହିଛନ୍ତି, ଆମେ ଉକ୍ତ ସ୍ମାର୍ଟଫୋନ୍‌କୁ ବିକଶିତ କରିବା ସହ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ବୁଝିବା ପାଇଁ ଆମାଜନ ସହ ମିଶି କାର୍ଯ୍ୟ କରିଛୁ, ଯାହା ଅତ୍ୟାଧୁନିକ ଫିଚର ସହିତ ଷ୍ଟାଇଲ୍ ଓ ଫଙ୍କଶନାଲିଟିକୁ ମଧ୍ୟ ସମ୍ମିଶ୍ରଣ କରୁଛି ।

ଜିଆଇଏମ୍‌ରେ ମହା ନିଯୁକ୍ତି ମେଳା

କଟକ,୨୨।୫

ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ (ଜିଆଇଏମ୍)ରେ ଏକ ମହା ନିଯୁକ୍ତି ମେଳା ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏମ୍‌ବିଏ ପାଠ୍ୟକ୍ରମର ଶେଷ ବର୍ଷରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ନିଯୁକ୍ତି ନିମନ୍ତେ ଏହି ମେଳା ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଓ ଡାଇଭରସ୍ ସଲ୍ୟୁସନ୍ସ (ଭୁବନେଶ୍ୱର)ଙ୍କ ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାରେ ୧୦ଟି କମ୍ପାନୀ ଅଂଶଗ୍ରହଣ କରିଥିଲା ବେଳେ ୧୦୦ଜଣ ଛାତ୍ରୀଛାତ୍ରୀ ଉକ୍ତ ମେଳାରେ ଅଂଶଗ୍ରହଣ କରି ନିଯୁକ୍ତିର ସୁଯୋଗ ପାଇଥିଲେ । ଉଲ୍ଲେଖଯୋଗ୍ୟ, ଜିଆଇଏମ୍‌ର ନିର୍ଦ୍ଦେଶକ ସି.ଏ.ସଂଗ୍ରାମ କେଶରୀ ପଟ୍ଟନାୟକ, ଅଧ୍ୟକ୍ଷ ଡ.ନରେନ୍ଦ୍ର କିଶୋର ମିଶ୍ର, ଡିନ୍ (ଆଡ୍‌ମିନ୍.) ପ୍ରଫେସର୍ ବିପୁଲ କୁମାରଙ୍କ ସମେତ ଡାଇଭରସ୍ ସଲ୍ୟୁସନ୍ସର ନିର୍ଦ୍ଦେଶିକା ସିପ୍ରା ନାଏକ, ପ୍ରଫେସର୍ ଗୌରୀଶଙ୍କର ମହାରଣା, ପ୍ରଫେସର୍ ରାଜାରାମ୍ ରାଉତ୍, ପ୍ରଫେସର୍ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସଙ୍ଗେସଙ୍ଗେ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଅପରପକ୍ଷରେ ମେଳା ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଆଇଏମର ଡିନ୍ (ଏକାଡେମିକ୍ସ) ଡ.ମୁନ୍‌ମୁନ୍ ମହାନ୍ତି ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ସେହିଭଳି ଜିଆଇଏମ୍‌ର ପ୍ରଫେସର ଦେବାଶିଷ୍ ନନ୍ଦ ଓ ଡ. ଆଦ୍ୟାଶା ଶୁଭଦର୍ଶିନୀ ମେଳା ସଂଯୋଜନା ଓ ପରିଚାଳନା କରିଥିଲେ ।

ପତଞ୍ଜଳିର ଜୀବନ ରକ୍ଷାକାରୀ ଔଷଧ 'ଗିଲୟ'

ନୂଆଦିଲ୍ଲୀ,୨୨।୫

ବିଗତ କିଛି ବର୍ଷ ହେବ ପତଞ୍ଜଳି ଆୟୁର୍ବେଦର ପ୍ରସିଦ୍ଧ ମେଡିସିନ ଗିଲୟ ରୋଗ ନାଶକାରୀ ଔଷଧ ଭାବେ ବେଶ୍ ପରିଚିତ ହୋଇପାରିଛି । ଏପରିକି ଗୁଡୁଚି (ଗିଲୟ) (ଟିନୋସ୍ପୋରା କର୍ଡିଫୋଲିଆ) ଅମ୍ରିତା ଭାବେ ମଧ୍ୟ ବେଶ୍ ଜଣାଶୁଣା । ବିଶେଷ କରି ଗତ କୋଭିଡ-୧୯ ସମୟରେ ଉକ୍ତ ମେଡିସିନ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରିଛି । ସେହିଭଳି ଉକ୍ତ ମେଡିସିନ ସମ୍ପର୍କରେ ୟୁରୋପର ବିଶ୍ୱ ପ୍ରସିଦ୍ଧ ଅନୁସନ୍ଧାନ ପତ୍ରିକା ଫାର୍ମାକୋଲୋଜି ଫ୍ରଣ୍ଟିଅର୍ସ (https://www.frontiersin.org/articles/୧୦.୩୩୮୯/fphar.୨୦୨୩.୧୦୯୫୦୮୩/full)ରେ ମଧ୍ୟ ବିସ୍ତୃତ ତଥ୍ୟ ପ୍ରକାଶ ପାଇଛି । ସେହିଭଳି ବିଶ୍ୱରେ ପ୍ରଥମଥର ପାଇଁ ପତଞ୍ଜଳି ଅନୁସନ୍ଧାନ ପ୍ରତିଷ୍ଠାନର ବୈଜ୍ଞାନିକମାନେ ମଧ୍ୟ ଗିଲୟର ସୁରକ୍ଷା ସମ୍ପର୍କିତ କାର୍ଯ୍ୟକଳାପ ଉପରେ ବିସ୍ତୃତ ଅନୁସନ୍ଧାନ କରିଥିଲେ । ଅପରପକ୍ଷରେ ଜିଏଲପି ଚାଳିତ ଉପ-ତୀବ୍ର ବିଷାକ୍ତ ବିଜ୍ଞାନ ଅଧ୍ୟୟନ ଜରିଆରେ ୭୦ରୁ ଅଧିକ ଅଣ୍ଡିରା ଏବଂ ମାଈ ମୂଷାଙ୍କ ଶରୀରରେ ଗିଲୟ ନିତିଦିନିଆ ବ୍ୟବହୃତ ହେଉଥିଲା । ଏପରିକି ଦୀର୍ଘ ୨୮ ଦିନ ପର୍ଯ୍ୟନ୍ତ ଏଭଳି ପ୍ରୟୋଗ କରାଯାଉଥିଲେ ସୁଦ୍ଧା କୌଣସି ପ୍ରକାରର ସମସ୍ୟା ଓ ପାର୍ଶ୍ୱପ୍ରତିକ୍ରିୟା ଦେଖା ଦେଇ ନ ଥିଲା ।

ଉଲ୍ଲେଖଯୋଗ୍ୟ, ଏହି ଅଧ୍ୟୟନରେ ୪୦ରୁ ଅଧିକ ଅଙ୍ଗ ଉପରେ ଗିଲୟର ପ୍ରଭାବକୁ ନିରୀକ୍ଷଣ କରାଯାଇଥିଲା । ଏପରିକି ଓଇସିଡିର ବିଶ୍ୱସ୍ତରୀୟ ନିର୍ଦ୍ଦେଶାବଳୀ ଅନୁଯାୟୀ ପରୀକ୍ଷା କରାଯାଇଥିଲା ଏବଂ ଉତ୍ତମ ଲାବୋରେଟୋରି ଅଭ୍ୟାସ (ଜିଏଲପି) ସହିତ ଏହି ସଂପୂର୍ଣ୍ଣ ପରୀକ୍ଷାମୂଳକ ଅନୁପାଳନ କରାଯାଇଥିଲା ।

ଇଆର୍‌ଏମ୍ ଇଣ୍ଡିଆ ସହ ବେଦାନ୍ତର ସହଭାଗିତା

ଭୁବନେଶ୍ୱର,୨୨।୫

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅନ୍ତଃରାଷ୍ଟ୍ରୀୟ ପରିବେଶ ପରାମର୍ଶଦାତା ସଂସ୍ଥା ଇଆର୍‌ଏମ୍ ଇଣ୍ଡିଆ ସହ ବେଦାନ୍ତ ଆଲୁମିନିୟମର ବୁଝାମଣା ହୋଇଥିବା ଜଣାପଡିଛି । ବିଶେଷକରି ବେଦାନ୍ତର ଜୈବ ବିବିଧତା ପରିଚାଳନା ଯୋଜନାକୁ ସୁରକ୍ଷା ଦେବା ପାଇଁ ଇଆର୍‌ଏମ୍ ଇଣ୍ଡିଆ ସହ ଉକ୍ତ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି । ଏପରିକି ଉକ୍ତ ସହଭାଗିତା ବେଦାନ୍ତ ଆଲୁମିନିୟମର କାର୍ଯ୍ୟକଳାପରେ ବେଶ୍ ସହାୟକ ଓ ଜୈବବିବିଧତା ପରିଚାଳନା ଅଭ୍ୟାସଗୁଡ଼ିକର କାର୍ଯ୍ୟକାରିତାକୁ ଦୃଢ଼ କରିବ ବୋଲି ଆଶା କରାଯାଉଛି । ଅପରପକ୍ଷରେ ବେଦାନ୍ତ ଆଲୁମିନିୟମ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ପରିବେଶ ପାଇଁ ଜୀବନଶୈଳୀ ଜୀବନ'ର ନୀତିଗୁଡିକୁ

ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରିବ । ଏପରିକି ଜଳ ଏବଂ ପୃଥିବୀ ଜୈବବିବିଧତା ସଂରକ୍ଷଣ ଉପରେ ଧ୍ୟାନ ଦେଇ କମ୍ପାନୀ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ଉଦ୍ୟମ କରିବ । ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ୍ ବିଜନେସ୍) ରାହୁଲ ଶର୍ମା କହିଛନ୍ତି, ସ୍ଥାୟୀ ବ୍ୟବସାୟ କାର୍ଯ୍ୟରେ ଜୈବବିବିଧତା ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆମେ ସ୍ୱୀକୃତି ଦେଇଥାଉ । ଏପରିକି ଭବିଷ୍ୟତର ପିଢ଼ି ପାଇଁ ପ୍ରକୃତିର ସଂରକ୍ଷଣ ଆମର ଜୈବବିବିଧତା ପରିଚାଳନାର ଯୋଜନାକୁ ବଢାଇବା ଏବଂ ଜୈବବିବିଧତା ପରିଚାଳନା ଅଭ୍ୟାସକୁ ଦୃଢ଼ କରିବା ପାଇଁ ଆମେ ଇଆର୍‌ଏମ୍ ଇଣ୍ଡିଆ ସହିତ ଆମର ସହଯୋଗକୁ ଅପେକ୍ଷା କରି ରହିଛୁ । ସେହିଭଳି ଆମେ ଇଆର୍‌ଏମ ଇଣ୍ଡିଆ ସହିତ ଆମର ଜୈବବିବିଧତା ସଂରକ୍ଷଣ ପ୍ରୟାସର ମୂଲ୍ୟାଙ୍କନ ତଥା ସେମାନଙ୍କୁ ବିଶ୍ୱ ମାନକ ଏବଂ ସର୍ବୋତ୍ତମ ଅଭ୍ୟାସ ସହିତ ସମାନ୍ତରାଳ ପାଇଁ ଲକ୍ଷ୍ୟ ରଖିଛୁ ।

୫୦୦୦ ୟୁଜି ଛାତ୍ରୀଛାତ୍ରଙ୍କୁ ଆର୍‌ଏଫ୍‌ଏସ୍

ଭୁବନେଶ୍ୱର,୨୨।୫

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଦେଶର ୨୭ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳର ୫୦୦୦ ଅଣ୍ଡର-ଗ୍ରାଜୁଏଟ୍ (ୟୁଜି) ଛାତ୍ରୀଛାତ୍ର ରିଲାଏନ୍ସ ଫାଉଣ୍ଡେଶନ ଶିକ୍ଷାବୃତ୍ତି ପାଇବେ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି । ବିଶେଷ କରି ପ୍ରଥମ ବର୍ଷର ୫୦୦୦ ୟୁଜି ଛାତ୍ରୀଛାତ୍ର ୨୦୨୨-୨୩ ପାଇଁ ରିଲାଏନ୍ସ ଫାଉଣ୍ଡେଶନ ଅଣ୍ଡର ଗ୍ରାଜୁଏଟ୍ ଶିକ୍ଷାବୃତ୍ତି ପାଇବେ । ଏଥିପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ରୀମାନେ ପ୍ରାୟ ୨ଲକ୍ଷ ଟଙ୍କା ସହ ଏକ ସକ୍ଷମ ଆଲୁମ୍‌ନି ନେଟ୍‌ୱର୍କର ଅଂଶ ହେବାର ସୁଯୋଗ ପାଇବେ ।

ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ସିଇଓ ଜଗନ୍ନାଥ କୁମାର କହିଛନ୍ତି, ଦେଶର ଯୁବବର୍ଗଙ୍କ ନିକଟରେ ଆବଶ୍ୟକ ଶିକ୍ଷାକୁ ପହଞ୍ଚାଇବା ସହ ସେମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ରିଲାଏନ୍ସ ଫାଉଣ୍ଡେଶନ ସର୍ବଦା ପ୍ରୟାସ ଜାରି ରଖିଛି । ଏପରିକି ନିକଟରେ ଚୟନ ହୋଇଥିବା ସବୁ ପ୍ରତିଭାବାନ୍‌ଙ୍କୁ ଆମେ ଅଭିନନ୍ଦନ ଜଣାଉଛୁ । ସେହିଭଳି ଆମର ବିଶ୍ୱାସ ରହିଛି ଯେ, ସେମାନେ ନିଜ ପାଇଁ ଏକ ସୁଦୃଢ଼ ଭବିଷ୍ୟତ ଗଠନ କରିବା ସହ ଦେଶର ପ୍ରଗତିରେ ଯୋଗଦାନ କରିବେ । ଏପରିକି ବିଭିନ୍ନ ଶିକ୍ଷା ବର୍ଗର ପ୍ରତିଭାବାନମାନଙ୍କ ଏକ ବିବିଧ ଦଳ ଏବଂ ଭାରତର ପ୍ରାୟ ସବୁ ରାଜ୍ୟରୁ ଆସିଥିବା ଉଭୟ ବାଳିକା ଓ ବାଳକଙ୍କୁ ସମାନ ଭାବେ ପ୍ରତିନିଧିତ୍ୱ ପ୍ରଦାନ କରାଯାଇଛି ବୋଲି ଜଗନ୍ନାଥ ମତବ୍ୟକ୍ତ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଯେକୌଣସି ଶୃଙ୍ଖଳାର ପାଠ୍ୟକ୍ରମରେ ପାଠପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ମେଧା ତଥା ସାଧନ (ମେରିଟ୍ କମ୍ ମିନ୍‌ସ) ଆଧାରରେ ରିଲାଏନ୍ସ ଫାଉଣ୍ଡେଶନ ଅଣ୍ଡର-ଗ୍ରାଜୁଏଟ୍ ଶିକ୍ଷାବୃତ୍ତି ପ୍ରଦାନ କରାଯାଉଛି ।

ଫୁଚର୍‌ସପତ୍

ରାମଚରଣ

ଡେଲିଗେଟ୍‌ଙ୍କୁ 'ନାଟୁ ନାଟୁ' ଷ୍ଟେପ୍ ଶିଖାଇଲେ ରାମଚରଣ

ମୁମ୍ବାଇ

ଶ୍ରୀନଗରରେ ସୋମବାରଠାରୁ ଜି-୨୦ ସମିଟ୍ ୩ୟ ୱାର୍କିଂ ଗ୍ରୁପ୍ ମିଟିଂ ଆରମ୍ଭ ହୋଇଛି । ଏହି ମିଟିଂ ୩ ଦିନ ଧରି ଚାଲିବ । ତେବେ ଏଥିରେ ଯୋଗଦେବାକୁ ସାଉଥ୍ ଅଭିନେତା ରାମଚରଣ ସୋମବାର ଶ୍ରୀନଗରରେ ପହଞ୍ଚିଛନ୍ତି । କଶ୍ମୀରରେ ଆୟୋଜିତ ହୋଇଥିବା ଏହି ଜି-୨୦ ସମିଟ୍‌ର 'ଫିଲ୍ମ ଟୁରିଜମ୍ ଫର୍ ଇକୋନୋମି ଗ୍ରୋଥ୍ ଆଣ୍ଡ କଲ୍ଚରାଲ ପ୍ରିଜରଭେଶନ' ମିଟିଂରେ ପ୍ରଥମ ଅଭିନେତା ଭାବେ ରାମଚରଣ ଯୋଗଦେଇଛନ୍ତି । ସେଥିରେ ଯୋଗଦେଇ ରାମଚରଣ ନାଟୁ ନାଟୁ ଗୀତ ତାଳରେ ୨ ଜଣ ଫରେନ ଡେଲିଗେଟଙ୍କୁ 'ନାଟୁ ନାଟୁ' ଡ୍ୟାନ୍ସ ଷ୍ଟେପ୍ ଶିଖାଉଥିବା ଦେଖିବାକୁ ମିଳିଛି । ଏହାପରେ ସେ ଏକ ସାକ୍ଷାତ୍‌କାରରେ ଜମ୍ମୁ-କଶ୍ମୀର ପ୍ରତି ଥିବା ତାଙ୍କର ଭଲ ପାଇବା ସମ୍ପର୍କରେ କହିଛନ୍ତି । ତେବେ ରାମଚରଣଙ୍କୁ ନିକଟରେ ଫିଲ୍ମ 'ଆର୍‌ଆର୍‌ଆର୍'ରେ ଦେଖିବାକୁ ମିଳିଥିଲା । ଏଥିରେ ସେ ତାଙ୍କ ଅଭିନୟ ଜରିଆରେ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି । ସେ ୨୦୦୭ରୁ ଆକ୍ଟିଂ କ୍ୟାରିୟର ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ହିଟ୍ ମୁଭି ଦର୍ଶକଙ୍କୁ ଭେଟି ଦେଇସାରିଲେଣି । ଚଳିତବର୍ଷ ସେ ବଲିଉଡ୍ ଭାଇଜାନଙ୍କ ସହ ମଧ୍ୟ ଏକ ଚଳଚ୍ଚିତ୍ରରେ ନଜର ଆସିଛନ୍ତି । ଏଥିସହ ତାଙ୍କ ହାତରେ ଏବେ ଆଉ କିଛି ଫିଲ୍ମ ରହିଛି ।

ମଡେଲିଂ ଛାଡ଼ି ଚଳାଉଛନ୍ତି ଟ୍ରକ୍

ଲଣ୍ଡନ: ଯଦି ଜଣଙ୍କୁ ମଡେଲିଂ ନଚେତ୍ ଟ୍ରକ୍ ଡ୍ରାଇଭର ହେବାକୁ କୁହାଯାଏ, ତେବେ ସେଥିରେ ସମସ୍ତେ ମଡେଲିଂକୁ ଚୟନ କରିବେ । ହେଲେ ଜଣେ ମଡେଲର ତାଙ୍କ ମଡେଲିଂ କ୍ୟାରିୟର ଛାଡ଼ି ଲୋରି ଭଳି ଭାରିଯାନ ଚଳାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ବ୍ରିଟେନ୍‌ର ଲିନ୍‌କୋଲ୍‌ନସିର୍‌ର ବାସିନ୍ଦା ୨୩ ବର୍ଷୀୟା ମିଲି ଏଭରେଟ୍ ତାଙ୍କ ଅଞ୍ଚଳର ବହୁତ ବ୍ୟୁଟି ପେଗେଣ୍ଟ ଜିତିବା ସହ ମିସ୍ ଇଂଲଣ୍ଡ-୨୦୧୮ର ଫାଇନାଲିଷ୍ଟ ମଧ୍ୟ ହୋଇଛନ୍ତି । ସେ ଅତି ସୁନ୍ଦରୀ ହୋଇଥିଲେ ମଧ୍ୟ ମଡେଲିଂ କ୍ୟାରିୟରକୁ ଛାଡ଼ି ଟ୍ରକ୍ ଡ୍ରାଇଭର ହେବାକୁ ପସନ୍ଦ କରିଛନ୍ତି । ତାଙ୍କ କହିବା ମୁତାବକ, ଲୋରି ଭଳି ଭାରିଯାନକୁ କେବଳ ପୁରୁଷମାନେ ଚଳାଉଥିବା ସମସ୍ତଙ୍କ ଧାରଣା ରହିଛି । ତେବେ ସେ ଲୋକଙ୍କ ଏପରି ଧାରଣାକୁ ଦୂର କରିବାକୁ ଚାହୁଁଛନ୍ତି । ଏଥିସହ ମହିଳାମାନେ ମଧ୍ୟ ଏହି କାମକୁ ବହୁ ଭଲଭାବେ କରିପାରିବେ ବୋଲି ପ୍ରମାଣ କରିଛନ୍ତି । ବ୍ରିଟେନ୍‌ରେ କେବଳ ୨ ପ୍ରତିଶତ ମହିଳା ହିଁ ଏପରି ଭାରିଯାନ ଚଳାଉଛନ୍ତି । ମିଲି ଗତବର୍ଷ ଭାରିଯାନ ଡ୍ରାଇଭିଂ ସ୍କୁଲରେ ଆଡ୍‌ମିଶନ ହୋଇଥିଲେ । ବର୍ତ୍ତମାନ ସେ ଭାରିଯାନ ଡ୍ରାଇଭିଂ ପାଇଁ ଲାଇସେନ୍ସ ପାଇସାରିଛନ୍ତି । ସେ ପ୍ରଥମରୁ ଟ୍ରକ୍, ଲୋରି ଭଳି ଯାନ ଚଳାଇଛନ୍ତି । ମିଲି ଏକ ସାଧାରଣ ପରିବାରରୁ ଆସି ମଡେଲିଂ ଶିଖିଛନ୍ତି । ଏହାଛଡ଼ା ତାଙ୍କର କୃଷି ସମ୍ବନ୍ଧିତ କାର୍ଯ୍ୟ ଏବଂ ଡ୍ରାଇଭିଂ କରିବାକୁ ବେଶ୍ ପସନ୍ଦ । କରୋନା ମହାମାରୀ ସମୟରେ ମିଲି ଟ୍ରକ୍, ଲୋରି ଭଳି ଭାରିଯାନ ଚଳାଇବାକୁ ପ୍ରେରିତ ହୋଇଥିଲେ । କାରଣ ସେତେବେଳେ ବ୍ରିଟେନ୍‌ରେ ଟ୍ରକ୍ ଡ୍ରାଇଭରଙ୍କ ଆବଶ୍ୟକତା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟ ପାଇଁ ତାଙ୍କ ପରିବାର ବେଶ୍ ଖୁସି ଥିବା ସେ କହିଛନ୍ତି । ତାଙ୍କ ବାପା ଜଣେ କୃଷକ ହୋଇଥିବାବେଳେ ସେ ତାଙ୍କୁ ନେଇ ଗର୍ବ

କରୁଥିବା କହିଛନ୍ତି । ବହୁ ଲୋକ ତାଙ୍କର ଏହି କାର୍ଯ୍ୟ ପାଇଁ ଟ୍ରୋଲ୍ ମଧ୍ୟ କରୁଛନ୍ତି, ହେଲେ ସେ ସେମାନଙ୍କ କଥା ନ ଶୁଣି ନିଜ କାମ କରିବାକୁ ପସନ୍ଦ କରୁଛନ୍ତି ।

୪୦୦ ବର୍ଷ ତଳର ଫଟୋରେ ୬୦ ବର୍ଷ ତଳର ଜୋତା

ଲଣ୍ଡନ

ଟାଇମ ଟ୍ରାଭେଲ ଅର୍ଥାତ୍ ସମୟ ଯାତ୍ରା ହେଉଛି ଏପରି ଏକ କନ୍‌ସେପ୍ଟ, ଯାହାର ଚର୍ଚ୍ଚା ଫିଲ୍ମରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ହୋଇଥାଏ । ହେଲେ ଏହା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ ଅସମ୍ଭବ ପ୍ରକ୍ରିୟା । ନିକଟରେ ଏକ ପେଣ୍ଟିଂରେ ଜଣେ ପୁଅକୁ ଦେଖିବାକୁ ମିଳିଛି, ଯେଉଁଥିରେ ସେ ଆଜିକାଲି ସମୟର ଜୋତା ପିନ୍ଧିଥିବା ଦେଖିବାକୁ ମିଳିଛି । ରିପୋର୍ଟ ମୁତାବକ, ୧୭ଶ ଶତାବ୍ଦୀ ଅର୍ଥାତ୍ ପାଖାପାଖି ୪୦୦ ବର୍ଷ ତଳେ ନେଦରଲାଣ୍ଡର ଚିତ୍ରକର ଡର୍ ମାଷ୍ଟର ଫେଡନନ୍ଦ ବୋଲ ୮ ବର୍ଷୀୟ ବାଳକର ଏକ ଫଟୋଚିତ୍ର ପ୍ରସ୍ତୁତ କରିଥିଲେ । ଯେଉଁଥିରେ ବାଳକଟି ହାତରେ କିଛି ପାତ୍ର ଧରିଥିବା ନଜର ଆସୁଛି । ବାଳକର ପୋଷାକ ସେବେକାର ବୋଲି ଜଣାପଡୁଥିଲା । ହେଲେ ଏଠାରେ ଆଶ୍ଚର୍ଯ୍ୟର କଥା, ବାଳକଟି ପିନ୍ଧିଥିବା ଜୋତାରେ ବର୍ତ୍ତମାନ ସମୟରେ ପିନ୍ଧୁଥିବା ନାମୀ କମ୍ପାନୀ 'ନାଇକ୍'ର ଚିହ୍ନ ଥିବା ଦେଖିବାକୁ ମିଳିଛି । ତେବେ ଏହି ନାଇକ୍ କମ୍ପାନୀର ଜୋତା ୧୯୬୪ରେ ଆମେରିକାରେ ଗଢ଼ିଉଠିଥିଲା । ନାଇକ୍ କମ୍ପାନୀର ଜୋତା ୬୦ ବର୍ଷ ପୁରୁଣା ହୋଇଥିବାବେଳେ ତାହା ୪୦୦ ବର୍ଷ ତଳର ଫଟୋଚିତ୍ରରେ କିପରି ଆସିଲା ତାହା ଆଶ୍ଚର୍ଯ୍ୟ କରିଛି । ଏହି ଫଟୋଚିତ୍ରଟି ଲଣ୍ଡନ ଗ୍ୟାଲେରିରେ ଲାଗିଛି । ନିକଟରେ ୫୭ ବର୍ଷୀୟା ଫ୍ଲୋନା ଫୋସକିଟ୍ ତାଙ୍କ ୨୩ ବର୍ଷୀୟା ଝିଅ ହୋଲିଙ୍କ ସହିତ ଗ୍ୟାଲେରି ବୁଲିବାକୁ ଯାଇଥିଲେ । ସେହି ସମୟରେ ହୋଲିଙ୍କ ନଜର ଏହି ଫଟୋଚିତ୍ରର ଜୋତାରେ ଥିବା ଚିହ୍ନ ଉପରେ ପଡ଼ିଥିଲା । ଏହା ଦେଖି ମହିଳା ଜଣକ ଟାଇମ ଟ୍ରାଭେଲ ଥିବା ନେଇ ଦାବି କରୁଛନ୍ତି । ତେବେ ସେହି ଜାତୀୟ ଗ୍ୟାଲେରୀର ଜଣେ ପ୍ରବକ୍ତାଙ୍କୁ ଏହି ଫଟୋଚିତ୍ର ବାବଦରେ ପଚାରିବାରୁ, ଏହି ଫଟୋଚିତ୍ର ବହୁ ପ୍ରଚଳିତ ବୋଲି କହିଥିଲେ । ସେହି ପୁରୁଣା ଫଟୋଚିତ୍ରରେ କିଛି ମଡର୍ନ ଜିନିଷ ଥିବା ନଜର ଆସୁଛି କି ନାହିଁ ଏପରି ଏକ ଟୁଇଟ୍ କରିଥିଲେ । ଜୋତାରେ ଠିକ୍ ଚିହ୍ନ କିପିର ଆସିଲା ତାହା ବିଷୟରେ ସଠିକ ତଥ୍ୟ ମିଳିପାରିନାହିଁ ।

ମ୍ୟୁଜିୟମ୍‌ରେ ମହିଳାଙ୍କ ହୃଦୟ

ଲଣ୍ଡନ: ନିକଟରେ ଜଣେ ମହିଳା ନିଜ ହୃଦୟ ଦେଖିବାକୁ ମ୍ୟୁଜିୟମ୍‌ରେ ପହଞ୍ଚିଛନ୍ତି, ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଇଂଲଣ୍ଡର ହମ୍‌ସିର୍‌ର ବାସିନ୍ଦା ୩୮ ବର୍ଷୀୟା ଜେନିଫର ସୁଟନ୍‌ଙ୍କ ପାଇଁ ଲଣ୍ଡନର ହଣ୍ଟେରିୟାନ୍ ମ୍ୟୁଜିୟମ୍‌ରେ ଅଙ୍ଗ ପ୍ରଦର୍ଶନୀରେ ନିଜ ହୃଦୟକୁ ଦେଖ

କଳିଙ୍ଗ ଷ୍ଟାଡିୟମରେ ସୋମବାର ଶେଷ ହୋଇଥିବା ଏକାଧିକ କ୍ରୀଡ଼ାର ସମର କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ଜୁଡୋ ଓ ଭାରୋତ୍ତୋଳନ ପ୍ରଶିକ୍ଷାର୍ଥୀମାନେ ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି।

ଉତ୍ସାହ ଭରିଲା କଳିଙ୍ଗ ସମର କ୍ୟାମ୍ପ୍

ଭୁବନେଶ୍ୱର,୨୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକାଧିକ କ୍ରୀଡ଼ାର ସମର କ୍ୟାମ୍ପ୍ ସୋମବାର ଉଦ୍‌ଯାପିତ ହୋଇଛି। ମେ' ୧ରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପରେ ୫୦୦ରୁ ଅଧିକ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ଫୁଟ୍‌ବଲ, ଆଥ୍‌ଲେଟିକ୍ସ, ଜୁଡୋ, ଭାରୋତ୍ତୋଳନ, ଭଲିବଲ୍, ବାସ୍କେଟବଲ୍, ଜିମ୍ନାଷ୍ଟିକ୍ସ ଓ କବାଡ଼ି ପରି ୮ଟି ବର୍ଗର ଖେଳରେ ଏହି ପିଲାମାନେ ଅଂଶଗ୍ରହଣ କରିଥିଲେ। ସ୍ପୋର୍ଟ୍ସ ହଷ୍ଟେଲର କୋଚ୍‌ମାନେ ଯୁବ ଆଥ୍‌ଲେଟମାନଙ୍କ ପାଇଁ ମଜାଦାର ପ୍ରଶିକ୍ଷଣ ବ୍ୟବସ୍ଥା ଆପଣେଇଥିଲେ। ଶିଶୁମାନଙ୍କ ମଧ୍ୟରେ ଫିଟ୍‌ନେସ୍ ଓ ଜୀବନଶୈଳୀକୁ ନେଇ ସଚେତନତା ସୃଷ୍ଟି କରିବା ଏବଂ କ୍ରୀଡ଼ା ସହ ପରିଚିତ କରାଇବା ଏହି କ୍ୟାମ୍ପର ମୁଖ୍ୟ ଲକ୍ଷ୍ୟ ରହିଥିଲା। କେବଳ କଳିଙ୍ଗ ଷ୍ଟାଡିୟମ ନୁହେଁ ବରଂ ସମସ୍ତ ଜିଲାରେ ଥିବା ସ୍ପୋର୍ଟ୍ସ ହଷ୍ଟେଲରେ ଏହି କ୍ୟାମ୍ପ୍ ଅନୁଷ୍ଠିତ ହୋଇଛି। ଏହି କ୍ୟାମ୍ପକୁ ନେଇ କେବଳ ଶିଶୁ ନୁହନ୍ତି ବରଂ ଅଭିଭାବକ ମଧ୍ୟ ଖୁସି ଜାହିର କରିଛନ୍ତି। ୯ ବର୍ଷୀୟ ବାଳକଙ୍କ ମା' ମମତା ପ୍ରିୟଦର୍ଶିନୀ ଏହି ସମର କ୍ୟାମ୍ପକୁ ବେଶ୍ ପସନ୍ଦ କରିଛନ୍ତି। ଗତବର୍ଷ ତାଙ୍କ ପୁଅ ହକି ଖେଳରେ ନିଜକୁ ପଞ୍ଜୀକୃତ କରିଥିବା ବେଳେ ଚଳିତ ବର୍ଷ ବାସ୍କେଟବଲ ଖେଳ ପାଇଁ ନାମ ପଞ୍ଜୀକରଣ କରିଛି। ପ୍ରତିବର୍ଷ ଭିନ୍ନ ଭିନ୍ନ ଖେଳ ଶିଖିବାକୁ ମିଳୁଥିବାରୁ ଏହା ଶିଶୁଙ୍କ ପାଇଁ ବେଶ୍ ଲାଭଦାୟକ ବୋଲି ସେ କହିଛନ୍ତି। ଅନ୍‌ଲାଇନରେ ପଞ୍ଜୀକରଣ ହେଉଥିବା ବେଳେ ସମସ୍ତ କୋଚ୍‌ଙ୍କ ବ୍ୟବହାର ବେଶ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଥିଲା ବୋଲି ସେ କହିଛନ୍ତି। ଶିଶୁମାନଙ୍କ ପାଇଁ ନୂତନ ଖେଳ ସମ୍ପର୍କିତ ଜ୍ଞାନ ଆହରଣ ଲାଗି ଏହା ପ୍ରକୃଷ୍ଟ ସୁଯୋଗ ବୋଲି କହିଛନ୍ତି ଜୁଡୋ କୋଚ୍ ଗୀତାଞ୍ଜଳି ପଣ୍ଡା। ଜଣେ ପ୍ରଶିକ୍ଷକ ଭାବେ ଅଧିକ ଶିଶୁଙ୍କୁ ଜୁଡୋ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଦେଖି ଖୁସି ଲାଗୁଛି ବୋଲି ସେ କହିଛନ୍ତି। ଏହି ଖେଳ କେବଳ ଫିଟ୍‌ରଖି ନ ଥାଏ ବରଂ ଏହା ଆତ୍ମରକ୍ଷା କୌଶଳ ଶିଖାଇଥାଏ ବୋଲି କହିଛନ୍ତି ଗୀତାଞ୍ଜଳି। ଫୁଟ୍‌ବଲ ପାଇଁ ପଞ୍ଜୀକରଣ କରିଥିବା ଶ୍ରେୟାନ ମହାନ୍ତି ଏଠାକାର ବ୍ୟବସ୍ଥାକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି। ଏଠିକାର ବ୍ୟବସ୍ଥା ଚମତ୍କାର ଥିବା ବେଳେ କୋଚ୍‌ମାନେ ବେଶ୍ ସହାୟତା କରିଥିଲେ। ଫୁଟ୍‌ବଲର ବେସିକ୍ ଡ୍ରିବଲିଂ, ଶୁଟିଂ ପରି ଟେକ୍‌ନିକ୍ ଶିଖିବାର ସୁଯୋଗ ମିଳିଥିବା ସେ କହିଛନ୍ତି।

ଚେପକ୍ ପିଚ୍‌କୁ ନେଇ ଅନିଶ୍ଚିତତା

ଚେନ୍ନାଇ,୨୨।୫(ପି.ଟି.)

ଆଇପିଏଲ୍‌ର କ୍ୱାଲିଫାୟର୍-୧ରେ ମଙ୍ଗଳବାର ପରସ୍ପରକୁ ଭେଟିବେ ୪ ଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଟାଇଟନ୍ସ। ଏହା ସହିତ ଆଇପିଏଲର ଶ୍ରେଷ୍ଠ ରଣନୀତିକାର ମହେନ୍ଦ୍ର ସିଂ ଧୋନୀଙ୍କ ଯୋଜନା ଓ ଭାରତୀୟ କ୍ରିକେଟ୍‌ର ଯୁବରାଜ ଶୁବମନ ଗିଲ୍‌ଙ୍କ ଜବରଦସ୍ତ ଫର୍ମ ମଧ୍ୟରେ ଲଢେଇ ଦେଖିବାକୁ ମିଳିପାରେ। ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ତେବେ ଚେପକ୍‌ର ପିଚ୍‌କୁ ନେଇ ଲାଗି ରହିଛି ଅନିଶ୍ଚିତତା।ଏହି ପିଚ୍ କେଉଁଭଳି ବ୍ୟବହାର କରୁଛି ତାହାକୁ ନେଇ ଚେନ୍ନାଇ ଅନିଶ୍ଚିତତାରେ ରହିଥିବା ବେଳେ ଗୁଜରାଟ ଏଠାରେ ଚଳିତ ବର୍ଷ ଗୋଟିଏ ବି ମ୍ୟାଚ୍ ଖେଳି ନାହିଁ। ଅନ୍ୟ ପକ୍ଷରେ ଶୁବମନ ଗିଲ୍ ବର୍ତ୍ତମାନ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। କ୍ରମାଗତ ଦୁଇଟି ଶତକ ସହିତ ସେ ପ୍ଲେ ଅଫ୍ ଖେଳିବାକୁ ଆସୁଥିବାରୁ ତାଙ୍କୁ ରୋକିବା ପାଇଁ ଧୋନୀଙ୍କ ରଣନୀତି କଣ ରହିବ ତା ଉପରେ ସଭିଙ୍କ ନଜର ରହିବ। ଏହା ସହିତ ଉଭୟ ଦଳ ମଧ୍ୟରେ ଆଉ

ଆଇପିଏଲ୍ କାର୍ଯ୍ୟସୂଚୀ
(କ୍ୱାଲିଫାୟର-୧)
ଗୁଜରାଟ ବନାମ ଚେନ୍ନାଇ
ସ୍ଥାନ: ଚେନ୍ନାଇ, ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଏକ ସମାନତା ହେଉଛି ଏହାର ମ୍ୟାନେଜମେଣ୍ଟ। ଚେନ୍ନାଇର ମ୍ୟାନେଜମେଣ୍ଟ ଯେମିତି କ୍ରିକେଟ ପଡିଆର ନିଷ୍ପତ୍ତିରେ ମୁଣ୍ଡ ଖେଳାଏ ନାହିଁ ଗୁଜରାଟରେ ମଧ୍ୟ ପରସ୍ଥିତି ସମାନ। କ୍ରିକେଟ ପଡିଆ ମଧ୍ୟର ନିଷ୍ପତ୍ତି ସର୍ବଦା ଆଶଷ ନେହେରା, ଗ୍ୟାରୀ କର୍ଷ୍ଟେନ୍ ଓ ବିକ୍ରମ ସୋଲାଙ୍କିଙ୍କ ହାତରେ ରହିଥାଏ।

ଚେପକ୍ ପିଚ୍ ଧୀମା ରହୁଥିବା ବେଳେ ଏହା ଗୁଜରାଟ ପାଇଁ ଅଧିକ ସମସ୍ୟା ସୃଷ୍ଟି କରପାରେ। ଅନ୍ୟ ପକ୍ଷରେ ପାୱାର ପ୍ଲେରେ ଦୀପକ ଚହର ଓ ଡେଥ୍ ଓଭରରେ ମଥୀଷା ପଥିରାନା ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରି ପାରନ୍ତି। ମଥୀଷା ପଥିରାନା ଓ ମହୀଷ ଥିକ୍‌ସାନା ଶ୍ରୀଲଙ୍କା ପାଇଁ ଖେଳିଥିବାରୁ ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଶ୍ରୀଲଙ୍କା ଅଧିନାୟକ ଦାସୁନ୍ ସନକାଙ୍କ ସହାୟତା ନେଇ ପାରନ୍ତି। ସନକାଙ୍କୁ ଏହି ମ୍ୟାଚ୍‌ରେ ଅଲରାଉଣ୍ଡର ଭାବରେ ଖେଳାଇ ପାରେ ଗୁଜରାଟ। ସେହିପରି ଘରୋଇ ପରିବେଶକୁ ଭଲରେ ଜାଣିଥିବା ଆର. ସାଇ କିଶୋର ମଧ୍ୟ ଏହି ମ୍ୟାଚ୍ ଖେଳିପାରନ୍ତି। ସନକାଙ୍କ ସ୍ଥାନରେ ଜୋଶୁଆ ଲିଟଲ ଓ ୟଶ ଦୟାଲଙ୍କ ସ୍ଥାନରେ ସାଇ କିଶୋର ଖେଳି ପାରନ୍ତି। ଚେନ୍ନାଇ ଏହାର ଓପନିଙ୍ଗ ଯୋଡି ଡେଭନ୍ କନ୍‌ୱେ ଓ ରୁତୁରାଜ ଗାଏକ୍ୱାଡଙ୍କ ଉପରେ ଅଧିକ ନିର୍ଭର କରିବ। ଅଜିଙ୍କ୍ୟ ରାହାନେ ଓ ଶିବମ ଦୁବେଙ୍କ ବ୍ୟାଟରୁ କିଛି ବଡ ଶଟ୍ ଓ ଇନିଂସ ଦେଖିବାକୁ ମିଳିପାରେ। ଗୁଜରାଟର ବୋଲିଂ ମହମ୍ମଦ ଶାମି ଓ ରାଶିଦ୍ ଖାନଙ୍କ ଉପରେ ନିର୍ଭର କରିବ।

ଆଇପିଏଲ୍ ଟ୍ରଫି ସହ ହାର୍ଦ୍ଦିକ ପାଣ୍ଡ୍ୟା ଓ ମହେନ୍ଦ୍ର ସିଂ ଧୋନୀ।

ନାର୍କୋ ଟେଷ୍ଟ ପାଇଁ ରେସ୍‌ଲରଙ୍କ ସହମତି

ନୂଆଦିଲ୍ଲୀ,୨୨।୫(ପି.ଟି.)

ଭାରତୀୟ ରେସ୍‌ଲିଂ ଫେଡେରେଶନ(ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୯ ଦିନରେ ପହଞ୍ଚିଛି। ଭାରତର ଅଲିମ୍ପିକ୍ସ ପଦକ ବିଜୟୀ ରେସ୍‌ଲର ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆଙ୍କ ସମେତ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗଟ୍ ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ତେବେ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ରହିଥିବା ବ୍ରିଜ୍‌ଭୂଷଣ ରବିବାର ଏକ ଫେସ୍‌ବୁକ୍ ପୋଷ୍ଟ ଜରିଆରେ ଲେଖିଥିଲେ, ମୁଁ ନାର୍କୋ ଟେଷ୍ଟ ପାଇଁ ପ୍ରସ୍ତୁତ ମାତ୍ର ବଜରଙ୍ଗ ଓ ଭିନେଶ୍ ମଧ୍ୟ ନାର୍କୋ ଟେଷ୍ଟ ପାଇଁ ରାଜି ହେବା ଉଚିତ। ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା ବଜରଙ୍ଗ ପୁନିଆ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି।

ଖବରଦାତା ସମ୍ମିଳନୀରେ ତାରକା ରେସଲର।

ଡବ୍ଲ୍ୟୁଏଫ୍‌ଆଇ ଯୌନ ଶୋଷଣ ପାଗଳା

ଆମେ ମଧ୍ୟ ଏହି ଟେଷ୍ଟ ପାଇଁ ପ୍ରସ୍ତୁତ। କେବଳ ଆନ୍ଦୋଳନରେ ବସିଥିବା ଖେଳାଳି ନୁହନ୍ତି ବରଂ ଯେଉଁମାନେ ପୀଡ଼ିତା, ସେମାନେ ମଧ୍ୟ ଏହି ଟେଷ୍ଟ ପାଇଁ ପ୍ରସ୍ତୁତ। ତେବେ ଏହି ଟେଷ୍ଟ ସୁପ୍ରିମ୍‌କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବା ଉଚିତ୍ ଏବଂ ଏଥିରେ କ'ଣ ପ୍ରଶ୍ନ କରାଯାଉଛି ତାହା ସମଗ୍ର ଦେଶବାସୀ ଜାଣିବା ଦରକାର ବୋଲି ସେ କହିଛନ୍ତି। ଖେଳାଳିମାନେ କେଉଁଭଳି କଷ୍ଟ ସହିଛନ୍ତି ତାହା ସମଗ୍ର ଦେଶବାସୀ ଜାଣିବା ଜରୁରୀ ବୋଲି ଭିନେଶ୍ କହିଛନ୍ତି। ଦେଶର କିଛି ଗଣମାଧ୍ୟମ ବ୍ରିଜ୍‌ଭୂଷଣଙ୍କୁ ବଢ଼ାଇ ଚଢ଼ାଇ କହୁଥିବାରୁ ଏପରି କରିବାରୁ କ୍ଷାନ୍ତ ରହିବାକୁ ବଜରଙ୍ଗ ଅନୁରୋଧ କରିଛନ୍ତି। ବ୍ରିଜ୍‌ଭୂଷଣ ଷ୍ଟାର ନୁହନ୍ତି ବରଂ ଜଣେ ଯୌନ ଶୋଷଣକାରୀ। ତେଣୁ ମିଡିଆ ତାଙ୍କର ପ୍ରଶଂସା ବନ୍ଦ କରୁ ବୋଲି ଉଭୟ ଖେଳାଳି ଅନୁରୋଧ କରିଛନ୍ତି। ମଙ୍ଗଳବାର ଦ୍ୱିତୀୟ ଚରଣ ଆନ୍ଦୋଳନକୁ ୧ ମାସ ବିତୁଥିବା ବେଳେ ଖେଳାଳିମାନେ ଯନ୍ତରମନ୍ତରଠାରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଏକ ମହମବତି ଶୋଭାଯାତ୍ରା ଆୟୋଜନ କରିବେ। ଅପରାହ୍ନ ୫ଟାରେ ଏହି ଯାତ୍ରା ହେବ। ଏହି ଶୋଭାଯାତ୍ରାରେ ଅଧିକରୁ ଅଧିକ ସାଧାରଣ ଜନତା ଯୋଗ ଦେବା ପାଇଁ ଉଭୟ ଖେଳାଳି ଅନୁରୋଧ କରିଛନ୍ତି। ଆମର ଏହି ଆନ୍ଦୋଳନ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ। ଏହାକୁ ଅନେକ ଲୋକ ଭଙ୍ଗ କରିବାକୁ ପ୍ରୟାସ କରୁଛନ୍ତି। ଏପରି ଲୋକଙ୍କ ପାଇଁ ଆମେ ଦାୟୀ ନୁହଁ ବୋଲି କହିଛନ୍ତି ସାକ୍ଷୀ। ଉଲ୍ଲେଖଯୋଗ୍ୟ, ଜଣେ ନାବାଳିକାଙ୍କ ସମେତ ୭ ଜଣ ରେସ୍‌ଲର ବ୍ରିଜ୍‌ଭୂଷଣଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି।

ଆଇସିସି ନିୟମ ଉଲ୍ଲଂଘନ କରିଛନ୍ତି ଅମ୍ପାୟର ଯତୀନ

ଦୁବାଇ, ୨୨।୫ (ପି.ଟି.): ଭଟିଣ୍ଡାର ଜଣେ ଅମ୍ପାୟର ଯତୀନ କାଶ୍ୟପଙ୍କ ବିରୋଧରେ ଦୁର୍ନୀତି ନିବାରଣ ନିୟମ ଉଲ୍ଲଂଘନ କରିଛନ୍ତି। ୨୦୨୨ରେ କେତୋଟି ଅନ୍ତର୍ଜାତୀୟ ମ୍ୟାଚ୍ ଉପରେ ତଦନ୍ତ ବେଳେ ଏହା ଜଣାପଡ଼ିଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ସୋମବାର ପ୍ରକାଶ କରିଛି। କାଶ୍ୟପ କି ପ୍ରକାର ଦୋଷ କରିଛନ୍ତି ଆଇସିସି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ସ୍ପଷ୍ଟ କରିନାହିଁ। କାଶ୍ୟପ କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ୟାନେଲରେ ନାହାନ୍ତି। ପଞ୍ଜାବରେ ସେ ଜିଲାସ୍ତରୀୟ ମ୍ୟାଚ ପରିଚାଳନା କରିଥାନ୍ତି। ହେଲେ କାଶ୍ୟପ ଗତ ୪ ବର୍ଷ ହେଲା ଜିଲା ମ୍ୟାଚ୍ ପରିଚାଳନା କରିନାହାନ୍ତି।

ପ୍ରଥମ ବ୍ୟାଚ୍ ଭାରତୀୟ ଦଳରେ କୋହଲି

ନୂଆଦିଲ୍ଲୀ, ୨୨।୫(ପି.ଟି.)

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍

■ **ବିଳମ୍ବରେ ଯିବେ ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା, ଇଶନ କିଶନ, ଶୁବମନ ଗିଲ୍, ମହମ୍ମଦ ଶାମି, କେ.ଏସ୍. ଭରତ ଓ ଅଜିଙ୍କ୍ୟ ରାହାନେ**

ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ଖେଳିବା ଲାଗି ବିରାଟ କୋହଲିଙ୍କ ସମେତ ପ୍ରଥମ ବ୍ୟାଚ୍ ଭାରତୀୟ କ୍ରିକେଟ ଖେଳାଳି ମଙ୍ଗଳବାର ପ୍ରତ୍ୟୁଷରେ ଲଣ୍ଡନ ଅଭିମୁଖେ ଗସ୍ତ କରିବେ। କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଟିମ୍‌ମେଟ ମହମଦ ସିରାଜ ମଧ୍ୟ ସମାନ ବିମାନରେ ଯିବେ। ଆର୍‌ସିବି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ନକ୍‌ଆଉଟ ହୋଇସାରିଛି। ଅନ୍ୟମାନଙ୍କ ମଧ୍ୟରେ ଦୁଇ ସ୍ପିନର ଆର୍. ଅଶ୍ୱିନ ଓ ଅକ୍ଷର ପଟେଲ ଏବଂ ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁର ଏବଂ ରାହୁଲ ଦ୍ରାଭିଡ୍‌ଙ୍କ ନେତୃତ୍ୱରେ ଦଳର ସପୋର୍ଟ ଷ୍ଟାଫ୍ ମଧ୍ୟ ଲଣ୍ଡନ ଗସ୍ତ କରିବେ। ପ୍ରଥମ ବ୍ୟାଚ୍‌ରେ ଗସ୍ତ କରୁଥିବା ୭ ଖେଳାଳିଙ୍କ ମଧ୍ୟରେ ଅନ୍ୟ ଦୁଇଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ କୋଲ୍‌କାତା ନାଇଟ ରାଇଡର୍ସ ପେସ୍ ବୋଲର ଉମେଶ ଯାଦବ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌ର ଜୟଦେବ ଉନାଡକଟ୍। ଉନାଡ୍‌କଟ୍‌ଙ୍କ କାନ୍ଧରେ ଆଘାତ ଲାଗିଥିଲା। ବର୍ତ୍ତମାନ ସେ ଏଥିରୁ ମୁକ୍ତି ଲାଭ କରିଛନ୍ତି। ଡବ୍ଲ୍ୟୁଟିସି ଫାଇନାଲ ଓଭାଲଠାରେ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ହେବ। ଭାରତୀୟ ଦଳର ପ୍ରଥମ ବ୍ୟାଚ ମଙ୍ଗଳବାର ପ୍ରତ୍ୟୁଷ ୪ଟା ୩୦ରେ ପ୍ରସ୍ଥାନ କରିବ। ଆଇପିଏଲ୍ ପ୍ଲେ ଅଫ୍ ଖେଳିବାକୁ ଥିବାରୁ ୭ ଖେଳାଳି ବିଳମ୍ବରେ ଯିବେ। ସେମାନେ ହେଲେ ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା, ଇଶନ କିଶନ, ଶୁବମନ ଗିଲ୍, ମହମ୍ମଦ ଶାମି, କେ.ଏସ୍. ଭରତ ଓ ଅଜିଙ୍କ୍ୟ ରାହାନେ। ଚେତେଶ୍ୱର ପୂଜାରା ବର୍ତ୍ତମାନ ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳୁଛନ୍ତି। ସେ ଲଣ୍ଡନରେ ଭାରତୀୟ ଦଳ ସହ ଯୋଗଦେବେ। ସୂଚନାଯୋଗ୍ୟ, ଇଂଲଣ୍ଡରେ କାଉଣ୍ଟି ଚାମ୍ପିୟନଶିପ୍ ଚାଲିଥିବାରୁ ଭାରତ ବର୍ତ୍ତମାନ ସେଠାରେ କୌଣସି ୱାର୍ମଅପ୍ ଗେମ୍ ଖେଳିପାରିବ ନାହିଁ। ପୁନଶ୍ଚ ଡବ୍ଲ୍ୟୁଟିସି ଏକ ଆଇସିସି ଇଭେଣ୍ଟ ହୋଇ ଥିବାରୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଆୟୋଜକ ଅଭ୍ୟାସ ମ୍ୟାଚ୍ ଆୟୋଜନ ପାଇଁ ବାଧ୍ୟତାମୂଳକ ନୁହେଁ।

୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପରେ ସେନେଗାଲକୁ ହରାଇବାପରେ ଉଲ୍ଲସିତ ଜାପାନ ଦଳର ଖେଳାଳି।

ବ୍ରାଜିଲକୁ ହରାଇଲା ଇଟାଲୀ

ବୁଏନ୍‌ସ ଏୟାର୍ସ,୨୨।୫(ପି.ଟି.)

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି ବଡ଼ ବିପର୍ଯ୍ୟୟ। ଦୁଇ ଟାଇଟଲ ଫେବରିଟ୍ ଦଳ ବ୍ରାଜିଲ ଓ ସେନେଗାଲ୍ ନିଜର ଓପ୍‌ନିଙ୍ଗ ଗେମ୍‌ରେ ପରାଜିତ ହୋଇଛନ୍ତି। ରବିବାର ଇଟାଲୀ, ଜାପାନ, ନାଇଜେରିଆ ଓ କଲମ୍ବିଆ ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଇଟାଲୀ ବ୍ରାଜିଲକୁ ୩-୨ରେ ହରାଇଥିବା ବେଳେ ଜାପାନ ୧-୦ ଗୋଲରେ ସେନେଗାଲକୁ ହରାଇଛି। ଅନ୍ୟ ଦୁଇ ମ୍ୟାଚ୍‌ରେ ନାଇଜେରିଆ ଓ କଲମ୍ବିଆ ଯଥାକ୍ରମେ ଡୋମିନିକାନ୍ ରିପବ୍ଲିକ୍ ଓ ଇସ୍ରାଏଲକୁ ୨-୧ଗୋଲ୍‌ରେ ପରାସ୍ତ କରିଛନ୍ତି।

ଗ୍ରୁପ୍ ଡି' ମ୍ୟାଚ୍‌ରେ ଇଟାଲୀ ଆରମ୍ଭରୁ ଅଗ୍ରଣୀ ହାସଲ କରିଥିଲା ୧୧ତମ ମିନିଟ୍‌ରେ ମାଙ୍ଗେଓ ପ୍ରାଜି ଇଟାଲୀ ପାଇଁ ପ୍ରଥମ ଗୋଲ ଦେଇଥିଲେ। ତେବେ ସିଜର କାସାଡେଇ(୨୭ ଓ ୩୫ ମିନିଟ) ଦୁଇଟି ଗୋଲ ସ୍କୋର କରିବା ସହିତ ପ୍ରଥମାର୍ଦ୍ଧରେ ଦଳକୁ ୩-୦ରେ ଆଗୁଆ କରିଥିଲେ। ବ୍ରାଜିଲ ପକ୍ଷରୁ ମାର୍କୋସ୍ ଲିଓନାର୍ଡୋ ଦୁଇଟି (୭୨ ଓ ୮୭ ମିନିଟ୍) ଗୋଲ ସ୍କୋର କରିଥିଲେ ହେଁ ଦଳକୁ ବିଜୟୀ କରିପାରି ନ ଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଜାପାନ ୧-୦ରେ ସେନେଗାଲକୁ ପରାସ୍ତ କରିଥିଲା। ଜାପାନ ପକ୍ଷରୁ ଷ୍ଟ୍ରାଇକର କୁରୁ୍ୟ ମାଟସୁକୀ ୧୫ତମ ମିନିଟରେ ଗୋଲ ସ୍କୋର କରିଥିଲେ। ନାଇଜେରିଆ ୨-୧ ଗୋଲରେ ଡୋମିନିକାନ୍ ଅଫ୍ ରିପବ୍ଲିକକୁ ପରାସ୍ତ କରିଥିଲା। ଏଡିସନ୍ ଆଜାକୋନା ୨୩ତମ ମିନିଟରେ ଡୋମିନିକାନ୍ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ତେବେ ୩୧ତମ ମିନିଟରେ ଗୁଲେର୍ମୋ ଡେ ପାନା ଓ ୭୦ତମ ମିନିଟରେ ସାମସନ୍ ଆଡେନିରାନ୍ ଲାଓ୍ୱାଲଙ୍କ ଗୋଲ ବଳରେ ନାଇଜେରିଆ ବିଜୟୀ ହୋଇଥିଲା। ଗ୍ରୁପ୍ ସି'ର ଏକ ମ୍ୟାଚ୍‌ରେ ଇସ୍ରାଏଲ୍ ବିପକ୍ଷରେ କଲମ୍ବିଆ ବିଜୟୀ ହୋଇଥିଲା।

୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍

ଇଟାଲୀ ଓ ବ୍ରାଜିଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

କଇଁଛଙ୍କ ସୁରକ୍ଷା ଦ୍ୱାରା ଜୈବ ବିବିଧତାର ବିକାଶ

ଅଲିଭ ରିଡ୍‌ଲେ

କଇଁଛଙ୍କୁ ସେମାନଙ୍କର ପ୍ରାକୃତିକ ପରିବେଶରେ ବଞ୍ଚିବା ଏବଂ ବଢ଼ିବାରେ ସହାୟତା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୨୩ରେ ବିଶ୍ୱ କଇଁଛ ଦିବସ ପାଳନ କରାଯାଏ। ଏହି ଦିନ କଇଁଛ ଏବଂ କଇଁଛ ବିଷୟରେ ଜ୍ଞାନ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି। କଇଁଛଙ୍କ ସୁରକ୍ଷା ଦ୍ୱାରା ହିଁ ଜୈବ ବିବିଧତାର ବିକାଶ ସମ୍ଭବ।

କଇଁଛମାନେ ଏକ ପ୍ରକାର ସରୀସୃପ, ଯାହା ସମଗ୍ର ବିଶ୍ୱରେ ଅନେକ ପରିବେଶରେ ବିଦ୍ୟମାନ। ସାରା ବିଶ୍ୱରେ ସାହିତ୍ୟ, କବିତା ଏବଂ ଦୃଷ୍ଟାନ୍ତରେ ସେମାନଙ୍କ ଉଦାହରଣ ଦିଆଯାଇଛି। ବିଶ୍ୱ କଇଁଛ ଦିବସ ଏହି ଶ୍ରେଷ୍ଠ ସରୀସୃପ ଏବଂ ବିଶ୍ୱରେ ସେମାନଙ୍କର ସ୍ଥାନ, ବିପଦପୂର୍ଣ୍ଣ କଇଁଛକୁ ସୁରକ୍ଷା ଦେବା ପାଇଁ ଲୋକଙ୍କୁ ପଦକ୍ଷେପ ନେବାକୁ ଉତ୍ସାହିତ କରେ। ଜୀବବିଜ୍ଞାନୀଙ୍କ ମତରେ ପ୍ରାୟ ୧୫୭ ନିୟୁତ ବର୍ଷ ତଳେ ସରୀସୃପ ପ୍ରଜାତିର ସୃଷ୍ଟି ହୋଇଥିଲା।

ପ୍ରଥମେ ଆମେରିକାନ ଟର୍ଟଏଜ୍ ରେସକ୍ୟୁ ସଂଗଠନ ୧୯୯୦ରେ ସ୍ଥାପନା ହୋଇଥିଲା। ବିଶ୍ୱ କଇଁଛ ଦିବସ ସ୍ୱୀକାର କରେ ଯେ କଇଁଛମାନେ ବିପଦପୂର୍ଣ୍ଣ ପରିବେଶ ତଥା ଅଣ୍ଡା ଶିକାର ଏବଂ ଅମଳ ସମସ୍ୟା ଯୋଗୁ ପ୍ରାୟ ବିଲୁପ୍ତ ହେବାକୁ ଯାଉଛନ୍ତି। ଆମେରିକୀୟ କଇଁଛ ଉଦ୍ଧାର କାର୍ଯ୍ୟ ସୁଜନ ଟେଲେମ ଏବଂ ମାର୍ଶଲ ଥମ୍ପସନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ସେମାନଙ୍କର କଇଁଛ ପ୍ରତି ଏକ ବିଶେଷ ଉତ୍ସାହ ଥିଲା। ସାରା ବିଶ୍ୱରେ ସମସ୍ତଙ୍କୁ ଏଥିରେ ସାମିଲ କରାଇବା ଉଦ୍ଦେଶ୍ୟରେ କଇଁଛ ଦିବସ ଆରମ୍ଭ କରିଥିଲେ ଏବଂ ଏହି ସମ୍ବେଦନଶୀଳ ଜୀବମାନଙ୍କର ସଂଖ୍ୟା ହ୍ରାସ ପାଇବା ବିଷୟରେ ସଚେତନତା ବୃଦ୍ଧି ପାଇଥିଲା।

ସମଗ୍ର ପୃଥିବୀରେ ସମୁଦାୟ ୩୦୦ ପ୍ରଜାତିର କଇଁଛ ଅଛନ୍ତି, ଯେଉଁଥିରୁ ୧୨୯ ପ୍ରଜାତି ମନୁଷ୍ୟର ବିଭିନ୍ନ କାର୍ଯ୍ୟ ଯୋଗୁଁ ବିପଦରେ ପଡ଼ିଛନ୍ତି। ସେମାନଙ୍କର ବିଭିନ୍ନ ଆକୃତି ଏବଂ ଆକାର ରହିଛି। ଛୋଟ କଇଁଛ ୪-ଇଞ୍ଚ ଛୋଟ ହୋଇପାରେ। କେତେକ କଇଁଛଙ୍କର ଓଜନ ୧୦୦୦ ପାଉଣ୍ଡରୁ ଅଧିକ ମଧ୍ୟ ହୋଇଥାଏ।

କଇଁଛମାନେ ସେମାନଙ୍କ ସରୀସୃପ ସମ୍ପର୍କୀୟଙ୍କ ଅପେକ୍ଷା ଅଧିକ ବର୍ଷ ବଞ୍ଚିପାରନ୍ତି। କେତେକ କଇଁଛ ୩୦୦ ବର୍ଷରୁ ଅଧିକ ବଞ୍ଚିଥାନ୍ତି। ଯଦିଓ ସେମାନଙ୍କର ହାରାହାରି ଆୟୁ ପ୍ରାୟ ୧୫୦ ବର୍ଷ ପର୍ଯ୍ୟନ୍ତ ହୋଇପାରେ।

ବର୍ତ୍ତମାନ ଏହି ପ୍ରାଣୀ ସଂକଟରେ ପଡିଛନ୍ତି। ଅଧିକାଂଶ ପ୍ରଜାତି ବିଲୁପ୍ତପ୍ରାୟ ହୋଇଗଲେଣି। ମାଛଧରା ଜାଲରେ ଛନ୍ଦିହୋଇ, ଟ୍ରଲର ବ୍ଲେଡରେ କଟି, ସମୁଦ୍ରରେ ଜମା ହେଉଥିବା ପ୍ଲାଷ୍ଟିକ ଖଣ୍ଡ ଖାଇ କଇଁଛଙ୍କର ଅସମୟରେ ମୃତ୍ୟୁ ଘଟୁଛି; ଯାହାକି ପରିବେଶ ପ୍ରତି ଶୁଭଙ୍କର ନୁହେଁ।

୨୦୦୦ ମସିହାରୁ ବିଶ୍ୱ କଇଁଛ ଦିବସକୁ ପ୍ରତିବର୍ଷ ମେ' ୨୩ରେ ପାଳନ କରାଯାଇଆସୁଅଛି। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ କଇଁଛମାନଙ୍କୁ ସଂରକ୍ଷଣ କରିବା ସହିତ ବିଶ୍ୱସ୍ତରରେ ସେମାନଙ୍କୁ ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ପ୍ରୟାସ ଜାରି ରହିଛି। ଫଳରେ ଆଇନ ପ୍ରଣୟନ ଦ୍ୱାରା ସେମାନଙ୍କ ପ୍ରାକୃତିକ ବାସସ୍ଥାନ ରକ୍ଷା କରିବାକୁ କିଛିଟା ସକ୍ଷମ ହେଲାଣି। ଅସୁସ୍ଥ, ଅବହେଳିତ ଏବଂ ପରିତ୍ୟକ୍ତ କଇଁଛମାନଙ୍କୁ ଉଦ୍ଧାର କରାଯାଇ ସୁରକ୍ଷା ପ୍ରଦାନ କରାଯାଉଛି।

୨୦୦୦ ମସିହାରୁ ବିଶ୍ୱ କଇଁଛ ଦିବସ ପ୍ରତିବର୍ଷ ମେ' ୨୩ରେ ପାଳନ କରାଯାଇଆସୁଛି। ଆମେରିକାନ୍ ଟର୍ଟଏଜ୍ ରେସକ୍ୟୁ ସଂଗଠନ ଦ୍ୱାରା କଇଁଛଙ୍କ ସୁରକ୍ଷା ଲାଗି ପ୍ରଥମେ ଏଭଳି ପ୍ରୟାସ କରାଯାଇଥିଲା। ସେମାନଙ୍କ ସ୍ଥାୟିତ୍ୱ ବଜାୟ ରଖିବା ସକାଶେ ମାନବୀୟ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି। ଜୈବବିବିଧତା ରକ୍ଷା କ୍ଷେତ୍ରରେ କଇଁଛମାନଙ୍କର ଯଥେଷ୍ଟ ଅବଦାନ ଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ପ୍ରାଣୀର ନିରାପତ୍ତା ପ୍ରତି ବିପଦ ଦେଖାଦେଉଥିବାରୁ ସଚେତନତା ସୃଷ୍ଟି ଲାଗି ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

ରେଡ୍ ଇୟରଡ ସ୍ଲାଇଡର

ବିଭିନ୍ନ କଇଁଛ ପ୍ରଜାତି

ଆଲିଗେଟର ସ୍ନାପିଙ୍ଗ


ହକ୍ସବିଲ୍

ଲେଦରବ୍ୟାକ୍

ମିଶିସିପି ମ୍ୟାପ୍

ରାଜ୍ୟ ଖବର

୧୧୯ କଇଁଛ ଜବତ, ଜଣେ ଗିରଫ

ଉମରକୋଟ, ୨୨।୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବନ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। କଳାହାଣ୍ଡି ଜିଲାରୁ ନବରଙ୍ଗପୁର ଜିଲାର ରାଇଘରସ୍ଥିତ କୁମୁଲି ଗ୍ରାମକୁ ପ୍ରାୟ ୧୧୯ଟି କଇଁଛ ଚୋରା ଚାଲାଣ ହେଉଥିବା ସମୟରେ ଉମରକୋଟ ବନ ବିଭାଗ ଏହାକୁ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ରାଜେଶ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ବନ ବିଭାଗ। ବ୍ୟକ୍ତି ଜଣକ କଳାହାଣ୍ଡିରୁ ଏକ ବାଇକରେ ଏହି କଇଁଛ ସବୁକୁ ରାଇଘରର କୁମୁଲି ଗ୍ରାମକୁ ଚାଲାଣ କରୁଥିଲେ। ଏହି ସମୟରେ ଉମରକୋଟ ବନ ବିଭାଗର କର୍ମଚାରୀ ନୂଆଗୁଡ଼ା ଛକରେ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରିଥିଲେ। କଇଁଛଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ଉମରକୋଟ ବନାଞ୍ଚଳ ଅଧିକାରୀ ଅନୁପ ସିଂ ପୁଝାରୀ କହିଛନ୍ତି। ଏହି ଚଢ଼ାଉ ସମୟରେ ରେଞ୍ଜରଙ୍କ ବ୍ୟତୀତ ଖରକା ବନପାଳ ହରିହର ବ୍ରହ୍ମା, ବନ୍ୟପ୍ରାଣୀ ଉଦ୍ଧାରକାରୀ ମୁଖ୍ୟ ଏ.ମନୋଜ, ବେହେଡା ବନରକ୍ଷୀ ଭଗବାନ ଭତ୍ରା, କୁର୍ସୀ ବନରଖୀ ଆଶୁତୋଷ ପାଢ଼ୀ ଓ ପ୍ରାୟ ୫ ଜଣ ସ୍କାଉଡ୍ ସଭ୍ୟ ଉପସ୍ଥିତ ଥିଲେ। କଇଁଛ ମାଂସ ଖାଇବା ପାଇଁ ଏହି ଚାଲାଣ ହେଉଥିବା ସନ୍ଦେହ କରାଯାଉଛି।

ଜବତ କଇଁଛ ସହ ଗିରଫ ଅଭିଯୁକ୍ତ।

କାର୍ଯ୍ୟରେ ଢିଲା ହେଲେ ଦରମା ବନ୍ଦ

ବାରିପଦା ଅଫିସ, ୨୨।୫

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଠିକ୍ ଭାବେ କାର୍ଯ୍ୟ ନ କଲେ କାରଣ ଦର୍ଶାଅ ନୋଟିସ୍ ସହ ଦରମା ବନ୍ଦ କରାଯିବ। ଏ ନେଇ ସୋମବାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ କଡ଼ା ନିର୍ଦ୍ଦେଶ ଜାରିକରିଛନ୍ତି।

ପ୍ରକାଶ ଯେ, ଅଭୟାରଣ୍ୟରେ ହାତୀ, ବାଘ ଭଳି ବନ୍ୟପ୍ରାଣୀଙ୍କ ଅବାଧ ଶିକାର ହେଉଛି। ଏଥିସହିତ ମୂଲ୍ୟବାନ ଗଛକୁ କାଟି ଚୋରାଚାଲାଣ କରାଯାଉଛି। ଏହାକୁ ରୋକିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସହ ବଡ଼ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ବନ ବିଭାଗ କର୍ମଚାରୀ ଜଙ୍ଗଲ ମଧ୍ୟରେ ୧୫ କି.ମି. ଚାଲି ଚାଲି ପାଟ୍ରୋଲିଂ କରୁଥିଲେ। କିଛି କର୍ମଚାରୀ ପାଟ୍ରୋଲିଂ ନ କରି ଅଫିସରେ ଦିନ କାଟୁଥିଲେ। ନୂତନ ନିର୍ଦ୍ଦେଶ ଅନୁଯାୟୀ, ଫରେଷ୍ଟ ଗାର୍ଡ଼ମାନେ ମାସକୁ ୧୦୦ରୁ ୧୨୦ କି.ମି. ଚାଲି ଚାଲି ପାଟ୍ରୋଲିଂ କରିବେ। ସେହିପରି ଫରେଷ୍ଟରମାନେ ୭୦ କି.ମି., ରେଞ୍ଜ ଅଫିସର ୫୦ କି.ମି., ଏସିଏଫମାନେ ୩୦ କି.ମି. ଚାଲି ଚାଲି ପାଟ୍ରୋଲିଂ କରିବାକୁ ନିୟମ କରାଯାଇଛି। ଯଦି କେହି ଏଥିରେ ଖିଲାପ କରନ୍ତି, ତେବେ ପ୍ରଥମ ମାସରେ କାରଣ ଦର୍ଶାଅ ନୋଟିସ୍ କରାଯିବ। ସେହିପରି ଦ୍ୱିତୀୟ ମାସରେ ସମାନ ଭୁଲ୍ କଲେ ଦରମା ବନ୍ଦ କରାଯିବା ଲାଗି କଡାକଡି ନିର୍ଦ୍ଦେଶ ରହିଛି। କିଏ ଚାଲି ଚାଲି ପାଟ୍ରୋଲିଂ କରୁଛନ୍ତି କି ନାହିଁ ତାହା ଜାଣିବା ପାଇଁ ଏକ ସ୍ୱତନ୍ତ୍ର ଆପ୍ ବ୍ୟବହାର କରାଯାଇଛି। ଯେଉଁଥିରେ ଚାଲି ଚାଲି ଯିବା, ଗାଡ଼ିରେ ଯିବା ସବୁ ଜଣାପଡ଼ିବ। ଏସବୁକୁ ଏସିଏଫ୍‌ମାନେ ତଦାରଖ କରୁଛନ୍ତି। ଚାଲି ଚାଲି ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀଙ୍କ ପାଇଁ ଦୁଇଟି ଭିନ୍ନ ଭିନ୍ନ ଆପ୍ ରହିଛି। ଗୋଟିଏ ଶିମିଳିପାଳ ବନ ବିଭାଗ କର୍ମଚାରୀ ବ୍ୟବହାର କରୁଥିବା ବେଳେ ଅନ୍ୟଟି ବିଭିନ୍ନ ବନଖଣ୍ଡର ବନ ବିଭାଗ କର୍ମଚାରୀ ବ୍ୟବହାର କରୁଛନ୍ତି।

ଶିମିଳିପାଳରେ ପାଟ୍ରୋଲିଂ କଡ଼ାକଡ଼ି

- ଫରେଷ୍ଟ ଗାର୍ଡ ଚାଲିବେ ୧୨୦ କି.ମି.
- କର୍ମଚାରୀଙ୍କୁ ଜଗିବ ସ୍ୱତନ୍ତ୍ର ଆପ୍

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 9637208016, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ ଲୋନ୍
Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Classified Everyday
0674-2580101, 2549949

REAL ESTATE
SALE

Gharabari plots with boundary wall at Balianta ready to construction for sale. Contact: 9438620034. D-0414

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354. D-74686

4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact- 9438362399. D-0410

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର- 1200sqft. 3,00,000/-, ନଖରା-300/- 6371569855. D-74863

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

Residential plot for sale just 3.5km from KIIT Square, Bhubaneswar, immediate registration/ possession. 8917362239. D-74859

Duplex sale at Bhubaneswar @ 55 lakhs only. Contact: 9777433701. D-74864

Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Full body massage in homely atmosphere in all therapy. Mob: 8114881641. D-73431

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Full Body Massage by Experience Therapist @999 Only- 9078484455. (Bhubaneswar). D-0339

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA special offer @799, Master Canteen. 9124527173. D-75107

Asriba da Panchakarma herbal SPA Kesharimall, Bhubaneswar. Contact: 8926173473. D-74685

AFFIDAVIT

I, Sarika Jena, W/o-Banesh Kumar Jena, resident of Block G, Flat No.-301, Utkal Vatika, Jharapada, Laxmisagar, Bhubaneswar-751006, Dist.-Khordha, Odisha declare by this affidavit No.-631 dated 22.05.2023 that now onwards I shall be known as Sarika Jena for all future purposes. D-63234

I Babula Rath, S/o. Purusottam Rath, At-Karadamada, PO-Kalikaprasad, Via-Bhapur, PS-Sadar, Dist-Dhenkanal sworn by affidavit before Executive Magistrate, Dhenkanal, my name has changed from Kuma Rath to Babula Rath. Heneceforth I shall be known as Babula Rath for all purposes. D-74069

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ସୁମତୀ ପେଡ଼ା
ମାର୍କୋଣା, ବାଲେଶ୍ୱର
ଆବିର୍ଭାବ: ୨୦।୦୩।୧୯୪୭
ତିରୋଧାନ: ୧୩।୦୫।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ସ୍ୱାମୀ: କୈଳାସ ଚନ୍ଦ୍ର ପେଡ଼ା, ପୁତ୍ର, ପୁତ୍ର-ବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୦୪୦୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ବେଙ୍ଗଲତା ମହାନ୍ତି
ଜଗନ୍ନାଥପଡ଼ା, କୋଣାର୍କ, ପୁରୀ
ଆବିର୍ଭାବ : ୧୯୩୪
ତିରୋଧାନ : ୦୩.୦୬.୨୦୨୨
ତୁମ ଚାଲିଯିବାର ଏକ ବର୍ଷ ବିତିଗଲା ସତ; ମାତୃ ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ସରଳତା ଆମପାଇଁ ଚିରସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି, ମୁକ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ପୁତ୍ର-ପୁତ୍ରବଧୂ : ପୂର୍ଣ୍ଣଚନ୍ଦ୍ର-ଉର୍ମିଳା, ଗୁଣନିଧି-ନମିତା, ଗଙ୍ଗାଧର-ଶୁଭ୍ରାନ୍ତି, ସାରଙ୍ଗ-ମାମି, ମନୋଜ-ବିଷ୍ଣୁପ୍ରିୟା, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୦୪୧୧

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ହିଲ୍ସ କିଣିବା ପୂର୍ବରୁ...

ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ମହିଳାମାନେ ନିଜ ଆଉଟ୍‌ଫିଟ୍‌ରେ ହିଲ୍ସକୁ ବାଛିଥାନ୍ତି। ହେଲେ ଠିକ୍‌ଭାବେ ହିଲ୍ସ ପିନ୍ଧି ନ ପାରିଲେ ସୌନ୍ଦର୍ଯ୍ୟ ବୃଦ୍ଧି ହେବା ବଦଳରେ ବିପରୀତ ପ୍ରଭାବ ପଡ଼ିବା ତେଣୁ ହିଲ୍ସ ପିନ୍ଧିବାପୂର୍ବରୁ ଜାଣିରଖନ୍ତୁ।

➤ ହିଲ୍ସ କିଣିବା ସମୟରେ ନିଜ ପାଦର ସାଇଜ୍ ପୂରା ଠିକ୍ ହେଉଛି କି ନାହିଁ ଭଲଭାବେ ପରୀକ୍ଷା କରନ୍ତୁ। ନଚେତ୍ ହିଲ୍ସ ଟିକେ ବଡ଼ ଥିଲେ ବି ପିନ୍ଧିବାରେ ଅସୁବିଧା ହେବ। ବାରମ୍ବାର ଗୋଡ଼ ମୋଡ଼ି ହୋଇଯିବ କିମ୍ବା ଚାଲିପାରିବେ ନାହିଁ। ତେଣୁ ନିଜ ପାଦ ଅନୁସାରେ ଠିକ୍ ମାପର ହାଇ ହିଲ୍ସ କିଣନ୍ତୁ।

➤ ହିଲ୍ସ ପିନ୍ଧି କୌଣସି ସ୍ଥାନକୁ ଯିବା ପୂର୍ବରୁ ଥରେ ପିନ୍ଧି ଅଭ୍ୟାସ କରନ୍ତୁ। ହିଲ୍ସ ପିନ୍ଧି କିଛି ସମୟ ବ୍ୟବହାର କରିବା ପରେ ଆପଣ ସେଥିରେ ସହଜ ଅନୁଭବ କରୁପାରିବେ କି ନାହିଁ ଜାଣିପାରିବେ। ହିଲ୍ସ ପିନ୍ଧିବାରେ ଯଦି ପାଦରେ ଦରଜ ହେଉଥାଏ ତେବେ କୌଣସି କ୍ରିମ୍ ଲଗାଇ ଦିଅନ୍ତୁ।

➤ ଯଦି ପ୍ରଥମ ଥର ପାଇଁ ହିଲ୍ସ ପିନ୍ଧିବାକୁ ଯାଉଥାନ୍ତି ତେବେ ବ୍ଲାକ୍ କଲରର ହିଲ୍ସ କିଣନ୍ତୁ। ଏହି ରଙ୍ଗର ହିଲ୍ସ ପ୍ରାୟତଃ ଆରାମଦାୟକ ହୋଇଥାଏ। ଆଉ ପ୍ରଥମ ଥର ପାଇଁ ହିଲ୍ସ ପିନ୍ଧୁଥିଲେ ଆଦୌ ପେନ୍‌ସିଲ୍ ହିଲ୍ସ ପିନ୍ଧନ୍ତୁ ନାହିଁ।

➤ ହିଲ୍ସ ପିନ୍ଧିବା ଆରମ୍ଭ କରିବାବେଳେ ପ୍ରଥମେ ଛୋଟ ଉଚ୍ଚା ଥିବା ହିଲ୍ସ ପିନ୍ଧନ୍ତୁ। ଧୀରେ ଧୀରେ ଅଭ୍ୟାସ ହେବା ପରେ ହିଁ ଅଧିକ ହିଲ୍ସ କିମ୍ବା ପେନ୍‌ସିଲ୍ ହିଲ୍ସ ପିନ୍ଧନ୍ତୁ।

ଫ୍ରିଜ୍‌ରେ ଏମିତି ରଖନ୍ତୁ

ଠିକ୍ ଭାବରେ ଜିନିଷ ସାଇତି ରଖିଲେ ଫ୍ରିଜ୍ ଶୀଘ୍ର ଅପରିଷ୍କାର ହେବ ନାହିଁ। ତେଣୁ କେଉଁ ଜିନିଷ କେଉଁଠି ରଖିବେ ସେସମ୍ପର୍କରେ ଜାଣିରଖନ୍ତୁ।

– ପ୍ରତିଦିନ ବ୍ୟବହାର କରୁଥିବା ଜିନିଷକୁ ଫ୍ରିଜ୍‌ର ଉପର ଥାକରେ ରଖନ୍ତୁ। ବଳକା ଖାଦ୍ୟକୁ ବି ଫ୍ରିଜ୍‌ର ଉପର ଥାକରେ ରଖନ୍ତୁ। ଫଳରେ ରଖିଥିବା ଜିନିଷ ଭୁଲିବେ ନାହିଁ ଏବଂ ଖାଦ୍ୟ ନଷ୍ଟ ହେବନାହିଁ।

– ଜିନିଷର ପ୍ରକାର ଦେଖି ସେହି ଅନୁସାରେ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଅର୍ଥାତ୍ ସବୁ ପ୍ରକାର ଚକୋଲେଟ୍‌କୁ ଗୋଟିଏ ସ୍ଥାନରେ ରଖନ୍ତୁ। ସେହିପରି ଫଳ କିମ୍ବା ପରିବାକୁ ବି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଏପରି କରିବା ଫଳରେ ଆପଣଙ୍କର ସମୟ ବଞ୍ଚିବା ସହିତ ଅଧିକ ଜିନିଷ ରଖିପାରିବେ।

– ଫ୍ରିଜ୍‌ରେ କେଉଁଠି ବୋତଲ ରଖିବେ, କେଉଁଠି ଟିଫିନ୍ ରଖିବେ ସେନେଇ ଠିକ୍ ଭାବେ ଚିନ୍ତାକରି ରଖନ୍ତୁ। ନଚେତ୍ ବେଳେବେଳେ ଫ୍ରିଜ୍ ଖୋଲିବା ମାତ୍ରେ ଅନେକ ଜିନିଷ ପଡ଼ି ନଷ୍ଟ ହୋଇଯାଏ।

– ଫ୍ରିଜ୍‌ରେ ଆପଣ ବଜାରରୁ ଅନ୍ୟ ଥାକ ଆଣି ଭିତରେ ଜିନିଷ ରଖିପାରିବେ। ଫ୍ରିଜ୍ ଭିତରେ ଛୋଟ ଛୋଟ ଢାଙ୍କୁଣୀ ଥିବା ବକ୍ସ ଭିତରେ ବିଭିନ୍ନ ପ୍ରକାର ଜିନିଷ ଆରାମରେ ରଖିପାରିବେ। ଏପରି କରିବା ଫଳରେ ଅଧିକ ସ୍ଥାନ ମିଳିପାରିବ।

– ଫ୍ରିଜ୍‌କୁ ଅଳ୍ପ ମଇଳା ହେବା ମାତ୍ରେ ସଫା କରିଦିଅନ୍ତୁ। ଟିସୁ ପେପର ସାହାଯ୍ୟରେ ଫ୍ରିଜର ଟ୍ରେ କିମ୍ବା ଅନ୍ୟ ଥାକ ସବୁ ପୋଛି ଦିଅନ୍ତୁ। ଫ୍ରିଜ୍‌ରେ କୌଣସି ପ୍ରକାର ଫଳ କିମ୍ବା ପରିବା ପଚିଯାଇଥିଲେ ତୁରନ୍ତ ସଫାକରି ଦିଅନ୍ତୁ। ଫ୍ରିଜ୍‌କୁ ଗନ୍ଧହେବାକୁ ଦିଅନ୍ତୁ ନାହିଁ।

ସ୍ୱପ୍ନ ପାଇଁ...

ଆଗ କ୍ୟାରିୟର ତା'ପରେ ବାହାଘର। ଏମିତି ଏକ ଲକ୍ଷ୍ୟ ନେଇ ନିଜକୁ ପ୍ରସ୍ତୁତ କରୁଛନ୍ତି ଆଜିର ଉଚ୍ଚଶିକ୍ଷିତା ଯୁବତୀ। କିନ୍ତୁ ବେଳେବେଳେ ଚାକିରି କରିବା ପୂର୍ବରୁ ବିବାହ ହୋଇଯାଉଛି। ସେମିତି କ୍ଷେତ୍ରରେ ଏବେ ଦେଖିବାକୁ ମିଳୁଛି ଶାଶୁଘର ଲୋକ ବି ଝିଅଟିର ସ୍ୱପ୍ନ ପୂରା କରିବାକୁ ସହଯୋଗର ହାତ ବଢ଼ାଉଛନ୍ତି।

ଭଲ କ୍ୟାରିୟର ଗଢ଼ି ଭବିଷ୍ୟତ ସଜାଡ଼ିବାକୁ ସବୁ ଆଧୁନିକ ମହିଳା ଇଚ୍ଛା କରିଥାନ୍ତି। ଏମିତିକି କ୍ୟାରିୟରକୁ ସଜାଡ଼ିବା ପାଇଁ କେତେକେ ବିବାହକୁ ବନ୍ଧନ ଭାବି ଏଡ଼ାଇ ଯାଆନ୍ତି। ହେଲେ ଏମିତି ବି ଅନେକ ଅଛନ୍ତି ଯେଉଁମାନେ ବିବାହ ପରେ ହିଁ କ୍ୟାରିୟର ଗଢି ନିଜ ସ୍ୱପ୍ନ ପୂରା କରିପାରିଛନ୍ତି।

କ୍ୟାରିୟର ପ୍ରାଥମିକତା: ଆଜିକାଲିର ଉଚ୍ଚଶିକ୍ଷିତା ଝିଅମାନେ ପ୍ରଥମେ ଚାକିରି କରି ନିଜ ଗୋଡ଼ରେ ନିଜେ ଛିଡ଼ା ହେବା ପାଇଁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଚାକିରି ଲକ୍ଷ୍ୟରେ ହିଁ ବିଭିନ୍ନ ପ୍ରକାର ପାଠ ପଢୁଛନ୍ତି। ବିବାହ ହେଉ କି ନ ହେଉ କିନ୍ତୁ କ୍ୟାରିୟର କରି ଚାକିରି କରିବା ସବୁ ଝିଅଙ୍କ ପ୍ରାଥମିକତା ହେଉଛି। ଅବଶ୍ୟ କେତେଜଣ ବିଭିନ୍ନ କାରଣରୁ ବିବାହ ପୂର୍ବରୁ ଚାକିରି କରି ପାରି ନ ଥାନ୍ତି, କିନ୍ତୁ ଚାକିରି କରିବା ନିମନ୍ତେ ନିଜକୁ ଯୋଗ୍ୟ କରିଥାନ୍ତି। ତେଣୁ ବିବାହ ପରେ ଶାଶୁଘରେ ସମସ୍ତଙ୍କ ଅନୁମତି ନେଇ ସେମାନେ ନିଜ କ୍ୟାରିୟର ବାଛି ସ୍ୱପ୍ନ ପୂରା କରିଥାନ୍ତି।

ସମ୍ମାନରେ ଆଞ୍ଚ ନ ଆସୁ: ବେଳେବେଳେ ଝିଅକୁ ପାଠ ପଢ଼ାଇ ସମ୍ପୂର୍ଣ୍ଣ ଯୋଗ୍ୟ କରିବାକୁ ସବୁ ପ୍ରକାର ସହଯୋଗ କରିଥାନ୍ତି ପରିବାର ଲୋକେ। କିନ୍ତୁ ଚାକିରି କରିବା ସମୟ ଆସିଲେ ସେମାନେ ପ୍ରତିବନ୍ଧକ ସାଜିଥାନ୍ତି। ଝିଅମାନେ ଚାକିରିକରି ରୋଜଗାର କରିବାକୁ ଅନେକେ ନିଜ ସମ୍ମାନରେ ଆଞ୍ଚ ଆସିବା ଭଳି ମନେକରିଥାନ୍ତି। ଏହି କାରଣରୁ ବି ବିବାହ ପୂର୍ବରୁ କେତେଜଣ ଯୁବତୀ ଚାକିରି କରିବାର ସୁଯୋଗ ପାଇ ନ ଥାନ୍ତି। ଆଉ ଯଦି ବିବାହ ପରେ ସେମାନଙ୍କୁ ଶାଶୁଘରେ କ୍ୟାରିୟର ଗଢ଼ିବାର ଅନୁମତି ମିଳେ ତା'ହେଲେ ସେମାନେ ନିଜର ଏକ ପରିଚୟ ସୃଷ୍ଟି କରିବାର ସୁଯୋଗ ପାଇଥାନ୍ତି।

ସବୁବେଳେ ସମ୍ମତି ମିଳେନି: ଝିଅମାନେ ଏବେ ସବୁକ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇ ପାରୁଛନ୍ତି। କେତେଜଣ ଏମିତି କିଛି କ୍ୟାରିୟର ବାଛୁଛନ୍ତି ଯେଉଁଥିପାଇଁ ସେମାନଙ୍କୁ ଘର ଛାଡ଼ି ଦୂରକୁ ଯିବାକୁ ପଡୁଛି। ତେଣୁ ଅନେକ ସମୟରେ ପରିବାର ଲୋକେ ଝିଅମାନଙ୍କୁ ଘରଠାରୁ ଦୂରକୁ ଛାଡ଼ିବା ପାଇଁ ରାଜି ହୁଅନ୍ତି ନାହିଁ। ସେହି କାରଣରୁ କେତେଜଣ ଯୁବତୀ ବିବାହ ପୂର୍ବରୁ ଚାକିରି ବି କରିପାରି ନ ଥାନ୍ତି। ତେଣୁ ବିବାହ ପରେ ଜୀବନସାଥୀଙ୍କ ସହଯୋଗ ମିଳିଲେ ସେମାନେ ଚାକିରି କରି ନିଜ ସାମର୍ଥ୍ୟ ପ୍ରତିପାଦନ କରିପାରିଥାନ୍ତି।

ଦ୍ୱନ୍ଦ୍ୱରେ: ବିବାହ ପରେ ଝିଅ ଶାଶୁଘର କେଉଁଠି ହେବ ସେକଥା ଅନେକଙ୍କୁ ଜଣା ନ ଥାଏ। ତେଣୁ ବିବାହ ପରେ ଶାଶୁଘର ଲୋକଙ୍କ ସହ ରହିବାକୁ ହେଲେ ଅନେକ ସମୟରେ ଝିଅମାନଙ୍କୁ ହିଁ ଚାକିରି ଛାଡ଼ିବାକୁ ପଡ଼ିଥାଏ। କିନ୍ତୁ ବେଳେବେଳେ ଭଲ ଚାକିରି ଛାଡ଼ି ହୁଏନାହିଁ କି ଭଲ ବିବାହ ପ୍ରସ୍ତାବକୁ ବି ଛାଡିହୁଏ ନାହିଁ। ତେଣୁ ଏଭଳି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ କେତେକ ପରିବାରରେ ଝିଅମାନଙ୍କୁ ବିବାହ ପୂର୍ବରୁ ଚାକିରି କରିବା ପାଇଁ ପ୍ରାୟତଃ ମନା କରିଥାନ୍ତି। ବରଂ ଶାଶୁଘର କେଉଁଠି ଜଣାପଡ଼ିବା ପରେ ସେମାନେ ନିଜ କ୍ୟାରିୟର ସେହି ଅନୁସାରେ ଗଢ଼ିବେ ବୋଲି ସମସ୍ତେ ଚିନ୍ତା କରିଥାନ୍ତି। ଏହି ଦୃଷ୍ଟିରୁ ବିବାହ ପରେ ହିଁ ସେହି ମହିଳା କ୍ୟାରିୟର ଲାଗି ଶାଶୁଘର ଲୋକଙ୍କ ଅନୁମତିକୁ ଅପେକ୍ଷା କରନ୍ତି।

ଏମାନେ କ'ଣ କରନ୍ତି

କ୍ୟାରିୟର ଗଢ଼ିପାରିଛି

ଚାକିରି କରିବା ଉଦ୍ଦେଶ୍ୟରେ ମତେ ଘରେ ପାଠ ପଢ଼ିବା ପାଇଁ ସବୁ ପ୍ରକାର ସୁଯୋଗ ଦେଇଥିଲେ। ଗ୍ରାଜୁଏଶନ ପରେ ମୁଁ କମ୍ପ୍ୟୁଟର କୋର୍ସ କରି ଚାକିରି କରିବା ପାଇଁ ବିଭିନ୍ନ ସ୍ଥାନରୁ ଅଫର ବି ପାଇଥିଲି। କିନ୍ତୁ ଶାଶୁଘର ଲୋକେ ଅନୁମତି ଦେଲେ ଚାକିରି କରିବୁ କହି ବିବାହ ଆଗରୁ ଆମ ଘରେ ଚାକିରି କରିବାକୁ ଦେଇ ନ ଥିଲେ। ଅବଶ୍ୟ ମୋର ଭାଗ୍ୟ ବହୁତ ଭଲ ଯେ ଶାଶୁଘରେ ମତେ ଚାକିରି କରିବାକୁ କେହି ବି ବାରଣ କରିନାହାନ୍ତି। ସ୍ୱାମୀ ତଥା ଶାଶୁଶ୍ୱଶୁରଙ୍କ ସମର୍ଥନରେ ମୁଁ ଏବେ ମୋ କ୍ୟାରିୟର ଗଢ଼ିବାର ସ୍ୱପ୍ନ ପୂରଣ କରିପାରିଛି। ତା'ଛଡ଼ା ଏବେ ମୁଁ ଭଲ ରୋଜଗାର କରି ନିଜ ଆତ୍ମବିଶ୍ୱାସ ବଢ଼ାଇ ପାରିଛି।

– ରଶ୍ମିରେଖା ପ୍ରକାଶ
କର୍ମଜୀବୀ, ଶ୍ରୀସାଇ ବିହାର, ଜଗନ୍ନାଥନଗର, ଭୁବନେଶ୍ୱର

ଘରେ ମନା କରିଥିଲେ

ଶିକ୍ଷୟିତ୍ରୀଟିଏ ହେବା ଲକ୍ଷ୍ୟରେ ଆରମ୍ଭରୁ ମୁଁ ନିଜକୁ ପ୍ରସ୍ତୁତ କରୁଥିଲି। ଏହା ଭିତରେ କିଛି ପ୍ରାଇଭେଟ୍ କମ୍ପାନୀରେ ମତେ କାମ କରିବା ପାଇଁ ସୁଯୋଗ ବି ମିଳିଥିଲା। କିନ୍ତୁ ଶାଶୁଘର କେଉଁଠି ହେବ ଭାବି ଘରଲୋକେ ମତେ ଚାକିରି କରିବା ପାଇଁ ଦେଇ ନ ଥିଲେ। ସେମାନଙ୍କ କଥାରେ ଚାକିରି କରିବା ପୂର୍ବରୁ ମତେ ପ୍ରଥମେ ବିବାହ କରିବାକୁ ପଡ଼ିଲା। କିନ୍ତୁ ବିବାହ ପରେ ବି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉଦ୍ୟମ ଜାରି ରଖିଥିଲି। ଏହି କାରଣରୁ ମତେ ଶାଶୁଘରେ ସମସ୍ତେ ସହଯୋଗ କରିବା ପାଇଁ ଆଗେଇ ଆସିଲେ। ଆଉ ଚାକିରି କରିବା ପାଇଁ ମୋ ସ୍ୱାମୀ ମଧ୍ୟ ଯଥାସାଧ୍ୟ ସାହାଯ୍ୟ କରିଛନ୍ତି। ସେମାନଙ୍କ ଇଚ୍ଛା ଓ ସହଯୋଗ ଫଳରେ ଶେଷରେ ମତେ ପ୍ରାଇମେରି ସ୍କୁଲରେ ଶିକ୍ଷୟିତ୍ରୀଭାବେ ନିଯୁକ୍ତି ମିଳିଛି। ଏଇ କ୍ୟାରିୟରକୁ ନେଇ ଏବେ ମୁଁ ଯେତିକି ଖୁସି ତା'ଠାରୁ ବେଶି ଖୁସି ମୋ ପରିବାର ଲୋକେ।

– ସୁଭଦ୍ରା ଦାସ
ଶିକ୍ଷୟିତ୍ରୀ, ପୋଲସରା, ଗଞ୍ଜାମ

ସୌନ୍ଦର୍ଯ୍ୟ

ଖରାଦିନେ ତ୍ୱଚାର ଯତ୍ନ

ଖରାଦିନେ ତ୍ୱଚାରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେଇଥାଏ। ତେବେ ତ୍ୱଚାର ସମସ୍ୟା ଦୂରକରିବା ପାଇଁ ଠିକ୍ ସମୟରେ ତା'ର ଉପଚାର କରିବାକୁ ଭୁଲନ୍ତୁ ନାହିଁ।

■ ଖରାଦିନେ ମୁହଁର ତ୍ୱଚାକୁ ଧୂଳି ଏବଂ ଝାଳହେବାରୁ ଦୂରେଇ ରଖନ୍ତୁ। ଝାଳ ସହ ଅତ୍ୟଧିକ ଧୂଳି ରହିଲେ ଖୁବ୍‌ଶୀଘ୍ର ମୁହଁରେ ବ୍ରଣ ହୋଇଥାଏ। ତେଣୁ ଦିନକୁ ଅତି କମ୍‌ରେ ୩/୪ ଥର ମୁହଁ ଧୁଅନ୍ତୁ। କିନ୍ତୁ ସବୁଥର ଫେସ୍ ୱାଶ୍ ଲଗାନ୍ତୁ ନାହିଁ। ମୁହଁ ସଫା କରିବା ପାଇଁ ମୁଲତାନୀ ମାଟି, ଚନ୍ଦନ କିମ୍ବା ରୋଜ୍ ୱାଟର ବ୍ୟବହାର କରନ୍ତୁ।

■ ଖରାଦିନେ ଶୀତଦିନର କ୍ରିମ୍ ଲଗାନ୍ତୁ ନାହିଁ। ଲାଇଟ୍ ଲୋସନ କିମ୍ବା ସେରମ ଲଗାନ୍ତୁ। ୱାଟର ଏବଂ ଜେଲ୍ ଥିବା ମଶ୍ଚରାଇଜର ଲଗାନ୍ତୁ। ଅତ୍ୟଧିକ ତୈଳୀୟ ତ୍ୱଚା ନିମନ୍ତେ ମିନେରାଲ ଫେସିଆଲ ସ୍ପ୍ରେ ବ୍ୟବହାର କରନ୍ତୁ। ସ୍ନାନ କରୁଥିବା ପାଣିରେ ଗ୍ଲିସେରିନ୍ ଏବଂ ରୋଜ ୱାଟର ପକାନ୍ତୁ।

■ ଖରାଦିନେ ବି ତ୍ୱଚା ଶୁଷ୍କ ହୋଇଥାଏ। ତେଣୁ ଶୋଇବା ପୂର୍ବରୁ ସଫାକରି ତ୍ୱଚାରେ ମଶ୍ଚରାଇଜର ଲଗାନ୍ତୁ। ଅତ୍ୟଧିକ ଝାଳ ବାହାରୁଥିଲେ ଟୋନର ଲଗାନ୍ତୁ।

■ ଟାଣଖରାରେ ବାହାରକୁ ବାହାରୁଥିଲେ ସନ୍ ଗ୍ଲାସ୍ ଏବଂ ଲିପ୍ ବାମ୍ ନିଶ୍ଚୟ ଲଗାନ୍ତୁ। ଏହା ସହିତ ସନ୍‌ସ୍କ୍ରିନ୍ ଲୋଶନ ମଧ୍ୟ ଲଗାନ୍ତୁ।

■ ଖରାଦିନେ ଦୁଇଥର ସ୍ନାନକଲେ ତ୍ୱଚା ଫ୍ରେଶ୍ ରହିଥାଏ। ଯଦି ଘିମିରି ହେଉଥାଏ ତେବେ ପାଣିରେ ନିମ୍ବପତ୍ର ପକାଇ ସ୍ନାନ କରନ୍ତୁ।

■ ଭିଟାମିନ୍ ସି ଥିବା କ୍ରିମ୍ ବ୍ୟବହାର କରନ୍ତୁ। ହାତ ଏବଂ ପାଦକୁ କିଛି ସମୟ ଲୁଣ ପାଣିରେ ଭିଜାଇଲେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ।

ଖାଦ୍ୟରୁଚି

ଚୁଡ଼ା ଉତ୍ତପମ୍

ଆବଶ୍ୟକ ସାମଗ୍ରୀ
ଚୁଡ଼ା– ଅଧା କପ୍
ସୁଜି– ଅଧା କପ୍
ଦହି– ଅଧା କପ୍
ଆବଶ୍ୟକ ଅନୁସାରେ ଲୁଣ, ପାଣି ଓ ତେଲ

ଷ୍ଟଫିଂ ନିମନ୍ତେ–
ପିଆଜ– ଅଧାକପ୍ ଛୋଟ କଟାହୋଇଥିବା
ବିନ୍ସ, ଗାଜର ଓ କ୍ୟାପ୍ସିକମ୍– ଛୋଟ ଛୋଟ କଟା

ପ୍ରଣାଳୀ– ପ୍ରଥମେ ଏକ ପାତ୍ରରେ ଚୁଡ଼ାକୁ ୨–୩ ମିନିଟ୍ ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ଏହାପରେ ପାଣିରୁ ଛାଣି ଚୁଡ଼ା ସହ ସୁଜି, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ମିଶ୍ରଣକୁ ଅଧଘଣ୍ଟା ରଖି ଦିଅନ୍ତୁ। ଷ୍ଟଫିଂ ତିଆରି କରିବା ପାଇଁ ପିଆଜ, ବିନ୍ସ, ଗାଜର, କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ରଖନ୍ତୁ। କଟା ପରିବାରୁ ଅଧା ନେଇ ବଟା ହୋଇଥିବା ମିଶ୍ରଣରେ ମିଶାଇ ଦିଅନ୍ତୁ। ଏହାପରେ ତାୱା ଗରମକରି ସେଥିରେ ଅଳ୍ପ ତେଲ ପକାନ୍ତୁ। ତିଆରି କରିଥିବା ମିଶ୍ରଣକୁ ସେଥିରେ ଛୋଟ କରି ଢାଳନ୍ତୁ ଓ ଉପରେ କଟାହୋଇଥିବା ପରିବା ଅଳ୍ପ ପକାଇ ଚାପି ଦିଅନ୍ତୁ। ଏହାପରେ ଦୁଇପଟ ଓଲଟାଇ ବାହାର କରିଦିଅନ୍ତୁ। ଏହାକୁ ଚଟଣି କିମ୍ବା ସସ୍ ସହିତ ଖାଆନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୨୩/୨୦୨୩ Bhubaneswar, Tuesday, May 23/ 2023

ଏସିଆନ ଗେମ୍ସ ଉପରେ ଫୋକସ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ୟୁରୋପ ଗସ୍ତ କରିଥିବା ଭାରତୀୟ ହକି ଦଳ।

ବେଙ୍ଗାଲୁରୁ, ୨୨।୫

ୟୁରୋପ ଗସ୍ତରେ ଭାରତୀୟ ହକି ଦଳ

ୟୁରୋପରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ଭାରତୀୟ ହକି ଦଳ ସୋମବାର ଲଣ୍ଡନ ଯାତ୍ରା କରିଛି। ମେ' ୨୬ରୁ ଆରମ୍ଭ ହେଉଥିବା ଏହି ଲିଗ୍‌ରେ ଭାରତୀୟ ଦଳ ପ୍ରଥମ ପର୍ଯ୍ୟାୟରେ ଅଲିମ୍ପିକ୍ସ ଚାମ୍ପିୟନ ବେଲଜିୟମ ଏବଂ ଆୟୋଜକ ଗ୍ରେଟ୍ ବ୍ରିଟେନ୍‌କୁ ଭେଟିବ। ବେଲଜିୟମ ବିପକ୍ଷରେ ୨୬ ଓ ଜୁନ୍ ୨ରେ ଏବଂ ବ୍ରିଟେନ୍ ବିପକ୍ଷରେ ମେ' ୨୭ ଓ ଜୁନ୍ ୩ରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହାପରେ ଭାରତୀୟ ଦଳ ଇନ୍‌ଧୋଭେନ ଯାଇ ଆୟୋଜକ ନେଦରଲାଣ୍ଡ୍ସ (ଜୁନ୍ ୭ ଓ ୧୦) ଏବଂ ଆର୍ଜେଣ୍ଟିନା (ଜୁନ୍ ୮ ଓ ୧୧) ବିପକ୍ଷରେ ଖେଳିବ। ''ଆମେ ଆଗାମୀ ଦିନରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରୋ ଲିଗ୍ ମ୍ୟାଚ୍ ଖେଳିବାକୁ ଯାଉଛୁ। ବର୍ତ୍ତମାନ ଆମେ ଟେବୁଲରେ ଦୃଢ଼ ସ୍ଥିତିରେ ରହିଛୁ। ଆସନ୍ତା ମ୍ୟାଚ୍‌ଗୁଡ଼ିକରୁ ଯଥାସମ୍ଭବ ଅଧିକ ପଏଣ୍ଟ ସଂଗ୍ରହ ପାଇଁ ଚେଷ୍ଟା କରିବୁ। କ୍ୱାଲିଟି ଟିମ୍‌ଗୁଡ଼ିକ ବିପକ୍ଷରେ ଖେଳିବାର ସୁଯୋଗ ମିଳିଥିବାରୁ ଆମେ ଏହି ଟୁର୍‌କୁ ନେଇ ଉତ୍ସାହିତ ଅଛୁ। ଚଳିତ ବର୍ଷ ଶେଷଭାଗରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଆମେ ଏଥିପାଇଁ ପ୍ରସ୍ତୁତି ପଥରେ ରହିଥିବାରୁ ଆଗାମୀ ମ୍ୟାଚ୍‌ଗୁଡ଼ିକ ବହୁ ଗୁରୁତ୍ୱପୂର୍ଣ୍ଣ'' ବୋଲି ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

ଏହା ପୂର୍ବରୁ ଭାରତ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜେୟ ରହିଥିଲା। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକ ଭାରତୀୟ ଦଳର ମନୋବଳ ବଢ଼ାଇଥିଲା। ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଜାତୀୟ କୋଚିଂ କ୍ୟାମ୍ପରେ ମଧ୍ୟ ଜାତୀୟ ଦଳର ଖେଳାଳିମାନେ ଉତ୍ତମ ଟ୍ରେନିଂ କରିଛନ୍ତି। ତେଣୁ ମୋମେଣ୍ଟମ୍ ବଜାୟ ରଖିବା ସପକ୍ଷରେ ମତବ୍ୟକ୍ତ କରିଛନ୍ତି ହରମନପ୍ରୀତ। ନବନିଯୁକ୍ତ ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମଥର ପାଇଁ ୟୁରୋପରେ ମ୍ୟାଚ୍ ଖେଳିବ।

ସାଇକ୍ଲିଂରୁ ଅବସର ନେବେ କାଭେଣ୍ଡିସ୍

କୋକାଗ୍ଲିଓ (ଇଟାଲୀ), ୨୨।୫ (ଏପି): ଚଳିତ ବର୍ଷ ସିଜନ ଶେଷରେ ସାଇକ୍ଲିଂରୁ ଅବସର ନେବେ ଭେଟେରାନ ସ୍ପ୍ରିଣ୍ଟ ସ୍ପେସାଲିଷ୍ଟ ମାର୍କ କାଭେଣ୍ଡିସ। ଟୁର୍ ଡି' ଫ୍ରାନ୍ସରେ ସର୍ବାଧିକ ଷ୍ଟେଜ୍ ବିଜୟ ହାସଲ କରିବାରେ ଦୀର୍ଘଦିନ ଧରି ରହିଥିବା ରେକର୍ଡକୁ ହୁଏତ ଏଥର ସେ ଭାଙ୍ଗବାକୁ ଚେଷ୍ଟା କରିବେ। ଅଷ୍ଟାନା କାଜାକ୍‌ସ୍ତାନ ଟିମ୍‌ରୁ ପ୍ରତିନିଧିତ୍ୱ କରୁଥିବା ଏହି ବ୍ରିଟିଶ ଡ୍ରାଇଭର

ରବିବାର ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ୨୫ ବର୍ଷରୁ ଅଧିକ ସମୟ ଧରି ସାଇକ୍ଲିଂ ତାଙ୍କ ଜୀବନ ହୋଇ ରହିଆସିଛି। ଚଳିତବର୍ଷ ଗିରୋ ଡି' ଇଟାଲିଆର ଅନ୍ତିମ ବିଶ୍ରାମ ଦିବସରେ କାଭେଣ୍ଡିସ ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି, ଯେଉଁଠାରେ ସେ ତାଙ୍କର ୫୩ତମ ଗ୍ରାଣ୍ଡ ଟୁର୍ ଷ୍ଟେଜ ବିଜୟ ଲକ୍ଷ୍ୟ ରଖିଛନ୍ତି।

ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୨୨।୫ (କ୍ରୀଡ଼ା ପ୍ରତିନିଧି)

ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ବାହାରିନ୍‌ର ମାନାମାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଦୀପ୍‌ରଞ୍ଜନ ବିଷୋୟୀ ସିଙ୍ଗଲ୍ସ ସେମିଫାଇନାଲରେ ହାରିଯାଇଥିବାରୁ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ମିକ୍ସଡ ଡବଲ୍ସ ସେମିଫାଇନାଲରେ ପରାଜିତ ହୋଇଥିବାରୁ ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ବ୍ରୋଞ୍ଜ୍ ପଦକ ପାଇଛନ୍ତି। ସୋମବାର ଅନୁଷ୍ଠିତ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରମୋଦ ନିଜ ଦେଶର ମନୋଜ ସରକାରଙ୍କୁ ୨୧-୧୦, ୨୧-୧୭ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ନିଜ ଦେଶର ନୀତେଶ କୁମାରଙ୍କୁ ଭେଟିବେ। ସେହିପରି ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ଡବଲ୍ସ ସେମିରେ ଦୀପ୍ ରଞ୍ଜନ ବିଷୋୟୀ ଓ ମନୋଜ ସରକାରଙ୍କୁ ୨୧-୧୫, ୨୧-୧୬ରେ ହରାଇ ଦେଇଛନ୍ତି। ଫାଇନାଲରେ ଏହି ଯୋଡ଼ି ନିଜ ଦେଶର ତରୁଣ ଓ ନୀତେଶ କୁମାରଙ୍କୁ ଭେଟିବେ।

ପ୍ରମୋଦ ଭଗତ ଓ ଦୀପ୍ ରଞ୍ଜନ ବିଷୋୟୀ।

ସମୀର ବର୍ମା ଜିତିଲେ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୨।୫(ପି.ଟି.)

ସ୍ଲୋଭେନିଆ ଓପନ୍ ବ୍ୟାଡ୍‌ମିଣ୍ଟନ

ସ୍ଲୋଭେନିଆର ମାରିବୋର୍‌ଠାରେ ଅନୁଷ୍ଠିତ ସ୍ଲୋଭେନିଆ ଓପନ୍ ସୁପର୍ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ସମୀର ବର୍ମା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ତାଇୱାନ୍‌ର ସୁ ଲି ୟାଙ୍ଗଙ୍କୁ ୨୧-୧୮, ୨୧-୧୪ ହରାଇ ଦେଇଛନ୍ତି। ମିକ୍ସଡ ଡବଲ୍ସ ଇଭେଣ୍ଟରେ ରୋହନ କାପୁର ଓ ସିକ୍କି ରେଡ୍ଡୀ ରନରଅପ୍ ସହ ରୌପ୍ୟ ଜିତିଛନ୍ତି। କାପୁର ଓ ରେଡ୍ଡୀ ସେମିଫାଇନାଲରେ ଡେନ୍‌ମାର୍କର ମ୍ୟାଡ୍ସ ଭେଷ୍ଟରଗାର୍ଡ ଓ ଖ୍ରୀଷ୍ଟିନ ବସ୍କଙ୍କୁ ପରାଜିତ କରିଥିଲେ। ଫାଇନାଲରେ କିନ୍ତୁ ସେମାନେ ଡେନ୍‌ମାର୍କର ଅନ୍ୟ ଏକ ଯୋଡ଼ି ସେପର ଟଫ୍ଟ ଓ କ୍ଲାରା ଗ୍ରାଭେସେନ୍‌ଙ୍କଠାରୁ ୧୨-୨୧, ୧୩-୨୧ରେ ହାରିଯାଇଥିଲେ।

ଡବ୍ଲ୍ୟୁଟିସି ଫାଇନାଲ ପାଇଁ ହାଜେଲଉଡ୍ ଫିଟ୍

ମେଲବୋର୍ନ, ୨୨।୫ (ପି.ଟି.): କ୍ରିକେଟ ଅଷ୍ଟ୍ରେଲିଆ ଦେଶର ପୁରୁଖା ସ୍ପିଡ୍‌ଷ୍ଟର ଜୋଶ୍ ହାଜେଲ୍‌ଉଡ୍‌ଙ୍କୁ ଫିଟ୍ ଘୋଷଣା କରିବା ସହ ଏହି ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଏବଂ ଇଂଲଣ୍ଡ ବିପକ୍ଷ ଆସେସ୍ ସିରିଜ ପାଇଁ ଉପଲବ୍ଧ ହେବେ ବୋଲି କହିଛି। ଭାରତ ବିପକ୍ଷ ଡବ୍ଲ୍ୟୁଟିସି ଫାଇନାଲ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଲଣ୍ଡନର ଓଭାଲଠାରେ ହେବ। ୫ ମ୍ୟାଚ୍‌ବିଶିଷ୍ଟ ଆସେସ୍ ସିରିଜ ଜୁନ୍ ୧୬ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ତରଫରୁ ଖେଳୁଥିବା ୩୨ ବର୍ଷୀୟ ହାଜେଲ୍‌ଉଡ ଆଘାତପ୍ରାପ୍ତ ହୋଇ ଦୁଇ ସପ୍ତାହ ପୂର୍ବରୁ ନିଜ ଦେଶକୁ ଫେରିଯାଇଥିଲେ। ଫଳରେ ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକରେ ସେ ଖେଳିପାରିବେ କି ନା ସେନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ତେବେ ୟୁନାଇଟେଡ୍ କିଙ୍ଗଡମ୍(ୟୁକେ) ଗସ୍ତ ପାଇଁ ହାଜେଲଉଡ୍ ଫିଟ୍ ବୋଲି ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ପ୍ରକାଶ କରିଛି।

ନୀରଜ ନମ୍ବର ୱାନ

ନୂଆଦିଲ୍ଲୀ, ୨୨।୫ (ପି.ଟି.)

ବିଶ୍ୱ ଜାଭେଲିନ୍ ର୍ୟାଙ୍କିଙ୍ଗ୍

ବିଶ୍ୱ ଆଥଲେଟିକ୍ସ ଦ୍ୱାରା ସଦ୍ୟ ପ୍ରକାଶିତ ପୁରୁଷ ଜାଭେଲିନ୍ ଥ୍ରୋ ର୍ୟାଙ୍କିଙ୍ଗ ତାଲିକାରେ ଭାରତର ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା ତାଙ୍କ କ୍ୟାରିୟରରେ ପ୍ରଥମ ଥର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଲିକାରେ ଚୋପ୍ରାଙ୍କ ପଏଣ୍ଟ ସଂଖ୍ୟା ୧୪୫୫ ପଏଣ୍ଟ ଦର୍ଶାଯାଇଛି। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୧୪୩୩)ଙ୍କଠାରୁ ସେ ୨୨ ପଏଣ୍ଟ ଆଗରେ ରହିଛନ୍ତି। ଟୋକିଓ ଅଲିମ୍ପିକ୍ସର ରୌପ୍ୟ ବିଜେତା ଚେକ୍ ରିପବ୍ଲିକର ଜାକବ ଭାଦ୍‌ଲେଜଜ୍ (୧୪୧୬) ତୃତୀୟ ସ୍ଥାନରେ ଅଛନ୍ତି। ୨୫ ବର୍ଷୀୟ ଚୋପ୍ରା ଗତବର୍ଷ ଅଗଷ୍ଟ ୩୦ରେ ନମ୍ବର୨କୁ ଉନ୍ନୀତ ହୋଇଥିଲେ। ଏହାପରଠାରୁ ସେ ପିଟର୍ସଙ୍କ ପଛରେ ରହି ଆସିଥିଲେ। ଗତବର୍ଷ ସେପ୍ଟେମ୍ବରରେ ନୀରଜ ଚୋପ୍ରା ଜୁରିଚ୍‌ଠାରେ ଡାଇମଣ୍ଡ ଲିଗ୍ ୨୦୨୨ ଫାଇନାଲ୍ସ ଜିତି ପ୍ରଥମ ଭାରତୀୟ ଭାବେ ସମ୍ମାନଜନକ ଟ୍ରଫି ହାସଲ କରିଥିଲେ। ଚଳିତ ବର୍ଷ ମେ ୫ରେ ସିଜନ ଓପନିଂ ଦୋହା ଡାଇମଣ୍ଡ ଲିଗରେ ୮୮.୬୭ ମିଟର ଥ୍ରୋ କରି ସେ ଟାଇଟଲ ଜିତିଥିଲେ। ଆଗକୁ ସେ ନେଦରଲାଣ୍ଡ୍ସରେ ଜୁନ୍ ୪ରେ ହେବାକୁଥିବା ଏଫ୍‌ବିକେ ଗେମ୍ସରେ ଅଂଶଗ୍ରହଣ କରିବେ। ପରେ ସେ ଜୁନ୍ ୧୩ରେ ଫିନ୍‌ଲାଣ୍ଡର ତୁର୍କୁଠାରେ ପାଭୋ ନୁର୍ମି ଗେମ୍ସରେ ସେ ଭାଗ ନେବେ।

'କୋଚିଂ, ଖେଳାଳି ଚୟନ ଚ୍ୟାଲେଞ୍ଜିଂ ଥିଲା'

ଭୁବନେଶ୍ୱର, ୨୨।୫ (କ୍ରୀଡ଼ା ପ୍ରତିନିଧି)

''୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଦାୟିତ୍ୱ ଏବଂ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଚୟନକର୍ତ୍ତା ଦାୟିତ୍ୱ ତୁଲାଇବାରେ ଭିନ୍ନ ଅଭିଜ୍ଞତା ରହିଲା। ବିଭିନ୍ନ ରାଜ୍ୟରୁ ଆସିଥିବା ନୂଆ ପିଲାଙ୍କୁ କ୍ୟାମ୍ପରେ କୋଚିଂ ଦେବା ଯେତିକି କଷ୍ଟ ଥିଲା ଅନେକ ଦକ୍ଷ ଖେଳାଳିଙ୍କ ଉପସ୍ଥିତିରେ ଆଇଡବ୍ଲ୍ୟୁଏଲ୍‌ରେ ଖେଳାଳି ଚୟନ କରିବା ସେତିକି ଚ୍ୟାଲେଞ୍ଜିଂ ଥିଲା। ତେବେ ଏଥିରୁ ମୋତେ ଅନେକ କିଛି ଶିଖିବାକୁ ମିଳିଲା'' ବୋଲି ଦୀର୍ଘ ୪ ମାସପରେ ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି। କ୍ୟାମ୍ପପରେ ଆମେ ଜୋର୍ଡାନ ଯାଇ ଫ୍ରେଣ୍ଡଲି ମ୍ୟାଚ ଖେଳିଥିଲୁ। ଏହାପରେ ବାଂଲାଦେଶରେ ସାଫ୍ ଚାମ୍ପିୟନଶିପ୍ ଏବଂ କିର୍ଗିଜସ୍ଥାନରେ ଏଏଫ୍‌ସି ଟୁର୍ନାମେଣ୍ଟ ଖେଳିଲୁ। ବିଭିନ୍ନ ପରିବେଶରେ ଚ୍ୟାଲେଞ୍ଜ ଭିନ୍ନଭିନ୍ନ ଥିଲା। ମାତ୍ର ଆମ ପିଲାମାନେ ବହୁତ ଭଲ ଖେଳିଥିଲେ, ଯାହାକି ଆତ୍ମସନ୍ତୋଷ ଦେଇଥିଲା। ଆଇଡବ୍ଲ୍ୟୁଏଲ୍ ହେଉଛି ସିନିୟର ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟ୍‌ଫର୍ମ। ବିଭିନ୍ନ ନାମୀ କ୍ଲବର ପେସାଦାର ଅଭିଜ୍ଞ ଖେଳାଳି ଏଥିରେ ଖେଳିଥିଲେ। ବହୁତ ଭଲ ପିଲାଙ୍କ ମଧ୍ୟରୁ ଖେଳାଳି ଚୟନ ସହଜ ନ ଥିଲା, ତେବେ ସବୁକାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଥିଲା ବୋଲି ଶ୍ରଦ୍ଧାଞ୍ଜଳି କହିଛନ୍ତି। ମିଳିଥିବା ଦାୟିତ୍ୱକୁ ସଫଳତାର ସହ ସମ୍ପନ୍ନ କରିପାରିଥିବାରୁ ସର୍ବଭାରତୀୟ ଫୁଟବଲ ଫେଡେରେଶନ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା, ନିଯୁକ୍ତିଦାତା ନାଲ୍‌କୋ ଏବଂ ରାଜ୍ୟ କ୍ରୀଡ଼ା ବିଭାଗକୁ ସେ ଧନ୍ୟବାଦ ଜଣାଇଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ଅନେକ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଭିନିସିୟସ୍ ଜୁନିୟରଙ୍କୁ ଜାତିଆଣ ଆକ୍ଷେପ

ମାଡ୍ରିଡ୍,୨୨।୫(ପି.ଟି.)

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଭିନିସିଅସ୍ ଜୁନିଅରଙ୍କୁ ଜାତିଆଣ ଆକ୍ଷେପର ଶିକାଶ ହେବାକୁ ପଡିଛି। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ଏମିତି ଘଟଣା ଘଟିଥିଲା। ମେଷ୍ଟାଲ୍ଲା ଷ୍ଟାଡିୟମରେ ଏଭଳି ଘଟଣା ଘଟିଥିବା ବେଳେ ଖେଳକୁ କିଛି ମିନିଟ୍ ପାଇଁ ବନ୍ଦ ରଖାଯାଇଥିଲା। ସ୍ପାନିଶ୍ ଲିଗ୍‌ରେ ଏଭଳି ଘଟଣା ପ୍ରଥମ ନୁହେଁ ବୋଲି ମଧ୍ୟ ସେ କହିଛନ୍ତି। ସେ ନିଜ ଇନଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଏକଦା ସ୍ପାନିଶ ଲିଗ୍ ରୋନାଲ୍ଡିନୋ, ରୋନାଲ୍ଡୋ, କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ଲିଗ୍ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲା ତାହା ବର୍ତ୍ତମାନ ଜାତିଆଣ ବାଦୀଙ୍କ ଲିଗ୍ ପାଲଟିଛି ବୋଲି ସେ ଅଭିଯୋଗ କରିଥିଲେ। ୨ ବର୍ଷୀୟ ଭିନିସିଅସ୍ ୫ ବର୍ଷ ତଳେ ସ୍ପାନିଶ ଲିଗ୍ ଖେଳିବା ପାଇଁ ସ୍ପେନକୁ ସ୍ଥାନାନ୍ତରିତ ହୋଇଥିଲେ। ଦର୍ଶକ ମାନେ ଭିନିସିଅସଙ୍କୁ ମାଙ୍କଡ ବୋଲି ସମ୍ବୋଧନ କରିଥିବା ବେଳେ ଏହାକୁ ନେଇ ରିୟଲ ମାଡ୍ରିଡ୍ କୋଚ୍ କାର୍ଲୋ ଆନ୍ସେଲୋଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ କୋଚ୍ ଭିନିସିଅସଙ୍କୁ ପଡିଆରୁ ବାହାରକୁ ନେଇଥିଲେ। ପଡିଆରୁ ବାହାରକୁ ଯିବା ସମୟରେ ଭିନିସିଅସ୍ ଭାଲେନ୍ସିଆ ଦର୍ଶକଙ୍କ ଆଡକୁ ମଝି ଆଙ୍ଗୁଳି ଦେଖାଇଥିଲେ, ଯାହାକୁ ଅନେକ ଖେଳାଳି ବିରୋଧ କରିଛନ୍ତି। ଭିନିସିଅସ ଭାଲେନ୍ସିଆ ସମର୍ଥକଙ୍କୁ କ୍ଷମା ମାଗିବା ଉଚିତ୍ ବୋଲି କହିଛନ୍ତି ଭାଲେନ୍ସିଆ କୋଚ୍। ତେବେ ଏହି ମାମଲାରେ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାଇକୋ ଲୁଲା ଡି ସିଲ୍‌ଭା ଓ ଫିଫା ବିଶ୍ୱକପର ଗୋଲ୍ଡେନ୍ ବୁଟ୍ ବିଜେତା ତଥା ପ୍ୟାରିସ୍ ସେଣ୍ଟ ଜର୍ମେନ୍ ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ ଭିନିସିଅସଙ୍କୁ ସମର୍ଥନ କରିଛନ୍ତି। ଏମ୍‌ବାପେ ଏକ ଚିଠି ଲେଖିବା ସହିତ ଏହି ଲଢେଇରେ ତୁମେ ଏକୁଟିଆ ନାହଁ ଆମେ ତୁମ ସହିତ ଅଛୁ ବୋଲି ଲେଖାଯାଇଛି।

କୋଚ୍ କାର୍ଲୋ ଆନ୍ସେଲୋଟିଙ୍କ ସହ ଭିନିସିୟସ୍ ଜୁନିୟର।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୨୩/୨୦୨୩ Bhubaneswar, Tuesday, May 23/ 2023

ଏସିଆନ ଗେମ୍ସ ଉପରେ ଫୋକସ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ୟୁରୋପ ଗସ୍ତ କରିଥିବା ଭାରତୀୟ ହକି ଦଳ ।

ବେଙ୍ଗାଲୁରୁ, ୨୨।୫

ୟୁରୋପ ଗସ୍ତରେ ଭାରତୀୟ ହକି ଦଳ

ୟୁରୋପରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ଭାରତୀୟ ହକି ଦଳ ସୋମବାର ଲଣ୍ଡନ ଯାତ୍ରା କରିଛି। ମେ' ୨୬ରୁ ଆରମ୍ଭ ହେଉଥିବା ଏହି ଲିଗ୍‌ରେ ଭାରତୀୟ ଦଳ ପ୍ରଥମ ପର୍ଯ୍ୟାୟରେ ଅଲିମ୍ପିକ୍ସ ଚାମ୍ପିୟନ ବେଲଜିୟମ ଏବଂ ଆୟୋଜକ ଗ୍ରେଟ୍ ବ୍ରିଟେନ୍‌କୁ ଭେଟିବ। ବେଲଜିୟମ ବିପକ୍ଷରେ ୨୬ ଓ ଜୁନ୍ ୨ରେ ଏବଂ ବ୍ରିଟେନ୍ ବିପକ୍ଷରେ ମେ' ୨୭ ଓ ଜୁନ୍ ୩ରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହାପରେ ଭାରତୀୟ ଦଳ ଇନ୍‌ଧୋଭେନ ଯାଇ ଆୟୋଜକ ନେଦରଲାଣ୍ଡ୍ସ (ଜୁନ୍ ୭ ଓ ୧୦) ଏବଂ ଆର୍ଜେଣ୍ଟିନା (ଜୁନ୍ ୮ ଓ ୧୧) ବିପକ୍ଷରେ ଖେଳିବ। ''ଆମେ ଆଗାମୀ ଦିନରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରୋ ଲିଗ୍ ମ୍ୟାଚ୍ ଖେଳିବାକୁ ଯାଉଛୁ। ବର୍ତ୍ତମାନ ଆମେ ଟେବୁଲରେ ଦୃଢ଼ ସ୍ଥିତିରେ ରହିଛୁ। ଆସନ୍ତା ମ୍ୟାଚ୍‌ଗୁଡ଼ିକରୁ ଯଥାସମ୍ଭବ ଅଧିକ ପଏଣ୍ଟ ସଂଗ୍ରହ ପାଇଁ ଚେଷ୍ଟା କରିବୁ। କ୍ୱାଲିଟି ଟିମ୍‌ଗୁଡ଼ିକ ବିପକ୍ଷରେ ଖେଳିବାର ସୁଯୋଗ ମିଳିଥିବାରୁ ଆମେ ଏହି ଟୁର୍‌କୁ ନେଇ ଉତ୍ସାହିତ ଅଛୁ। ଚଳିତ ବର୍ଷ ଶେଷଭାଗରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଆମେ ଏଥିପାଇଁ ପ୍ରସ୍ତୁତି ପଥରେ ରହିଥିବାରୁ ଆଗାମୀ ମ୍ୟାଚ୍‌ଗୁଡ଼ିକ ବହୁ ଗୁରୁତ୍ୱପୂର୍ଣ୍ଣ'' ବୋଲି ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

ଏହା ପୂର୍ବରୁ ଭାରତ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜେୟ ରହିଥିଲା। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକ ଭାରତୀୟ ଦଳର ମନୋବଳ ବଢ଼ାଇଥିଲା। ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଜାତୀୟ କୋଚିଂ କ୍ୟାମ୍ପରେ ମଧ୍ୟ ଜାତୀୟ ଦଳର ଖେଳାଳିମାନେ ଉତ୍ତମ ଟ୍ରେନିଂ କରିଛନ୍ତି। ତେଣୁ ମୋମେଣ୍ଟମ୍ ବଜାୟ ରଖିବା ସପକ୍ଷରେ ମତବ୍ୟକ୍ତ କରିଛନ୍ତି ହରମନପ୍ରୀତ। ନବନିଯୁକ୍ତ ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମଥର ପାଇଁ ୟୁରୋପରେ ମ୍ୟାଚ୍ ଖେଳିବ।

ସାଇକ୍ଲିଂରୁ ଅବସର ନେବେ କାଭେଣ୍ଡିସ୍

କୋକାଗ୍ଲିଓ (ଇଟାଲୀ), ୨୨।୫ (ଏପି): ଚଳିତ ବର୍ଷ ସିଜନ ଶେଷରେ ସାଇକ୍ଲିଂରୁ ଅବସର ନେବେ ଭେଟେରାନ ସ୍ପ୍ରିଣ୍ଟ ସ୍ପେସାଲିଷ୍ଟ ମାର୍କ କାଭେଣ୍ଡିସ। ଟୁର୍ ଡି' ଫ୍ରାନ୍ସରେ ସର୍ବାଧିକ ଷ୍ଟେଜ୍ ବିଜୟ ହାସଲ କରିବାରେ ଦୀର୍ଘଦିନ ଧରି ରହିଥିବା ରେକର୍ଡକୁ ହୁଏତ ଏଥର ସେ ଭାଙ୍ଗିବାକୁ ଚେଷ୍ଟା କରିବେ। ଅଷ୍ଟାନା କାଜାକ୍‌ସ୍ତାନ ଟିମ୍‌ରୁ ପ୍ରତିନିଧିତ୍ୱ କରୁଥିବା ଏହି ବ୍ରିଟିଶ ଡ୍ରାଇଭର

ରବିବାର ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ୨୫ ବର୍ଷରୁ ଅଧିକ ସମୟ ଧରି ସାଇକ୍ଲିଂ ତାଙ୍କ ଜୀବନ ହୋଇ ରହିଆସିଛି। ଚଳିତବର୍ଷ ଗିରୋ ଡି' ଇଟାଲିଆର ଅନ୍ତିମ ବିଶ୍ରାମ ଦିବସରେ କାଭେଣ୍ଡିସ ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି, ଯେଉଁଠାରେ ସେ ତାଙ୍କର ୫୩ତମ ଗ୍ରାଣ୍ଡ ଟୁର୍ ଷ୍ଟେଜ ବିଜୟ ଲକ୍ଷ୍ୟ ରଖିଛନ୍ତି।

ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୨୨।୫ (କ୍ରୀଡ଼ା ପ୍ରତିନିଧି)

ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ବାହାରିନ୍‌ର ମାନାମାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଦୀପ୍‌ରଞ୍ଜନ ବିଷୋୟୀ ସିଙ୍ଗଲ୍ସ ସେମିଫାଇନାଲରେ ହାରିଯାଇଥିବାରୁ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ମିକ୍ସଡ ଡବଲ୍ସ ସେମିଫାଇନାଲରେ ପରାଜିତ ହୋଇଥିବାରୁ ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ବ୍ରୋଞ୍ଜ୍ ପଦକ ପାଇଛନ୍ତି। ସୋମବାର ଅନୁଷ୍ଠିତ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରମୋଦ ନିଜ ଦେଶର ମନୋଜ ସରକାରଙ୍କୁ ୨୧-୧୦, ୨୧-୧୭ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ନିଜ ଦେଶର ନୀତେଶ କୁମାରଙ୍କୁ ଭେଟିବେ। ସେହିପରି ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ଡବଲ୍ସ ସେମିରେ ଦୀପ୍ ରଞ୍ଜନ ବିଷୋୟୀ ଓ ମନୋଜ ସରକାରଙ୍କୁ ୨୧-୧୫, ୨୧-୧୬ରେ ହରାଇ ଦେଇଛନ୍ତି। ଫାଇନାଲରେ ଏହି ଯୋଡ଼ି ନିଜ ଦେଶର ତରୁଣ ଓ ନୀତେଶ କୁମାରଙ୍କୁ ଭେଟିବେ।

ପ୍ରମୋଦ ଭଗତ ଓ ଦୀପ୍ ରଞ୍ଜନ ବିଷୋୟୀ ।

ସମୀର ବର୍ମା ଜିତିଲେ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୨।୫(ପି.ଟି.)

ସ୍ଲୋଭେନିଆ ଓପନ୍ ବ୍ୟାଡ୍‌ମିଣ୍ଟନ

ସ୍ଲୋଭେନିଆର ମାରିବୋର୍‌ଠାରେ ଅନୁଷ୍ଠିତ ସ୍ଲୋଭେନିଆ ଓପନ୍ ସୁପର୍ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ସମୀର ବର୍ମା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ତାଇୱାନ୍‌ର ସୁ ଲି ୟାଙ୍ଗଙ୍କୁ ୨୧-୧୮, ୨୧-୧୪ ହରାଇ ଦେଇଛନ୍ତି। ମିକ୍ସଡ ଡବଲ୍ସ ଇଭେଣ୍ଟରେ ରୋହନ କାପୁର ଓ ସିକ୍କି ରେଡ୍ଡୀ ରନରଅପ୍ ସହ ରୌପ୍ୟ ଜିତିଛନ୍ତି। କାପୁର ଓ ରେଡ୍ଡୀ ସେମିଫାଇନାଲରେ ଡେନ୍‌ମାର୍କର ମ୍ୟାଡ୍ସ ଭେଷ୍ଟରଗାର୍ଡ ଓ ଖ୍ରୀଷ୍ଟିନ ବସ୍କଙ୍କୁ ପରାଜିତ କରିଥିଲେ। ଫାଇନାଲରେ କିନ୍ତୁ ସେମାନେ ଡେନ୍‌ମାର୍କର ଅନ୍ୟ ଏକ ଯୋଡ଼ି ସେପର ଟଫ୍ଟ ଓ କ୍ଲାରା ଗ୍ରାଭେସେନ୍‌ଙ୍କଠାରୁ ୧୨-୨୧, ୧୩-୨୧ରେ ହାରିଯାଇଥିଲେ।

ଡବ୍ଲ୍ୟୁଟିସି ଫାଇନାଲ ପାଇଁ ହାଜେଲଉଡ୍ ଫିଟ୍

ମେଲବୋର୍ନ, ୨୨।୫ (ପି.ଟି.): କ୍ରିକେଟ ଅଷ୍ଟ୍ରେଲିଆ ଦେଶର ପୁରୁଖା ସ୍ପିଡ୍‌ଷ୍ଟର ଜୋଶ୍ ହାଜେଲ୍‌ଉଡ୍‌ଙ୍କୁ ଫିଟ୍ ଘୋଷଣା କରିବା ସହ ଏହି ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଏବଂ ଇଂଲଣ୍ଡ ବିପକ୍ଷ ଆସେସ୍ ସିରିଜ ପାଇଁ ଉପଲବ୍ଧ ହେବେ ବୋଲି କହିଛି। ଭାରତ ବିପକ୍ଷ ଡବ୍ଲ୍ୟୁଟିସି ଫାଇନାଲ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଲଣ୍ଡନର ଓଭାଲଠାରେ ହେବ। ୫ ମ୍ୟାଚ୍‌ବିଶିଷ୍ଟ ଆସେସ୍ ସିରିଜ ଜୁନ୍ ୧୬ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ତରଫରୁ ଖେଳୁଥିବା ୩୨ ବର୍ଷୀୟ ହାଜେଲ୍‌ଉଡ ଆଘାତପ୍ରାପ୍ତ ହୋଇ ଦୁଇ ସପ୍ତାହ ପୂର୍ବରୁ ନିଜ ଦେଶକୁ ଫେରିଯାଇଥିଲେ। ଫଳରେ ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକରେ ସେ ଖେଳିପାରିବେ କି ନା ସେନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ତେବେ ୟୁନାଇଟେଡ୍ କିଙ୍ଗଡମ୍(ୟୁକେ) ଗସ୍ତ ପାଇଁ ହାଜେଲଉଡ୍ ଫିଟ୍ ବୋଲି ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ପ୍ରକାଶ କରିଛି।

ନୀରଜ ନମ୍ବର ୱାନ

ନୂଆଦିଲ୍ଲୀ, ୨୨।୫ (ପି.ଟି.)

ବିଶ୍ୱ ଜାଭେଲିନ୍ ର୍ୟାଙ୍କିଙ୍ଗ୍

ବିଶ୍ୱ ଆଥଲେଟିକ୍ସ ଦ୍ୱାରା ସଦ୍ୟ ପ୍ରକାଶିତ ପୁରୁଷ ଜାଭେଲିନ୍ ଥ୍ରୋ ର୍ୟାଙ୍କିଙ୍ଗ ତାଲିକାରେ ଭାରତର ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା ତାଙ୍କ କ୍ୟାରିୟରରେ ପ୍ରଥମ ଥର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଲିକାରେ ଚୋପ୍ରାଙ୍କ ପଏଣ୍ଟ ସଂଖ୍ୟା ୧୪୫୫ ପଏଣ୍ଟ ଦର୍ଶାଯାଇଛି। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୧୪୩୩)ଙ୍କଠାରୁ ସେ ୨୨ ପଏଣ୍ଟ ଆଗରେ ରହିଛନ୍ତି। ଟୋକିଓ ଅଲିମ୍ପିକ୍ସର ରୌପ୍ୟ ବିଜେତା ଚେକ୍ ରିପବ୍ଲିକର ଜାକବ ଭାଦ୍‌ଲେଜଜ୍ (୧୪୧୬) ତୃତୀୟ ସ୍ଥାନରେ ଅଛନ୍ତି। ୨୫ ବର୍ଷୀୟ ଚୋପ୍ରା ଗତବର୍ଷ ଅଗଷ୍ଟ ୩୦ରେ ନମ୍ବର୨କୁ ଉନ୍ନୀତ ହୋଇଥିଲେ। ଏହାପରଠାରୁ ସେ ପିଟର୍ସଙ୍କ ପଛରେ ରହି ଆସିଥିଲେ। ଗତବର୍ଷ ସେପ୍ଟେମ୍ବରରେ ନୀରଜ ଚୋପ୍ରା ଜୁରିଠାରେ ଡାଇମଣ୍ଡ

ଲିଗ୍ ୨୦୨୨ ଫାଇନାଲ୍ସ ଜିତି ପ୍ରଥମ ଭାରତୀୟ ଭାବେ ସମ୍ମାନଜନକ ଟ୍ରଫି ହାସଲ କରିଥିଲେ। ଚଳିତ ବର୍ଷ ମେ ୫ରେ ସିଜନ ଓପନିଂ ଦୋହା ଡାଇମଣ୍ଡ ଲିଗରେ ୮۸.୬୭ ମିଟର ଥ୍ରୋ କରି ସେ ଟାଇଟଲ ଜିତିଥିଲେ। ଆଗକୁ ସେ ନେଦରଲାଣ୍ଡ୍ସରେ ଜୁନ୍ ୪ରେ ହେବାକୁଥିବା ଏଫ୍‌ବିକେ ଗେମ୍ସରେ ଅଂଶଗ୍ରହଣ କରିବେ। ପରେ ସେ ଜୁନ୍ ୧୩ରେ ଫିନ୍‌ଲାଣ୍ଡର ତୁର୍କୁଠାରେ ପାଭୋ ନୁର୍ମି ଗେମ୍ସରେ ସେ ଭାଗ ନେବେ।

'କୋଚିଂ, ଖେଳାଳି ଚୟନ ଚ୍ୟାଲେଞ୍ଜିଂ ଥିଲା'

ଭୁବନେଶ୍ୱର, ୨୨।୫ (କ୍ରୀଡ଼ା ପ୍ରତିନିଧି)

''୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଦାୟିତ୍ୱ ଏବଂ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଚୟନକର୍ତ୍ତା ଦାୟିତ୍ୱ ତୁଲାଇବାରେ ଭିନ୍ନ ଅଭିଜ୍ଞତା ରହିଲା। ବିଭିନ୍ନ ରାଜ୍ୟରୁ ଆସିଥିବା ନୂଆ ପିଲାଙ୍କୁ କ୍ୟାମ୍ପରେ କୋଚିଂ ଦେବା ଯେତିକି କଷ୍ଟ ଥିଲା ଅନେକ ଦକ୍ଷ ଖେଳାଳିଙ୍କ ଉପସ୍ଥିତିରେ ଆଇଡବ୍ଲ୍ୟୁଏଲ୍‌ରେ ଖେଳାଳି ଚୟନ କରିବା ସେତିକି ଚ୍ୟାଲେଞ୍ଜିଂ ଥିଲା। ତେବେ ଏଥିରୁ ମୋତେ ଅନେକ କିଛି ଶିଖିବାକୁ ମିଳିଲା'' ବୋଲି ଦୀର୍ଘ ୪ ମାସପରେ ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ଫୁଟବଲର ସାମନ୍ତରାୟ ପ୍ରକାଶ କ୍ୟାମ୍ପପରେ ଆମେ ଜୋର୍ଡାନ ଯାଇ ଫ୍ରେଣ୍ଡଲି ମ୍ୟାଚ ଖେଳିଥିଲୁ। ଏହାପରେ ବାଂଲାଦେଶରେ ସାଫ୍ ଚାମ୍ପିୟନଶିପ୍ ଏବଂ କିର୍ଗିଜସ୍ଥାନରେ ଏଏଫ୍‌ସି ଟୁର୍ନାମେଣ୍ଟ ଖେଳିଲୁ। ବିଭିନ୍ନ ପରିବେଶରେ ଚ୍ୟାଲେଞ୍ଜ ଭିନ୍ନଭିନ୍ନ ଥିଲା। ମାତ୍ର ଆମ ପିଲାମାନେ ବହୁତ ଭଲ ଖେଳିଥିଲେ, ଯାହାକି ଆତ୍ମସନ୍ତୋଷ ଦେଇଥିଲା। ଆଇଡବ୍ଲ୍ୟୁଏଲ୍ ହେଉଛି ସିନିୟର ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟ୍‌ଫର୍ମ। ବିଭିନ୍ନ ନାମୀ କ୍ଲବର ପେସାଦାର ଅଭିଜ୍ଞ ଖେଳାଳି ଏଥିରେ ଖେଳିଥିଲେ। ବହୁତ ଭଲ ପିଲାଙ୍କ ମଧ୍ୟରୁ ଖେଳାଳି ଚୟନ ସହଜ ନ ଥିଲା, ତେବେ ସବୁକାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଥିଲା ବୋଲି ଶ୍ରଦ୍ଧାଞ୍ଜଳି କହିଛନ୍ତି। ମିଳିଥିବା ଦାୟିତ୍ୱକୁ ସଫଳତାର ସହ ସମ୍ପନ୍ନ କରିପାରିଥିବାରୁ ସର୍ବଭାରତୀୟ ଫୁଟବଲ ଫେଡେରେଶନ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା, ନିଯୁକ୍ତିଦାତା ନାଲ୍‌କୋ ଏବଂ ରାଜ୍ୟ କ୍ରୀଡ଼ା ବିଭାଗକୁ ସେ ଧନ୍ୟବାଦ ଜଣାଇଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ଅନେକ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଭିନିସିୟସ୍ ଜୁନିୟରଙ୍କୁ ଜାତିଆଣ ଆକ୍ଷେପ

ମାଡ୍ରିଡ୍,୨୨।୫(ପି.ଟି.)

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଭିନିସିଅସ୍ ଜୁନିଅରଙ୍କୁ ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଛି। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ଏମିତି ଘଟଣା ଘଟିଥିଲା। ମେଷ୍ଟାଲ୍ଲା ଷ୍ଟାଡିୟମରେ ଏଭଳି ଘଟଣା ଘଟିଥିବା ବେଳେ ଖେଳକୁ କିଛି ମିନିଟ୍ ପାଇଁ ବନ୍ଦ ରଖାଯାଇଥିଲା। ସ୍ପାନିଶ୍ ଲିଗ୍‌ରେ ଏଭଳି ଘଟଣା ପ୍ରଥମ ନୁହେଁ ବୋଲି ମଧ୍ୟ ସେ କହିଛନ୍ତି। ସେ ନିଜ ଇନଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଏକଦା ସ୍ପାନିଶ ଲିଗ୍ ରୋନାଲ୍ଡିନୋ, ରୋନାଲ୍ଡୋ, କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ଲିଗ୍ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲା ତାହା ବର୍ତ୍ତମାନ ଜାତିଆଣ ବାଦୀଙ୍କ ଲିଗ୍ ପାଲଟିଛି ବୋଲି ସେ ଅଭିଯୋଗ କରିଥିଲେ। ୨ ବର୍ଷୀୟ ଭିନିସିଅସ୍ ୫ ବର୍ଷ ତଳେ ସ୍ପାନିଶ ଲିଗ୍ ଖେଳିବା ପାଇଁ ସ୍ପେନକୁ ସ୍ଥାନାନ୍ତରିତ ହୋଇଥିଲେ। ଦର୍ଶକ ମାନେ ଭିନିସିଅସଙ୍କୁ ମାଙ୍କଡ ବୋଲି ସମ୍ବୋଧନ କରିଥିବା ବେଳେ ଏହାକୁ ନେଇ ରିୟଲ ମାଡ୍ରିଡ୍ କୋଚ୍ କାର୍ଲୋ ଆନ୍ସେଲୋଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ କୋଚ୍ ଭିନିସିଅସଙ୍କୁ ପଡିଆରୁ ବାହାରକୁ ନେଇଥିଲେ। ପଡିଆରୁ ବାହାରକୁ ଯିବା ସମୟରେ ଭିନିସିଅସ୍ ଭାଲେନ୍ସିଆ ଦର୍ଶକଙ୍କ ଆଡକୁ ମଝି ଆଙ୍ଗୁଳି ଦେଖାଇଥିଲେ, ଯାହାକୁ ଅନେକ ଖେଳାଳି ବିରୋଧ କରିଛନ୍ତି। ଭିନିସିଅସ ଭାଲେନ୍ସିଆ ସମର୍ଥକଙ୍କୁ କ୍ଷମା ମାଗିବା ଉଚିତ୍ ବୋଲି କହିଛନ୍ତି ଭାଲେନ୍ସିଆ କୋଚ୍। ତେବେ ଏହି ମାମଲାରେ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାଇକୋ ଲୁଲା ଡି ସିଲ୍‌ଭା ଓ ଫିଫା ବିଶ୍ୱକପର ଗୋଲ୍ଡେନ୍ ବୁଟ୍ ବିଜେତା ତଥା ପ୍ୟାରିସ୍ ସେଣ୍ଟ ଜର୍ମେନ୍ ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ ଭିନିସିଅସଙ୍କୁ ସମର୍ଥନ କରିଛନ୍ତି। ଏମ୍‌ବାପେ ଏକ ଚିଠି ଲେଖିବା ସହିତ ଏହି ଲଢେଇରେ ତୁମେ ଏକୁଟିଆ ନାହଁ ଆମେ ତୁମ ସହିତ ଅଛୁ ବୋଲି ଲେଖାଯାଇଛି।



କୋଚ୍ କାର୍ଲୋ ଆନ୍ସେଲୋଟିଙ୍କ ସହ ଭିନିସିୟସ୍ ଜୁନିୟର ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ